# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁଲାଇ ୮/୨୦୨୨ (୧୪ ପୃଷ୍ଠା) Sambalpur, Friday, July 8/2022 Page 14 ₹ 7.00 ★★

୧୮ଶ ଭାଗ ୨୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ରିଆଙ୍କୁ ବଙ୍ଗଳା ସିନେମା ଅଫର**

ବଲିଉଡ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ବଙ୍ଗଳା ସିନେମାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ପ୍ରଯୋଜକ ରାଣା ସରକାର ତାଙ୍କୁ ଏକ ଫିଲ୍ମ ଅଫର ଦେଇଛନ୍ତି।

୧୦

୧୪

**ଜାବେର ମହିଳା ସିଙ୍ଗଲ୍ସ ଫାଇନାଲରେ**

ଟ୍ୟୁନିସିଆର ଓନ୍ସ ଜାବେର୍ ୱିମ୍ବେଲଡନ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।





ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଗୁରୁବାର ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱର ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବୋରିସ୍ ଜନ୍‌ସନ ଇସ୍ତଫା ଦେଲେ

ଲଣ୍ଡନ,୭।୭



- ନୂଆ ନେତା ଚୟନ ଯାଏ ଦାୟିତ୍ୱ ସମ୍ଭାଳିବେ
- ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ଋଷି ସୁନକ

କଞ୍ଜରଭେଟିଭ୍ ପାର୍ଟିର ଜଣେ ଏମ୍‌ପିଙ୍କ ଯୌନ କେଲେଙ୍କାରୀ ବ୍ରିଟେନ ସରକାରର ପତନ ଘଟାଇଛି। ଜଣେ ପରେ ଜଣେ ମନ୍ତ୍ରୀ ପଦ ଛାଡ଼ିବା ପରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଗୁରୁବାର ବାଧହୋଇ କଞ୍ଜରଭେଟିଭ୍ ପାର୍ଟି ନେତା ପଦରୁ ଇସ୍ତଫା ଦେଇନ୍ତି। ବୋରିସ୍‌ଙ୍କ ଇସ୍ତଫା ପରେ ଶାସକ ଦଳର ନୂଆ ନେତା ଓ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଚୟନ ପାଇଁ ପଥ ପରିଷ୍କାର ହୋଇଛି। ନୂଆ ପ୍ରଧାନମନ୍ତ୍ରୀ ବଛାଯିବା ପର୍ଯ୍ୟନ୍ତ ବୋରିସ୍ କାମଚଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ୧୦ ଡାଉନିଂ ଷ୍ଟ୍ରିଟ୍‌ରେ ରାଷ୍ଟ୍ର ଉଦ୍ଦେଶ୍ୟରେ ସମ୍ବୋଧିତ କରି ସୂଚନା ଦେଇଛନ୍ତି। ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ ତଥା ଭାରତୀୟ ବଂଶୋଦ୍ଭବ ଋଷି ସୁନକ ଏବେ ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ଆଗୁଆ ଥିବା କୁହାଯାଉଛି, ଯିଏକି ମଙ୍ଗଳବାର ବୋରିସ୍‌ଙ୍କ ନେତୃତ୍ୱ ଉପରେ ପ୍ରଥମେ ପ୍ରଶ୍ନ ଉଠାଇ ଅର୍ଥମନ୍ତ୍ରୀ ପଦ ଛାଡ଼ିଥିଲେ।

ବୋରିସ୍ ଜନ୍‌ସନ କଞ୍ଜରଭେଟିଭ୍ ପାର୍ଟି ନେତା ପଦ ଛାଡ଼ିବା ପରେ ନିଜ ସମ୍ବୋଧନରେ କହିଛନ୍ତି, ନୂଆ ନେତା ଚୟନ ପ୍ରକ୍ରିୟା ଏବେ ଆରମ୍ଭ ହେବା ଉଚିତ। ଏହାର ଟାଇମ୍ ଟେବୁଲ ଆସନ୍ତା ସପ୍ତାହରେ ଆରମ୍ଭ ହେବ। ଆମକୁ ବ୍ରିଟେନର ସବୁ କ୍ଷେତ୍ରର କ୍ଷମତାକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ବ୍ରିଟେନ ଏପରି କରିବାରେ ସଫଳ ହେଲେ ୟୁରୋପର ସବୁଠୁ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହେବ। ଯିଏ ବି ନୂଆ ନେତା ହେବେ, ତାଙ୍କୁ ସେ ପୂର୍ଣ୍ଣ ସମର୍ଥନ କରିବେ। ନୂଆ ନେତା ଚୟନ ହେବା ପର୍ଯ୍ୟନ୍ତ ସେ ନିଜ ପଦରେ ରହି ଜନତାଙ୍କ ସେବା କରିବେ। ବିଶ୍ୱର ଏହି ସର୍ବୋତ୍କୃଷ୍ଟ ପଦ ଛାଡୁଥିବାରୁ ସେ ଦୁଃଖିତ। ପ୍ରକାଶ ଯେ, ୨୦୧୯ ଜୁଲାଇ ସଂସଦୀୟ ନିର୍ବାଚନରେ କଞ୍ଜରଭେଟିଭ ପାର୍ଟି ବିପୁଳ ବିଜୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବନାଞ୍ଚଳରେ ଆଶାର ଆଲୋକ**

**ଆଜିର ମନ୍ତବ୍ୟ**

"ବ୍ରିଟିଶମାନେ ଭାରତକୁ ଦେଇଥିବା ଶିକ୍ଷାବ୍ୟବସ୍ଥା କେବଳ ସେମାନଙ୍କ ସ୍ୱାର୍ଥ ପୂରଣ ଏବଂ ସେବକ ଗୋଷ୍ଠୀ ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା। ଏଥିରେ ଅନେକ ପରିବର୍ତ୍ତନର ଆବଶ୍ୟକତା ରହିଛି।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା: ୪ ମୃତ**

ପୃଷ୍ଠା-୩






# ଓଡ଼ିଶା ବିମୁଖ ବିଦେଶୀ ପର୍ଯ୍ୟଟକ

ଭୁବନେଶ୍ୱର,୭।୭(ବ୍ୟୁରୋ)

## ୧ ଲକ୍ଷ ଜାଗାରେ ଆସିଛନ୍ତି ୨,୨୬୯

**ଗତ ୩ବର୍ଷ ମଧ୍ୟରେ ଓଡ଼ିଶାକୁ ଆସିଥିବା ଘରୋଇ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ଆଗମନର ତାଲିକା**

| ବର୍ଷ | ଘରୋଇ | ବୃଦ୍ଧି/ହ୍ରାସ % | ବିଦେଶୀ | ବୃଦ୍ଧି/ହ୍ରାସ % | ମୋଟ |
|---|---|---|---|---|---|
| ୨୦୧୯ | ୧,୫୩,୦୭,୬୩୭ | ୦.୬୫ | ୧,୧୫,୧୨୮ | ୩.୮୮ | ୧,୫୪,୨୨,୭୬୫ |
| ୨୦୨୦ | ୪୬,୨୨,୨୭୩ | -୬୯,୮୦ | ୧୦,୨୦୬ | -୯୧.୯୪ | ୪୬,୩୨,୪୭୯ |
| ୨୦୨୧ | ୩୭,୪୨,୨୨୩ | -୧୯.୦୪ | ୨,୨୬୯ | -୭୭.୭୭ | ୩୭,୪୪,୪୯୨ |

କୋଭିଡ୍ ପରେ ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ର ଏକପ୍ରକାର ବିପର୍ଯ୍ୟସ୍ତ ହୋଇଛି। ଦେଶ ଭିତରର କିଛି ପର୍ଯ୍ୟଟକ ରାଜ୍ୟର କେତେକ ଅଞ୍ଚଳ ବୁଲାବୁଲି କରୁଥିବା ବେଳେ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ବିମୁଖ ଥିବା ଦେଖିବାକୁ ମିଳିଛି। କୋଭିଡ୍ ମହାମାରୀକୁ ୨ ବର୍ଷ ପୂରିଯାଇଥିଲେ ମଧ୍ୟ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବହୁମାତ୍ରାରେ କମିଛି।

କୃଷି ପରେ ପର୍ଯ୍ୟଟନ କ୍ଷେତ୍ର ରାଜ୍ୟ ରାଜକୋଷ ଆୟର ଅନ୍ୟ ଏକ ପ୍ରମୁଖ ଉତ୍ସ। ବିଶ୍ୱ ପରିଭ୍ରମଣ ଓ ପର୍ଯ୍ୟଟନ ପରିଷଦ (ୱାର୍ଲ୍ଡ ଟ୍ରାଭେଲ ଆଣ୍ଡ ଟୁରିଜମ୍ କାଉନସିଲ) ଦ୍ୱାରା କରାଯାଇଥିବା ଆକଳନ ଅନୁସାରେ ପର୍ଯ୍ୟଟନ କ୍ଷେତ୍ର ସାମଗ୍ରିକ ଘରୋଇ ଉତ୍ପାଦ(ଜିଡିପି)ର ୪% ଅଂଶ ରହୁଥିବା ବେଳେ ୨ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ।

ତେବେ ଏଥିପ୍ରତି ସେତେଟା ଧ୍ୟାନ ଦିଆଯାଉଥିବା ଭଳି ମନେହେଉ ନାହିଁ। ପର୍ଯ୍ୟଟନ ବିଭାଗ କେବଳ କେତେକ ସ୍ଥାନରେ ପୋଷ୍ଟର ଲଗାଇବା ଓ ରୋଡ୍ ଶୋ' କରି କର୍ତ୍ତବ୍ୟ ସାରିଦେଉଛି। ନୂତନ ପର୍ଯ୍ୟଟନ ସ୍ଥଳ ଚିହ୍ନଟ ଓ ଉନ୍ନତୀକରଣ ହେଉ ନ ଥିବାରୁ ଓଡ଼ିଶା ପ୍ରତି ପର୍ଯ୍ୟଟକଙ୍କ ଆଗମନ ହ୍ରାସ ପାଇବାରେ ଲାଗିଛି। ପର୍ଯ୍ୟଟକ ଆଗମନ କମୁଥିବାରୁ ହୋଟେଲ ଶିଳ୍ପ ମଧ୍ୟ ପ୍ରଭାବିତ ହେଉଛି। ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ଉପରେ ଗଭୀର ପ୍ରଭାବ ପକାଇଛି।

ପର୍ଯ୍ୟଟନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୯ରେ ରାଜ୍ୟକୁ ୧ ଲକ୍ଷ ୧୫ ହଜାର ୧୨୮ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୦ରେ ଏହା ୧୦,୨୦୬କୁ ଖସିଯାଇଛି। ସେହିପରି ୨୦୨୧ରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୨,୨୬୯କୁ ହ୍ରାସପାଇଛି। କେବଳ ବିଦେଶୀ ନୁହନ୍ତି ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ୨୦୧୯ରେ ଓଡ଼ିଶାକୁ ୧,୫୩,୦୭,୬୩୭ ଘରୋଇ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୦ରେ ୪୬,୨୨,୨୭୩ ଏବଂ ୨୦୨୧ରେ ୩୭,୪୨,୨୨୩ ପର୍ଯ୍ୟଟକ ଆସିଥିଲେ। ଏପରି କି ପର୍ଯ୍ୟଟନ ଋତୁରେ ମଧ୍ୟ ପର୍ଯ୍ୟଟକ ଆସୁନାହାନ୍ତି। ଏହି ୩ ବର୍ଷରେ ରାଜ୍ୟ ସରକାର ବିଭିନ୍ନ ☞ପୃଷ୍ଠା-୪

# ଚାଓମିନ ଫ୍ୟାକ୍ଟ୍ରିରେ ଶ୍ୱାସରୁଦ୍ଧ ହୋଇ ୩ ମୃତ

ଆର.ଉଦୟଗିରି/ପାରଳାଖେମୁଣ୍ଡି, ୭।୭(ଡି.ଏନ୍.ଏ.)

## ଗ୍ୟାସ୍ ଲିକ୍‌ରୁ ଦୁର୍ଘଟଣା

ଗଜପତି ଜିଲା ମୋହନା ଥାନା ଠାରୁ ଅଳ୍ପଦୂର ଢେପସାହି ନାରାୟଣନଗରରେ ଥିବା ଏକ ଚାଓମିନ ଫ୍ୟାକ୍ଟ୍ରିରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ୟାସ ଲିକ୍‌ରୁ ଶ୍ୱାସରୁଦ୍ଧ ଫ୍ୟାକ୍ଟ୍ରିରେ ଶୋଇଥିବା ୩ ଜଣଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ମୋହନା ଥାନା ଅନ୍ତର୍ଗତ କାମ୍ପଗୁଡା ଗ୍ରାମର ସୁନିଲ ଦଳେଇ, ପ୍ରଭାକର ଦଳେଇ ଓ ଗଞ୍ଜାମ ଜିଲା ନିମଖଣ୍ଡି ଗ୍ରାମର ଅରୁଣ ସାହୁ। ଗୁରୁବାର ସକାଳେ ପୋଲିସ ମୃତଦେହ ଜବତ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ସ୍ଥାନୀୟ ତହସିଲଦାର କିଶୋର ଚନ୍ଦ୍ର ଦାସ ଓ ପରେ ଉପଜିଲାପାଳ ମଧ୍ୟ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଥିବା ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ କହିଛନ୍ତି।

ପ୍ରକାଶ ଯେ, ଢେପସାହି ନାରାୟଣନଗରର ଏକ ଭଡ଼ାଘରେ ପ୍ରାୟ ୨ମାସ ହେଲା ଏହି ଚାଓମିନ ଫ୍ୟାକ୍ଟ୍ରି ଖୋଲିଥିଲା। ସେଠାରେ ସୁନିଲ, ପ୍ରଭାକର ଓ ଅରୁଣ କାମ କରୁଥିଲେ। ବୁଧବାର ରାତିରେ କାମସାରି ଏମାନେ ଶୋଇ ପଡ଼ିଥିଲେ। ଗୁରୁବାର ସକାଳ ବହୁ ବିଳମ୍ବ ପର୍ଯ୍ୟନ୍ତ ଫ୍ୟାକ୍ଟ୍ରି କବାଟ ଖୋଲି ନ ଥିଲା। ପଡୋଶୀମାନେ କବାଟ ବାଡେଇ ଡାକିଥିଲେ ମଧ୍ୟ କୌଣସି ଶବ୍ଦ ଶୁଣାଯାଇ ନ ଥିଲା। ଏ ନେଇ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଫ୍ୟାକ୍ଟ୍ରି କବାଟ ଭାଙ୍ଗି ଭିତରେ ପଶିଥିଲେ। ଅଚେତ ଅବସ୍ଥାରେ ପଡ଼ି ରହିଥିବା ୩ ଯୁବକଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରି ମୋହନା ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୋହନା ଥାନାରେ ୩ଟି ଅପମୃତ୍ୟୁ ମାମଲା (୬.୭ ଓ ୮/୨୨) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଗ୍ୟାସ ଲିକ୍‌ରୁ ଶ୍ୱାସରୁଦ୍ଧ ହୋଇ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ସତ୍ୟତା ଜଣାପଡିବ ବୋଲି ଆର୍. ଉଦୟଗିରି ଏସଡିପିଓ ଦିଲୀପ କୁମାର ନାୟକ କହିଛନ୍ତି।

# ଯୁକ୍ତ ୨ରେ ସିଟ୍ ପାଇବା ଚିନ୍ତା ବଢ଼ିଲା

## ମାଟ୍ରିକ୍‌ରେ ପାସ୍ କଲେ ୫.୧୭ ଲକ୍ଷ, ସିଟ୍ ଅଛି ୪.୪୩ ଲକ୍ଷ

ଭୁବନେଶ୍ୱର,୭।୭(ବ୍ୟୁରୋ)

୨୦୨୧-୨୨ ଶିକ୍ଷା ବର୍ଷର ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ଆଶାତୀତ ଫଳ ହୋଇଛି। ୨୦୨୦ରେ ମାଟ୍ରିକ ପରୀକ୍ଷା ଫଳ ୭୮.୭୬ ପ୍ରତିଶତ ହୋଇଥିବା ବେଳେ ଚଳିତ ବର୍ଷ ୯୦.୫୫ ପ୍ରତିଶତ ପିଲା ପାସ୍ କରିଛନ୍ତି। ମୋଟ ୫ ଲକ୍ଷ ୨୬ ହଜାର ୮୧୮ ଜଣ ପରୀକ୍ଷାର୍ଥୀ ଦଶମ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଲକ୍ଷ ୧୭ ହଜାର ୮୪୭ ଜଣ କୃତକାର୍ଯ୍ୟ ହୋଇଛନ୍ତି।

ପରୀକ୍ଷା ଫଳକୁ ନେଇ ପିଲା ଓ ଅଭିଭାବକ ଖୁସି ଥିବା ବେଳେ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଯୁକ୍ତ ଦୁଇ କଲେଜରେ ନାମ ଲେଖା ନେଇ ସମସ୍ୟା ସୃଷ୍ଟିହେବା ଆଶଙ୍କା ପ୍ରକାଶ ପାଇଛି। ଯେଉଁ ଛାତ୍ରୀଛାତ୍ର ଭଲ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି ସେମାନଙ୍କୁ ଇ-ନାମ ଲେଖାରେ ତାଙ୍କ ପସନ୍ଦର କଲେଜରେ ସୁଯୋଗ ମିଳିଯାଇ ପାରେ। ମାତ୍ର ଯେଉଁମାନେ କମ୍ ନମ୍ବର ରଖିଛନ୍ତି ସେମାନଙ୍କୁ ସ୍ପଟ ସିଲେକ୍ସନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଏହା ପରେ ଯଦି ସିଟ୍ ନ ମିଳେ ତେବେ ବର୍ଷକର ପାଠ ପଢ଼ା ବେକାର ହେବ। ଏହି ଚିନ୍ତା ଏବେ ଅଭିଭାବକଙ୍କୁ ଘାରିଲାଣି। ରାଜ୍ୟରେ ଯୁକ୍ତ ଦୁଇ କଲେଜ ସଂଖ୍ୟା ୨ ହଜାର ଥିବା ବେଳେ ସେଥିରେ ୪.୫ ଲକ୍ଷ ସିଟ୍ ରହିଛି। ପ୍ରାୟ ୫୦ ହଜାର ପିଲାଙ୍କ ପାଇଁ କଲେଜରେ ସିଟ୍ ପାଇବା ସହଜ ହେବ ନାହିଁ। ପୂର୍ବବର୍ଷର ରେକର୍ଡକୁ ଅନୁଧ୍ୟାନ କଲେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଯଦି ୨୦ ହଜାରରୁ ଉର୍ଦ୍ଧ୍ୱ ପିଲା ଇଞ୍ଜିନିୟରିଂ ଡିପ୍ଲୋମା, ଆଇଟିଆଇ କିମ୍ବା ଅନ୍ୟ ବୈଷୟିକ ଶିକ୍ଷାକୁ ଯିବେ ତଥାପି ଆହୁରି ଅନେକ ପିଲାଙ୍କ ପାଇଁ କଲେଜରେ ସିଟ୍‌ର ଆବଶ୍ୟକତା ପଡ଼ିବ। ତେବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ମାଟ୍ରିକ ପାସ୍ କରିଥିବା ପିଲାଙ୍କ ପାଇଁ ଯୁକ୍ତ ଦୁଇ କଲେଜରେ ନାମ ଲେଖାଇବାରେ କୌଣସି ସମସ୍ୟା ହେବ ନାହିଁ। ଯେଉଁମାନେ ଭଲ ମାର୍କ ରଖି ପାସ୍ କରିଛନ୍ତି ସେମାନଙ୍କୁ କୌଣସି ଅସୁବିଧା ହେବ ନାହିଁ। ପ୍ରତିଯୋଗିତା ବଜାରରେ ପିଲାମାନେ ନିଜକୁ ପ୍ରସ୍ତୁତ କରିବା ଦରକାର। ଗତ ବର୍ଷ ୯୭ ପ୍ରତିଶତ ପାସ୍ ହାର ହୋଇଥିଲେ ମଧ୍ୟ ଯୁକ୍ତ ଦୁଇ କଲେଜରେ ବହୁ ସିଟ୍ ଖାଲି ପଡ଼ିଥିଲା। ସିଟ୍ ବଢ଼ାଇବାର କୌଣସି ଆବଶ୍ୟକତା ନାହିଁ।

**ବିଶେଷଜ୍ଞ କହନ୍ତି**

**ଲଜ୍ଜାଜନକ, ହାସ୍ୟାସ୍ପଦ ପରିସ୍ଥିତି**

ରାଜ୍ୟ ସରକାର ଏପରି ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ପଦ୍ଧତି ଆପଣାଇବା ଦ୍ୱାରା ପିଲାଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଛି। ମନଇଚ୍ଛା ନମ୍ବର ଦିଆଯାଇଛି। ବିଶେଷକରି ଗାଁ ଗହଳିରେ ଥିବା ଅଧିକାଂଶ ସ୍କୁଲରେ ଫର୍ମାଟିଭ ଓ ଇଣ୍ଟରନାଲ ପରୀକ୍ଷା ନ କରି ନମ୍ବର ଦିଆଯାଇଛି। ଏହାଦ୍ୱାରା ମେଧାବୀ ଛାତ୍ରୀଛାତ୍ର ସେମାନଙ୍କ ପ୍ରଜ୍ଞା ପ୍ରଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଏହା ଏକ ଲଜ୍ଜାଜନକ ହାସ୍ୟାସ୍ପଦ ପରିସ୍ଥିତି। ବୁଦ୍ଧିଜୀବୀ, ଅଭିଭାବକ ଏବଂ ଅନ୍ୟ ସାମାଜିକ ଅନୁଷ୍ଠାନ କିପରି ଏହାକୁ ବିରୋଧ କଲେ ନାହିଁ ତାହା ମୋତେ ଆଶ୍ଚର୍ଯ୍ୟ କରୁଛି। ମୁଁ ଆରମ୍ଭରୁ ଏପରି ମୂଲ୍ୟାୟନ ପଦ୍ଧତିକୁ ବିରୋଧ କରି ଆସିଛି। ଓଡ଼ିଶାରେ ଏଭଳି କେବେ ହୋଇ ନ ଥିଲା। ସାହିତ୍ୟ ହେଉ ବା ଅନ୍ୟ କୌଣସି ବିଷୟ ୧୦୦ରୁ ୧୦୦ ନମ୍ବର ଆଣିବା ସହଜ କଥା ନୁହେଁ। ଏଭଳି ମୂଲ୍ୟାଙ୍କନ ହେଲେ ପାଠର କିଛି ମୂଲ୍ୟ ରହିବ ନାହିଁ। ☞ପୃଷ୍ଠା-୪

# ବିଜେବି କଲେଜରେ ପୁଣି ରାଗିଂ

- ସହପାଠୀ ମାଡ଼ ମାରି ଛାତ୍ରଙ୍କ ଗାଡ଼ି ଛଡ଼ାଇନେଲେ
- ରାଗିଂ ଅଭିଯୋଗକୁ ଖଣ୍ଡନ କଲେ କଲେଜ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୭।୭ (ବ୍ୟୁରୋ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩ ସିନିୟରଙ୍କ ରାଗିଂ ଯୋଗୁ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାର ତଦନ୍ତ ଜାରି ରହିଥିବାବେଳେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପତ୍ତା ପାଇପାରିନାହିଁ ପୋଲିସ। ନ୍ୟାୟ ଦାବିରେ ରୁଚିକାଙ୍କ ମା'ଙ୍କ ସମେତ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ କଲେଜ ସମ୍ମୁଖରେ ଧାରଣା ଜାରି ରହିଛି। ଏଭଳି ସ୍ଥଳେ ଗୁରୁବାର ପୁଣି ଏକ ରାଗିଂ ଘଟଣା ସାମ୍ନାକୁ ଆସିଛି। ଏଥର ଛାତ୍ରୀ ନୁହେଁ ବରଂ ଜଣେ ଛାତ୍ର ରାଗିଂର ଶିକାର ହୋଇଥିବା ଜଣାପଡ଼ିଛି। ସହପାଠୀମାନେ ତାଙ୍କୁ ମାଡ଼ ମାରିବା ସହ ବାଇକ୍ ଛଡ଼ାଇ ନେଇଥିବା ବିଜେବି ଜୁନିୟର କଲେଜ ଯୁକ୍ତ୨ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗର ଛାତ୍ର ରୁଦ୍ର ନାରାୟଣ ପାତ୍ର ଅଭିଯୋଗ ଆଣିଛନ୍ତି। ଏନେଇ ସେ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣା ଏକପ୍ରକାର ରାଗିଂ ବୋଲି ଅନେକ ଛାତ୍ର ମତ ଦେଉଛନ୍ତି।

ରୁଦ୍ରଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ସିନିୟର ଛାତ୍ରଙ୍କ ନାମ ନେଇ କେତେଜଣ ସହପାଠୀ ତାଙ୍କୁ ମାଡ଼ ମାରିବା ସହ ☞ପୃଷ୍ଠା-୪

# ଅଭିଯୁକ୍ତଙ୍କ ଉପରୁ ଉଠିଲା ଗୁପ୍ତଚରି, ବିଦେଶୀ ଲିଙ୍କ୍ ଦଫା

ବାଲେଶ୍ୱର ଅଫିସ,୭।୭

**ଡିଆର୍‌ଡିଓ ତଥ୍ୟ ଲିକ୍ ମାମଲା**

**ପ୍ରମାଣ ଯୋଗାଡ଼ କରିବାରେ ବିଫଳ କ୍ରାଇମ୍‌ବ୍ରାଞ୍ଚ**




ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କ ବିରୋଧରେ ଗୁପ୍ତଚରି ଏବଂ ବିଦେଶୀ ଏଜେଣ୍ଟଙ୍କ ସହ ଲିଙ୍କ ସମ୍ପର୍କିତ ଲାଗିଥିବା ଅଭିଯୋଗକୁ ପ୍ରମାଣ କରିବାରେ କ୍ରାଇମ୍ ବ୍ରାଞ୍ଚ ବିଫଳ ହୋଇଛି। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ଲଗାଯାଇଥିବା ଅଫିସିଆଲ ସିକ୍ରେଟ୍ ଆକ୍ଟର ଦଫା ୩, ୪, ୫କୁ ହଟାଯାଇଛି। ଚାର୍ଜସିଟ୍ ଦାଖଲ ବେଳେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଆବଶ୍ୟକ କାଗଜପତ୍ର ଦାଖଲ କରାଯାଇ ନ ଥିବାରୁ ଗୁରୁବାର ବାଲେଶ୍ୱର ଏଡିଜେ-୩ କୋର୍ଟ ଏହି ଦଫାକୁ ହଟାଇ ଦେଇଛନ୍ତି। ଫଳରେ ମାମଲାର ଗୁରୁତ୍ୱ ହ୍ରାସ ପାଇଛି।

୨୦୨୧ ସେପ୍ଟେମ୍ବରରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଗୋଇନ୍ଦା ସଂସ୍ଥା (ଆଇବି) ବାଲେଶ୍ୱର ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ଗୁପ୍ତ ତଥ୍ୟ ପଡ଼ୋଶୀ ଶତ୍ରୁଦେଶକୁ ଫୋନ୍ କଲ୍ ମାଧ୍ୟମରେ ଦିଆଯାଉଥିବା ଜାଣିବାକୁ ପାଇଥିଲେ। ଡିଆର୍‌ଡିଓରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କ ନିକଟକୁ ଅନ୍ତର୍ଜାତୀୟ କଲ୍ ଆସିବା ସହ ତାଙ୍କଠାରୁ ବାହାରକୁ ମଧ୍ୟ କଲ୍ ଯାଉଥିବା ଗୋଇନ୍ଦା ବିଭାଗ ଟ୍ରାକ୍ କରି ଜାଣିଥିଲା। ପଡ଼ୋଶୀ ପାକିସ୍ତାନ ଏଜେଣ୍ଟଙ୍କୁ ଦେଶର ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଏହି ଫୋନ୍ କଲ୍ ମାଧ୍ୟମରେ ପ୍ରଦାନ କରାଯାଉଥିବା ସନ୍ଦେହ କରାଯାଇଥିଲା। ବିଶେଷକରି ରାଜସ୍ଥାନ ସୀମାନ୍ତରୁ ଏହି ଅନ୍ତର୍ଜାତୀୟ କଲ୍ ଆସୁଥିବା ଜାଣିବା ପରେ ବାଲେଶ୍ୱର ପୋଲିସ ହେଡକ୍ୱାର୍ଟର୍ସକୁ ଅବଗତ କରାଯାଇଥିଲା। ଆଇବିର ଏକ ଟିମ୍ ବାଲେଶ୍ୱରରେ ପହଞ୍ଚିବା ପରେ ପୂର୍ବାଞ୍ଚଳ ଆଇଜିଙ୍କ ତତ୍ତ୍ୱାବଧାନରେ ୨୦୨୧ ସେପ୍ଟେମ୍ବର ୧୪ରେ ୮ଜଣ ଠିକା କର୍ମଚାରୀଙ୍କୁ ଉଠାଇ ଆଣି ଜିଲାର ବିଭିନ୍ନ ଥାନାରେ ରଖି ପଚରାଉଚରା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ନିକଟରୁ ବିଭିନ୍ନ ସାମଗ୍ରୀ ଜବତ କରାଯିବା ସହ ସେମାନଙ୍କୁ ପୋଲିସ ଗିରଫ କରିଥିଲା। ଡିଆରଡିଓର ଗୁପ୍ତ ତଥ୍ୟ ଚୋରି ଅଭିଯୋଗରେ ସେମାନଙ୍କ ବିରୋଧରେ ଚାନ୍ଦିପୁର ଥାନାରେ ଆଇପିସି ☞ପୃଷ୍ଠା-୪



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୁରୁବାର ଭର୍ଚୁଆଲ ମାଧମରେ ଶ୍ରୀନଗରରେ ‘ଷ୍ଟାଚ୍ୟୁ ଅଫ୍ ପିସ୍’ ଅନାବରଣ କରିଛନ୍ତି। ଏଥିସହ ବେଙ୍ଗାଲୁରୁ ସାଉଥ୍ ଏମ୍ପି ତେଜସ୍ୱୀ ସୂର୍ଯ୍ୟଙ୍କ ସହଯୋଗରେ ପୁନଃନିର୍ମିତ ହୋଇଥିବା ଏକ ଯାତ୍ରୀ ଭବନକୁ ସେଠାରେ ଉଦ୍ଘାଟନ କରିଛନ୍ତି। ସୋନୱାର ଅଞ୍ଚଳରେ ଥିବା ଏକ ମନ୍ଦିର ପରିସରରେ ୪ ଫୁଟ ଉଚ୍ଚତାର ଶ୍ରୀ ରାମାନୁଜଆଚାର୍ଯ୍ୟଙ୍କ ଏହି ପ୍ରତିମୂର୍ତ୍ତି ରହିଛି। ଏହା କେବଳ କଶ୍ମୀର ନୁହେଁ ପୁରା ଦେଶରେ ଶାନ୍ତିର ବାର୍ତ୍ତାବାହକ ହେବ ବୋଲି ଶାହା କହିଛନ୍ତି। ଆସନ୍ତା ବର୍ଷ ଗୁଜରାଟରେ ମଧ ରାମାନୁଜଆଚାର୍ଯ୍ୟଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭୁଲ୍ ସୁଧାରିହେବ: ମମତା

**କୋଲକାତା, ୭।୭:** ତୃଣମୂଳ କଂଗ୍ରେସ (ଏମ୍ପି) ମହୁଆ ମୋଇତ୍ରା ହିନ୍ଦୁ ଦେବୀ କାଳୀଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଲାଗିରହିଥିବାବେଳେ ଭୁଲକୁ ସୁଧାରିହେବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଗୁରୁବାର ଗଣମାଧମକୁ ସାକ୍ଷାତକାର ଦେଇ ଟିଏମ୍ସି ଅଧକ୍ଷା ମମତା ମହୁଆଙ୍କ ନାଁ ନ ନେଇ କହିଥିଲେ, କାମବେଳେ ଲୋକେ ଭୁଲ୍ କରନ୍ତି। କିନ୍ତୁ ସେମାନେ ତାହାକୁ ସୁଧାରିପାରିବେ। କେତେକ ଲୋକ ଭଲ କାର୍ଯ୍ୟକୁ ଆଦୌ ନ ଦେଖି ଚିତ୍କାର କରିବାରେ ଲାଗନ୍ତି। ଏଥିଯୋଗୁ ଆମ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଣୁ ଆସ ଆମେ ସକାରାତ୍ମକ କଥା ଚିନ୍ତା କରିବା। ‘କାଳୀ ଜଣେ ମାଂସଖିଆ ଏବଂ ମଦ ଗ୍ରହଣ କରୁଥିବା ଦେବୀ’ ମନ୍ତବ୍ୟ ଯୋଗୁ ମହୁଆଙ୍କ ପାଇଁ ଅଡୁଆ ବଢୁଥିବାବେଳେ ଟିଏମ୍ସି ଏଭଳି ମନ୍ତବ୍ୟକୁ ସମର୍ଥନ କରେ ନାହିଁ ବୋଲି କହି ତାଙ୍କଠାରୁ ଦୂରେଇ ରହିଥିଲା।

### ରାଜ ବବରଙ୍କୁ ୨ ବର୍ଷ ଜେଲ



**ଲକ୍ଷ୍ନୌ, ୭।୭:** ବଲିଉଡ୍ ଅଭିନେତା ତଥା କଂଗ୍ରେସ ନେତା ରାଜ ବବର ୧୯୯୬ରେ ଜଣେ ନିର୍ବାଚନ ଅଧିକାରୀଙ୍କୁ ଆକ୍ରମଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉତ୍ତରପ୍ରଦେଶର ଏକ ଏମ୍ପି/ଏମ୍ଏଲ୍ଏ କୋର୍ଟ ଏହାର ଶୁଣାଣି କରି ଗୁରୁବାର ତାଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କ ଉପରେ ୮,୫୦୦ ଟଙ୍କା ଜରିମାନା ହୋଇଛି। ୧୯୯୬ ମେ ୨ରେ ସମ୍ପୃକ୍ତ ନିର୍ବାଚନ ଅଧିକାରୀ ୱାଜିରଗଞ୍ଜ ଥାନାରେ ରାଜଙ୍କ ବିରୋଧରେ ଏତଲା ଦେବା ପରେ ମାମଲା ରୁଜୁ ହୋଇଥିଲା। ୧୯୯୬ରେ ସମାଜବାଦୀ ପାର୍ଟିରେ ଥିବାବେଳେ ରାଜ ବବର ଲକ୍ଷ୍ନୌରୁ ଲୋକ ସଭା ନିର୍ବାଚନ ଲଢୁଥିଲେ। ସେତେବେଳେ ନିର୍ବାଚନ ଅଧିକାରୀଙ୍କ ସହ ତାଙ୍କ ବଚସା ପରେ ଗଣ୍ଡଗୋଳର ରୂପ ନେଇଥିଲା। ଦଣ୍ଡାଦେଶବେଳେ ରାଜ କୋର୍ଟରେ ଉପସ୍ଥିତ ଥିଲେ।

### କର୍ଣ୍ଣାଟକରେ ଛୁରାମାଡ଼: ୧୮ ଗିରଫ

**ବାଙ୍ଗାଲୋର, ୭।୭:** ପୂର୍ବଶତ୍ରୁତାକୁ ନେଇ କର୍ଣ୍ଣାଟକର କେରୁର ଜିଲାରେ ଦୁଇ ଗୋଷ୍ଠୀ ମଧରେ ହିଂସାକାଣ୍ଡ ଘଟିଛି। ଛୁରାମାଡ଼ରେ ୩ ଜଣ ଆହତ ହୋଇଥିବାବେଳେ ପୋଲିସ ୧୮ ଜଣଙ୍କୁ ଗିରଫ କରିଛି। ଆଉ ୧୫ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି। ଘଟଣାରେ ୪ଟି ମାମଲା ରୁଜୁ ହୋଇଛି। ହିଂସାବେଳେ ଏକ ବାଇକ୍ ଏବଂ ଶଗଡ଼କୁ ଜାଳି ଦିଆଯାଇଛି। ଆଉ ୬ଟି ବାଇକ୍ ଭଙ୍ଗାରୁଜା ହୋଇଛି। ଆଇନଶୃଙ୍ଖଳା ବଜାୟ ପାଇଁ ୫ ପ୍ଲାଟୁନ ଭାରତୀୟ ରିଜର୍ଭ ବାଟାଲିୟନ (ଆଇଆର୍ବି)ଙ୍କୁ ମୁତୟନ କରାଯାଇଛି। ହିନ୍ଦୁ ଜାଗରଣ ଭେଦିକେ ସଙ୍ଗଠନର ଜିଲା ସେକ୍ରେଟାରି ଅରୁଣ କାଟମାନି ଏବଂ ତାଙ୍କ ଦୁଇ ବନ୍ଧୁ କେରୁର ବସ୍ଷ୍ଟପ୍ ଆଡ଼କୁ ଯାଉଥିବାବେଳେ ଦୁର୍ବୃତ୍ତମାନେ ସେମାନଙ୍କୁ ପଛରୁ ଛୁରାମାଡ଼ କରିବା ସହ ଲୁହାରଡ୍ରେ ମାଡ଼ ମାରିଥିଲେ। ଏହାପରେ ସେଠାରେ ୩୦ରୁ ୪୦ ଜଣ ଗୁଣ୍ଡ ହୋଇ ସେଠାରେ ଜଳାପୋଡ଼ା ଭଙ୍ଗାରୁଜା କରିଥିଲେ ବୋଲି ପୋଲିସ କହିଛି।

# ବୋରିସ୍ ସରକାର: କେଳେଙ୍କାରୀରୁ ପତନ

ତିନିବର୍ଷ ପୂର୍ବେ ବ୍ରିଟେନରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବୋରିସ୍ ଜନ୍ସନଙ୍କ ନେତୃତ୍ୱାଧୀନ କଞ୍ଜରଭେଟିଭ୍ ପାର୍ଟି ବିପୁଳ ବିଜୟ ହାସଲ କରିଥିଲା। ୧୯୮୭ ପରେ ଏହା ଥିଲା ସବୁଠୁ ବଡ଼ ସଫଳତା। କିନ୍ତୁ ଏହି ୩ ବର୍ଷ ମଧରେ ଏମିତି କ’ଣ ସବୁ ଘଟିଲା ଯାହା ପାଇଁ ବୋରିସ୍ଙ୍କୁ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଛି। କେଳେଙ୍କାରୀ ବୋଝରେ ନଇଁ ପଡ଼ିଥିବା ବୋରିସ୍ ନିଜ ଏମ୍ପିମାନଙ୍କ ଆସ୍ଥା ହରାଇ ଇସ୍ତଫା ଦେଇଛନ୍ତି। ବୋରିସ୍ ସରକାରଙ୍କ ପତନର ୫ କାରଣ ସମ୍ପର୍କରେ ଏଠାରେ ଅବତାରଣା କରାଗଲା।



### କ୍ରିଶ୍ ପିଞ୍ଚର ଆଫେୟାର

ଜୁନ୍ ୨୯ରେ ଏମ୍ପି କ୍ରିଶ୍ ପିଞ୍ଚର କଞ୍ଜରଭେଟିଭ୍ ପାର୍ଟିର ଉପମୁଖ୍ୟ ସଚେତକ ଥିଲେ। ସେ ଲଣ୍ଡନର ଏକ କ୍ଲବ୍କୁ ଯାଇଥିଲେ। ପିଞ୍ଚରଙ୍କ ମତରେ ସେ ଅତ୍ୟଧିକ ମଦ୍ୟପାନ କରି ନିଜକୁ ଆଲିଙ୍ଗନ କରିଦେଇଥିଲେ। ପିଞ୍ଚରଙ୍କ ବିରୋଧରେ ଅଭିଯୋଗ ହେଉଛି, ୨୦୧୯ରେ ସେ ୨ ଜଣ ପୁରୁଷଙ୍କୁ ଆପତ୍ତିଜନକ ଭାବେ ସ୍ପର୍ଶ କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ପିଞ୍ଚରଙ୍କ ବିରୋଧରେ ଅନୁରୂପ ଅଭିଯୋଗର ତାଲିକା ଲମ୍ବି ଚାଲିଲା, ଯାହାକି ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନଙ୍କ ଶାସନର ଅନ୍ତ ଘଟାଇଛି। ପ୍ରଥମେ ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ସଫେଇ ଦିଆଯାଇଥିଲା ଯେ, ବୋରିସ୍ ଗତ ଫେବୃୟାରୀରେ ପିଞ୍ଚରଙ୍କୁ ଡେପୁଟି ଚିଫ୍ ହୁଇପ୍ ପଦରେ ନିଯୁକ୍ତି ଦେବାବେଳେ ‘ନିର୍ଦ୍ଦିଷ୍ଟ ଅଭିଯୋଗ’ ସମ୍ପର୍କରେ ଅବଗତ ନ ଥିଲେ। ତେବେ ଏ ନେଇ ଆନୁଷ୍ଠାନିକ ଭାବେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିବା ନେଇ ଜୁଲାଇ ୪ରେ ଗଣମଧମରେ ରିପୋର୍ଟ ପ୍ରକାଶ ପାଇବା ପରେ ବୋରିସ୍ ଧରାପଡ଼ିଯାଇଥିଲେ। ପୂର୍ବରୁ ଅଭିଯୋଗ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଅବଗତ କରାଯାଇଥିବା ନେଇ ଏହାର ପରଦିନ ପୂର୍ବତନ ପ୍ରଶାସନିକ ଅଧିକାରୀ ଲର୍ଡ ମେକ୍ ଡୋନାଲ୍ଡ କହିଥିଲେ। ଫଳରେ ବୋରିସ୍ ଏହା ଉପରେ ୨୦୧୯ରେ ଅବଗତ ଥିବା ପ୍ରକାଶ କରିବା ସହ ପିଞ୍ଚରଙ୍କୁ ନିଯୁକ୍ତ କରିଥିବାରୁ କ୍ଷମା ମାଗିଥିଲେ।

### ପାର୍ଟିଗେଟ୍

ଗତ ଏପ୍ରିଲରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନଙ୍କୁ ଲକ୍ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଜରିମାନା କରାଯାଇଥିଲା। ଅଭିଯୋଗ ହେଲା, ୨୦୨୦ ଜୁନ୍ରେ ବୋରିସ୍ ନିଜ ଜନ୍ମଦିନ ପାଳନ ବେଳେ ଗହଳି କରିଥିଲେ। ସେହିପରି ପ୍ରଥମ ଲକ୍ଡାଉନ ବେଳେ ମଧ ଡାଉନିଂ ଷ୍ଟ୍ରିଟ୍ ଗାର୍ଡେନରେ ଏକ ପାର୍ଟି କରିବା ଅଭିଯୋଗ ଆସିଥିଲା। ସେଥିପାଇଁ ବୋରିସ୍ କ୍ଷମା ମାଗିଥିଲେ। ଗତ ଡିସେମ୍ବରରେ ବୋରିସ୍ କହିଥିଲେ, ସବୁକିଛି ନିୟମ ଅନୁସାରେ ହୋଇଥିଲା। ସେ ପାର୍ଲାମେଣ୍ଟକୁ ମିଛ କହି ବିଭ୍ରାନ୍ତ କରିଥିବାରୁ ହାଉସ୍ ଅଫ୍ କମନ୍ସର ଏକ କମିଟି ଏହାର ତଦନ୍ତ କରୁଛି।




### ଦରଦାମ୍ ବୃଦ୍ଧି

୨୦୨୨ରେ ବ୍ରିଟେନରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୯.୧% ରହିଛି। ଏହାର କାରଣଗୁଡ଼ିକ ମଧ୍ୟରୁ ଅନେକ ବୋରିସ୍ଙ୍କ ନିୟନ୍ତ୍ରଣ ବାହାରେ। ଯେପରି କି ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ତୈଳ ଦର ବୃଦ୍ଧି ପାଇବା ସହ ଖାଦ୍ୟ ମଧ ମହଙ୍ଗା ହୋଇଛି। ଏହାକୁ ରୋକିବା ପାଇଁ ସରକାର କେତେକ ପଦକ୍ଷେପ ନେଇଥିଲେ ସୁଦ୍ଧା ମୂଲ୍ୟବୃଦ୍ଧି ଉପରେ ଅଙ୍କୁଶ ଲଗାଇପାରି ନାହାନ୍ତି। ସେହିପରି ବୋରିସ୍ ସରକାର ଟିକସ ବୃଦ୍ଧି ଘଟାଇ ସେଥିରୁ ମିଳିବାକୁ ଥିବା ଅର୍ଥ ସ୍ୱାସ୍ଥ୍ୟସେବା ଓ ସାମାଜିକ କ୍ଷେତ୍ରରେ ବିନିଯୋଗ କରାଯିବ। ଏହାକୁ ଦେଶବ୍ୟାପୀ ବିରୋଧ କରାଯାଇଛି।

### ଓୱେନ୍ ପିଟରସନ୍ ବିବାଦ

୨୦୨୧ ଅକ୍ଟୋବରରେ ହାଉସ୍ ଅଫ୍ କମନ୍ସର ଏକ କମିଟି କଞ୍ଜରଭେଟିଭ୍ ପାର୍ଟିର ତତ୍କାଳୀନ ଏମ୍ପି ଓୱେନ୍ ପିଟରସନ୍ଙ୍କୁ ୩୦ ଦିନ ପାଇଁ ନିଲମ୍ବନ କରିବାକୁ ସୁପାରିସ କରିଥିଲା। କମିଟିର ଅଭିଯୋଗ ହେଲା, ତାଙ୍କୁ ଫାଇଦା ଦେଇଥିବା କମ୍ପାନୀଗୁଡ଼ିକ ପାଇଁ ଲବି କରି ନିୟମ ଭଙ୍ଗ କରିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଶାସକ ଦଳ ନୂଆ କମିଟି ଗଢ଼ି ତାଙ୍କ ନିଲମ୍ବନକୁ ଅଟକାଇଦେଇଥିଲା। ବିବାଦ ପରେ ପିଟରସନ୍ ଇସ୍ତଫା ଦେଇଥିଲେ। ପରେ ବୋରିସ୍ ଏହି ମାମଲାକୁ ବାଟବଣା କରିଦେଇଥିବା ବିଷୟ ସ୍ୱୀକାର କରିଥିଲେ।

### ଦୂରଦୃଷ୍ଟିର ଅଭାବ

ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ୍ ଅଲଗା ହେବା ପ୍ରକ୍ରିୟା ‘ବ୍ରେକ୍ଜିଟ୍’ ନୀତି ଅନୁସରଣ ପୃଷ୍ଠଭୂମିରେ ସ୍ପଷ୍ଟ ଜନାଦେଶ ପାଇ ବୋରିସ୍ କ୍ଷମତାସୀନ ହୋଇଥିଲେ। କିନ୍ତୁ କୌଣସି ପ୍ରସଙ୍ଗ ଉପରେ ଡାଉନିଂ ଷ୍ଟ୍ରିଟ୍ର ସ୍ପଷ୍ଟ ଧାରଣା ନ ଥିବା ସମାଲୋଚକମାନେ ଅଭିଯୋଗ ଆଣିବାରେ ଲାଗିଛନ୍ତି। ବୋରିସ୍ ଏକ ନିୟନ୍ତ୍ରଣ ବାହାର ଶପିଂ ଟ୍ରଲି, ଯିଏକି ସବୁବେଳେ ଆଭିମୁଖ୍ୟ ବଦଳାଉଛନ୍ତି ବୋଲି ତାଙ୍କର ପୂର୍ବତନ ପରାମର୍ଶଦାତାରୁ ସମାଲୋଚକ ପାଲଟିଥିବା ଡୋମିନିକ୍ କୁମିଙ୍ଗ୍ସ ଅଭିଯୋଗ ଆଣନ୍ତି। ଶାସକ ଦଳର ଏମ୍ପିମାନେ ମଧ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିହୀନ ବିଚାରଧାରାକୁ ନାପସନ୍ଦ କରନ୍ତି।

### ବୋରିସ୍ କହିଲେ

- ରାଜନୀତିରେ କେହି ଅପରିହାର୍ଯ୍ୟ ନୁହନ୍ତି। ମୁଁ ସଫଳ ହୋଇପାରିନି। ଏଥିପାଇଁ ଅନୁତପ୍ତ।
- ବିଶ୍ୱର ସବୁଠୁ ବଡ଼ ପଦ ଛାଡୁଥିବାରୁ ମୁଁ ଦୁଃଖିତ।
- ସଂସଦୀୟ କଞ୍ଜରଭେଟିଭ୍ ପାର୍ଟି କ’ଣ ଚାହୁଁଛି ତାହା ସ୍ପଷ୍ଟ ହୋଇସାରିଛି। ଶାସକ ଦଳ ଏକ ନୂଆ ନେତା ଖୋଜୁଛି, ଯିଏକି ପ୍ରଧାନମନ୍ତ୍ରୀ ହେବେ।
- ନୂଆ ନେତାଙ୍କୁ ପୂର୍ଣ୍ଣ ସମର୍ଥନ ଦେବି ଓ ପ୍ରଧାନମନ୍ତ୍ରୀ ବଛାଯିବା ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବି।
- ୟୁକ୍ରେନ୍କୁ ସମର୍ଥନ ଜାରି ରଖିବି।

### ଋଷି ସୁନକ: କିଛି ତଥ୍ୟ



**ଋଷି ସୁନକ ଅର୍ଥମନ୍ତ୍ରୀ ପଦ ଛାଡ଼ିବା ପରେ କ୍ୟାବିନେଟର ଅନ୍ୟ ସଦସ୍ୟମାନଙ୍କ ଇସ୍ତଫାର ସୁଅ ଛୁଟିବାରେ ଲାଗିଛି। ଋଷି ସୁନକ ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ଦୌଡ଼ରେ ଆଗୁଆ ଥିବା କୁହାଯାଉଛି। ଯଦି ଏପରି ହୁଏ ତେବେ ଋଷି ହେବେ ପ୍ରଥମ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ।**

- ୪୨ ବର୍ଷୀୟ ଋଷି ସୁନକଙ୍କୁ ୨୦୨୦ ଫେବୃୟାରୀରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନ ଅର୍ଥମନ୍ତ୍ରୀ ରୂପେ ନିଯୁକ୍ତ କରିଥିଲେ।
- କରୋନା ମହାମାରୀ ସମୟରେ ଅର୍ଥନୀତି ଦୁର୍ବଳ ହୋଇଯାଇଥିଲା। ବ୍ୟବସାୟ ଏକପ୍ରକାର ଠପ୍ ହୋଇଯାଇଥିବାରୁ ବ୍ୟବସାୟୀ ଓ ଶ୍ରମିକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ଋଷି ବହୁ କୋଟି ବିଲିୟନ୍ ପାଉଣ୍ଡର ପ୍ୟାକେଜ୍ ଘୋଷଣା କରିଥିଲା। ଏହା ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା।
- ଋଷିଙ୍କ ଡାକ ନାଁ ହେଉଛି ‘ଡିଶି’। ସେ ଇନ୍ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ। ସ୍ତ୍ରୀ ଅକ୍ଷତା ମୂର୍ତ୍ତିଙ୍କ ଟିକସ ବିବାଦ, ଦରଦାମ୍ ବୃଦ୍ଧି ଓ ଆମେରିକା ଗ୍ରୀନ୍କାର୍ଡ ଭଳି ପ୍ରସଙ୍ଗରେ ଋଷି ବ୍ୟାକ୍ଫୁଟ୍କୁ ଚାଲିଯାଇଥିଲେ।
- ଡାଉନିଂ ଷ୍ଟ୍ରିଟ୍ରେ ଆୟୋଜିତ ପାର୍ଟିରେ ଯୋଗଦେଇ କୋଭିଡ୍ ଲକ୍ଡାଉନ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଋଷି ମଧ ଜରିମାନା ଦେଇଥିଲେ।
- ଋଷିଙ୍କ ଜେଜେବାପା ପଞ୍ଜାବରୁ ବ୍ରିଟେନକୁ ଯାଇ ବସବାସ କରିଥିଲେ। ଋଷି ଓ ଅକ୍ଷତା କାଲିଫର୍ନିଆରେ ପାଠ ପଢୁଥିବାବେଳେ ପରସ୍ପରକୁ ଭେଟିଥିଲେ। ଏହି ଦମ୍ପତିଙ୍କର ଦୁଇଜଣ ଝିଅ ଅଛନ୍ତି।

### ଶିକ୍ଷାକୁ ଆଧୁନିକ ବିଚାର ସହ ଯୋଡ଼: ମୋଦି

**ବାରାଣସୀ, ୭।୭:** ଶିକ୍ଷାକୁ ଏକବିଂଶ ଶତାବ୍ଦୀର ଆଧୁନିକ ବିଚାର ସହ ଯୋଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉତ୍ତରପ୍ରଦେଶର ବାରାଣସୀରେ ଆୟୋଜିତ ୩ ଦିନିଆ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉଦ୍ଘାଟନ ଅବସରରେ ଆହ୍ୱାନ ଦେଇଛନ୍ତି। ଶିକ୍ଷାକୁ ସଂକୀର୍ଣ୍ଣ ଚିନ୍ତାଧାରାରୁ ବାହାର କରି ଭବିଷ୍ୟତର ବିଚାର ସହ ଏକୀକୃତ କରିବା ଜାତୀୟ ଶିକ୍ଷା ନୀତି(ଏନ୍ଇପି)ର ମୂଳ ଉଦ୍ଦେଶ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆମେ କେବଳ ଡିଗ୍ରୀଧାରୀ ନୁହେଁ ବରଂ ମାନବସମ୍ବଳ ବିକାଶ କରିବା ଉଚିତ। ଏହା ଦ୍ୱାରା ଭବିଷ୍ୟତର ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଦେଶ ପ୍ରସ୍ତୁତ ହୋଇପାରିବ। ଭାରତ ଖୁବ୍ଶୀଘ୍ର ଶିକ୍ଷାର ବୈଶ୍ୱିକ କେନ୍ଦ୍ର ହେବାକୁ ଯାଉଛି। ଏଥିପାଇଁ ଆମେ ବିଶ୍ୱସ୍ତରୀୟ ଅନୁଷ୍ଠାନ ସୃଷ୍ଟି କରୁଛୁ ଯାହା ଯୁବକମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଜାତୀୟ ଶିକ୍ଷାନୀତି କେବଳ ଫାଇଲରେ ଆଉ ଏକ ଦସ୍ତାବିଜ୍ ନୁହେଁ ବରଂ ଆମ ଶିକ୍ଷା ବ୍ୟବସ୍ଥାକୁ ନୂତନ ମାର୍ଗଦର୍ଶନ ଦେବା ଦିଗରେ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୋଦି କହିଥିଲେ।

### ଖାଦିମ୍ଙ୍କୁ ଖସିବା ବାଟ ବତାଇଥିଲେ ଡିଏସ୍ପି

**ଅଜମେର, ୭।୭:** ପ୍ରଫେଟ ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିବା ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କୁ ନେଇ ଦିନକୁ ଦିନ ନୂଆ ନୂଆ ବିବାଦ ବଢ଼ିଚାଲିଛି। ରାଜସ୍ଥାନର ଅଜମେର ଦରଘା ଖାଦିମ ସଲମାନ ଚିସ୍ତି ନିକଟରେ ନୂପୁରଙ୍କ ମୁଣ୍ଡକାଟ୍ କଲେ ତାଙ୍କ ଘର ଦାନ କରିଦେବେ ବୋଲି ଘୋଷଣା କରିଥିଲେ। ପୋଲିସ ଚିସ୍ତିଙ୍କୁ ଗିରଫ କରିବା ପରେ ହାଜତରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ଏକ ଭିଡିଓ ବହୁଳ ପ୍ରସାରିତ ହୋଇଛି। ଏହା ଉପରେ ଏବେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଚିସ୍ତିଙ୍କୁ ସ୍ଥାନୀୟ ଡିଏସ୍ପି ସନ୍ଦୀପ ସାରସ୍ୱତ ଖସିଯିବା ପାଇଁ ଉପାୟ ବତାଇଥିଲେ। ମୁଁ ଅତ୍ୟଧିକ ମଦ୍ୟପାନ କରି ନୂପୁରଙ୍କ ସମ୍ପର୍କରେ ଏଭଳି ମନ୍ତବ୍ୟ ଦେଇଥିଲି ବୋଲି କହିବାକୁ ଡିଏସ୍ପି ତାଙ୍କୁ କହିଥିବା ଭିଡିଓରେ ଦେଖିବାକୁ ମିଳିଛି। ଡିଏସ୍ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଏପିଓ(ନିଯୁକ୍ତି ଆଦେଶକୁ ଅପେକ୍ଷାରତ) ତାଲିକାରେ ରଖାଯାଇଛି।

## ନାବାଳକଙ୍କ ଅଭିଭାବିକା ହୋଇପାରିବେନି ମୁସଲମାନ ମା’

### କେରଳ ହାଇକୋର୍ଟ ରାୟ

**କୋଚି, ୭।୭**

ଜଣେ ମୁସଲମାନ ମହିଳା ତାଙ୍କ ନାବାଳକ/ନାବାଳିକା ପିଲାଙ୍କ ଅଭିଭାବିକା ହୋଇପାରିବେ ନାହିଁ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଅନୁରୂପ ମାମଲାଗୁଡ଼ିକରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଆଧାରରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ପି. ବି. ସୁରେଶ କୁମାର ଏବଂ ଜଷ୍ଟିସ୍ ସି. ଏସ୍. ସୁଧାଙ୍କୁ ନେଇ ଗଠିତ ଡିଭିଜନ୍ ବେଞ୍ଚ୍ ଏହି ଟିପ୍ପଣୀ ଦେଇଛନ୍ତି। ମୁସ୍ଲିମ ପର୍ସନାଲ ଆଇନରେ ମଧ ମୁସଲମାନ ମହିଳାମାନେ ସେମାନଙ୍କ ନାବାଳକ ସନ୍ତାନଙ୍କ ଗାର୍ଡିଆନ ହୋଇପାରିବେନି ବୋଲି ଥିବା ନିୟମ ଅନୁଚ୍ଛେଦ ୧୪ ଓ ୧୫ର ଉଲ୍ଲଂଘନ କରୁଥିଲେ ହେଁ ସର୍ବୋଚ୍ଚ ଅଦାଲତଙ୍କ କେତେକ ପୂର୍ବରାୟ ସହ ହାଇକୋର୍ଟ ବନ୍ଧା ବୋଲି ଖଣ୍ଡପୀଠ କହିଛନ୍ତି। କୋଝିକୋଡେର ସି. ଅବଦୁଲ୍ ଅଜିଜ୍ଙ୍କ ସମେତ ଅନ୍ୟ କେତେଜଣଙ୍କ ପିଟିଶନରେ ଜଣେ ମହିଳାଙ୍କୁ ତାଙ୍କ ନାବାଳକ ସନ୍ତାନଙ୍କ ଅଭିଭାବିକା ଦର୍ଶାଇଯାଇଥିବାବେଳେ ହାଇକୋର୍ଟ ଏହାର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯଦି ଉତ୍ତରାଧିକାରୀ ଏବଂ ଧର୍ମନିରପେକ୍ଷ ପ୍ରସଙ୍ଗଗୁଡ଼ିକର ଧର୍ମ ସହିତ କୌଣସି ସମ୍ପର୍କ ନାହିଁ ତେବେ ଅଭିଭାବକତ୍ୱ ମାମଲାରେ ମଧ ସମାନ ଆଭିମୁଖ୍ୟ ରହିବ।




### ଜୁବୈରଙ୍କ ଆବେଦନର ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୭।୭:** ଧର୍ମୀୟ ଭାବନାକୁ ଆଘାତ ଦେବା ଅଭିଯୋଗରେ ଗିରଫ ହୋଇଥିବା ଅଲ୍ଟ ନ୍ୟୁଜ ସହପ୍ରତିଷ୍ଠାତା ମହମ୍ମଦ ଜୁବୈର ଜାମିନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉତ୍ତରପ୍ରଦେଶ ପୋଲିସ ତାଙ୍କ ନାଁରେ କରିଥିବା ମାମଲା ହଟାଇବା ଏବଂ ଜାମିନ ଦେବା ପାଇଁ ଆଲ୍ଲାହାବାଦ୍ ହାଇକୋର୍ଟ ମନା କରିଦେବା ପରେ ଜୁବୈର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ ଜେ. କେ. ମାହେଶ୍ୱରୀଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଜୁବୈରଙ୍କ ଆବେଦନ ଉପରେ ଶୁକ୍ରବାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଜୁବୈରଙ୍କ ଜୀବନ ପ୍ରତି ବିପଦ ଥିବା ଏବଂ ତାଙ୍କୁ ହତ୍ୟା ଧମକ ମିଳୁଥିବାରୁ ମାମଲାର ଦ୍ରୁତ ଶୁଣାଣି ପାଇଁ ତାଙ୍କ ଓକିଲ କୋଲିନ୍ ଗୋନ୍ସାଲଭେସ୍ କୋର୍ଟଙ୍କୁ ଅନୁରୋଧ କରିଥିଲେ।

## ବିବାହ ବନ୍ଧନରେ ପଞ୍ଜାବ ମୁଖ୍ୟମନ୍ତ୍ରୀ



ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍(୪୮) ଗୁରୁବାର ଡା. ଗୁରପ୍ରୀତ କୌରଙ୍କୁ ବିବାହ କରିଛନ୍ତି। ଚଣ୍ଡିଗଡ଼ରେ ଆୟୋଜିତ ଏହି ମାଙ୍ଗଳିକ କାର୍ଯ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସମେତ ପ୍ରାୟ ୪୦ ଜଣ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ମସ୍କଙ୍କ ଯାଆଁଳା ଶିଶୁଙ୍କୁ ଜନ୍ମଦେଇଛନ୍ତି କାର୍ଯ୍ୟନିର୍ବାହୀ



ଶିଭୋନ୍ ଜିଲିସ୍

**ୱାଶିଂଟନ୍, ୭।୭**

ଟେସ୍ଲା ମାଲିକ ଏଲନ୍ ମସ୍କ(୫୧) ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମସ୍କ ପୂର୍ବରୁ ୭ ସନ୍ତାନଙ୍କ ବାପା ବୋଲି ଜଣାପଡ଼ିଥିବାବେଳେ ଏବେ ତାଙ୍କ ଆଉ ଦୁଇ ଶିଶୁ ରହିଥିବା ଖବର ସାମ୍ନାକୁ ଆସିଛି। ମସ୍କଙ୍କ ବ୍ରେନ୍-ଚିପ୍ ଷ୍ଟାର୍ଟଅପ୍ ନ୍ୟୁରାଲିଙ୍କ୍ର ଜଣେ ଟପ୍ ଏକ୍ଜିକ୍ୟୁଟିଭ୍ ଶିଭୋନ୍ ଜିଲିସ୍(୩୬) ୨୦୨୧ ନଭେମ୍ବରରେ ଦୁଇ ଯାଆଁଳା ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଏହି ଶିଶୁଙ୍କ ବାପା ଏଲନ୍ ମସ୍କ ବୋଲି ଜଣାପଡ଼ିଛି। ଗତ ଏପ୍ରିଲରେ ମସ୍କ ଏବଂ ଜିଲିସ୍ ଟେକ୍ସାସ୍ କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଏହି ପିଲାଙ୍କ ନାମ ଶେଷରେ ପିତା ମସ୍କଙ୍କ ନାଁ ଏବଂ ନାଁ ମଝିରେ ମା’ ଜିଲିସ୍ ନାମ ରଖିବା ପାଇଁ ଏଥିରେ ଦର୍ଶାଇଥିଲେ। ଗତ ମେ’ରେ ଏହି ପିଟିଶନକୁ ମଞ୍ଜୁରୀ ମିଳିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଜିଲିସ୍ଙ୍କଠାରୁ ୨ ଶିଶୁ ପୂର୍ବରୁ ମସ୍କଙ୍କ ୭ ସନ୍ତାନ ରହିଛନ୍ତି। ଜିଲିସ୍ଙ୍କ ଲିଙ୍କେଡିନ୍ ପ୍ରୋଫାଇଲ ଅନୁସାରେ ସେ ନ୍ୟୁରାଲିଙ୍କ୍ର ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ୨୦୧୭ ମେ’ରୁ ସେ ଏହି କମ୍ପାନୀରେ ଯୋଗ ଦେଇଥିଲେ। ଏଥିସହ ଟେସ୍ଲା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଏକ ପ୍ରୋଜେକ୍ଟର ନିର୍ଦ୍ଦେଶକ ଭାବେ ମଧ ସେ କାମ କରିଛନ୍ତି।

## ଡେଙ୍ଗୁ ରୋକିବ ବିକଶିତ ମଶା

**ନୂଆଦିଲ୍ଲୀ, ୭।୭**

ଡେଙ୍ଗୁ ରୋକିବ ମଶା। ମଶା ଯୋଗୁ ବ୍ୟାପୁଥିବା ଏହି ରୋଗକୁ ନିୟନ୍ତ୍ରଣ ପାଇଁ ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) ଏବଂ ଭେକ୍ଟର କଣ୍ଟ୍ରୋଲ ରିସର୍ଚ୍ଚ ସେଣ୍ଟର (ଭିସିଆର୍ସି) ପକ୍ଷରୁ ଏପରି ମଶା ବିକଶିତ କରାଯାଇଛି, ଯାହା ଡେଙ୍ଗୁ ଷ୍ଟ୍ରେନ୍କୁ ରୋକିପାରିବ। ଆଇସିଏମ୍ଆର୍-ଭିସିଆର୍ସି ପୁଡୁଚେରୀ ପକ୍ଷରୁ ବିକଶିତ ହୋଇଥିବା ଏହି ମଶାକୁ ବ୍ୟାକ୍ଟେରିଆ ବା ଜୀବାଣୁ ଦ୍ୱାରା ସଂକ୍ରମିତ କରାଯାଇଛି। ଏହି ମଶା ଡେଙ୍ଗୁ ସହ ଚିକୁନଗୁନିଆ ରୋକିବାରେ ମଧ ସହାୟକ ହେବ ବୋଲି ଏହି ସଂସ୍ଥାର ଗବେଷକ କହିଛନ୍ତି।

ଡେଙ୍ଗୁ ଜ୍ୱରର ବାହକ ଏଡିସ୍ ମଶା ବା ଏଡିସ୍ ଏଜିପ୍ଟି ସହ ଡବ୍ଲ୍ୟୁ-ଏମ୍ଇଏଲ୍ ଏବଂ ଡବ୍ଲ୍ୟୁ-ଏଏଲ୍ବି ୱୋଲବାଚିଆ ଷ୍ଟ୍ରେନ୍କୁ ସଂକ୍ରମିତ କରାଯାଇଛି। ଏ. ଏଜିପ୍ଟି (ପଡ୍) ଭୂତାଣୁଜନିତ ଡେଙ୍ଗୁ ସଂକ୍ରମଣ ରୋକି ପାରିବ ବୋଲି କୁହାଯାଇଛି। ଭିସିଆର୍ସି ୪ ବର୍ଷ ଧରି ୱୋଲବାଚିଆ ମଶା ଉପରେ ଗବେଷଣା କରିଆସୁଛନ୍ତି। ଏହା ଏକ ପ୍ରକାର ବ୍ୟାକ୍ଟେରିଆ ଯାହା କି ପ୍ରାୟ ୬୦%ରୁ ଊର୍ଦ୍ଧ୍ୱ ପ୍ରକାରର କୀଟପତଙ୍ଗଙ୍କଠାରେ ମିଳେ। ଆଇସିଏମ୍ଆର୍-ଭିସିଆର୍ସି ନିର୍ଦ୍ଦେଶକ ଡା. ଅଶ୍ୱିନୀ କୁମାରଙ୍କ କହିବା ଅନୁସାରେ, ଏହି ବ୍ୟାକ୍ଟେରିଆ ମଶା ପ୍ରାୟ ସମସ୍ତ କୋଷିକାରେ ପ୍ରବେଶ କରି ସେଠାରେ ବଂଶବିସ୍ତାର କରିପାରିବ। ଏହି ଜୀବାଣୁର ଉପସ୍ଥିତିରେ ଡେଙ୍ଗୁ ଭୂତାଣୁ ଅଧିକ ସଂକ୍ରାମକ ହେବାରେ ସକ୍ଷମ ହେବ ନାହିଁ। ଗବେଷଣା ପାଇଁ ଅଷ୍ଟ୍ରେଲିଆର ମୋନାଶ ୟୁନିଭର୍ସିଟିରୁ ୱୋଲବାଚିଆ ଜୀବାଣୁର ଦୁଇ ପ୍ରକାର ଷ୍ଟ୍ରେନ୍ ଡବ୍ଲ୍ୟୁ-ଏମ୍ଇଏଲ୍ ଏବଂ ଡବ୍ଲ୍ୟୁ-ଏଏଲ୍ବିର ପ୍ରାୟ ୧୦ ହଜାର ଅଣ୍ଡା ଆସିଥିଲା। ଭାରତ ସରକାରଙ୍କ ମଞ୍ଜୁରୀ ମିଳିବା ପରେ ଡେଙ୍ଗୁ ଷ୍ଟ୍ରେନ୍ ସହ ଏହି ଜୀବାଣକୁ ସଂକ୍ରମିତ କରାଯାଇଥିଲା।



ବିକଶିତ ମାଈ ମଶାଗୁଡ଼ିକୁ ଡେଙ୍ଗୁ ପ୍ରବଣ ସ୍ଥାନଗୁଡ଼ିକରେ ଛଡ଼ାଯିବ। ପରେ ଡେଙ୍ଗୁ ମଶା ସହ ବିକଶିତ ମଶା ନିଜ ବଂଶ ବିସ୍ତାର କରିବାରେ ଲାଗିବେ। ଏପରି ହେବା ଦ୍ୱାରା ଧୀରେ ଧୀରେ ଡେଙ୍ଗୁ ଓ ଚିକୁନଗୁନିଆ ଷ୍ଟ୍ରେନ୍ ଥିବା ମଶା ଲୋପ ପାଇବେ। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଡେଙ୍ଗୁ ବ୍ୟାପିବା ଆଶଙ୍କା ଯଥେଷ୍ଟ କମିପାରିବ ବୋଲି ସେ କହିଛନ୍ତି। ଲାବରେଟୋରିରେ ୱୋଲବାଚିଆ ବ୍ୟାକ୍ଟେରିଆ ଅଣ୍ଡା ଏବଂ ମଶା ମହଜୁଦ ରହିଛି। ସରକାରଙ୍କଠାରୁ ଅନୁମତି ମିଳିବା ପରେ ଏହାକୁ ପ୍ରାକ୍ଟିକାଲ ଭାବେ କାର୍ଯ୍ୟକ୍ଷମ କରାଯିବ ବୋଲି ଡା. ଅଶ୍ୱିନୀ କୁମାର ପ୍ରକାଶ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୭୯,୬୨,୪୭୫ | ୬୩,୬୭,୫୭୮ | ୫୩,୧୭,୫୭,୯୫୮ |
| ଭାରତ | ୪,୩୫,୬୮,୮୮୪ | ୫,୨୫,୩୦୫ | ୪,୨୯,୨୧,୯୭୭ |
| ଓଡ଼ିଶା | ୧୨,୯୧,୯୪୬ | ୯୧୨୬(+୫୩) | ୧୨,୮୦,୭୫୦ |

ଗୁରୁବାର ରାତି ୯ଟା ୩୦ ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କେନ୍ଦ୍ରାପଡ଼ା ଜିଲାରେ ୪,୨୮୬ ଶିଶୁ ଅପପୁଷ୍ଟିର ଶିକାର

**କେନ୍ଦ୍ରାପଡ଼ା ଅଫିସ, ୭।୭**

କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଯୋଜନା ପ୍ରଣୟନ କରୁଛନ୍ତି। ପ୍ରଣୀତ ଯୋଜନାକୁ କାର୍ଯ୍ୟକାରୀ ପାଇଁ ଅର୍ଥ ମଞ୍ଜୁର ହେଉଛି। ହେଲେ କେନ୍ଦ୍ରାପଡ଼ା ଜିଲାର ଶିଶୁଙ୍କ ସମ୍ପର୍କରେ ଯେଉଁ ତଥ୍ୟ ବିଭାଗୀୟ କାର୍ଯ୍ୟାଳୟରୁ ମିଳିଛି, ତାହା ଯୋଜନା କାର୍ଯ୍ୟକାରିତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା ଶିଶୁ ଓ ମହିଳା କଲ୍ୟାଣ ବିକାଶ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ୨୦୨୨ ଜୁନ ୩୦ ତାରିଖ ସୁଦ୍ଧା ଜିଲାର ଶୂନ୍‌ରୁ ୫ ବର୍ଷ ବୟସର ଶିଶୁଙ୍କ ସଂଖ୍ୟା ୧,୦୫,୦୯୬। ଏଥିମଧ୍ୟରୁ ୧,୦୪,୩୭୪ ଶିଶୁଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ କାର୍ଯ୍ୟାଳୟ ନିକଟରେ ତଥ୍ୟ ରହିଛି। ୧,୦୨,୩୦୩ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ବେଳେ ୧୯୬୩ ଶିଶୁଙ୍କ ସ୍ଥିତି ଚଳନୀୟ। ତେବେ ୨୦୭୧ ଶିଶୁଙ୍କ ଓଜନ ଆବଶ୍ୟକତାଠାରୁ କମ୍ ରହିଛି। ଏହା ବ୍ୟତୀତ ୧୦୮ ଜଣ ଶିଶୁଙ୍କ ଓଜନ ଅବସ୍ଥା ସାଂଘାତିକ ଥିବାବେଳେ ୧୩୭ ଜଣ ଶିଶୁଙ୍କ ଅବସ୍ଥା ଉଦ୍‌ବେଗଜନକ ଅଛି। ସେହିପରି ରାଜକନିକା, ମାର୍ଶାଘାଇ ବ୍ଲକ ଅଞ୍ଚଳରେ ୨ ଜଣ ଲେଖାଏ ଓ ଡେରାବିଶ, ପଟ୍ଟାମୁଣ୍ଡାଇ ଏବଂ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ଜଣେ ଲେଖାଏ ଶିଶୁଙ୍କ ନିରନ୍ତର ଚିକିତ୍ସାର ଆବଶ୍ୟକତା ରହିଛି। ମୋଟ ଉପରେ ୪,୨୮୬ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା କୁହାଯାଇଛି। ଏହି ଶିଶୁଙ୍କ ଭବିଷ୍ୟତ ଏବେ ଅନ୍ଧାର ଆଡକୁ ଗତି କରୁଛି। ସେହିପରି ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ଜିଲାର ୧୮୫ପୁଅ ଓ ୧୫୭ ଝିଅ ଅନାଥ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ ମୋଟ ୫,୪୪୧ ଶିଶୁ ଜଣକିଆ ଅଭିଭାବକଙ୍କ ନିକଟରେ ଅଛନ୍ତି। ସଂଖ୍ୟାଧିକ ଶିଶୁକନ୍ୟାଙ୍କୁ ପେଟ ଚିନ୍ତା ଅଧିକ ଘାରିଛି। ମା' ଅଥବା ବାପାଙ୍କ ଜଣକିଆ ହେପାଜତରେ ଥିବା ଶିଶୁଙ୍କ ମଧ୍ୟରୁ ଶିକ୍ଷା ମହରଗ ପାଲଟିଛି। ବିଶେଷକରି ଏହି ଅନାଥଙ୍କ ମଧ୍ୟରୁ ୮୮ ଶିଶୁଙ୍କୁ ଜେଜେମା', ଜେଜେବାପା ପରିଣତ ବୟସରେ ଲାଳନପାଳନ କରୁଛନ୍ତି। ବିଭିନ୍ନ କାରଣ ପାଇଁ ଜିଲାରେ ଅସୁରକ୍ଷିତ ଶୈଶବର କୋହ ବଢୁଛି ବୋଲି ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ଇଂ. ନଳିନୀକାନ୍ତ ରଥ, ଅମରବର ବିଶ୍ୱାଳ, ସୁନୀଲ କୁମାର ଗନ୍ତାୟତ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଦାରିଦ୍ର୍ୟ ଏହାର ମୁଖ୍ୟ କାରଣ ହୋଇଥିଲେ ମଧ୍ୟ ବାଲ୍ୟ ବିବାହ, ପ୍ରେମ ବିବାହ, ଯୋଗାଯୋଗର ଅଭାବ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବହୁ ଅବ୍ୟବସ୍ଥା କେନ୍ଦ୍ରାପଡ଼ା ଜିଲାରେ ଅଛି। ଜିଲାର ଉପାନ୍ତ ଅଞ୍ଚଳରେ ଅପପୁଷ୍ଟି ଓ ଅନାଥଙ୍କ ସଂଖ୍ୟା ଅଧିକ ରହିଛି। ଉପାନ୍ତ ଅଞ୍ଚଳ ଏବେ ବଙ୍ଗଭାଷୀଙ୍କ କବଳରେ ରହିଛି। ଏହି ସମ୍ପ୍ରଦାୟ ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଛନ୍ତି। ଏପରି କି ପ୍ରେମ ବିବାହ ଏଠାରେ ଏକ ସାଧାରଣ କଥା ହୋଇଛି। ଜଣେ ଅପରିପକ୍ୱ ନାବାଳିକାଙ୍କ ଦ୍ୱାରା ସନ୍ତାନ ଜନ୍ମ ଫଳରେ ଅପପୁଷ୍ଟି ବଢୁଛି। ସେହିପରି ଜିଲାର ଭୌଗୋଳିକ ସ୍ଥିତି ଅନୁଯାୟୀ ଗମନାଗମନ ପଥ ସୁଗମ ନୁହେଁ। ୧୭ ପଞ୍ଚାୟତକୁ ସିଧାସଳଖ ରାସ୍ତା ନାହିଁ। ଏମାନଙ୍କ ସୁରକ୍ଷା ପାଇଁ ପ୍ରଣୀତ ବିଭିନ୍ନ ଯୋଜନା ତୃଣମୂଳସ୍ତରରେ ଅଧିକାଂଶ ପ୍ରଶାସନିକ ଅଧିକାରୀଙ୍କ ଅସହଯୋଗ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ବଢୁଛି। ଏ ନେଇ ବିଧିବଦ୍ଧ ଯାଞ୍ଚ କଲେ ଅନାଥ ଓ ଅପପୁଷ୍ଟିର ଶିକାର ଶିଶୁଙ୍କ ସଂଖ୍ୟା ଅଧିକ ହେବ ବୋଲି ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲା ଶିଶୁ ଓ ମହିଳା କଲ୍ୟାଣ ବିଭାଗ ଅଧିକାରୀ ଶଙ୍କର ଜେନାଙ୍କୁ ପଚାରିବାରେ ଜିଲାରେ ୨,୧୪୭ ଅଙ୍ଗନୱାଡି କେନ୍ଦ୍ର ଅଛି। ଏହି କେନ୍ଦ୍ରରେ ନିୟୋଜିତ କର୍ମୀ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁଙ୍କ ଖାଦ୍ୟ ଓ ଔଷଧ ପ୍ରଦାନ ଆଦି କ୍ଷେତ୍ରରେ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ସେହିପରି ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ପଚାରିବାରେ, ଜିଲାରେ ଥିବା ଅନାଥ ଶିଶୁଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏମାନଙ୍କୁ ଥଇଥାନ ପାଇଁ ଯୋଜନା କରାଯାଉଛି। ଶିଶୁଙ୍କ ଭବିଷ୍ୟତ ସୁରକ୍ଷିତ ଭାବେ ଗଢ଼ିବାକୁ ବିଭିନ୍ନ ଯୋଜନାରେ ସାମିଲ କରାଯାଉଛି ବୋଲି ସେ କହିଛନ୍ତି।



**■ ଅନାଥ ସଂଖ୍ୟା ୩୪୨, ଜଣେ ଅଭିଭାବକରେ ୫,୪୪୧ ଶିଶୁ**

OrissaPOST English daily
WANTED
LAYOUT DESIGNERS
- Minimum 3 years+ experience in print media.
- Proficiency in QuarkXPress 8.12, Photoshop CS3, PageMaker 7.0, CorelDRAW 13, Indesign 11 is a must.

Apply within 7 days to:
recruitment@orissapost.com
Pay & perks will be the best in the industry for deserving candidates.




| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ |
| ଆନେମିଆ | ଧାତ୍ରୀ ଲୌହ, ହେମୋପ୍ଲସ୍ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ, ରୟାଲ୍ ଚ୍ୟବନପ୍ରାସ |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ବଟି |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ୍, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ୍ |
| ବଦହଜମି | ଏକ୍ସାଜେଷ୍ଟେ |
| କିଡନୀ ଷ୍ଟୋନ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ରତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍‌ଲୁ ଟ୍ୟାବ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ ⬇
JAIPUR: Ph: +91 9439088809 BERHAMPUR: Ph: +91 9861540324 CUTTACK: Ph: +91 9439486929
BHUBANESWAR: Ph: +91 8249945802 PURI: Ph: +91 9861068109 DHENKANAL: Ph: +91 8249703170
ANGUL: Ph: +91 9937734509 BALASORE: Ph: +91 9438725025 BARIPADA: Ph: +91 9437350156
KENDUJHAR: Ph: +91 6370698870 BHADRAK: Ph: +91 7978313169 ROURKELA: Ph: +91 7008870227
SAMBALPUR: Ph: +91 8763343900 / +91 9437681346 BOLANGIR: Ph: +91 7008384344

# ବଢୁଛି ସଂକ୍ରମଣ: ୪୨୮ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ଶହ ଟପିଛି। ଖୋର୍ଦ୍ଧା, କଟକ ଓ ସୁନ୍ଦରଗଡ଼ ପରେ ପୁରୀ, ବାଲେଶ୍ୱରରେ ସଂକ୍ରମଣ ଦୁଇଅଙ୍କ ଛୁଇଁଲାଣି। କିଛି ଜିଲାକୁ ବାଦ୍ ଦେଲେ ବାକି ସମସ୍ତ ଜିଲାରେ ସଂକ୍ରମଣ ମୁଣ୍ଡ ଟେକିଲାଣି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୪୨୮ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫୧ଜଣ କ୍ୱାରାଣ୍ଟାଇନ୍‌ରୁ ଥିବାବେଳେ ୧୭୭ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ସେହିପରି ଆକ୍ରାନ୍ତଙ୍କ ମଧ୍ୟରେ ୫୬ଜଣ ୧୮ରୁ କମ୍ ବୟସର ଶିଶୁ ଓ କିଶୋର ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୮୩ ଏବଂ କଟକ ଜିଲାରୁ ୮୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବାଲେଶ୍ୱର ଜିଲାରୁ ୨୨, ସୁନ୍ଦରଗଡ଼ ୨୦, ପୁରୀ ୧୧, ସମ୍ବଲପୁର ୯, ମୟୂରଭଞ୍ଜ ୮, ଜଗତ୍‌ସିଂହପୁର ୬, ଭଦ୍ରକ ଓ ଯାଜପୁରରୁ ୫ ଜଣ ଲେଖାଏ, ବରଗଡ଼, ଝାରସୁଗୁଡ଼ା ଓ ନୟାଗଡ଼ରୁ ୪ଜଣ ଲେଖାଏ, ନୂଆପଡ଼ାରୁ ୩, କେନ୍ଦ୍ରାପଡ଼ା, ମାଲକାନଗିରି, ରାୟଗଡ଼ା ଓ ସୁବର୍ଣ୍ଣପୁରରୁ ୨ଜଣ ଲେଖାଏ, ଦେବଗଡ଼, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରୁ ଜଣେ ଲେଖାଏ ଏବଂ ଷ୍ଟେଟପୁଲ୍‌ରୁ ୪୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ବଢିବା ଦ୍ୱାରା ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୨୩୫କୁ ବୃଦ୍ଧି ପାଇଛି। ଅପରପକ୍ଷେ ୨୪ ଘଣ୍ଟାରେ ୧୫୦ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ଆଜି ଅପରାହ୍ନ ୪ଟା ଯାଏଁ ସନ୍ଧ୍ୟା ଦର୍ଶନ

**ପୁରୀ ଅଫିସ,୭।୭**

ଗୁଣ୍ଡିଚା ମନ୍ଦିରରେ ସରି ଆସୁଛି ନବଦିନାତ୍ମକ ଘୋଷଯାତ୍ରାରେ ଆସିଥିବା ମହାପ୍ରଭୁଙ୍କ ଲୀଳାଖେଳା। ଏହି କ୍ରମରେ ଶୁକ୍ରବାର ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ। ସନ୍ଧ୍ୟା ଦର୍ଶନ ସକାଳ ୫ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବ। ବାହୁଡ଼ା ପୂର୍ବରୁ ମହାପ୍ରଭୁଙ୍କ ଗୁପ୍ତନୀତିକୁ ଚଞ୍ଚଳ ସାରିବା ପାଇଁ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛି। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ସନ୍ଧ୍ୟା ଦର୍ଶନ ୪ଟାରେ ଶେଷ ହେବାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲେ ମଧ୍ୟ ସଅଳ ନୀତିକାନ୍ତି ପାଇଁ ଏଭଳି କରିବାକୁ ପଡୁଛି। ସେନାପଟା ଲାଗି, ଚାରମାଳ ବନ୍ଧା ଭଳି ଗୁପ୍ତ ନୀତି ପାଇଁ ଦଇତାପତିଙ୍କୁ ସମୟ ଆବଶ୍ୟକ। ଗୋଟିଏ ଗୋଟିଏ ଗୁପ୍ତ ନୀତି ପାଇଁ ୫ରୁ ୬ ଘଣ୍ଟା ଲେଖାଏଁ ସମୟ ଲାଗିବ। ଶ୍ରୀମନ୍ଦିର ପ୍ରଶାସନ ଓ ଦଇତାପତି ନିଯୋଗର ମିଳିତ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଣୁ ଭକ୍ତମାନେ ସଅଳ ଆସିବାକୁ ଚେଷ୍ଟା କରନ୍ତୁ। ଦିନତମାମ୍ ଦର୍ଶନ ହେବ ବୋଲି ନିଯୋଗ ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ ସନ୍ଧ୍ୟା ଦର୍ଶନର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ଭକ୍ତମାନେ ବହୁଳ ସଂଖ୍ୟାରେ ସନ୍ଧ୍ୟା ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆସିଥାଆନ୍ତି। ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଛି। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ବାହୁଡ଼ା ପହଣ୍ଡିକୁ ଶୀଘ୍ର କରିବାକୁ ଚାହୁଁଥିବା ହେତୁ ସନ୍ଧ୍ୟା ଦର୍ଶନ ସମୟକୁ କମାଇଦିଆଯାଇଛି। ସେନପଟା ଓ ଚାରମାଳ ବନ୍ଧା ପାଇଁ ଦଇତାପତିଙ୍କୁ ସମୟ ଦିଆଯାଇଛି। ତେବେ ସନ୍ଧ୍ୟା ଦର୍ଶନ ଦିନର ନୀତିକାନ୍ତିକୁ ଦେଖି ଦର୍ଶନ ବ୍ୟବସ୍ଥା ଚାଲୁ ରହିବ। ଭକ୍ତଙ୍କ ଆଗମନ ଉପରେ ମଧ୍ୟ ଅନେକ କିଛି ନିର୍ଭର କରୁଛି। ଭକ୍ତଙ୍କ ସଂଖ୍ୟା ବଢ଼ିଲେ ଓ ନୀତି ସମୟରେ ସରିଲେ ଦର୍ଶନ ଅଧିକ ସମୟ ହୋଇପାରେ। ସେହିଭଳି ବ୍ୟାରିକେଡିଂ ବ୍ୟବସ୍ଥାକୁ ମଧ୍ୟ ବଢ଼ାଇ ଦିଆଯାଇଛି। ସେହିଭଳି ପୋଲିସ ମୁତୟନ, ଅଗ୍ନିଶମ ଟିମ୍, ସ୍ୱେଚ୍ଛାସେବୀ, ପାନୀୟ ଜଳ ବିଭାଗ ଉପରେ ଧ୍ୟାନ ଦିଆଯାଇଛି। ପୁରୀ ଏସ୍‌ପି ଡ.କନୱର ବିଶାଲ ସିଂ କହିଛନ୍ତି, ସନ୍ଧ୍ୟା ଦର୍ଶନରେ ବ୍ୟାପକ ଜନସମାଗମଙ୍କୁ ସୁବିଧା ଯୋଗାଇବା ଉପରେ ଧ୍ୟାନ ଦେଉଛୁ। ବ୍ୟାରିକେଡ୍‌କୁ ବର୍ଦ୍ଧିତ ରୂପ ଦିଆଯାଇଥିବା ବେଳେ ଯଥେଷ୍ଟ ପରିମାଣର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗହଳି ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଟିମ୍ ଉପସ୍ଥିତ ରହିବ। ପୋଲିସ ଟିମ୍ ତରଫରୁ ପାନୀୟ ଜଳ ବଣ୍ଟନ କରାଯିବ ବୋଲି ଏସ୍‌ପି କହିଛନ୍ତି।

**ମହାପ୍ରଭୁଙ୍କୁ ଲାଗି ହେବ ସେନାପଟା**



# ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା: ୪ ମୃତ

**■ ଜଣେ ଗୁରୁତର ଡାକ୍ତରଖାନାରେ ଭର୍ତ୍ତି**

**■ ବୋଲେରୋକୁ ପଛରୁ ପିଟିଲା ଟ୍ରକ୍**



ଟ୍ରକ୍ ଧକ୍କାରେ ଭାଙ୍ଗିରୁଜି ଯାଇଥିବା ବୋଲେରୋ।

**ବାରିପଦା ଅଫିସ/ବାଙ୍ଗିରିପୋଷି, ୭।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଡାକ୍ତରଖାନାରେ ଆଉ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ଯାତ୍ରୀ ନେଇ ଯାଉଥିବା ଏକ ବୋଲେରୋ ପଛରେ ଏକ ଦ୍ରୁତଗାମୀ ଟ୍ରକ୍ ପିଟିହେବାରୁ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ବିଶୋଇରୁ ୫ଜଣ ଯାତ୍ରୀଙ୍କୁ ନେଇ ଏକ ବୋଲେରୋ ବାରିପଦା ଅଭିମୁଖେ ଯାଉଥିଲା। ଘାଟି ରାସ୍ତାରେ ପଛରୁ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ବୋଲେରୋକୁ ଧକ୍କାଦେଇ ୨୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ବୋଲେରୋରେ ବସିଥିବା ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୨ଜଣ ଚାପିହୋଇ ରହିଯାଇଥିଲେ। ବାଙ୍ଗିରିପୋଷି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଡାକ୍ତରଖାନା ପଠାଇଥିଲେ। ମୃତକ ହେଲେ ବାରିପଦା ଟାଉନ ଥାନା ଅଧୀନ ଭୁଗୁଡ଼ାକଟା ଗ୍ରାମର ଏଲିଆ ହାଁସଦା ଓ ତାଙ୍କ ସ୍ତ୍ରୀ ଆଲାଦି। ଅନ୍ୟ ଦୁଇଜଣ ବେତନା ଗ୍ରାମର ଲାଥାନ ମୁର୍ମୁ ଓ ବାଙ୍ଗିରିପୋଷି ଥାନା କୁସୁମବନ୍ଧ ପଞ୍ଚାୟତ ଅନ୍ତର୍ଗତ ତୁଳସୀବଣି ଗ୍ରାମର ଏଲିସା ଟୁଡୁ(୧୨)। ଗୁରୁତର ଡେଭିଡ୍ ଟୁଡୁ(୧୦)ଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ସମସ୍ତେ ବିଶୋଇ ଥାନା ଅଧୀନ ବାଙ୍କୀ ଗାଁର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ଫେରୁଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କିଛି ଜାଣେ ନାହିଁ ଥାକୁଲି;
ଦିଅଁଙ୍କୁ ଖାଇଲା, ପୂଜାରୀ ଖାଇଲା,
ଆହୁରି ଖାଇବ ଖଟୁଲି।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସ୍ଥ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କଂସା ଧନ, ଅଧା ଧନ,
ଗୋରୁ ଧନ ନିଧନ।**

ସାଧାରଣତଃ କଂସା ଭାଙ୍ଗିଗଲେ ତା'ର ଦାମ୍ ଅଧା ହୋଇଥାଏ। ସେହିପରି ଗୋରୁ ମରିଗଲେ ତାହା ଆଉ କେଉଁ କାମରେ ଆସି ନଥାଏ, କେବଳ ଫୋପଡା ହେବା ହିଁ ସାର ହୋଇଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୪ ଲକ୍ଷରୁ ଊର୍ଦ୍ଧ୍ୱ ନକଲି ନୋଟ ଜବତ

**ବରପାଲି, (ଡି.ଏନ.ଏ)/ ଭୁବନେଶ୍ୱର,୭।୭(ବ୍ୟୁରୋ)**


ଜବତ ଜାଲନୋଟ୍, ବ୍ୟବହୃତ ସାମଗ୍ରୀ

## ବରଗଡ଼ରେ ଚଢ଼ାଉ: ୨ ଗିରଫ


ଗିରଫ ୨ ଅଭିଯୁକ୍ତ

- ମୋବାଇଲ, କଲର ପ୍ରିଣ୍ଟର ମେଶିନ ଓ ବିଭିନ୍ନ ସାମଗ୍ରୀ ଜବତ
- ୧ ଲକ୍ଷ ନକଲି ନୋଟକୁ ୩୦ ହଜାର ଟଙ୍କାରେ ଡିଲ୍ କରୁଥିଲେ
- ଏନ୍ଆଇଏ, ସିଆଇବିକୁ ଜଣାଇଲା ଏସ୍‌ଟିଏଫ୍

ରାଜ୍ୟରେ ଗୁରୁବାର ବଡ଼ ଧରଣର ଆନ୍ତଃରାଜ୍ୟ ନକଲି ନୋଟ ର‌୍ୟାକେଟର ପର୍ଦ୍ଦାଫାଶ ହୋଇଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବରଗଡ଼ ଜିଲାର ପୃଥକ ସ୍ଥାନରେ ଚଢ଼ାଉ କରି ୧୪ଲକ୍ଷ ୨୯ ହଜାର ୫୦୦ ଟଙ୍କାର ନକଲି ନୋଟ ଜବତ କରିଛି। ଏହି ମାମଲାରେ ଜଣେ ଆନ୍ତଃରାଜ୍ୟ ବେପାରୀଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ କଟାପାଲି ନିକଟ ସିର୍କିଡ଼ି ଗ୍ରାମରେ ରହୁଥିବା ଉତ୍ତରପ୍ରଦେଶ ଗୋରଖପୁର ଜିଲା କେଶରାହ ଥାନା ଅଞ୍ଚଳର ପଙ୍କୁ ଯାଦବ(୫୩) ଏବଂ ବରଗଡ଼ ଜିଲା ବରପାଲି ମହତ୍ତମପଡ଼ାର ବଳରାମ ମେହେର(୪୫)। ସେମାନଙ୍କଠାରୁ ନକଲି ନୋଟ ବ୍ୟତୀତ ୨ଟି ମୋବାଇଲ ଫୋନ୍, ନୋଟ୍ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଗୋଟିଏ କଲର ପ୍ରିଣ୍ଟର ମେଶିନ୍ ଜବତ ହୋଇଛି। ଏନେଇ ବରପାଲି ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (୨୧୧/୨୦୨୨) ରୁଜୁ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏସ୍‌ଟିଏଫ୍ ପକ୍ଷରୁ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ୍ ଏଜେନ୍ସି (ଏନ୍ଆଇଏ) ଓ କ୍ରାଇମ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ସିଆଇବି)କୁ ମଧ୍ୟ ଅବଗତ କରାଯାଇଛି। ଯଦି ଏନ୍ଆଇଏ ଏବଂ ସିଆଇବି ପକ୍ଷରୁ ଏହି ମାମଲାକୁ ତଦନ୍ତ କରାଯାଏ, ତେବେ ର‌୍ୟାକେଟ ପଛରେ ଥିବା ବିଭିନ୍ନ ଦିଗ ପଦାକୁ ଆସିବ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ବଳରାମ ନକଲି ନୋଟ କାରବାର କରୁଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ଗୁରୁବାର ଭୋରରୁ ଏସ୍‌ଟିଏଫ୍ ବରଗଡ଼ ଜିଲା ପୋଲିସ ସହାୟତାରେ ଅଭିଯୁକ୍ତ ବଳରାମଙ୍କୁ ବରଗଡ଼-ବରପାଲି ଜାତୀୟ ରାଜପଥ ବହିଆପଦର ନିକଟ ଫଲସା ତଳିୟାନ ମନ୍ଦିର ପାଖରୁ କାବୁ କରିଥିଲା। ତାଙ୍କଠାରୁ ଏକ ବ୍ୟାଗରେ ଥିବା ୧୨ଲକ୍ଷ ୯୭ହଜାର ଟଙ୍କା ଜବତ ହୋଇଥିଲା। ଏଥିସହ ତାଙ୍କ ନିକଟରୁ ଜାଲନୋଟ୍ ପ୍ରସ୍ତୁତିରେ ବ୍ୟବହୃତ ଏକ କଲର ପ୍ରିଣ୍ଟର ଜବତ କରାଯାଇଥିଲା। ପଚରାଉଚରା ପରେ ସେ ପଙ୍କୁଙ୍କ ବିଷୟରେ ସୂଚନା ଦେଇଥିଲେ। ତେଣୁ ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସର ଏକ ମିଳିତ ଟିମ୍ ସିର୍କିଡି ଗ୍ରାମସ୍ଥିତ ଘରୁ ପଙ୍କୁଙ୍କୁ ଗିରଫ କରିଥିଲା। ପଙ୍କୁଙ୍କ ପାଖରୁ ୧ଲକ୍ଷ ୩୨ହଜାର ୫୦୦ଟଙ୍କା ନକଲି ନୋଟ୍ ଜବତ ହୋଇଥିଲା। ଜବତ ହୋଇଥିବା ସମସ୍ତ ନୋଟ ୫୦୦ ଟଙ୍କିଆ। ବଳରାମ ଦୀର୍ଘଦିନରୁ ଜାଲନୋଟ୍ କାରବାର ଚଳାଇ ଆସୁଥିଲେ। ପଙ୍କୁଙ୍କ ଦ୍ୱାରା ବଳରାମ ଏହି କାରବାର କରିବା ଆରମ୍ଭ କରିଥିଲେ। ଲକ୍ଷେ ଟଙ୍କା ନକଲି ନୋଟ ପାଇଁ ଅଭିଯୁକ୍ତଦ୍ୱୟ ୩୦ ହଜାର ଟଙ୍କା ନେଉଥିଲେ। ବିଭିନ୍ନ ଏଜେଣ୍ଟଙ୍କ ସହ ଏଥିଲାଗି ଡିଲ୍ କରୁଥିଲେ। ଗହଳି ସ୍ଥାନରେ ଅସଲି ନୋଟରେ ମିଶାଇ ନକଲି ନୋଟକୁ ବ୍ୟବହାର କରୁଥିଲେ। ତେବେ ଏମାନଙ୍କ ସହ ଆଉ କେତେଜଣ ଏଜେଣ୍ଟ ଥିବା ଜଣାପଡ଼ିଛି। ପଙ୍କୁ ଉତ୍ତରପ୍ରଦେଶର ବାସିନ୍ଦା ହୋଇଥିବାରୁ ଏହି ନକଲି ନୋଟ କାରବାରର ଲିଙ୍କ୍ ବିହାର, ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ମଧ୍ୟ ଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ତେଣୁ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣି ଏହି କାରବାର ପଛରେ ଥିବା ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଯୋଜନା କରୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମାଧିପତିଙ୍କ ବଳବାନତ୍ୱ ପ୍ରଭାବରୁ ଆଜି ହଠାତ୍ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହୋଇଯିବ। ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ଅଭିଳଷିତ ଫଳ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କିନ୍ତୁ ଭୁଲ୍ ବୁଝାମଣା କାରଣରୁ କୌଣସି ଅପରିଚିତ ବ୍ୟକ୍ତିଙ୍କ ସହ କଳହ ଲାଗିପାରେ।

**ବୃଷ** – ବୁଧାଦିତ୍ୟ ଯୋଗ ପ୍ରଭାବରୁ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ବନ୍ଧୁଙ୍କ ସାହାଯ୍ୟ ସହାନୁଭୂତି ଫଳରେ ବିବାଦୀୟ ଘଟଣାର ଅବସାନ ଘଟିବ। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଆକସ୍ମିକ ଭାବେ ପରିଜନଙ୍କ ସହିତ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** – ଆଜିର ଚନ୍ଦ୍ର ମନ୍ତ୍ରଣା ସ୍ଥାନରେ ପାପଯୁକ୍ତ ହୋଇ ଅବସ୍ଥାନ କରିଥିବା କାରଣରୁ ନୈରାଶ୍ୟତା ଅନୁଭବ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହୋଇପାରେ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ।

**କର୍କଟ** – ଆଜିର ଗ୍ରହସ୍ଥିତି ଆପଣଙ୍କୁ ନୂତନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ଦୀର୍ଘଦିନର ସ୍ଥଗିତ କାମକୁ ଆରମ୍ଭ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ।

**ସିଂହ** – ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଚେଷ୍ଟା କରୁଥିବା କାମ, ଅର୍ଥ ସମ୍ପର୍କ ପ୍ରଭୃତି ଦିଗରୁ ଶୁଭଫଳ ପାଇବେ। ଗୁରୁଙ୍କ ପ୍ରଭାବରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ବନ୍ଧୁଙ୍କ ସହ ଆଲୋଚନାର ଅବସର ପାଇବେ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କନ୍ୟା** – ଧନସ୍ଥାନ ପାପଯୁକ୍ତ ହେତୁ ଧନହାନିର ସମ୍ଭାବନା ରହିଛି। କାମଗୁଡ଼ିକ ଆଜି ପରିସ୍ଥିତିବଶତଃ ବାସ୍ତବରେ ଓଲଟା ହେବାରୁ ଚିନ୍ତା ପ୍ରକଟ କରିବେ। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାଜନିତ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** – କେତୁଯୁକ୍ତ ଚନ୍ଦ୍ର ପ୍ରଭାବରେ ଆଜି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** – ଅନୁକୂଳ ଗ୍ରହସ୍ଥିତି କାରଣରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହାକି କାମକୁ ଆସିବ। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ। ବହୁତ ବିଳମ୍ବ ହେଲେ ମଧ୍ୟ ପ୍ରାପ୍ୟ ହାସଲ କରିବା ହେତୁ ଖୁସି ରହିବେ।

**ଧନୁ** – ଶନି ତୃତୀୟସ୍ଥ ହେତୁ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** – ଆଜି ବୁଧାଦିତ୍ୟ ଯୋଗଜନିତ ଯେଉଁ କାମରେ ହାତ ଦେବେ ନିଶ୍ଚିତ ସଫଳତା ପାଇବେ। ଘରେ ବନ୍ଧୁ ମିଳନଜନିତ ଆମୋଦ ପ୍ରମୋଦର ସୁଅ ଛୁଟିବ। ମନ ବୁଝିଲାଭଳି କଥା କହି ପଡ଼ୋଶୀମାନେ କାର୍ଯ୍ୟ ହାସଲ କରିନେଇପାରନ୍ତି। ଧନିଷ୍ଠାର ସମସ୍ୟା ସୃଷ୍ଟି ହେବା କାରଣରୁ ପୂର୍ଣ୍ଣାଙ୍ଗ ହେବାକୁ ଥିବା କାମଟି ଅସମ୍ପୂର୍ଣ୍ଣ ରହଯିବ।

**କୁମ୍ଭ** – ରାହୁମଙ୍ଗଳଜନିତ କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପୂର୍ବଭାଦ୍ରପଦ ନକ୍ଷତ୍ରର ସାମାନ୍ୟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତ ହେବ। ଆଜି ସଭାସମିତି, ସତ୍‌ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି ଓ ପ୍ରଶାସନ ପାଇଁ ଭଲ।

**ମୀନ** – ଶନିଦୃଷ୍ଟ ମଙ୍ଗଳ ହେତୁ ଦୀର୍ଘ ପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି କର୍ମମୁଖର ରହିବେ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

## ଓଡ଼ିଶା ବିମୁଖ...

ପ୍ରଥମ ପୃଷ୍ଠାରୁ...

ପର୍ଯ୍ୟଟନ ଉତ୍ସବ, ରୋଡ୍ ଶୋ ଆୟୋଜନ କରି ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ହେଲେ ପର୍ଯ୍ୟଟନ କ୍ଷେତ୍ରରେ ସେପରି ଆଖିଦୃଶିଆ ଉନ୍ନତି ହେଉନାହିଁ। ପର୍ଯ୍ୟଟକଙ୍କ ପାଇଁ ରହଣି ସ୍ଥଳ, ସୁରକ୍ଷା ଏବଂ ନୂଆ ପର୍ଯ୍ୟଟନ ସ୍ଥଳର ବିକାଶ ହେଉ ନ ଥିବାରୁ ରାଜ୍ୟକୁ ପର୍ଯ୍ୟଟକଙ୍କ ଆଗମନ ହ୍ରାସପାଉଛି। ରାଜ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଛି। ଏହାର ଉପଯୋଗ ହେଉ ନ ଥିବାରୁ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରୁ ନାହିଁ। ପର୍ଯ୍ୟଟନକୁ ନିର୍ଭର କରି ସୃଷ୍ଟି ହେବାକୁ ଥିବା ନିଯୁକ୍ତି ମଧ୍ୟ ବୃଦ୍ଧିପାଉନି। ଏପରି କି ବିଧାନସଭାରେ ବିରୋଧୀ ସଦସ୍ୟମାନେ ପର୍ଯ୍ୟଟନର ବିକାଶକୁ ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି ଯେ କୋଭିଡ୍ ମହାମାରୀ ପର୍ଯ୍ୟଟନ ଶିଳ୍ପ ଉପରେ ଗଭୀର ପ୍ରଭାବ ପକାଇଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଇଡ୍‌କୋ ଜରିଆରେ ହୋଟେଲ ନିର୍ମାଣ ଲାଗି ଘରୋଇ ସଂସ୍ଥାକୁ ଜମି ଯୋଗାଇ ଦେଉଛନ୍ତି।

## ଯୁକ୍ତ ୨ରେ ସିଟ୍...

ପ୍ରଥମ ପୃଷ୍ଠାରୁ...

ବୋର୍ଡ କର୍ତ୍ତୃପକ୍ଷ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ଦାୟୀ। ଅପରପକ୍ଷେ ଯୁକ୍ତ୨ ନାମଲେଖାରେ ମଧ ବହୁ ଅସୁବିଧା ହେବ। ଗତଥର ମନଇଚ୍ଛା ସିଟ୍ ସଂଖ୍ୟା ବଢାଇ ଦିଆଯାଇଥିଲା। ସିଟ୍ ନ ମିଳିଲେ ଅଧିକାଂଶ ପିଲା ଆଇଆଇଟି, ଡିପ୍ଲୋମା, ନର୍ସିଂ କରିବାକୁ ବାଧ ହେବେ।

**– କମଳାକାନ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧାପକ**

### ନମ୍ବର ପାଇବାରେ କିଛି ଅସୁବିଧା ନାହିଁ

ଓଏମ୍ଆର୍‌ରେ ଟେଷ୍ଟ ହୋଇଛି, ତେଣୁ ଏତେ ନମ୍ବର ପାଇବାରେ କିଛି ଅସୁବିଧା ନାହିଁ। ନୂଆ ମୂଲ୍ୟାଙ୍କନ ପଦ୍ଧତି ଅନୁଯାୟୀ ୩ ପ୍ରକାର ମୂଲ୍ୟାଙ୍କନ ହୋଇଛି। ସେଥିରୁ ଯେଉଁଟି ପିଲାର ସବୁଠାରୁ ଅଧିକ ମାର୍କ ସେହି ନମ୍ବର ଅନୁଯାୟୀ ରେଜଲ୍ଟ ଆସିଛି। ସଂସ୍କୃତରେ ବହୁ ଆଗରୁ ମଧ ପିଲା ଶହେରୁ ଶହେ ପାଉଛନ୍ତି। ତେଣୁ ଭାଷାଭିତ୍ତିକ ବିଷୟରେ ୧୦୦ରୁ ୧୦୦ ପାଇବା ଅସମ୍ଭବ ନୁହେଁ। ଅବ୍‌ଜେକ୍ଟିଭ୍ ଟାଇପ୍ ପରୀକ୍ଷା ହୋଇଛି। ଏଥିରେ ସୀମିତ ବିଷୟ ପାଠ ପଢ଼ିବା ପାଇଁ ଦିଆଯାଇଛି ଏବଂ ଇଣ୍ଟରନାଲ ଆସେସମେଣ୍ଟ, ସମେଟିଭ୍-୧ ଓ ୨ ପରୀକ୍ଷା କରାଯାଇଥିଲା। ଖୁବ୍ କମ୍ ପାଠ ଦିଆଯାଇ ସେଗୁଡ଼ିକ ବାରମ୍ବାର ଆଲୋଚନା କରାଯାଇଥିବାରୁ ପିଲାମାନେ ଭଲ କରିଛନ୍ତି। ଏ-ୱାନ, ଏ-ଟୁ, ବି-ୱାନ, ବି-ଟୁ ପିଲାମାନେ ସରକାରୀ ଏବଂ ଆବାସିକ ମହାବିଦ୍ୟାଳୟରେ ସହଜରେ ସିଟ୍ ପାଇଯିବେ। ବାକି ପିଲାମାନେ ଡିପ୍ଲୋମା ଏବଂ ଅନ୍ୟାନ୍ୟ ବିଭାଗକୁ ଯିବେ। ତେବେ ଅଧିକାଂଶ ସରକାରୀ କଲେଜରେ ଅଧାପିକା ଅଧାପକ ନାହାନ୍ତି। ମେଧାବୀ ଗରିବ ଛାତ୍ରଛାତ୍ର ଏହି କଲେଜରେ ପଢିଲେ ସେମାନଙ୍କ ଭବିଷ୍ୟତ ନଷ୍ଟ ହେବ। ତେଣୁ ଭଲ ନମ୍ବର ପାଇବା ପାଇଁ ସରକାରୀ ଯେପରି ଦୃଷ୍ଟି ଦେଇଛନ୍ତି ଖାଲିଥିବା ପଦବୀ ପୂରଣ କରିବା ପାଇଁ ମଧ ଧ୍ୟାନ ଦେବା ଦରକାର।

**– ରଘୁନାଥ ପଣ୍ଡା, ପୂର୍ବତନ ଅଧକ୍ଷ, ବିଜେବି ମହାବିଦ୍ୟାଳୟ**

### ପିଲାଙ୍କୁ ମନପସନ୍ଦ କଲେଜରେ ସିଟ୍ ମିଳି ନ ପାରେ

ଚଳିତବର୍ଷର ମାଟ୍ରିକ ପରୀକ୍ଷା ସିବିଏସ୍‌ସି ଢାଞ୍ଚାରେ କରାଯାଇଛି। ପରୀକ୍ଷା ୨ଟି ଟର୍ମରେ କରାଯିବାରୁ ପିଲାମାନେ ଭଲଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ସହଜ ମନେକଲେ। ଅବ୍‌ଜେକ୍ଟିଭ୍ ୫୦ ନମ୍ବର ଓ ସମେଟିଭରେ ୫୦ ନମ୍ବର ପ୍ରଶ୍ନର ଉତ୍ତର ଦେଇ ୧୦୦ ମାର୍କ ପାଇଲେ। ଏଥର ପାସ୍ ହାର ଅଧିକ ଥିବାରୁ ପିଲାମାନେ ସେମାନଙ୍କ ମନପସନ୍ଦର କଲେଜରେ ସିଟ୍ ପାଇ ନ ପାରନ୍ତି। ଅପରପକ୍ଷେ ପ୍ରାୟ ୨୦ ହଜାର ଏ-ୱାନ ନମ୍ବର ରଖିଥିବା ଇଂଲିଶ ମାଧମିକ ପିଲା ଅଛନ୍ତି। ତେଣୁ ସରକାର ପରିସ୍ଥିତିକୁ ଦେଖି କଲେଜରେ ସିଟ୍ ନ ବଢାଇଲେ ବହୁତ ପିଲା ବିଜ୍ଞାନରେ ପଢିବାକୁ ସୁଯୋଗ ପାଇ ନ ପାରନ୍ତି। ସରକାର ଯଦି ପଦକ୍ଷେପ ନ ନେବେ ବହୁତ ପିଲା ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ। ତେଣୁ ପାସ୍ ହାର ଅନୁସାରେ କଲେଜରେ ସିଟ ଯଥେଷ୍ଟ ବଢାଇବା ଆବଶ୍ୟକ।

**-ଜଲିଲ୍ ଖାନ୍, ଶିକ୍ଷାବିତ୍**

## ବୋରିସ୍ ଜନ୍‌ସନ...

ହାସଲ କରିବା ସହ ବୋରିସ୍ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିଥିଲେ। କରୋନା ମୁକାବିଲା ଏବଂ ଶକ୍ତି, ତୈଳ ଓ ଖାଦ୍ୟ ସାମଗ୍ରୀର ଦର ନିୟନ୍ତ୍ରଣରେ ବିଫଳତା ବୋରିସ୍ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ଏହା ସତ୍ତ୍ୱେ ସେ ସବୁକିଛି ସୁରୁଖୁରୁରେ ଚଳାଇନେଉଥିଲେ। ତେବେ କରୋନା ମହାମାରୀ ସମୟରେ ଦେଶରେ ଲକ୍‌ଡାଉନ ଜାରି ହୋଇଥିବାବେଳେ ବୋରିସ୍ ଏକାଧିକ ପାର୍ଟିରେ ସାମିଲ ହୋଇଥିଲେ। ଏହାକୁ 'ପାର୍ଟିଗେଟ୍ ସ୍କାଣ୍ଡାଲ୍' ନାଁ ଦିଆଯାଇଥିଲା। ବୋରିସ୍ ବିବାଦୀୟ ହୋଇ କ୍ଷମା ମାଗିଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମନା କରିଥିଲେ। ପାର୍ଟିଗେଟ୍ ପାଇଁ କଞ୍ଜରଭେଟିଭ୍ ପାର୍ଟି ନିନ୍ଦିତ ହୋଇଥିବା ଦର୍ଶାଇ ନେତୃତ୍ୱ ପରିବର୍ତ୍ତନ ଲାଗି ଶାସକ ଦଳ ଭିତରୁ ସ୍ୱର ଉଠିଥିଲା। ଫଳରେ ଜୁନ୍ ୬ରେ ବୋରିସ୍‌ଙ୍କୁ ପାର୍ଲାମେଣ୍ଟର ନିମ୍ନ ସଦନରେ ଅନାସ୍ଥା ପ୍ରସ୍ତାବର ସାମ୍ନା କରିବାକୁ ପଡ଼ିଥିଲା। ବୋରିସ୍‌ଙ୍କ ସପକ୍ଷରେ ୨୧୧ ଏମ୍‌ପି ଭୋଟ ଦେଇଥିବାବେଳେ ବିରୋଧରେ ୧୪୮ ଖଣ୍ଡ ଭୋଟ ପଡ଼ିଥିଲା। ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ସତ୍ତ୍ୱେ ଭୋଟ ବ୍ୟବଧାନ କମ୍ ଥିବାରୁ ଆଗକୁ ସରକାର ଚଳାଇବା ବୋରିସ୍‌ଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇପାରେ ବୋଲି ସ୍ପଷ୍ଟ ଜଣାପଡ଼ିଥିଲା। ଏଭଳି ସମୟରେ ତାଙ୍କ ଦଳର ଏମ୍‌ପି ତଥା ଉପମୁଖ୍ୟ ସଚେତକ କ୍ରିଶ୍ ପିଞ୍ଚରଙ୍କ ଆଚରଣ ବୋରିସଙ୍କୁ ଅଡୁଆରେ ପକାଇଥିଲା। ସେ ଏକ ପ୍ରାଇଭେଟ କ୍ଲବ୍‌ରେ ୨ ଜଣ ପୁରୁଷଙ୍କୁ ଆପତ୍ତିଜନକ ଭାବେ ସ୍ପର୍ଶ କରିଥିଲେ। ଏହି ଯୌନ କେଳେଙ୍କାରୀ ପ୍ରଘଟ ହେବା ପରେ ପିଞ୍ଚରଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ବୋରିସ୍ ତାଙ୍କୁ ଘଣ୍ଟ ଘୋଡ଼ାଇଥିବା ଅଭିଯୋଗ ଆଣି ମଙ୍ଗଳବାର ଅର୍ଥମନ୍ତ୍ରୀ ଋଷି ସୁନକ ଓ ସ୍ୱାସ୍ଥ୍ୟମନ୍ତ୍ରୀ ସାଜିଦ୍ ଜାଭେଦ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏହି ଦୁଇ ମନ୍ତ୍ରୀ ପଦ ଛାଡ଼ିବା ପରେ ଇସ୍ତଫାର ସୁଅ ଛୁଟିବାରେ ଲାଗିଥିଲା। ଏପରି କି ଅନେକ ମନ୍ତ୍ରୀ ଓ ଏମ୍‌ପି ବୋରିସ୍‌ଙ୍କୁ ଇସ୍ତଫା ଦେବା ପାଇଁ ବ୍ୟକ୍ତିଗତ ଭାବେ ଚାପ ପକାଇଥିଲେ।

## ବିଜେବି କଲେଜରେ...

ବାଇକ୍ ଛଡ଼ାଇ ନେଇଯାଇଥିଲେ। ଏହି ସମୟରେ ସେଠାରେ ଜଣେ ଅଧାପକ ଥିଲେ ମଧ କିଛି ନ କହି ଚୁପ୍‌ଚାପ୍ ଦେଖୁଥିଲେ। ଯେତେବେଳେ ସେ ଏହି ବିଷୟରେ ତାଙ୍କୁ ଜଣାଇବାକୁ ଗଲେ ସମ୍ପୃକ୍ତ ଅଧାପକ ଚାଲିଯାଇଥିଲେ ବୋଲି ରୁଦ୍ର ଗଣମାଧମ ଆଗରେ କହିଛନ୍ତି। ଅନ୍ୟପକ୍ଷରେ ବିଜେବି ଜୁନିୟର କଲେଜର ଅଧକ୍ଷ ରଞ୍ଜନ କୁମାର ବଳ ଏହାକୁ ଖଣ୍ଡନ କରି କହିଛନ୍ତି, ରାଗିଂର କୌଣସି ଅଭିଯୋଗ ଆସିନାହିଁ। ଏପରିକି ଆଣ୍ଟି ରାଗିଂ ସେଲ୍‌ରେ ମଧ ଅଭିଯୋଗ ହୋଇନାହିଁ। ଘଟଣାର ସତ୍ୟାସତ୍ୟ ଜଣାପଡ଼ି ନାହିଁ। ତାଙ୍କୁ ମାଡ଼ ମରାଯାଇଥିବା ଛାତ୍ର ଜଣଙ୍କ ଅଭିଯୋଗ ଆଣିଛନ୍ତି। ସେ ଏଯାବତ୍ କୌଣସି ରିପୋର୍ଟ ଦେଇନାହାନ୍ତି। ତାଙ୍କୁ ଘଟଣା ସମ୍ପର୍କରେ ଏକ ରିପୋର୍ଟ ଦେବାକୁ କହିଛୁ। ରିପୋର୍ଟ ପାଇବା ପରେ ତଦନ୍ତ କରାଯାଇ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି। ଏ ନେଇ ବଡ଼ଗଡ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, କେତେଜଣ ସହପାଠୀ ତାଙ୍କୁ କଲେଜରେ ମାଡ଼ ମାରିଥିବା ଛାତ୍ର ଜଣଙ୍କ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ତଦନ୍ତ ଚଳାଇଛୁ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅଭିଯୁକ୍ତଙ୍କ ଉପରୁ...

ଦଫା ୧୨୦(ବି), ୧୨୧(ଏ), ୩୪ ଏବଂ ଅଫିସିଆଲ ସିକ୍ରେଟ ଆକ୍ଟର ଦଫା ୩, ୪ ଓ ୫ରେ ଏକ ମାମଲା (ନଂ.୭୬/୨୧) ରୁଜୁ କରାଯାଇଥିଲା। ପରେ ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ଅଭିଯୁକ୍ତମାନେ ହେଲେ ଚାନ୍ଦିପୁର ଥାନା ଝାଞ୍ଜୁରା ଗ୍ରାମର ବସନ୍ତ ବେହେରା, ଆଇଟିଆର୍‌ରେ ଡିଜି ଅପରେଟର ଭାବେ କାର୍ଯ୍ୟ କରୁଥିବା ସଦର ଥାନା ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରି, ଆଇଟିଆର୍‌ରେ ମେନ ଗେଟ୍‌ରେ କାର୍ଯ୍ୟ କରୁଥିବା ସଦର ଥାନା ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ, ଆଇଟିଆର୍‌ରେ ଏସି ଅପରେଟର ଭାବେ କାର୍ଯ୍ୟ କରୁଥିବା ଚାନ୍ଦିପୁର ଥାନା ଶ୍ରୀକୋଣା ଗ୍ରାମର ଏସ୍‌କେ ମୁସାଫିର। ପରେ ୧୬ ତାରିଖରେ ଡିଆର୍‌ଡିଓର ସ୍ଥାୟୀ ଡ୍ରାଇଭର ଉତ୍ତରପ୍ରଦେଶ ଅଞ୍ଚଳର ସଚିନ ଛଥାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଦେଶର ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଚୋରି ଏବଂ ଏହାର ବିଦେଶୀ ଲିଙ୍କ୍ ଥିବା ସମ୍ପର୍କରେ ଆଇବି ଜାଣିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ହେଲେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରେ ଚାର୍ଜଶିଟ୍‌ରେ ଏସମ୍ପର୍କିତ ଆବଶ୍ୟକ କାଗଜାଦି ଦାଖଲ କରି ନ ପାରିବା ଘଟଣା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


# classifieds

Everyday 0674-2580101, 2549302

real estate

SALE

**Duplex sale at Bhubaneswar @ 45 lakhs and apartment @ 42lakhs. 9439206202.** D-73275

ପୁରୀ ମାଳତିପାଟପୁର Defence Road ପାଖ Medical College oppositeରେ Simplex Plot ମିଳୁଛି- 9692213354. D-73932

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School**କୁ ଲାଗି **30' road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

ଭୁବନେଶ୍ୱର **Sum Hospital** ଠାରୁ **6k.m.** ଦୂରତାରେ କଣ୍ଟାବାଡ଼ **NH 16** ରୁ **50mtr** ଦୂରରେ **boundary, electricity 30ft.** ରୋଡ୍ ଥାଇ ଘରବାରି **plot** ମିଳୁଛି। **9348444368.** D-73261

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost , balance 5years installment, no interest. 7809525452.** D-73928

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଲକାଟିରେ **sqft.1000/-.8114929186.** D-73929

**Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854.** D-73274

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ **700mtr** ଦୂରତାରେ **Adyanta** କଲେଜ **backside**ରେ **yellowzone** ପ୍ଲଟ୍ ମିଳୁଛି। **9556368377.** D-73270

to-let

Rent new 1BHK, Dadabari for Salaried people, Siddhamahavir, Puri-2. 9902406161. D-907

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Refreshing your mind and body with the best therapy, 7873794731. D-872

Trupti Spa, 9861550765. Our genuinety is our strength. Stay safe. D-925

Newly open Spa @899/- full body massage expert Therapist - 8093577103. D-73838

Ayurvedic full body massage ladies, gents with best therapy. 9040900385. D-73933

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836

AFFIDAVIT

By virtue of an affidavit before Executive Magistrate, Bhubaneswar, I Snigdha Sravani Rout, W/o Subhransu Ranjan Nayak of Anantapur, Kamakshyanagar has changed my Son's name from Priyesh Nayak to Priyesh Ranjan Nayak. Henceforth, he shall be known, called and identified as Priyesh Ranjan Nayak instead of Priyesh Nayak for all purposes and he is one and same person. D-926

Your classified advertisement published in Dharitri will be listed free in Dharitri online edition : dharitriepaper.in

କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ– ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁ ହିଁ ଅତିମାନବର ଉଦ୍‌ଭବ ହେବ। **–ଶ୍ରୀଅରବିନ୍ଦ**



# ବନାଞ୍ଚଳରେ ଆଶାର ଆଲୋକ



କୌଶିକ ବସୁ

ଘାତକ କରୋନା ଭୂତାଣୁ ବିରୋଧରେ ବିଶ୍ୱ ଲଢ଼େଇ କରୁଛି। ଏହି ସମୟରେ ୟୁରୋପକୁ ଯୁଦ୍ଧ ଏବଂ କ୍ରୂରତା ଫେରିଛି। ଏହା ବାଦ୍ ବିକଶିତ ଓ ବିକାଶଶୀଳ ଦେଶମାନଙ୍କରେ ସମାନ ଭାବେ ବନ୍ୟା, ବନାଗ୍ନି ଏବଂ ଭୟଙ୍କର ବାତ୍ୟା ଏବଂ ମରୁଡ଼ି ଭଳି ଜଳବାୟୁଜନିତ ବିପର୍ଯ୍ୟୟଗୁଡ଼ିକ ବାରମ୍ବାର ଘଟୁଛି ଓ ଅଧିକ ତୀବ୍ର ହେଉଥିବାବେଳେ କିନ୍ତୁ ବିଶ୍ୱରୁ ପ୍ରେରଣା ଓ ଆଶାବାଦ ସମ୍ପୂର୍ଣ୍ଣ ଲୋପ ହୋଇନାହିଁ। ପଶ୍ଚିମବଙ୍ଗ ପୁରୁଲିଆ ଜିଲାର ଛୋଟ ସହର ପରା ନିକଟସ୍ଥ ବାରାଁଡଙ୍ଗା ଗାଁକୁ ଯାଇଥିବା ଅବସରରେ ସେଠାରେ ମୁଁ ପ୍ରେରଣା ଓ ଆଶାର ଆଲୋକ ଦେଖିବାକୁ ପାଇଛି, ଯାହା ଅତ୍ୟନ୍ତ ପ୍ରଶଂସନୀୟ। ଶିକ୍ଷା ଯୋଗାଇଦେବାର ନୂଆ ପଦକ୍ଷେପଗୁଡ଼ିକ ବିଶେଷକରି ଗ୍ରାମୀଣ ଗରିବ ପିଲାଙ୍କ ପାଇଁ ସୃଜନାତ୍ମକ ଶିକ୍ଷା ଉପରେ ଅନୁଧ୍ୟାନ କରିବା ଲକ୍ଷ୍ୟରେ ଏହି ବନାଞ୍ଚଳକୁ ଏକ ୪ ଦିନିଆ ଗସ୍ତରେ ଯାଇଥିଲି। କିନ୍ତୁ ସେଠାରେ ମୁଁ ଏହାଠାରୁ ଆହୁରି ଅଧିକ ପାଇଲି। ବାହାର ଜଗତରୁ ବିଚ୍ଛିନ୍ନ ଏହି ଅଞ୍ଚଳରେ ଖବରକାଗଜ ପହଞ୍ଚୁନାହିଁ କି ଟେଲିଭିଜନ ନାହିଁ। କିନ୍ତୁ ଗୋଟିଏ ପରେ ଗୋଟିଏ ଗାଁର ସ୍କୁଲ ପରିଦର୍ଶନ କଲା ପରେ ସେଠାରେ ଆଶାର ଅପୂର୍ବ ଭାବନା ଥିବା ଅନୁଭବ କଲି। ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମା ନିକଟରେ ଜନବସତିଠାରୁ ବହୁଦୂରରେ ଥିବା ବନାଞ୍ଚଳର ଏହି ଦୁର୍ଗମ ଗାଁରେ ସାନ୍ତାଳ, ଶବର ଆଦିବାସୀମାନେ ରହୁଛନ୍ତି। ତଥାକଥିତ ଆର୍ଯ୍ୟଙ୍କ ଆକ୍ରମଣର ହଜାର ହଜାର ବର୍ଷ ପୂର୍ବରୁ ମୁର୍ମୁ ଜାତିର ଲୋକେ ଆଫ୍ରିକାରୁ ଏଠାକୁ ଆସିଥିଲେ। ଏହି ସବୁ ଆଦିବାସୀ ପ୍ରାୟତଃ ନିରକ୍ଷର ଏବଂ ଅତି ଗରିବ।

ମୁଁ ସମାଜର କଲ୍ୟାଣକର କାର୍ଯ୍ୟରେ ବର୍ତ୍ତୀ 'ନାନ୍ଦୃତମ' ସ୍ୱେଚ୍ଛାସେବୀ ସଂଗଠନକୁ ବୁଲି ଆସିଥିଲି, ଯାହା ପ୍ରାରମ୍ଭରେ ଶିକ୍ଷା କ୍ଷେତ୍ରରେ କିଛି କାର୍ଯ୍ୟ କରିଥିଲା। ୨୦୦୨ରେ ଆଇଟି ପ୍ରଫେଶନାଲ ରଞ୍ଜନା ସେନଗୁପ୍ତ ଓ ଡାକ୍ତର ଭାରତୀ ବକ୍ସି ଏହାକୁ ପ୍ରତିଷ୍ଠା କରିଥିଲେ। ସେ ଅଞ୍ଚଳରେ ଆଖିରୋଗ ଓ ଦୃଷ୍ଟିହୀନତାର ବ୍ୟାପକତାକୁ ନେଇ ସେମାନେ ସମସ୍ୟାରେ ପଡ଼ିଥିଲେ। ଏଣୁ ସେମାନେ ଏହି ଦାରିଦ୍ର୍ୟ ପ୍ରପୀଡ଼ିତ ଅଞ୍ଚଳର ମଧ୍ୟ ଭାଗରେ ଏକ ହସ୍ପିଟାଲ ପ୍ରତିଷ୍ଠା କରି ପରେ ତାହାକୁ ଏକ ଆଧୁନିକ ହସ୍ପିଟାଲରେ ପରିଣତ କରିଥିଲେ। ଭଲ ଡାକ୍ତର ଓ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରୁ ଅନେକ କମ୍ ସମୟ ପାଇଁ ଆସି କାଟାରାକ୍ଟ ଓ ରେଟିନା ଅପରେଶନ କରୁଥିଲେ ଏବଂ ଗ୍ଲାକ୍ୟୁମାର ଚିକିତ୍ସା କରୁଥିଲେ। ସେମାନେ ଦୂରଦୂରାନ୍ତ ଗାଁରୁ ଅଧିକାଂଶ ରୋଗୀଙ୍କୁ, ଯେଉଁମାନେ କେବେ ହସ୍ପିଟାଲ ଦେଖି ନ ଥିଲେ ସେମାନଙ୍କୁ ଭ୍ୟାନ୍‌ରେ ହସ୍ପିଟାଲକୁ ଆଣୁଥିଲେ।

ଗୋଟିଏ ସମୟରେ ଏହି ଅଞ୍ଚଳ ମାଓବାଦୀଙ୍କ ଆଡ୍ଡା ଥିଲା। କିନ୍ତୁ ଯେତେବେଳେ ଲୋକେ ଦୃଷ୍ଟିଶକ୍ତି ଫେରି ପାଇଲେ ଏବଂ 'ନାନ୍ଦୃତମ' ଖ୍ୟାତି ବ୍ୟାପିଲା, ସେତେବେଳେ ମାଓବାଦୀମାନେ ସଂଗଠନ ଛାଡ଼ିବାକୁ ଲାଗିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଗୁପ୍ତରେ ହସ୍ପିଟାଲକୁ ଆସି ସେମାନଙ୍କ ଆଖି ପରୀକ୍ଷା କଲେ। ଏହାବାଦ୍ 'ନାନ୍ଦୃତମ'ସେହି ଅଞ୍ଚଳର ପିଲାମାନଙ୍କୁ ଆଧୁନିକ ଶିକ୍ଷା ଦେବା ଲାଗି ଚାହିଁଥିଲା ଓ ଏହି ଲକ୍ଷ୍ୟରେ ବାରାଁଡଙ୍ଗା ଗ୍ରାମରେ ଏକ ସ୍କୁଲ ପ୍ରତିଷ୍ଠା କରିଥିଲା, ଯେଉଁଠିକୁ ମୁଁ ନିକଟରେ ଯାଇଥିଲି। ସେଠାରେ ଛାତ୍ରୀଛାତ୍ର ମାତୃଭାଷା, ବିଶେଷକରି ସାନ୍ତାଳ କିମ୍ବା ବେଙ୍ଗଲି ଶିକ୍ଷା କରୁଛନ୍ତି। କିନ୍ତୁ ସେଠାରେ ଶିକ୍ଷାର ମାଧ୍ୟମ ହେଉଛି ଇଂଲିଶ। ସେମାନେ ଗଣିତ, ସାହିତ୍ୟ, ପଦାର୍ଥବିଜ୍ଞାନ ଓ କମ୍ପ୍ୟୁଟିଂ ପଢୁଛନ୍ତି। ଭବିଷ୍ୟତରେ ସୃଜନ କୌଶଳ ଆବଶ୍ୟକତାକୁ ଲକ୍ଷ୍ୟକରି ସେମାନଙ୍କୁ ଏଭଳି ଶୈଳୀରେ ଶିକ୍ଷା ଦିଆଯିବା ଦରକାର ବୋଲି ସ୍କୁଲର ବିଶ୍ୱାସ ରହିଛି। ପିଲାମାନଙ୍କ ସହ କଥା ହେବା ସମୟରେ ସେମାନଙ୍କ ବାକ୍‌ପଟୁତା ଓ ମଜ୍ଜାଳିଆ ସ୍ୱଭାବ ମୋ ଦୃଷ୍ଟି ଆକର୍ଷଣ କରିଥିଲା। ଗଣିତ ଓ ଜ୍ୟାମିତିରେ ସେମାନଙ୍କ ସୃଜନ ଶକ୍ତି ବିକଶିତ ଦେଶର ପିଲାମାନଙ୍କ ସହ ତୁଳନୀୟ ବୋଲି ଜାଣିବାକୁ ପାଇଲି।



କୋଭିଡ୍-୧୯ ମହାମାରୀ ଦେଖାଦେବା ପରେ ନୂଆ ଡିଜିଟାଲ ଟେକ୍‌ନୋଲୋଜିକୁ ଯଥାଶୀଘ୍ର ଆପଣାଯାଇଥିଲା। ଏହି ସମୟରେ 'ନାନ୍ଦୃତମ'ର ପରିଚାଳକମାନେ ପୁରୁଣାଶୈଳୀ ପଢା ବଦଳରେ ଏକ ସୃଜନାତ୍ମକ ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରିଥିଲେ। ଏଣୁ ୨୦୨୧ରେ, ମହାମାରୀର ମଧ୍ୟ ଭାଗରେ 'ନାନ୍ଦୃତମ' ଆଖପାଖ ଗାଁ ଓ ଜିଲାଗୁଡ଼ିକରେ ସୃଜନ ଶିକ୍ଷାର ପ୍ରସାର ପାଇଁ 'ଏଡୁକେଶନ ଫର୍ ଅଲ୍ ପ୍ରୋଗ୍ରାମ' ଆରମ୍ଭ କରିଥିଲା। ବ୍ୟକ୍ତିଗତ କିମ୍ବା ଭର୍ଚୁଆଲ ପ୍ରଶିକ୍ଷଣ ଲାଗି ଉକ୍ତ ସଂଗଠନ ଅନ୍ୟ ସ୍କୁଲରୁ ନିୟମିତ ଭାବେ ଶିକ୍ଷକମାନଙ୍କୁ ଆଣିଥିଲା। ସେହି ଅଞ୍ଚଳରେ ୧୫୦ ସ୍କୁଲର ପିଲାମାନଙ୍କୁ ମଧ୍ୟ ବହି ଯୋଗାଇଥିଲା। ଏହା ଏବେ ଗରିବ ତଥା ଅସହାୟ ପିଲାଙ୍କ ସହ ୪୦,୦୦୦ ପିଲାଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଛି। ଦେଖିବାକୁ ଗଲେ ଏହି ସଂଖ୍ୟା ବହୁତ, କିନ୍ତୁ ଭାରତର ଜନସଂଖ୍ୟା ତୁଳନାରେ ଏହା କମ୍ ବୋଲି ବୁଝିବାକୁ ହେବ।

୨୦୦୫ରେ ଅର୍ଥନୀତିଜ୍ଞ ମାଇକେଲ୍ କ୍ରିମର ଏବଂ ତାଙ୍କ ସହଯୋଗୀମାନେ ଏକ ଦୃଷ୍ଟିଆକର୍ଷଣକାରୀ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଶିକ୍ଷକଙ୍କ ଉଦାସୀନତା ଏବଂ ଅନୁପସ୍ଥିତି ଭାରତରେ ଶିକ୍ଷା ଲାଗି ଏକ ବଡ଼ ସମସ୍ୟା ବୋଲି ଏହା ପ୍ରକାଶ କରିଥିଲା। ଏଦୃଷ୍ଟିରୁ ଦେଖିଲେ ମୁଁ ଯେଉଁ ସବୁ ସ୍କୁଲ ପରିଦର୍ଶନ କରିଥିଲି ସେଠାକାର ସ୍ଥିତି ସମ୍ପୂର୍ଣ୍ଣ ସୁଖଦ ଓ ଆଶ୍ଚର୍ଯ୍ୟ ଜନକ ଥିଲା। ସବୁଠୁ ପ୍ରଭାବୀ ଓ ଦୃଷ୍ଟିଆକର୍ଷଣକାରୀ ସ୍କୁଲ ଥିଲା 'ମାରଙ୍ଗ ବୁରୁ ଚାଙ୍କୋ ମାର୍ଶାଲ ସ୍କୁଲ'। ସୁସୁନିଆ ପାହାଡ଼ି ଅଞ୍ଚଳରେ ଝୋପଡି ଘରଗୁଡ଼ିକରେ ଚାଲୁଛି ଏହି ସ୍କୁଲ। ଏଠାରେ ସାନ୍ତାଳୀ ପିଲାମାନେ ରହୁଛନ୍ତି ଓ ପ୍ରାଥମିକ ଶିକ୍ଷା ଲାଭ କରୁଛନ୍ତି। ଏହି ସ୍କୁଲକୁ ସାନ୍ତାଳୀ ଦମ୍ପତି ଲକ୍ଷ୍ମୀ ଓ ବାବୁନାଥ ଟୁଡୁ ଚଲାଉଛନ୍ତି। ବାବୁନାଥ ଅତି ଦାରିଦ୍ର୍ୟ ମଧ୍ୟରେ ବଢ଼ିଥିଲେ ଓ ଦିନେ ଖାଇଲେ ଆଉ ଦିନେ ଉପାସ ରହୁଥିଲେ। ପଢିବାକୁ କେଉଁ ପିଲା ଯିବ ତାହା ତାଙ୍କ ବାପା ସ୍ଥିର କରୁଥିଲେ ଓ ଅନ୍ୟମାନେ ପରିବାର ପ୍ରତିପୋଷଣ ନିଶ୍ଚିତ କରିବା ସକାଶେ କାମ କରୁଥିଲେ। ପ୍ରେରଣା, ସହାନୁଭୂତି ଓ ପ୍ରତିବଦ୍ଧତା କିପରି ହାସଲ କରାଯାଇପାରେ ତାହା ଦେଖି ମୁଁ ସ୍ତମ୍ଭୀଭୂତ ହୋଇଯାଇଥିଲି। ଅର୍ଥନୀତିଜ୍ଞମାନେ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ଶିକ୍ଷକ ଅନୁପସ୍ଥିତି ହ୍ରାସ କରାଯାଇପାରିବ ବୋଲି ଦାବି କରନ୍ତି। ଶିକ୍ଷକମାନେ ଶ୍ରେଣୀରେ ଉପସ୍ଥିତ ରହିବା ଲାଗି ଅଧିକ ଅର୍ଥ ଦେବା କିମ୍ବା ଅନୁପସ୍ଥିତ ରହିଲେ ଦରମା କାଟିଦେବା ଉଚିତ ବୋଲି ସେମାନେ ମତ ଦିଅନ୍ତି। କିନ୍ତୁ ଟଙ୍କା ଦ୍ୱାରା ଆମ ଜୀବନର ସବୁ ଲକ୍ଷ୍ୟ ନିଶ୍ଚିତ କରିହେବ ନାହିଁ। ଅର୍ଥକୁ ପଛକରି ଅନେକେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଛନ୍ତି। ଏଥିରୁ ବୁଝାପଡ଼େ, ଟଙ୍କାକୁ ଗୌଣ କରି ଲକ୍ଷ୍ୟ ଚୟନ କରିବାରେ ଆମର କ୍ଷମତା ରହିଛି। ଅନ୍ୟମାନଙ୍କୁ ସାହାଯ୍ୟ କରିବାର ପ୍ରବୃତ୍ତି ନିଜ ମଧ୍ୟରେ ବିକାଶ କରିଥିବା ଲୋକମାନେ ବି ଭଲ ପଢ଼ାଇପାରନ୍ତି। କିନ୍ତୁ ଆମ ମାନସିକତା ଓ ମାନବୀୟ ପ୍ରେରଣାର ଏହି ବୃହତ୍ ଦିଗ ପ୍ରତି ଆମେ କମ୍ ଧ୍ୟାନ ଦେଉ।

ମୁଁ ଯାହା ବର୍ଣ୍ଣନା କରୁଛି ତାହା ମୋ ଏବକାର ଅଭିଜ୍ଞତାର ଏକ ଚମକପ୍ରଦ ପରିପ୍ରକାଶ। ଏହି ଚମକ ଦୀର୍ଘସ୍ଥାୟୀ ହେବା ସହ ସୁଦୂରପ୍ରସାରୀ ହୋଇପାରିବ ବୋଲି ମୋ ମନରେ ବିଶ୍ୱାସ ଜନ୍ମାଇଛି। ଆମେ ଯଦି ସୃଜନାତ୍ମକ ଦିଗ ବିଷୟରେ ଚିନ୍ତା କରିବା ଏବଂ ଅସହାୟ ଓ ଗରିବ ପିଲାମାନଙ୍କ ସହ ଅନ୍ୟପିଲାଙ୍କୁ ନୂତନ ଓ ଉଚ୍ଚମାନର ଶିକ୍ଷା ଯୋଗାଇ ଦେବା, ତେବେ ଆମ ମଧ୍ୟରେ ଥିବା ସବୁଠୁ ଗରିବମାନଙ୍କ ଜୀବନ ପାଇଁ ଏକ ବୃହତ୍ ପରିବର୍ତ୍ତନ ଆଣିପାରିବା।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱ ବ୍ୟାଙ୍କ; ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା, ଭାରତ ସରକାର**

## ଏଇ ଭାରତରେ

ପେସାରେ ଗଣିତ ଶିକ୍ଷକ, ହେଲେ ଆବିଷ୍କାର କରିବାର ନିଶା ତାଙ୍କ ଜୀବନର ଏକ ପ୍ରମୁଖ ଅଙ୍ଗ। ଏମିତି ଜଣେ ଶିକ୍ଷକ ହେଉଛନ୍ତି କଶ୍ମୀରର ବିଲାଲ ଅହମ୍ମଦ। ସେ ୧୩ ବର୍ଷ ପରିଶ୍ରମ କରି ତାଙ୍କ ୧୯୯୮ର ନିଶାନ ମାଇକ୍ରା କାର୍‌କୁ ଏକ ସୋଲାର୍ କାର୍ କରିପାରିଛନ୍ତି। ଏବେ ଅନେକ ମୋଟର କମ୍ପାନୀ ଇଭି ମଡେଲ କାର୍ ଓ ବାଇକ୍ ନିର୍ମାଣ କରିବାରେ ଲାଗିଥିବାବେଳେ ବିଲାଲ ବହୁ ପୂର୍ବରୁ ଏଭଳି କାର୍ ନିର୍ମାଣ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଏହି କାର୍ ସମ୍ପୂର୍ଣ୍ଣ ଭାବେ ଆଧୁନିକ ଗେଜେଟ୍ ଦ୍ୱାରା ସଞ୍ଚାଳିତ। ଏହାର ପୂରା ବାହାର ଭାଗରେ କଳା ରଙ୍ଗର ସୋଲାର ପ୍ୟାନେଲ ଲଗାଇଛନ୍ତି। ଏହା ଅଧିକ ସୂର୍ଯ୍ୟ କିରଣ ଥିବା ଯେ କୌଣସି ଦିଗକୁ ଆପେ ଆପେ ଘୂରିପାରୁଛି। କଶ୍ମୀରରେ କମ୍ ସୌର କିରଣ ରହୁଥିବାରୁ ବିଶେଷକରି ମନୋକ୍ରିଷ୍ଟାଲାଇନ ସୋଲାର ପ୍ୟାନେଲ ଉପଯୋଗ କରିଛନ୍ତି। କାର୍‌ଟି ୧ କିଲୋଭୋଲ୍ଟ ମୋଟରରେ ସଞ୍ଚାଳିତ ହେଉଛି ଓ ଏଥିରେ ଏକ ଚାର୍ଜ ହେବା ଭଳି ବ୍ୟାଟେରି ଲଗାଇଛନ୍ତି। ଏହି କାର୍ ନିର୍ମାଣରେ ସେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହାକୁ ଅଧିକ ସଂଖ୍ୟାରେ ନିର୍ମାଣ କରାଗଲେ ତାହାର ମୂଲ୍ୟ ପାଖାପାଖି ୬ରୁ ୮ ଲକ୍ଷ ଟଙ୍କା ହେବ ବୋଲି କହନ୍ତି ବିଲାଲ। କେବଳ ଏତିକି ନୁହେଁ ବିଲାଲ ମଧ୍ୟ ୨୦୦୯ରେ ଏଲ୍‌ପିଜି ନିୟନ୍ତ୍ରଣ ସୁରକ୍ଷା ଉପକରଣ ନିର୍ମାଣ କରିଛନ୍ତି। ଗ୍ୟାସ୍‌ର ରେଗୁଲେଟର ବନ୍ଦ କରିବାକୁ ଭୁଲି ଯାଇଥିଲେ ବି ତାଙ୍କ ଦ୍ୱାରା ନିର୍ମିତ ଏଲ୍‌ପିଜି କଣ୍ଟ୍ରୋଲ ଡିଭାଇସ ଗ୍ୟାସ୍‌କୁ ବନ୍ଦ କରିପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୯୭

- ଉତ୍ତର ଜାଫ୍‌ନାରେ ଶ୍ରୀଲଙ୍କାର ନୌସୈନ୍ୟଙ୍କ ଆକ୍ରମଣରେ ୩୫ ଏଲ୍‌ଟିଟିଇ ବିଦ୍ରୋହୀ ନିହତ।
- ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେନ୍‌ୟାମିନ୍ ନେତ୍‌ନ୍ୟାହୁ ତାଙ୍କର ଘନିଷ୍ଠ ସହଯୋଗୀ ୟାକୋର ନିମ୍ୟାନଙ୍କୁ ଦେଶର ଅର୍ଥମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି।
- ବୟୋଜ୍ୟେଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ଚେତନ ଆନନ୍ଦଙ୍କ ୮୨ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| | | 3 | | | | 2 | | 7 |
| | 4 | | | 6 | 8 | | | 5 |
| 9 | | | | | 5 | | | |
| 4 | | 2 | | | | | | |
| | | | 9 | | | | 4 | |
| 6 | | 8 | | 4 | | | | 3 |
| | | 5 | | | 1 | | | 6 |
| 2 | 7 | | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 3 | 9 | 1 | 6 | 7 | 4 | 8 |
| 7 | 6 | 4 | 8 | 3 | 5 | 2 | 9 | 1 |
| 1 | 9 | 8 | 4 | 2 | 7 | 6 | 5 | 3 |
| 9 | 5 | 7 | 2 | 4 | 1 | 8 | 3 | 6 |
| 4 | 8 | 1 | 6 | 5 | 3 | 9 | 2 | 7 |
| 6 | 3 | 2 | 7 | 9 | 8 | 5 | 1 | 4 |
| 2 | 7 | 9 | 1 | 8 | 4 | 3 | 6 | 5 |
| 8 | 1 | 5 | 3 | 6 | 9 | 4 | 7 | 2 |
| 3 | 4 | 6 | 5 | 7 | 2 | 1 | 8 | 9 |

ଗତକାଲିର ଉତ୍ତର

# ଶିକ୍ଷାନୁଷ୍ଠାନ ରାଗିଂ ଓ ଭାରତୀୟ ପିଙ୍ଗଳ କୋଡ୍



ସୌର ଚନ୍ଦ୍ର ମହାପାତ୍ର

ଓଡ଼ିଶାର ଶିକ୍ଷାନୁଷ୍ଠାନରେ ରାଗିଂ ଚାଲିଛି। ଏହାର ବଡ଼ ଉଦାହରଣ ହେଉଛି ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ ସ୍କ୍ୱାଡ ଥିବା ସତ୍ତ୍ୱେ ରାଗିଂ ବଢ଼ି ଚାଲିଛି। ୨୦୨୦-୨୧ ଓ ୨୦୨୧-୨୨ରେ କେବଳ ଓଡ଼ିଶାର ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ୬୦ଟି ରାଗିଂ ଘଟିଛି। ଉତ୍ତର ପ୍ରଦେଶରେ ୧୪୧, ବିହାରରେ ୬୮ ଓ ଓଡ଼ିଶାରେ ୬୦ଟି ଘଟିଥିବାବେଳେ ମଧ୍ୟପ୍ରଦେଶରେ ୫୦ଟି ଘଟିଛି। ୨୦୦୯ରୁ ରାଗିଂ ନିୟନ୍ତ୍ରଣ ପାଇଁ ୟୁଜିସି ରେଗୁଲେଶନ ଥିବା ସତ୍ତ୍ୱେ ଓଡ଼ିଶା ଦେଶର ରାଗିଂ ଟପ୍ ପାଞ୍ଚରେ ପହଞ୍ଚିଛି। ୨୦୦୯ରୁ ୨୦୨୨ ଭିତରେ ୬୦୨ଟି ରାଗିଂ ଘଟଣାରେ ମାମଲା ଦାଏର ହୋଇଛି। ଏହା ବ୍ୟତୀତ କାମ୍ପସରେ ନିର୍ଯାତନା ଓ ସେକ୍ସୁଆଲ ହାରାସ୍‌ମେଣ୍ଟ ଅଭିଯୋଗ ମଧ୍ୟ ରହୁଥିବା ସତ୍ତ୍ୱେ ଅନେକ ସମୟରେ ଅଭିଯୋଗ ବିଧିବଦ୍ଧ ଭାବେ ଦାଏର ହୋଇପାରୁନାହିଁ।

ରାଗିଂ ପାଇଁ ଅସମୟରେ ଚାଲିଗଲା ଆଉ ଏକ ଅମୂଲ୍ୟ ଜୀବନ। ଅନ୍ୟକୁ କଷ୍ଟ ଦେଇ ଖୁସି ଅନୁଭବ କରିବାର କୁତ୍ସିତ ମାନସିକତା ତଥା ରାଗିଂ ଆଉ ଜଣେ ଅଭିଭାବକଙ୍କ କୋଳଶୂନ୍ୟ କରିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ରୋକିବାକୁ ୟୁଜିସି, ଏଆଇସିଟିଇ ଓ ଏନ୍‌ଏମ୍‌ସି ଭଳି ଜାତୀୟ ସ୍ତରର ପ୍ରତିଷ୍ଠାନ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏ ନେଇ ବାରମ୍ବାର ନିର୍ଦ୍ଦେଶନାମା ଓ ମାର୍ଗଦର୍ଶିକା ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଜାରି ହୋଇଛି। ଶିକ୍ଷାନୁଷ୍ଠାନରେ ରାଗିଂ କିପରି ରୋକାଯିବ, ଆଣ୍ଟି ରାଗିଂ ସେଲ୍ କିପରି ଗଠନ ହେବ, କେଉଁ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବ ଏ ନେଇ ୟୁଜିସି ପକ୍ଷରୁ ବିଭିନ୍ନ ସମୟରେ ମାର୍ଗଦର୍ଶିକା ପ୍ରକାଶ ପାଇଛି। ନିକଟରେ ମଧ୍ୟ ୟୁଜିସି ସମସ୍ତ ରାଜ୍ୟର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ରାଗିଂ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟକୁ ରାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଗଠନ ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। ହେଲେ ପରିତାପର ବିଷୟ ହେଉଛି ରାଜ୍ୟରେ ରାଗିଂ ରୋକାଯିବା ପରିବର୍ତ୍ତେ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି। ଏଥିପାଇଁ ମେଧାବୀ ଛାତ୍ରୀଛାତ୍ରଙ୍କ ଜୀବନ ମଧ୍ୟ ଯାଉଛି। ଏପରି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଶିକ୍ଷାନୁଷ୍ଠାନଗୁଡ଼ିକ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ଜର୍ମେନ୍ ପୂର୍ବତନ ୱାର୍ଡେନଙ୍କ କହିବାନୁଯାୟୀ ରାଗିଂ ସେଲ୍‌ଗୁଡ଼ିକ ସ୍ୱାଏ (ଗୋଇନ୍ଦା) ଭଳି କାର୍ଯ୍ୟ କରିବା ଦରକାର। ହଷ୍ଟେଲ ଓ କାମ୍ପସ ପରିସରରେ ସିନିୟର ଓ ଜୁନିୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ପର୍କ କିପରି ରହୁଛି ତାହା ତଦାରଖ କରିବା ଦରକାର। ଖାଲି ସେଲ୍ ଗଠନ କରିଦେଲେ ରାଗିଂକୁ ରୋକିବା ସମ୍ଭବ ହେବନି। ଏଥିପାଇଁ ନବାଗତ ଓ ବରିଷ୍ଠ ଛାତ୍ରୀଛାତ୍ରଙ୍କ ସହିତ ନିୟମିତ କାଉନ୍‌ସେଲିଂ କରାଯିବା ଦରକାର। ଛୋଟ ଛୋଟ ଅଭିଯୋଗ ହେଲେ ମଧ୍ୟ ତାକୁ ଅଣଦେଖା ନ କରି ରାଗିଂ କରୁଥିବା ପିଲାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୨୯୪, ୩୨୩, ୩୨୪, ୩୨୫, ୩୨୬, ୩୩୯, ୩୪୦, ୩୪୧, ୩୪୨ ଓ ୫୦୬ରେ ଛାତ୍ରୀଛାତ୍ର ରାଗିଂ ବିରୋଧରେ



ଅଭିଯୋଗ କରିପାରିବେ। ଏଥିସହିତ ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ ଏଜୁକେଶନ ଓ ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ମଧ୍ୟ ରାଗିଂ ରୋକିବାକୁ ନିଜର ସ୍ୱତନ୍ତ୍ର ନୀତି କରିଛନ୍ତି। ବିଭିନ୍ନ ରାଜ୍ୟ ମଧ୍ୟ ରାଗିଂ ରୋକିବାକୁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଚଣ୍ଡିଗଡ଼, ତ୍ରିପୁରା, ତାମିଲନାଡୁ, ଆସାମ, କେରଳ, ପଶ୍ଚିମବଙ୍ଗ, ଗୋଆ ଓ ଜମ୍ମୁ-କଶ୍ମୀର ଅନ୍ୟତମ। ଅନ୍ୟ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ରାଗିଂ ବିରୋଧରେ ପଦକ୍ଷେପ ନେଉଛନ୍ତି। ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଟିଏ ଅନେକ ସ୍ୱପ୍ନ ନେଇ ଉପର ଶ୍ରେଣୀରେ ନାମ ଲେଖାଇଥାଏ। ମାତ୍ର ରାଗିଂ ସେହି ମେଧାବୀ ଛାତ୍ରୀ ବା ଛାତ୍ରଟିର ସ୍ୱପ୍ନକୁ ଧୂଳିସାତ୍ କରିଦେଉଛି। ରାଗିଂ କବଳରେ ପଡ଼ି ଅନେକ ନିରୀହ ଛାତ୍ରୀଛାତ୍ରଙ୍କ ଜୀବନ ଯାଉଛି। ରାଗିଂ ସମ୍ପର୍କରେ ନୂଆ ନୂଆ କୌଶଳ ଆପଣେଇ ଛାତ୍ରୀଛାତ୍ର ନିଜ ସହପାଠୀ ବା କନିଷ୍ଠ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଜୀବନ ନେଉଛନ୍ତି। ଏହି ଦୁଃଖଦ ଘଟଣା ଆମକୁ ଗୋଟିଏ କଥା ଶିକ୍ଷା ଦେଉଛି ଯେ, ରାଗିଂ ସାମୟିକ ବିକୃତିର ଫଳ। ଲାଜକୁଳା ସ୍ୱଭାବର ପିଲାମାନଙ୍କୁ ଆଧୁନିକତାର ପାଠ ପଢ଼ାଇବାକୁ ଯାଇ ଉପର ଶ୍ରେଣୀର ଛାତ୍ରୀଛାତ୍ରମାନେ ରାଗିଂ ନାମରେ ଯେଉଁ ଅମାନବୀୟ, ଅଶ୍ଳୀଳ ଓ ଶରୀର ପ୍ରତି କ୍ଷତିକାରକ କାର୍ଯ୍ୟ କରିଥାନ୍ତି, ତାହା କେବଳ ଶିକ୍ଷାନୁଷ୍ଠାନର ପବିତ୍ରତାକୁ ନଷ୍ଟ କରେ ନାହିଁ, ବରଂ ଛାତ୍ରୀଛାତ୍ରଙ୍କୁ ଅନେକ କ୍ଷେତ୍ରରେ ଜୀବନ ଦେବାକୁ ପଡ଼ିଥାଏ। ରାଗିଂ କବଳରୁ ବର୍ତ୍ତି ଯାଇଥିବା ଅନେକ ଛାତ୍ରୀଛାତ୍ର ସାରା ଜୀବନ ମାନସିକ କ୍ଷତିର ଶିକାର ହୋଇ ବଞ୍ଚିଥାନ୍ତି। ଅନେକ କ୍ଷେତ୍ରରେ ରାଗିଂ ପାଇଁ ଛାତ୍ରୀଛାତ୍ର ପାଠପଢ଼ା ଛାଡ଼ିଥିବା ଘଟଣା ଦେଖାଯାଇଛି।

ସେହିପରି କେତେକ ଛାତ୍ର ସଂଗଠନର କହିବାନୁଯାୟୀ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବରିଷ୍ଠ ଓ କନିଷ୍ଠ ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଗୋଟିଏ ବିଲ୍ଡିଂ କିମ୍ବା ହତାରେ ହେବା ଉଚିତ ନୁହେଁ, ବରିଷ୍ଠମାନଙ୍କୁ କନିଷ୍ଠ ଛାତ୍ରୀଛାତ୍ରଙ୍କ ହଷ୍ଟେଲରେ କଟକଣା ଲଗାଯିବା ଦରକାର। ତେବେ ଆଣ୍ଟି ରାଗିଂ ସେଲ୍ ଠିକ୍ ଭାବେ କାର୍ଯ୍ୟ କରିବା ଓ ପିଲାଙ୍କୁ କାଉନ୍‌ସେଲିଂ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସୂଚନାଯୋଗ୍ୟ ୨୦୦୮ରେ ରାଗିଂ ସମ୍ପର୍କିତ ମାମଲାରେ ଓଡ଼ିଶା ଦେଶର ଚତୁର୍ଥ ସର୍ବାଧିକ ରାଜ୍ୟ ଭାବେ ସ୍ଥାନ ପାଇଥିଲା। ୨୦୧୩ରୁ ୨୦୧୭ ଯାଏ ରାଜ୍ୟରେ ୨୦୭ଟି ରାଗିଂ ମାମଲା ଦାଏର ହୋଇଥିଲା। ଆଜି ସମଗ୍ର ଭାରତରେ ତୃତୀୟ ସ୍ଥାନରେ ରହିଛି ଓ ବିଗତ ଦୁଇ ବର୍ଷରେ ୬୦ଟି ଘଟଣା ଘଟିଛି। ୨୦୧୮ରେ ଓଡ଼ିଶାରେ ରାଗିଂ ରୋକିବାକୁ ଶିକ୍ଷା ବିଭାଗ ବିଶେଷ ଗୁରୁତ୍ୱ ଦେଇଥିଲା। ଆଣ୍ଟି ରାଗିଂ ସେଲ୍‌ଗୁଡ଼ିକର ସୁଦୃଢ଼ୀକରଣ ଓ ରାଗିଂ ସହ ସଂଶ୍ଳିଷ୍ଟ ଛାତ୍ରୀଛାତ୍ରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ବ୍ୟବସ୍ଥାରେ ଢିଲା ଯୋଗୁ ପୁଣି ରାଗିଂ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଆଣ୍ଟି ରାଗିଂ ସେଲ୍ ବାବଦରେ ଛାତ୍ରୀଛାତ୍ର ଅବଗତ ନ ଥିବାବେଳେ ଏହା କେବଳ ପୋଷ୍ଟରରେ ସୀମିତ ରହିଥିବା ପିଲାମାନେ ଅଭିଯୋଗ କରିଛନ୍ତି। ତେବେ ଏ ଦିଗରେ ସଚେତନତା ସୃଷ୍ଟି ସହ ରାଗିଂରେ ସଂଶ୍ଳିଷ୍ଟ ପିଲାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଗଲେ ଶିକ୍ଷାନୁଷ୍ଠାନ କାମ୍ପସରୁ ରାଗିଂ ରୋକାଯାଇ ପାରନ୍ତା। ଛାତ୍ର ଜୀବନର ପବିତ୍ରତାକୁ ଗୁରୁତ୍ୱ ଦେଇ ନିଜର ସ୍ୱପ୍ନ, ଆଶା, ଅଭିଳାଷକୁ ପୂରଣ କରିବା ସହିତ ମାଆବାପାଙ୍କ ଆଶା, ଆକାଂକ୍ଷାକୁ ସଫଳ କରି ନିଜର ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ଛାତ୍ରୀଛାତ୍ରମାନେ ନିଜ ଜୀବନର ବ୍ରତ କରନ୍ତୁ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ:୯୪୩୭୦୦୪୪୬୬**

# ଯାତ୍ରାରୁ ରୋଜଗାର



ଡ. ପ୍ରମୋଦ କୁମାର ପଣ୍ଡା

ଉତ୍କଳ ହେଉଛି ଉତ୍କୃଷ୍ଟ କଳାର ଦେଶ। କେଉଁ ଆଦିମ କାଳରୁ ଆମ ରାଜ୍ୟରେ କଳା ସଂସ୍କୃତିକୁ ଉଚ୍ଚସ୍ଥାନ ଦିଆଯାଇ ଆସୁଛି। ଭରତ ମୁନିଙ୍କ ନାଟ୍ୟ ଶାସ୍ତ୍ରରେ ମଧ୍ୟ ଓଡ଼ିଶାର ନାଟ୍ୟ କଥା ଉଲ୍ଲେଖ ଅଛି। ସେଥିପାଇଁ ଭାରତର ଏହି ଭୂଖଣ୍ଡ ଏକ ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ ଏବଂ ଶାସ୍ତ୍ରୀୟ ଗାନ (ଓଡ଼ିଶୀ ଗାନ ଶାସ୍ତ୍ରୀୟତା ପାଇଁ ବିଚାରାଧୀନ ଅଛି) ସମଗ୍ର ବିଶ୍ୱକୁ ଉପହାର ସ୍ୱରୂପ ଦାନ କରିଛି। ଆମ ଲୋକନୃତ୍ୟ, ଲୋକ ଗୀତ, ଓଡ଼ିଶୀ ସଙ୍ଗୀତ, ଛାନ୍ଦ, ଚମ୍ପୁ, ଚଉତିଶା, ଓଡ଼ିଶୀ ନୃତ୍ୟ, ଆମ କାବ୍ୟରେ ପ୍ରକୃତି ବର୍ଣ୍ଣନା; ଆମର ନାଟକ, ରଙ୍ଗମଞ୍ଚ ପ୍ରଭୃତିରେ ପ୍ରାଚୀନ ଓ ପ୍ରବହମାନ କଳାର ଝଲକ ସ୍ପଷ୍ଟ ବାରିହୋଇପଡ଼େ। ସିନେମା ବା ଚଳଚ୍ଚିତ୍ରର ବହୁ ପୂର୍ବରୁ ଆମ ରାଜ୍ୟରେ ପାଲା, ଦାସକାଠିଆ, ଘୋଡ଼ା ନାଚ, ଡ୍ରାମା ଇତ୍ୟାଦିର ଖୁବ୍ ପ୍ରଚଳନ ଥିଲା। ଯାତ୍ରାର ଅଭ୍ୟୁଦୟ ଓ ପ୍ରଚାର ପ୍ରସାର ଦ୍ୱାରା ଏହା ଚଳଚ୍ଚିତ୍ରର ଏକ ବିକଳ୍ପ ଭାବେ ଠିଆ ହେଲା। ଯାତ୍ରା ଓଡ଼ିଶାର ଘରେ ଘରେ ଆଦୃତିଲାଭ କରିଥିଲା। ଫଳରେ ଯାତ୍ରାର ହଜାର ହଜାର କଳାକାର ଏବଂ ତାଙ୍କ ସହଯୋଗୀ ରୋଜଗାର ପାଇବାରେ ସକ୍ଷମ ହେଉଥିଲେ। ପରବର୍ତ୍ତୀ ସମୟରେ ଯାତ୍ରା ଦଳରେ ବିଭିନ୍ନ ପରିବର୍ତ୍ତନ ପରିଲକ୍ଷିତ ହେଲା। ଯାତ୍ରାକୁ ଅଧିକ ଯୁବାଭିମୁଖୀ କରିବା ପାଇଁ ଏଥିରେ ଆଧୁନିକତାର ମିଶ୍ରଣ ହେଲା। ଫଳରେ ଯାତ୍ରାଟି ଯୁବା ଗୋଷ୍ଠୀଙ୍କର ଆଦୃତି ଲାଭ କଲେ ମଧ୍ୟ ପରିବାରର ସମସ୍ତଙ୍କର ମନୋରଞ୍ଜନ କଳାଭଳି ମାଧ୍ୟମ ହୋଇପାରୁ ନାହିଁ। ତଥାପି ଯାତ୍ରା ଦେଖିବା ନିଶା ଲୋକଙ୍କଠାରୁ ଦୂରେଇ ଯାଇନାହିଁ।

ସମଗ୍ର ଉତ୍ତର ଭାରତ ବା ହିନ୍ଦୀ ଭାଷା ବୁଝୁଥିବା କ୍ଷେତ୍ରରେ ଜନ ସଂଖ୍ୟାର ସିଂହଭାଗ ଲୋକ ବାସ କରନ୍ତି। ସେମାନଙ୍କ ରାଜ୍ୟରେ ଛୋଟ ମୋଟ ନୃତ୍ୟ ଗୀତ କାର୍ଯ୍ୟକ୍ରମ ବା କୱାଲି କିମ୍ବା ରାମଲୀଳା ଆଦିକୁ ବାଦ୍‌ଦେଲେ ଓଡ଼ିଶାର ଯାତ୍ରା ପାର୍ଟି ଭଳି ସେମିତି କିଛି ସମ୍ପୂର୍ଣ୍ଣ ମନୋରଞ୍ଜନର ବଡ଼ ମାଧ୍ୟମ ନ ଥାଏ। ଓଡ଼ିଶାରେ ଆଉ ଏକ ଲାଭ ହେଉଛି ଏଠାରେ ସବୁ ଗାୟକ, ସଂଳାପକ ହିନ୍ଦୀ ଭାଷାରେ ଅତି ସହଜରେ ଗାଇ ପାରନ୍ତି ଓ କହିପାରନ୍ତି। କାରଣ ହିନ୍ଦୀ, ଓଡ଼ିଆ ଓ ସଂସ୍କୃତ ସବୁ ସାମଞ୍ଜସ୍ୟ ଥିବା ଭାଷା ସମୂହ। ଆମେ ଯଦି ଓଡ଼ିଆ ନାଟକଗୁଡ଼ିକୁ ହିନ୍ଦୀ ଭାଷାରେ ଅଭ୍ୟାସ କରି ଅଭିନୟ କରିବା, ତା' ହେଲେ ଏହା ହିନ୍ଦୀ ଅଞ୍ଚଳରେ ଜନାଦୃତି ପାଇପାରିବ। ତା'ଛଡ଼ା ଝାଡ଼ଖଣ୍ଡ, ଛତିଶଗଡ଼, ବିହାର, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଏହାର ବହୁଳ ଆଦୃତି ଦେଖିବାକୁ ମିଳିବ, କାରଣ ସେଠାରେ ଏପରି ଯାତ୍ରା ଜଗତ ନାହିଁ। ସେମାନେ ଏହାକୁ ଅତ୍ୟନ୍ତ ପସନ୍ଦ କରିବେ ଓ ଦେଖିବେ। ଏହା ଦ୍ୱାରା ଆମ କଳା ସଂସ୍କୃତିର ପ୍ରଚାର ହେବା ସହିତ ଓଡ଼ିଆ କଳାକାରମାନଙ୍କୁ ପ୍ରଚୁର ରୋଜଗାର ମଧ୍ୟ ମିଳିପାରିବ। ଏହାକୁ ଅସମ୍ଭବ କିମ୍ବା ଦୁଃସାହସ ବୋଲି ଭାବିବା ଠିକ୍ ହେବ ନାହିଁ। କାରଣ ଅତୀତରେ ଆମ ଓଡ଼ିଆ ପୁଅ ବାଲି, ଭିଏତନାମ୍, ଜାଭା, ସୁମାତ୍ରା ପ୍ରଭୃତି ସ୍ଥାନକୁ ଯାଇ ଆମ କଳା ସଂସ୍କୃତି, ଭାସ୍କର୍ଯ୍ୟ ପ୍ରଭୃତିକୁ ପ୍ରଚାର ପ୍ରସାର କରିବାରେ ସଫଳ ହୋଇଥିଲେ। ଏବେ ବି ଦେଶର ବିଭିନ୍ନ ଭାଗ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତି ବିଷୟରେ ଅଜ୍ଞ। ଲେଖକ ନିଜେ ଭାରତର ବିଭିନ୍ନ ରାଜ୍ୟରେ ସେବା ପ୍ରଦାନର ଅନୁଭୂତିରୁ ଏହା ଜାଣିବାକୁ ପାଇଛି। ସେମାନେ ଆମକୁ ଏକ ଗରିବ, ଶ୍ରମିକ ଯୋଗାଣ ରାଜ୍ୟ ଭାବେ ଜାଣିଛନ୍ତି। ସେମାନେ ଆମକୁ ମାନସିକ ସ୍ତରରେ ଗ୍ରହଣ କରିପାରୁ ନାହାନ୍ତି। ଓଡ଼ିଶାର ରସଗୋଲାର ବୌଦ୍ଧିକ ଅଧିକାର ସୁରକ୍ଷା ସମୟରେ ଉଭୟ ଦିଲ୍ଲୀ ଓ ଚେନ୍ନାଇ ପେଟେଣ୍ଟ ଅଫିସ୍‌ରେ ଏହି ଲେଖକଙ୍କୁ, ଅନ୍ୟମାନଙ୍କର ଓଡ଼ିଶା ଉପରେ ଥିବା ଧାରଣାକୁ ବଦଳାଇବାକୁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା ଓ ଶେଷରେ ଜୟଯୁକ୍ତ ମଧ୍ୟ ହୋଇଥିଲେ। ତେଣୁ ଆସନ୍ତୁ ସମସ୍ତେ ମିଶି ଓଡ଼ିଆ ଐତିହ୍ୟ, କଳା ଓ ସଂସ୍କୃତିକୁ ଓଡ଼ିଶା ବାହାରକୁ ନେବାକୁ ଚେଷ୍ଟା କରିବା। ଓଡ଼ିଆ ଯାତ୍ରାର ହିନ୍ଦୀ ସଂସ୍କରଣ ହେଲେ ନିଶ୍ଚିତ ରୂପେ ଆମ କଳା ସଂସ୍କୃତିକୁ ପ୍ରଚାର କରିବା ସହିତ ପ୍ରଚୁର ଅର୍ଥ ମଧ୍ୟ ରୋଜଗାର କରିବାରେ ଓଡ଼ିଆମାନେ ସକ୍ଷମ ହେବେ। ଆସନ୍ତୁ ସରକାରୀ କିମ୍ବା ବେସରକାରୀ ମାଧ୍ୟମରେ ଯାତ୍ରା ପାର୍ଟିକୁ ଏଥିପାଇଁ ଉତ୍ସାହିତ କରିବା। ଆବଶ୍ୟକ ପଡ଼ିଲେ ଛୋଟ ମୋଟ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦେବା। ଅନ୍ୟ ରାଜ୍ୟରେ ଧୀରେ ଧୀରେ ଯାତ୍ରା ଆଦର ଲାଭ କରିବ ଓ ଉତ୍କଳୀୟ କଳା ସଂସ୍କୃତିର ପ୍ରଚାର ପ୍ରସାର ହେବ।

ମୋ: ୮୯୧୭୪୨୬୪୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଝିଙ୍କିକା ମାରି ବଣି ପୋଷିବା ସଦୃଶ

ମହାଶୟ,

ଏ ମାଗଣା ରାଶନ ଚାଉଳ ସରକାର ଆଣୁଛନ୍ତି କେଉଁଠୁ ? ନାଁ କାହିଁକି ଏହାର ମାଗଣା ହେଉଛି। ମାଗଣା ଶବ୍ଦଟି ଦୟାକରି ସରକାର ଉଠାଇ ଦିଅନ୍ତୁ। ମାଗଣାର ଅର୍ଥ ଅଲଗା। ଅହେତୁକ ଭାବେ ଦରଦାମ ବଢାଇ, ଲୋକଙ୍କୁ ଶୋଷଣ କରି ଚାଲିଥିବା କେନ୍ଦ୍ର ସରକାର ମାଗଣାରେ ଚାଉଳ ଦେବା କହିବା କେବଳ ହାସ୍ୟାସ୍ପଦ ମାତ୍ର। ଗ୍ୟାସଠାରୁ ଆରମ୍ଭ କରି ପେଟ୍ରୋଲ, ଖାଇବା ତେଲ, ନିଜ ବ୍ୟବହାର୍ଯ୍ୟ ପଦାର୍ଥର ଆକାଶଛୁଆଁ ଦର ବଢାଇ ଶୋଷଣ କରିଚାଲିଛନ୍ତି କେନ୍ଦ୍ର ସରକାର। ଖାଇବା ବଳିଲେ ଯେମିତି ଫୋପାଡି ଦିଅନ୍ତି ସେହିପରି ତାଙ୍କ ଖାଇବାରୁ ବଳିଲେ ସରକାର ଭୋଟ ପାଇଁ ଚାଉଳ ଗଣ୍ଡାଏ ଦେଉଛନ୍ତି। ଏଇ ହେଲା ସେ ମାଗଣା ଚାଉଳ, ଲୋକେ ବୋଧେ ଖାଲି ଏ ଚାଉଳକୁ ଚୋବାଇବେ। ପ୍ରତି ଖାଦ୍ୟ ଉପକରଣରେ ହାତ ମାରିଲେ ଫୋଟକା। ମାଗଣା ଚାଉଳ ସାଙ୍ଗକୁ ମାଗଣା ଡାଲି, ପରିବା ଦିଅନ୍ତୁ। ନଚେତ୍ ଦରଦାମ୍ ସ୍ଥିର ରଖନ୍ତୁ। ଏ ମାଗଣା ଶବ୍ଦ ଲୋକଙ୍କୁ ବଡ ଅଭିଶାପ।

**–ସଚ୍ଚିଦାନନ୍ଦ ମିଶ୍ର, ଗଡ ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମରି ହାସ ହସଇ ମୁହିଁ
କରଇଁ ପ୍ରେମ ଆକାଶ ଭୂଇଁ
ଚାଳଇଁ ପ୍ରିୟ ମଧୁରେ ଆଜି ତୁମରି ଗତି ବ୍ୟାଜରେ।
ତୁମରି ପ୍ରେମ ଲଭିବା ଆଶେ
ନିଜକୁ କରେଁ ପ୍ରେମ
ଅଙ୍ଗ ତବ ଲାଗିବ ବୋଲି
ଏ ଦେହ ମଣେ ହେମ। –(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI


## ଆଜି କ'ଣ କେଉଁଠି

ସମ୍ବଲପୁର
- ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ନେଇ ଚେତାବନୀ ଦିବସ, ଆର୍‌ଡିସି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା ।
- ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ପ୍ରସ୍ତୁତି ବୈଠକ, ହୋଟେଲ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧. ୩୦ ମିନିଟ।
- ଓଜେୟୁ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ଜିଲାପାଳ ଅଫିସ, ପୂର୍ବାହ୍ନ ୧୧. ୩୦ ମିନିଟ।

# ସମ୍ବଲପୁରରେ ଅଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ

ସମ୍ବଲପୁର,୭।୭(ବ୍ୟୁରୋ)

ସମ୍ବଲପୁର ଜିଲାରେ ହଜାର ସଂଖ୍ୟାରେ ଅନୁପ୍ରବେଶ କାରୀ ବସବାସ କରୁଛନ୍ତି। ସେମାନେ ରାଜମିସ୍ତ୍ରୀ, ମଜୁରିଆ, ଶ୍ରମିକ ଓ ଠିକାଦାର ଭାବେ କାମକରି ରହିଆସୁଛନ୍ତି। ହେଲେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଜିଲାରେ ଅନୁପ୍ରବେଶକାରୀ ଜଣେ ମଧ ନାହାନ୍ତି ବୋଲି ଉତ୍ତର ଦେଇଥିଲେ, ଯାହା ଭ୍ରମାତ୍ମକ। ଭଲ ଭାବେ ଯାଞ୍ଚ କରା ନ ଯାଇ ଭୁଲ ତଥ୍ୟ ଦିଆଯାଉଛି। କିଛିଦିନ ହେବ ପ୍ରତିଦିନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ପର୍ବ (ତିହାର) ମନାଇବା ପାଇଁ ବସ୍ ଓ ଟ୍ରେନ୍ ଯୋଗେ ଘରକୁ ଯାଉଛନ୍ତି। ଏହା ଦେଖିଲେ ଜିଲାରେ କେତେ ପରିମାଣ ଅନୁପ୍ରବେଶକାରୀ ରହିଛନ୍ତି ତାହା



ଖବରଦାତା ସମ୍ମିଳନୀରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସଦସ୍ୟ ।

ଜାଣିହେବ ବୋଲି ଗୁରୁବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ହନୁମାନ ଜୟନ୍ତୀ କ୍ରିୟାନୁଷ୍ଠାନ ସମନ୍ୱୟ ସମିତି ସଦସ୍ୟମାନେ କହିଥିଲେ।

ସେମାନେ ଆହୁରି କହିଥିଲେ, ସମ୍ବଲପୁର ସହର ଶାନ୍ତି ବଜାୟ ରହିଛି। ହେଲେ ପ୍ରଶାସନର ଅବହେଳା ଯୋଗୁ ଧନୁପାଲି ଥାନାର ସୁନାପାଲି ଓ ମୋତିଝରନ ଅଞ୍ଚଳରେ ଗୋ ହତ୍ୟା କରାଯାଉଛି। ଏହାକୁ ବନ୍ଦ କରିବା ଲାଗି ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଏବେ ୫ ଶହରୁ ଅଧିକ ଗୋରୁ ଆଣି ରଖାଯାଇଥିବା ସୂଚନା ରହିଛି। ହିନ୍ଦୁ ଧର୍ମ ପ୍ରତି ଏହା କୁଠାରଘାତ ସଦୃଶ। ପ୍ରଶାସନ ଓ ପୋଲିସ ଏଥିପାଇଁ ଦୃଷ୍ଟି ନ

### ବିଧାନସଭାରେ ଭୁଲ୍‌ତଥ୍ୟ ଦେବା ଅଭିଯୋଗ

ଦେଲେ ଆଗାମୀ ଦିନରେ ସାମ୍ପ୍ରଦାୟିକ ଘଟଣା ଘଟିବା ଆଶଙ୍କା ରହିଛି। ଅନ୍ୟପକ୍ଷେ ନୂପୁର ଶର୍ମାଙ୍କ ମନ୍ତବ୍ୟକୁ ଭିନ୍ନ ଢଙ୍ଗରେ ଦର୍ଶାଯାଉଛି। ତାଙ୍କ ଭଳି ଅନେକ ବ୍ୟକ୍ତି ପୂର୍ବରୁ ଏଭଳି କହିଛନ୍ତି। ଏହାଦ୍ୱାରା ଧାର୍ମିକ ଅଶାନ୍ତି କରିବାକୁ ଚେଷ୍ଟା କରାଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭାପତି ଗିରିଶ ପଟେଲ, ସାଧାରଣ ସମ୍ପାଦକ ସୁଧିର ରଞ୍ଜନ ବହିଦାର, ଆବାହକ ପ୍ରଦୀପ ବହିଦାର, ସତ୍ୟ ନାରାୟଣ ପଣ୍ଡା, ଶିବକୁମାର ଅଗ୍ରୱାଲ, ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ନିରୁପମା ବ୍ଲକ ଟପ୍ପର

ନାକଟିଦେଉଳ,୭।୭(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ସରାପାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀ ନିରୁପମା ବେହେରା ମାଟ୍ରିକ ପରୀକ୍ଷାରେ ସମୁଦାୟ ୫୫୧ (୯୧.୩୩%) ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ନିରୁପମା ସରାପାଲି ପଞ୍ଚାୟତ ପଣ୍ଡୁଆଖୋଳ ଗ୍ରାମର ସ୍ୱର୍ଗତ ଶଙ୍କର ବେହେରା ଓ ପଦ୍ମିନୀ ବେହେରାଙ୍କ କନ୍ୟା। ଏହି ବିଦ୍ୟାଳୟର ୧୭ଜଣ ଏ-୨, ୧୩ଜଣ ବି-୧,୧୦ଜଣ ବି-୨ ଓ ୩ଜଣ ସି ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲା ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରମ୍ଭା ସ୍ୱାଇଁ, ହଷ୍ଟେଲ ପରିଚାଳିକା ରୀନାରାଣୀ ପ୍ରଧାନଙ୍କ ପ୍ରୟାସ ଯୋଗୁ ସେ ସଫଳତା ପାଇଥିବା ନିରୁପମା କହିଛନ୍ତି।



## ସଂକ୍ଷେପରେ

### ସାପ କାମୁଡ଼ାରେ ଚିକିତ୍ସାଧୀନ ମହିଳା ମୃତ

ରାଉରକେଲା ଅଫିସ,୭।୭: ସାପ କାମୁଡ଼ାରେ ଲହୁଣୀପଡ଼ା ଭୋଲାଡିହିର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଫୁଲମଣି ମୁଣ୍ଡା(୪୫)। ସେ ବୁଧବାର ରାତିରେ ଖାଇସାରି ଘର ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କ ଡାହାଣ ଗୋଡକୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଲହୁଣୀପଡା ସରକାରୀ ଡାକ୍ତରଖାନା ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳ ସାଢ଼େ ୮ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮୭।୨୨) ରୁଜୁ କରି ତଦନ୍ତ କରୁଛି।

### ୯ରେ ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀ ଜୟନ୍ତୀ

ସମ୍ବଲପୁର,୭।୭(ବ୍ୟୁରୋ) : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବାମଣ୍ଡା ପ୍ରଜା ଆନ୍ଦୋଳନର ଆଦ୍ୟ ଉଦ୍‌ଗାତା ତଥା ପଶ୍ଚିମ ଓଡ଼ିଶାରେ ବାମପନ୍ଥୀ ଆନ୍ଦୋଳନର ଭଗୀରଥ ଦୟାନନ୍ଦ ଶତପଥୀଙ୍କ ୧୧୫ତମ ଜୟନ୍ତୀ ସମାରୋହ ଆସନ୍ତା ୯ ତାରିଖ ଶନିବାର ସନ୍ଧ୍ୟା ୬ଟାରେ ଓଡ଼ିଶା ସାଂସ୍କୃତିକ ସମାଜ ପରିସର ସ୍ୱାଧୀନତା ସଂଗ୍ରାମୀ ହଲ୍‌ରେ ଅନୁଷ୍ଠିତ ହେବ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ସମାରୋହରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଅପୂର୍ବାନନ୍ଦ 'ସ୍ୱାଧୀନତା ଆନ୍ଦୋଳନର ସ୍ୱପ୍ନ ଓ ସାମ୍ପ୍ରତିକ ଭାରତର ଦଶା ଓ ଦିଶା' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ। ଏଥିରେ ବିଶିଷ୍ଟ ସାହିତ୍ୟିକ ତଥା ସାମ୍ବାଦିକ କୁମାର ହସନଙ୍କୁ ଦୟାନନ୍ଦ ଶତପଥୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ ବୋଲି ଦୟାନନ୍ଦ ଶତପଥୀ ସ୍ମୃତି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

### କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାପରିଷଦ ସଭ୍ୟଙ୍କ ଶୁଭେଚ୍ଛା

କୁଚିଣ୍ଡା,୭।୭(ଡି.ଏନ.ଏ.): ବୁଧବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଗୁରୁବାର କୁଚିଣ୍ଡା ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର କୁଚିଣ୍ଡା ବ୍ଲକରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଫୁଲତୋଡା ଓ ଉପଢୌକନ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ତମନ୍ନା ତିୱାରୀ, ଖୁସି ଖମାରି, ପ୍ରିୟଙ୍କା ପୃଷେଠ, ସୌରଭ ମହାପାତ୍ର ପ୍ରମୁଖଙ୍କ ଘରକୁ ଯାଇ ସେ ଶୁଭେଚ୍ଛା ଜଣାଇଛନ୍ତ। କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଯୁଧିଷ୍ଠିର ପ୍ରଧାନ, ଦୁଷ୍ମନ୍ତ ଦେଓଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

### ମଦ୍ୟପ ଗାଡ଼ି ଚାଳକଙ୍କଠୁ ଜରିମାନା ଆଦାୟ, ୫ ଗିରଫ

ରାଉରକେଲା ଅଫିସ,୭।୭: ମଦ୍ୟପାନ କରି ଗାଡି ଚାଳନା କରୁଥିବା ସମୟରେ ବ୍ରାହ୍ମଣୀ ତରଙ୍ଗ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁକେଶ ଶର୍ମା, ଅଜୟ ସିଂ, ରାଜେଶ ସାହୁ, ପ୍ରଶାନ୍ତ କୁମାର ଜେନା ଏବଂ ସୁନିଲ ଖାଲକୋ। ସେମାନଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ସ' ମିଲ ଛକରେ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗ ଓ ବେଦବ୍ୟାସ ପୋଲିସର ମିଳିତ ସହଯୋଗରେ ବୁଧବାର ସନ୍ଧ୍ୟା ୭ଟାରେ ଚେକିଂ ଚାଲିଥିଲା। ଏହି ସମୟରେ ୫ ଜଣ ଗାଡ଼ି ଚାଳକ ମଦ୍ୟପାନ କରିଥିବା ଜଣାପଡିଥିଲା। ଯାଞ୍ଚ ସମୟରେ ଏମ୍‌ଭିଆଇ ଅରୁଣ କୁମାର ସାହୁ ଓ ଏସ୍‌ଆଇ ଅର୍ଜୁନ ସେଠୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# କଲେଜରେ ଆଣ୍ଟି ରାଗିଂ ସଚେତନତା

ନାକଟିଦେଉଳ,୭।୭(ଡ଼ି.ଏନ.ଏ.)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଗୁରୁବାର ଆଣ୍ଟି ରାଗିଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ନାକଟିଦେଉଳ ବ୍ଲକର ଅତିରିକ୍ତ ବିଡ଼ିଓ ବିଦ୍ୟାଧର ସାହୁ ମୁଖ୍ୟଅତିଥି ଓ ଯନ୍ତ୍ରୀ ପ୍ରଜ୍ଞା ପାରମିତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିନିୟର ଛାତ୍ରୀଛାତ୍ର ଜୁନିୟର ଛାତ୍ରୀଛାତ୍ରଙ୍କୁ ନିଜର ଛୋଟ ଭଉଣୀଭାଇ ଭାବେ ଆଚରଣ ଦେଖାଇବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଜୁନିୟର ଛାତ୍ରୀଛାତ୍ର କୌଣସି ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ନ ରହି ସିନିୟରମାନଙ୍କୁ ସମ୍ମାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଶେଷରେ ଧନ୍ୟବାଦ ଦେଇଥିଲେ। ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

# 'ଡାକ୍ତର ହୋଇ ଲୋକଙ୍କ ସେବା କରିବି'

ଝାରସୁଗୁଡ଼ା ଅଫିସ,୭।୭

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ପଞ୍ଚଗାଁ ଦେବକୀଦେବୀ ବାଳିକା ହାଇସ୍କୁଲ ଛାତ୍ରୀ ଆଶା ବାରିକ ସର୍ବାଧିକ ୫୭୯ନଂ. ରଖି ଜିଲା ଟପ୍ପର ହୋଇଛନ୍ତି। ଆଶା ତାଙ୍କ ପ୍ରତିକ୍ରିୟାରେ କହନ୍ତି, ଆତ୍ମବିଶ୍ୱାସ ସହ ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ। ସ୍କୁଲ୍ ହଷ୍ଟେଲରେ ରହି ଦୈନିକ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲି। ପରୀକ୍ଷାରେ ୯୦% ନମ୍ବର ରହିବ ବୋଲି ଆଶା ରଖିଥିବାବେଳେ ୯୬% ରହିଛି। ଏହାର ଶ୍ରେୟ ସେ ତାଙ୍କ ମାଆ, ବାପା, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଦେଇଛନ୍ତି। ଡାକ୍ତର ହୋଇ ଲୋକଙ୍କ ସେବା କରିବେ ବୋଲି ସେ କହିଛନ୍ତି। ତାଙ୍କ ବାପା ମୁରଲି ବାରିକ ଜଣେ କ୍ଷୁଦ୍ର ଚାଷୀ ହୋଇଥିବାବେଳେ ମାଆ ମୀନା ବାରିକ ଜଣେ ଗୃହିଣୀ। ଝିଅ ସଫଳତାରେ ମା'ବାପା ଗର୍ବିତବୋଲି କହିଛନ୍ତି।


ମା'ବାପାଙ୍କ ସହ ଆଶା।

## ହାତୀ ଆକ୍ରମଣରେ ଜଣେ ଗୁରୁତର

କୁଚିଣ୍ଡା,୭।୭(ଡି.ଏନ.ଏ.)

ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅନ୍ତର୍ଗତ କୁଚିଣ୍ଡା ବ୍ଲକ (କୁ) ଜମନକିରା ପଞ୍ଚାୟତ ଜଲଡିହି(ଲିଟିପଡା)ର ନରେନ୍ଦ୍ର କିଷାନ (୫୦) ଗୁରୁବାର ହାତୀ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ନରେନ୍ଦ୍ର ପୂର୍ବାହ୍ନରେ କେତେଜଣ ମହିଳାଙ୍କ ସହ ଛତୁ ଓ ଜଙ୍ଗଲି ଶାଗ ସଂଗ୍ରହ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ହଠାତ୍ ୨/୩ଟି ବାଣୁଆ ହାତୀ ହାବୁଡରେ ପଡି ଯିଏ ଯୁଆଡେ ଦୌଡି ପଳାଇଥିଲେ। ମାତ୍ର ନରେନ୍ଦ୍ର ଯାଇ ନ ପାରିବାରୁ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କର ବାମ ଜଙ୍ଘ ଭାଙ୍ଗିଯାଇ ଗୁରୁତର ଆହତ ହୋଇଛନ୍ତି। ସାଙ୍ଗରେ ଯାଇଥିବା ମହିଳା ଗାଁକୁ ଫେରି ଘଟଣା ସମ୍ପର୍କରେ କହିବାରୁ ପରିବାର ଓ ଗ୍ରାମବାସୀ ଜଙ୍ଗଲକୁ ଯାଇ ତାଙ୍କୁ ଖୋଜିଥିଲେ। ସନ୍ଧ୍ୟାରେ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ମେଡିକାଲ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଶ୍ରୀଅରବିନ୍ଦ ଅତିମାନସ ଚେତନା ଜାଗରଣ ଯାତ୍ରା


ଶ୍ରୀଅରବିନ୍ଦ ଅତିମାନସ ଯାତ୍ରାକୁ ଶୁଭାରମ୍ଭ କରାଯାଉଛି ।

ସମ୍ବଲପୁର,୭।୭(ବ୍ୟୁରୋ)

ଶ୍ରୀଅରବିନ୍ଦ ଅତିମାନସ ଜାଗରଣ ଯାତ୍ରା ଗୁରୁବାର ସମ୍ବଲପୁର ମାତୃନିବାସଠାରୁ ଶୁଭାରମ୍ଭ ହୋଇଛି। ବରଗଡ ଏମ୍‌ପି ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ମହାନଦୀ କୋଇଲା କମ୍ପାନୀ ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜନସାଧାରଣଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା, ଦେଶପ୍ରେମ ଓ ଜାତୀୟ ଭାବନା ଜାଗ୍ରତ କରିବା ପାଇଁ ସଙ୍ଗତି ମଣ୍ଡଳ ଶ୍ରୀଅରବିନ୍ଦ ପାଠଚକ୍ର ପକ୍ଷରୁ ଏହି ଯାତ୍ରା ଆୟୋଜିତ ହୋଇଥିଲା। ସମ୍ବଲପୁର ସମେତ ବରଗଡ, ବୌଦ୍ଧ ଜିଲାର ଗ୍ରାମାଞ୍ଚଳକୁ ୭ଦିନ ଧରି ଏହା ପରିକ୍ରମା କରିବ। ଏକ ସୁସଜ୍ଜିତ ରଥରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସହିତ ଅଖଣ୍ଡ ଭାରତର ପ୍ରତିଛବି ରହିଛି। ଅନୁଷ୍ଠାନର ସଭାପତି ମନୋରଞ୍ଜନ ପଟ୍ଟନାୟକ, ଅବାହକ ପ୍ରଫୁଲ୍ଲ ପଟ୍ଟନାୟକ ଯାତ୍ରା ସଂଯୋଜନା କରିଥିଲେ। ପୂର୍ବରୁ ଶ୍ରୀଅରବିନ୍ଦ ସ୍କୁଲ ପରିସରରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଅରବିନ୍ଦଙ୍କ ବିଚାରଧାରା ଉପରେ ଉପସ୍ଥିତ ଅତିଥି ଓ ବକ୍ତାମାନେ ଆଲୋକପାତ କରିଥିଲେ।

# ନୂତନ ଶ୍ରମ ଆଇନକୁ ବିରୋଧ କରି ବିକ୍ଷୋଭ

ରାଉରକେଲା ଅଫିସ,୭।୭

ନୂତନ ଶ୍ରମ ଆଇନକୁ ବିରୋଧ କରି ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୂର ୟୁନିୟନ ଓ ସିଆଇଟିୟୁ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର କର୍ମକର୍ତ୍ତା କୁଆଁରମୁଣ୍ଡା ସ୍ଥିତ ସରବେସ ରିଫାକ୍ଟ୍ରି ଓ ଉତ୍କଳ ମୋଲ୍ଡ଼ କାରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ନୂତନ ଶ୍ରମଆଇନ ଲାଗୁ ହେଲେ ବହୁ ଶ୍ରମିକ ହଇରାଣ ହେବେ। ମାଲିକମାନେ ଶ୍ରମିକଙ୍କୁ ଅଧିକ ଶୋଷଣ କରିବା ସହ ସର୍ବନିମ୍ନ ମଜୁରି ପ୍ରଦାନ ଭଳି ବିଭିନ୍ନ ସମସ୍ୟା ଉପୁଜିବ ବୋଲି ସିଆଇଟିୟୁର ରାଜ୍ୟ ସଭାପତି ଜାହାଙ୍ଗୀର ଅଲ୍ଲୀ ମତପ୍ରକାଶ କରିଥିଲେ। ବିକ୍ଷୋଭରେ ସିଆଇଟିୟୁର ସମ୍ପାଦକ ଯଯାତି କେଶରୀ ସାହୁ, ସିମୁର ସମ୍ପାଦକ ଅଜିତ ଏକ୍କା, ସସ୍ମିତ ସ୍ୱାଇଁ, ଭବାନୀ ସାହୁ, ସରୋଜ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।



ସଂଘର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଜିଲାପାଳଙ୍କ ସହ ଆଲୋଚନା କଲା ପଶ୍ଚିମାଞ୍ଚଳ ଏକତା ମଞ୍ଚ

ସମ୍ବଲପୁର ୭।୭(ବ୍ୟୁରୋ)

ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ପବିତ୍ର ଜନ୍ମଦିନ ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ ଧୁମ୍‌ଧାମରେ ପାଳନ କରିବା ପାଇଁ ବିଭିନ୍ନ ସଂଗଠନ ପ୍ରସ୍ତୁତି ଆରମ୍ଭ କଲେଣି। ଉଦ୍ୟୋକ୍ତା ତଥା ଅଞ୍ଚଳର ଅଗ୍ରଣୀ ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ସମ୍ବଲପୁର ସହରର କଚେରୀ ରୋଡ଼ରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ଗତ ୪ ତାରିଖରେ ଓଡ଼ିଶା ସାଂସ୍କୃତିକ ଭବନ ପ୍ରେକ୍ଷାଳୟରେ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ବିଭିନ୍ନ ସାମାଜିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ବୁଦ୍ଧିଜୀବୀ, କଳାକାର, ଲେଖକ, କବି ଅଂଶଗ୍ରହଣ କରିଥିଲେ। ବୈଠକରେ ଗୃହୀତ ପ୍ରସ୍ତାବଗୁଡ଼ିକୁ ନେଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଗୁରୁବାର ଜିଲାପାଳ ଅନନ୍ୟା ଦାସଙ୍କ ସହ ଆଲୋଚନା କରିଛି। ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ଡ଼. ପ୍ରମୋଦ ରଥ, ଆବାହକ ଭବାନୀ ଶଙ୍କର ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

# କଲେଜରେ ବନ ମହୋତ୍ସବ ଉଦ୍‌ଯାପିତ

କୁଚିଣ୍ଡା,୭।୭(ଡି.ଏନ୍.ଏ.)

କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ କହ୍ଲେଇପାଲି କଲେଜରେ ସପ୍ତାହବ୍ୟାପୀ ଚାଲିଥିବା ବନ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କୁଚିଣ୍ଡା ଚାଇଲ୍ଡ ଲାଇନ ଓ ବନ୍ୟପ୍ରାଣୀ ରେଞ୍ଜର ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା ସଭାପତିତ୍ୱ କରିଥିଲେ। ଏଥିରେ କୁଚିଣ୍ଡା ରେଞ୍ଜର ଶରତ କୁମାର ପଣ୍ଡା, ବନ୍ୟପ୍ରାଣୀ ବିଭାଗ ରେଞ୍ଜର ଶରତ କୁମାର ପଣ୍ଡା, ସୁବାସ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ଫରେଷ୍ଟର ଦୁଷ୍ମନ୍ତ ଖର୍ସେଲ, ସରପଞ୍ଚ ଥାନେଶ୍ୱର ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସେହିପରି କୁଚିଣ୍ଡା କଲେଜରେ ମଧ ବନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା ଓ ଭିକାରୀ ଓରାମଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲ, ଆଇକ୍ୟୁଏସି କୋଅର୍ଡିନେଟର ସୁଚିତ୍ରା ମିଶ୍ର ଯୋଗଦେଇ ବନ ମହୋତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ଖୁର୍ସିଦ ହାରା ବେଗମ, ଝରଣା ସୁନା, ଅଧ୍ୟାପକ ଅଭିନ କିଷାନ, ସ୍ୱେଚ୍ଛାସେବୀ ସୌମ୍ୟରଞ୍ଜନ ପଟେଲ, ପବନ ପୂଜାରୀ, ସୁଧାରାଣୀ ସିଂ ପ୍ରମୁଖ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ।

## ଯୁଯୁମୁରା ବ୍ଲକ: ୧୦୨୮ରୁ ପାସ୍‌କଲେ ୧୦୦୯

ପଡିଆବାହାଲ, ୭।୭(ଡି.ଏନ.ଏ.)

ବୁଧବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଯୁଯୁମୁରା ବ୍ଲକର ୨୦ ହାଇସ୍କୁଲରୁ ୧୧୦୪ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୧୦୨୮ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ଗିରିପାଲି ହାଇସ୍କୁଲ ଓ କେଏମ୍‌ଜିଏନ୍ ହାଇସ୍କୁଲରୁ ଜଣେ ଲେଖାଏ ଏ-୧ ଗ୍ରେଡ୍ ପାଇଥିଲା ବେଳେ ବିଭିନ୍ନ ସ୍କୁଲରୁ ୩୨ଜଣ ଏ-୨, ୧୭୫ଜଣ ବି-୧, ୨୯୫ଜଣ ବି-୨, ୩୨୧ଜଣ ସି, ୧୪୬ଜଣ ଡ଼ି ଓ ୩୮ଜଣ ଡ଼ି ଗ୍ରେଡ୍ ପାଇଛନ୍ତି। ଅର୍ଥାତ୍ ମୋଟ ୧୦୦୯ଜଣ ପାସ୍ କରିଥିଲା ବେଳେ ୧୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି ।

## କୋଲାବିରା ମହାବିଦ୍ୟାଳୟରେ ବନ ମହୋତ୍ସବ

କୋଲାବିରା,୭।୭(ଡି.ଏନ.ଏ.)

କୋଲାବିରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ବନ ମହେତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଶିଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୃପରାଜ ଭୋଇ, ଲବ ପଧାନ, ସରୋଜ କୁମାର ପଟେଲ, ସନ୍ଧ୍ୟାରାଣୀ ପୂଜାରୀ, ସସ୍ମିତା ବେହେରା, ସରିତା ବେହେରା ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକାଙ୍କୁ ନେଇ କଲେଜ ପରିସରରେ ଛତିଆନ, ନିମ୍ବ, ମୁଚୁକୁନ୍ଦ, ଶିଶୁ, ପିଜୁଳି, ଅଁଳା, ଜାମୁ, କରଞ୍ଜ, ଗମ୍ଭାରୀ ଆଦି ଚାରା ରୋପଣ କରାଯାଇଥିଲା।



# ଜଙ୍ଗଲ ଜମିରେ ଘର, ଉଚ୍ଛେଦ କଲା ବନ ବିଭାଗ

ରାଉରକେଲା ଅଫିସ,୭।୭

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଦୁର୍ଗାପୁର ପାହାଡ ତଳେ ଜଙ୍ଗଲ ଜମିକୁ କବ୍‌ଜା କରି ଘର ତିଆରି ବେଳେ ରାଉରକେଲା ବନ ବିଭାଗ ଗୁରୁବାର ତାକୁ ଉଚ୍ଛେଦ କରିଛି। ଦୁର୍ଗାପୁର ବସ୍ତିର ରାକେଶ ଚନ୍ଦ୍ର ନାୟକ ପାହାଡ ତଳେ ୫ଶହ ସ୍କୋୟାର ଫୁଟ୍‌ର ଜାଗାକୁ ପାଚେରି ଘେରାଉ କରି ବାସଗୃହ ତିଆରି କରୁଥିଲେ। ଖବର ପାଇ ପାନପୋଷ ଜଙ୍ଗଲ ବିଭାଗର ରେଞ୍ଜର ହରିଶ୍ଚନ୍ଦ୍ର ଜେନା, ବନ୍ଧମୁଣ୍ଡା ଫରେଷ୍ଟ ରେଞ୍ଜର ଦୁଃଖି କିଷାନ, ରଶ୍ମିତା ଛୁଆଲସିଂହ, ଫରେଷ୍ଟ ଗାର୍ଡ ଗାୟତ୍ରୀ ଏକ୍କାଙ୍କ ସମେତ ଅନ୍ୟ କର୍ମଚାରୀମାନେ ପହଞ୍ଚି ବେଆଇନ ଗୃହକୁ ଉଚ୍ଛେଦ କରିଥିଲେ। ଆଗାମୀ ଦିନରେ ଏଭଳି ଜଙ୍ଗଲ ଜମିକୁ ବେଆଇନ ଭାବେ କବ୍‌ଜା ନ କରିବା ପାଇଁ ସେମାନେ ସ୍ଥାନୀୟ ଲୋକଙ୍କୁ ଅବଗତ କରିଥିଲେ।


ବନ ବିଭାଗ କର୍ମଚାରୀମାନେ ଜବରଦଖଲ ଉଚ୍ଛେଦ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୮ ଜୁଲାଇ, ୨୦୨୨



## ସଂକ୍ଷେପରେ

### ଦେବଗଡ଼ ଜିଲାସ୍ତରୀୟ ବନମହୋତ୍ସବ ପାଳିତ



ଦେବଗଡ଼, ୭।୭ (ଡି.ଏନ୍.ଏ.): ଦେବଗଡ଼ ବନଖଣ୍ଡ ପକ୍ଷରୁ ଗୁରୁବାର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥାନ ପରିସରରେ ଜିଲାସ୍ତରୀୟ ୭୩ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୋମେଶ ଉପାଧ୍ୟାୟ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ, ପୋରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ ସାଧନା ଦାସ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ବନ ମହୋତ୍ସବ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ଓ ଗ୍ରାମାଞ୍ଚଳରେ ବନ ସୁରକ୍ଷାରେ ଶ୍ରେଷ୍ଠ ବିବେଚିତ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ଅଧକ୍ଷ ଶରତ ଚନ୍ଦ୍ର ସେଠ ପରିଚାଳନା କରିଥିଲେ। ସଭା ଶେଷରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ସେହିପରି ଜିଲା ପୋଲିସ ମୁଖ୍ୟାଳୟ ଡିଏଫଏସଏଲ ପରିସରରେ ଅନୁରୂପ ଭାବେ ଅତିଥିଙ୍କ ଦ୍ୱାରା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ମାଟ୍ରିକ ପରୀକ୍ଷା ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଜିଲା ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା

ଦେବଗଡ଼,୭।୭(ଡି.ଏନ୍.ଏ.): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଜିଲାର ସର୍ବାଧିକ ନମ୍ବର ହାସଲ କରିଥିବା ଛାତ୍ରଙ୍କ ସହ ଏ-୧ ଗ୍ରେଡ ରଖିଥିବା ଅନ୍ୟ ୩ ଜଣ ଛାତ୍ରୀଛାତ୍ରଙ୍କୁ ଗୁରୁବାର ଦେବଗଡ ଜିଲା ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସନ୍ଧ୍ୟାରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାଏ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମାଟ୍ରିକ ପରୀକ୍ଷାରେ ୫୭୪ ନମ୍ବର ରଖି ଦେବଗଡ ଜିଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ଦେବଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଓମ ଶ୍ରୀ ଦେହୁରୀଙ୍କ ସମେତ ୫୫୬ ନମ୍ବର ରଖିଥିବା ପ୍ରତ୍ୟୁଷ କୁମାର ଗଡନାୟକ ଏବଂ ରତ୍ନାମଂଜରି ତ୍ରିପାଠୀ ଓ ୫୫୫ ନମ୍ବର ରଖିଥିବା ସୋନାଲି ଦେହୁରୀଙ୍କୁ ସମ୍ମର୍ଦ୍ଧନା ଦିଆଯାଇଥିଲା। ଏହାସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏଭଳି ସଫଳତା ଯୋଗୁ ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅଙ୍କର ମଲ୍ଲିକ, ଏସଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର, ଦେବଗଡ ଥାନା ଆଇଆଇସି ସୁରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନେ ସେମାନଙ୍କ ଭବିଷ୍ୟତର ଲକ୍ଷ୍ୟ ଉପରେ ପ୍ରକାଶ କରିଥିଲେ।

# ପରିବେଶ ସୁରକ୍ଷାକୁ ଜୀବନର ଦୀକ୍ଷା କରାଯାଉ

ସୁନ୍ଦରଗଡ଼,୭।୭(ଡି.ଏନ.ଏ.)



ସୁନ୍ଦରଗଡ ବନଖଣ୍ଡ ସୁବଳୟାରେ ଜିଲାସ୍ତରୀୟ ବନମହୋତ୍ସବରେ ଉପସ୍ଥିତ ଅତିଥି, ବନବିଭାଗର ଅଧିକାରୀ।

ବହୁମୂଲ୍ୟ ପ୍ରାକୃତିକ ସମ୍ବଳ ଜଙ୍ଗଲ ସମ୍ପଦର ଅବକ୍ଷୟ ଦ୍ୱାରା ସମଗ୍ର ପ୍ରାଣୀ ସମାଜ ଆଜି ଏକ ଆସନ୍ନ ବିପଦମୁହାଁ ହୋଇପଡିଛି। ଅବାଧ ଜଙ୍ଗଲ କଟା ଯୋଗୁ ଜଳବାୟୁ ପରିବର୍ତ୍ତନରୁ ସମଗ୍ର ଜୀବଜଗତ ପ୍ରତ୍ୟକ୍ଷ ବା ପରୋକ୍ଷରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ପୃଥିବୀରେ ଜୀବଜଗତର ସତ୍ତା ଓ ସନ୍ତୁଳନ ନିମନ୍ତେ ଜଙ୍ଗଲ ସମ୍ପଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନୁଷ୍ୟର ଦୈନନ୍ଦିନ ଜୀବନ ଶୈଳୀରୁ ଆରମ୍ଭ କରି ଜୀବନ ଜୀବିକାର ଉନ୍ନତି ତଥା ପରିବେଶର ସନ୍ତୁଳନ ନିମନ୍ତେ ଜଙ୍ଗଲ ସମ୍ପଦର ସଂରକ୍ଷଣର ଆବଶ୍ୟକତା ରହିଛି। ବୃକ୍ଷରୋପଣ ନିମନ୍ତେ ଜନଜାଗରଣ ସୃଷ୍ଟି କରିବା, ଜଙ୍ଗଲ ସୁରକ୍ଷା ତଥା ନୂତନ ଜଙ୍ଗଲ ସୃଷ୍ଟି କରିବା ନିମନ୍ତେ ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ଜୁଲାଇ ୧ ରୁ ଜୁଲାଇ ୭ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ଗୁରୁବାର ସୁନ୍ଦରଗଡ଼ ବନଖଣ୍ଡ ତରଫରୁ ସୁବଳୟା ଗ୍ରାମରେ ଜିଲାସ୍ତରୀୟ ୭୩ତମ ବନ ମହୋତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଏବଂ ସୁନ୍ଦରଗଡ ଆରକ୍ଷୀ ଅଧୀକ୍ଷିକା ସାଗରିକା ନାଥ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ

**ସୁବଳୟାଠାରେ ୭୩ ତମ ଜିଲାସ୍ତରୀୟ ବନ ମହୋତ୍ସବ**

ଜିଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ ସୁବଳୟା ଗ୍ରାମର ୩.୬ ଏକର ପରିମିତ ଏକ ଅଞ୍ଚଳରେ ୫୦୦୦ ବୃକ୍ଷ ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବନଖଣ୍ଡର ସହକାରୀ ବନ ସଂରକ୍ଷକ ମୋହନ ହେମ୍ବ୍ରମ, ସୁନ୍ଦରଗଡ ବନଖଣ୍ଡର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ ତଥା ବନ ବିଭାଗର କର୍ମକର୍ତ୍ତାମାନେ ଯୋଗଦାନ କରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ତଦାରଖ ଓ ପରିଚାଳନା କରିଥିଲେ। ଏହି ମହୋତ୍ସବ ଅବସରରେ ସକାଳ ସମୟରେ ବନ ବିଭାଗର ଅଧିକାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ,ଛାତ୍ର ଏନସିସି ଓ ସ୍କାଉଟ୍ସ ଏବଂ ଗାଇଡଙ୍କ ଦଳ ସୁନ୍ଦରଗଡ଼ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ସୁନ୍ଦରଗଡ଼ବାସୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବନସୁରକ୍ଷା ସମିତି ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସୁନ୍ଦରଗଡ଼ ସବଡିଭିଜନ ନିମନ୍ତେ ଝୁରିମାଲ ବନସୁରକ୍ଷା ସମିତି ତଥା ବଣାଇ ଓ ପାନପୋଷ ସବଡିଭିଜନ ନିମନ୍ତେ ଯଥାକ୍ରମେ ଚନ୍ଦ୍ରପୁର ବନ ସୁରକ୍ଷା ସମିତି ଓ ଗମ୍ଭାର ବନ ସୁରକ୍ଷା ସମିତିକୁ ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଲିଙ୍ଗରାଜ ନାଏକ, ନରୋତ୍ତମ ତାଜନ, ମାରିଆନୁସ ଟେଟେ, ଦୟାବତୀ କିଷାନ, ଭୀମ ଲାକ୍ରା, ମନବୋଧ ଅଡା, ଏତୁଆ ବାଗ, ଅମିର କୁମାର ନାଏକ, ଶୈଳବାଳା ଷଡଙ୍ଗୀ ଓ ସୁକୁମାର ଚାନ୍ଦଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

### ରାଜଗାଙ୍ଗପୁର ଟପ୍ପର ହେଲେ ଶୁଭ୍ରଜିତ

ରାଜଗାଙ୍ଗପୁର, ୭।୭(ଡି.ଏନ.ଏ.)

ଚଳିତ ମାଟ୍ରିକ ପରୀକ୍ଷାରେ ରାଜଗାଙ୍ଗପୁର ସହରର ଶୁଭ୍ରଜିତ ରାଉତ ସର୍ବାଧିକ ନମ୍ବର ରଖି ରାଜଗାଙ୍ଗପୁରରେ ଟପ୍ପର ହେବା ସହ ପ୍ରଶଂସିତ ହୋଇଛନ୍ତି। ଶୁଭ୍ରଜିତ ରାଣିବନ୍ଧ ହାଇସ୍କୁଲରେ ପାଠ ପଢୁଥିଲା ବେଳେ ତାଙ୍କ ବାପା କମଳ ଲୋଚନ ରାଉତ ସେହି ସ୍କୁଲର ସଂସ୍କୃତ ଶିକ୍ଷକ। ଶୁଭ୍ରଜିତ ୫୨୭ ନମ୍ବର ତଥା ୮୮% ମାର୍କ ରଖିଛନ୍ତି। ରାଜଗାଙ୍ଗପୁର ପଞ୍ଚାୟତସ୍ତରରେ କାଂଶବାହାଲ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ଗାୟତ୍ରୀ ସାହୁ ୫୧୪ ନମ୍ବର ତଥା ୮୬:୬୭ % ରଖି ପଞ୍ଚାୟତ ସ୍ତରରେ ଟପ୍ପର ହୋଇ ସୁନାମ ଅର୍ଜନ କରିଛନ୍ତି। ବିଭିନ୍ନ ମହଲରୁ ରାଜଗାଙ୍ଗପୁରର ଟପ୍ପରମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର




କୁତ୍ରା, ୭।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଙ୍ଗାଜଳସ୍ଥିତ ସ୍କାନ ଷ୍ଟିଲ ଲିମିଟେଡ ୟୁନିଟ ୨ବୁଡାକଟାଠାରେ ଗୁରୁବାରଠାରୁ ତିନି ଦିନ ଧରି ମାଗଣା ଆଖି ପରୀକ୍ଷା ସହିତ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ କରାଯାଇଛି। ଏଥିରେ ଜୟପ୍ରକାଶ ହସ୍ପିଟାଲର ଡାକ୍ତରମାନେ ଆସି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ଏବଂ ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ଶତାଧିକ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିରେ ଡାକ୍ତର ଅଜିତ ସ୍ୱାଇଁ, ଟେକନିସିଆନ ସନ୍ଧ୍ୟାରାଣୀ ଦାସ, କାୟଲା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ସ୍କାନଷ୍ଟିଲର ପୂର୍ଣ୍ଣକାଳିନ ନିର୍ଦ୍ଦେଶକ ଅଙ୍କୁର ମଦାନ, ସୌରଭସେନ ଗୁପ୍ତା, ଦିପକ ଶର୍ମା, ପ୍ରଭୁରାମ ଦେ, ସୁବାସ ମଲ୍ଲିକ, ସରୋଜ ମହାକୁଳ, ହରିଓମ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିରର ପରିଚାଳନା କରିଥିଲେ।

# ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ




ସଫେଇ କର୍ମଚାରୀମାନେ ଥାନାକୁ ଅଭିଯୋଗ କରିବାକୁ ଆସିଛନ୍ତି।

ଦେବଗଡ଼,୭।୭(ଡି.ଏନ୍.ଏ.)

ଦେବଗଡ଼ ପୌର ପରିଷଦ ମହାଦୁର୍ନୀତି ନେଇ ଚର୍ଚ୍ଚାରେ ଥିବାବେଳେ ଗୁରୁବାର ପୁଣି ପୌର ପରିଷଦରେ କାର୍ଯ୍ୟରତ ୮୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀଙ୍କ ୬ ମାସର ଇପିଏଫ୍ ଅର୍ଥ ହଡପ ହୋଇଥିବା ଅଭିଯୋଗ ହୋଇଛି। ଜିଲା ସଫେଇ କର୍ମଚାରୀ ସଂଘ ପକ୍ଷରୁ ଏନେଇ ନିର୍ବାହୀ ଅଧିକାରୀ(ଇଓ)ଙ୍କ ବିରୋଧରେ

**ସଫେଇ କର୍ମଚାରୀଙ୍କ ଇପିଏଫ୍ ହଡପ ଅଭିଯୋଗ**

ଥାନାରେ ଅଭିଯୋଗ କରାଯାଇଛି। ଜିଲା ସଫେଇ କର୍ମଚାରୀ ସଂଘ ସଭାପତି ଧର୍ମେନ୍ଦ୍ର କୁମାର ଦେବତା, ଉପନଗରପାଳ ପ୍ରଜିତ କୁମାର ଭୋଜ ନିର୍ବାହୀ ଅଧିକାରୀ ଆତସୀ ପରିଡା ଓ ପୌର କର୍ମଚାରୀଙ୍କ ବିରୋଧରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଦେବଗଡ଼ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ସଫେଇ କର୍ମଚାରୀଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ତେବେ ନିର୍ବାହୀ ଅଧିକାରୀଙ୍କ ମତାମତ ନେବାରୁ ଏ ନେଇ ପୂର୍ବତନ ଆକାଉଣ୍ଟାଣ୍ଟଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

# ରାକେଟରେ ସମ୍ପୃକ୍ତ ୩ ଗିରଫ

ଦେବଗଡ଼,୭।୭(ଡି.ଏନ୍.ଏ.)

**ଦେବଗଡ଼ ପୌର ପରିଷଦ ମହାଦୁର୍ନୀତି**

ବହୁ ଚର୍ଚ୍ଚିତ ଦେବଗଡ଼ ପୌର ପରିଷଦ ମହାଦୁର୍ନୀତିରେ ସମ୍ପୃକ୍ତ ରାକେଟର ୩ ଜଣଙ୍କୁ ଗୁରୁବାର ଦେବଗଡ଼ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ସେହିପରି ମୁଖ୍ୟ ଅଭିଯୁକ୍ତ ବିନୋଦଙ୍କ ଏକ କମ୍ପ୍ୟୁଟର ସେଣ୍ଟରକୁ ପୋଲିସ ସିଲ୍ କରିବା ସହ ବିଭିନ୍ନ ଦସ୍ତାବିଜ ଜବତ କରିଛି। ତେବେ ଆଜି ମଧ ମୁଖ୍ୟ ଅଭିଯୁକ୍ତ ଆକାଉଣ୍ଟାଣ୍ଟ ବିନୋଦ ନାଗ ଫେରାର ରହିଛନ୍ତି। ଗିରଫ ଅଭିଯୁକ୍ତ ଭୁବନ ନାଏକ, ଓମ ପ୍ରକାଶ ସାହୁ ଓ ଅମୃତ୍ତି ସାହୁ ବୋଲି ପୋଲିସ ସୂଚନା ଦେଇଛି। ପୌର ପରିଷଦର ଅବସରପ୍ରାପ୍ତ କର୍ମଚାରୀ ଜଗ ମୁଣ୍ଡାଙ୍କ ବକେୟା ୧୪ ଲକ୍ଷ ଟଙ୍କା ଜାଲ୍ ଆକାଉଣ୍ଟାଣ୍ଟ ଜରିଆରେ ଟ୍ରେଜେରୀରୁ ହଡପ କରିଥିବା ନେଇ ନିର୍ବାହୀ ଅଧିକାରୀ ଆତସୀ ପରିଡା ଗତ ଜୁନ ୧୦ ତାରିଖ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୋଲିସ ଠକେଇ ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ଏଥିସହ ମୋଟ ୭୦ ଲକ୍ଷ ଟଙ୍କାର ହିସାବ ନ ଥିବା ନେଇ ଅଭିଯୋଗ ପରେ ବିଭାଗୀୟ ଅଡିଟ ଜାରି ରହିଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଆକାଉଣ୍ଟାଣ୍ଟ ବିନୋଦ ନାଗ ଫେରାର ରହିଛି । ଆଜି ପର୍ଯ୍ୟନ୍ତ ପୋଲିସ ଗିରଫ କରିପାରି ନାହିଁ।

# ନିଶା କାରବାର ନେଇ ହତ୍ୟାକାଣ୍ଡ: ମହିଳା ଗିରଫ

ଦେବଗଡ଼,୭।୭(ଡି.ଏନ୍.ଏ.)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଔତଳ ଗ୍ରାମରେ ନିଶା କାରବାରକୁ କେନ୍ଦ୍ରକରି ବୁଧବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ଗୁରୁବାରୀ ମହନ୍ତ ନାମ୍ନୀ ବିଧବା ମହିଳାଙ୍କୁ ଗିରଫ କରିଛି। ଗୁରୁବାରୀ ନିଜ ଘରେ ବେଆଇନ ମଦ କାରବାର କରୁଥିବାରୁ ତାଙ୍କ ଘରକୁ ଅନେକ ଲୋକ ଯିବାଆସିବା କରୁଥିଲେ। ତେବେ ଗୁରୁବାରୀଙ୍କ ପଡୋଶୀ ଲୋକନାଥ ମହନ୍ତ (୫୦) ଏହାକୁ ସହ୍ୟ କରି ନ ପାରି ଗୁରୁବାରୀଙ୍କୁ ଏଥିରୁ ନିବୃତ ହେବାକୁ ବାଧ କରୁଥିଲେ। ବୁଧବାର ରାତିରେ ଗୁରୁବାରୀଙ୍କ ଘରେ ମଦ ପାଇଁ କେତେକ ଅନ୍ୟ ପୁରୁଷ ଆସି ବିଳମ୍ବିତ ରାତି ଯାଏଁ ରହିବା ଦେଖି ଲୋକନାଥ ଗୁରୁବାରୀଙ୍କ ଘରେ ଯାଇ ପାଟିତୁଣ୍ଡ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗୁରୁବାରୀ ଏକ ପଥର ସାହାଯ୍ୟରେ ଲୋକନାଥଙ୍କୁ ଆକ୍ରମଣ କରିବାରୁ ସେ ତଳେ ପଡ଼ିଯାଇଥିଲେ। ଗୁରୁବାରୀ ଏକ ଟାଙ୍ଗିଆ ସାହାଯ୍ୟରେ ଲୋକନାଥଙ୍କ ଶରୀର ଓ ମୁଣ୍ଡରେ ଚୋଟ ମାରିବାରୁ ଘଟଣାସ୍ଥଳରେ ଲୋକନାଥଙ୍କ ମୃତ୍ୟୁ ଘଟିଥିଲା। ସୂଚନାପାଇ ବାରକୋଟ ଥାନା ପୋଲିସ ରାତିରେ ଗ୍ରାମକୁ ଯାଇ ମୃତଦେହ ଜବତ କରିଥିଲା। ଗୁରୁବାର ଏସଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଥାନା ଅଧିକାରୀ କନକ ମାଝୀ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ହତ୍ୟାକାରୀ ଗୁରୁବାରୀଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ପଥର ଓ ଟାଙ୍ଗିଆକୁ ଜବତ କରିଛି । ସେହିପରି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡା ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

# ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ବନମହୋତ୍ସବ



ବନମହୋତ୍ସବ ପାଳନ ଅବସରରେ ଛାତ୍ରୀ ଓ ଅତିଥି।

ରାଜଗାଙ୍ଗପୁର, ୭।୭(ଡି.ଏନ.ଏ.)

ରାଜଗାଙ୍ଗପୁର ସହରସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ୭୩ତମ ବନମହୋତ୍ସବ ପାଳିତ ହୋଇଯାଇଛି। ରାଜଗାଙ୍ଗପୁର ଡାଲମିଆ ଭାରତ ସିମେଣ୍ଟ ଲିମିଟେଡର ମିଳିତ ଚେଷ୍ଟାରେ ମହାବିଦ୍ୟାଳୟର ଅଧକ୍ଷ ବିପିନ ଚୌଧୁରୀଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ଡିବିସିଏଲର ମୁଖ୍ୟ ଗଣେଶ ଜିରକୁଣ୍ଟୱାର, ସମ୍ମାନିତ ଅତିଥି ଭାବେ ସଙ୍ଗମ ମହିଳା ମଣ୍ଡଳର ସଭାପତି ପ୍ରିତି ଜିରକୁଣ୍ଟୱାର,ଜାଗୃତି ମହିଳା ମଣ୍ଡଳର ସଭାପତି ସରୋଜ ଶ୍ରୀବାସ୍ତବ, ଡାକ୍ତର କବିତା ସିଂ ଓ ଶିବକୁମାର ପରିଜା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଏନ୍‌ସିସି, ରେଡକ୍ରସ,ଏନ୍‌ଏସଏସ୍ ଛାତ୍ରୀଙ୍କ ସହିତ ମିଶି ମହାବିଦ୍ୟାଳୟକୁ ହରିତମୟ କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ହେବା ସହ ବିଭିନ୍ନ ବୃକ୍ଷ ରୋପଣ କରିଥିଲେ।

### କୁମଝରିଆ ହାଇସ୍କୁଲର ଶତ ପ୍ରତିଶତ ମାଟ୍ରିକ ଫଳାଫଳ

କୁଆଁରମୁଣ୍ଡା,୭।୭(ଡି.ଏନ.ଏ)

ଗତବର୍ଷ ପରି ଚଳିତ ବର୍ଷ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମଝରିଆ ସରକାରୀ ହାଇସ୍କୁଲ ମାଟ୍ରିକ ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ସର୍ବମୋଟ ୧୩୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୨ରେ ୪,ବି-୧ରେ ୪୭, ବି-୨ରେ ୭୩, ସି-୧୦ ଓ ଡି-୨ ଜଣ ଛାତ୍ରୀଛାତ୍ର ସଫଳଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ପରେ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସ୍କୁଲର ଛାତ୍ର ସୁଜଳ କୁମାର ପଧାନ, ସୁକାନ୍ତ ଲାକ୍ରା, ତରୁନ ଧନୱାର, କେନ୍ରିଜା ସାମଦ ମୋଟ ୪ ଜଣ ଏ-୨ରେ ରହିଥିବା ବେଳେ ୫୩୧ ନମ୍ବର ରଖି ସୁଜଳ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଧାନଶିକ୍ଷକ ସଂଜୟ କୁମାର ସାମଲ କହିଛନ୍ତି।

# କୁରୁମକେଲ ବନସୁରକ୍ଷା ସମିତି ପକ୍ଷରୁ ବନମହୋତ୍ସବ

ଲେଫ୍ରିପଡ଼ା, ୭।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ କୁରୁମକେଲ ଗ୍ରାମରେ ଗୁରୁବାର କୁରୁମକେଲ ବନସୁରକ୍ଷା ସମିତି ପକ୍ଷରୁ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କୁଲାବିରା ପଞ୍ଚାୟତର ସରପଞ୍ଚ ଶକୁନ୍ତଳା ନାଏକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବର୍ତ୍ତମାନ ପରିସ୍ଥିତିରେ ପ୍ରତିଟି ମଣିଷ ବୃକ୍ଷ ରୋପଣ କରି ସମାଜ ପ୍ରତି ଏକ ଉଲ୍ଲେଖନୀୟ ଅବଦାନ ଗ୍ରହଣ କରିବା ଉଚିତ ବୋଲି କହିଥିଲେ । ଲେଫ୍ରିପଡ଼ା ଲ୍ୟାମ୍ପସ ସଭାପତି ସୁନୀଲ କୁମାର କାଲୋ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବୃକ୍ଷରୋପଣକୁ ଜୀବନର ବ୍ରତ ଭାବେ ପାଳନ କରି ପ୍ରତ୍ୟେକ ଜନସାଧାରଣ ପ୍ରତିବର୍ଷ ବୃକ୍ଷଟିଏ ଲଗାଇବା ପାଇଁ ଆହ୍ୱାନ କରିଥିଲେ। ପରେ ସ୍ଥାନୀୟ କୁରୁମକେଲ ଗ୍ରାମର ଭୁର୍ଷିଟୁଙ୍ଗୁରିଠାରେ ଅତିଥି ଏବଂ ସ୍ଥାନୀୟ ଜନସାଧାରଣ ବିଭିନ୍ନ କିସମର ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ଗୁଡ଼ି ନାଏକ, ଫରେଷ୍ଟ ଗାର୍ଡ ଆରତୀ ସା, ବନସୁରକ୍ଷା ସମିତି ସଭାପତି ସୁମିତ ନନ୍ଦ,ସୁମନ୍ତ ନାଏକ, ମମତା ଅମାତ, କୁମୁଦ ବିହାରୀ ପଟେଲ, ନାରାୟଣ ପଟେଲ, ସମୀର ଭୋଇ, ଶରତ ତଣ୍ଡିଆ ପ୍ରମୁଖ ବନସୁରକ୍ଷା ସମିତି ସଦସ୍ୟା ସଦସ୍ୟ ଏବଂ ଗ୍ରାମବାସୀ ଯୋଗଦାନ କରିଥିଲେ।



ବନସୁରକ୍ଷା ସମିତି ପକ୍ଷରୁ ବୃକ୍ଷରୋପଣ କରାଯାଇଛି।

# ଜନ୍ମଦିନରେ ଗଛ ଲଗାଇବାକୁ ଶପଥପାଠ

କୁତ୍ରା, ୭।୭(ଡି.ଏନ.ଏ)

**ସାର୍ଗୁକିଷାନ, ସାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ**




ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରା ସାର୍ଗୁକିଷାନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ସାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗ ଦେଇଥିଲେ। ତାଙ୍କ ସହିତ ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, କୁତ୍ରା ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ, ତୁନମୁରା ସରପଞ୍ଚ ତରୁଣୀସେନ ବରିହା, ବନବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସ୍ୱାଏର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସ୍ନେହଲତା ପଟେଲ, ମନଭାଙ୍ଗି ନାଏକ, ମାର୍ସିଆ ଟେଟେ, ଶ୍ରୀକାନ୍ତ ବାଗ, ରିଙ୍କୁ ଭୋଇ, ଉମାଶଙ୍କର ମଲ୍ଲିକ, କିରଣ ଏକ୍କା, ପ୍ରିୟଦର୍ଶିନୀ ପାଢ଼ୀ, ରାମେଶ୍ୱର ଲାକ୍ରା, ଦ୍ରୌପଦି ସାହୁ, ଅଞ୍ଜଳି ତିଗା, ରୋମାଞ୍ଚ ତାଣ୍ଡିଆ, ଅଙ୍କିତା ବାନାର୍ଜୀ, ପାନୁ ଏକ୍କା ପ୍ରମୁଖ ସହଯୋଗ କରିଥିଲେ। ଇକୋକ୍ଲବ ଶିକ୍ଷକ ଅମରେଶ ସାହୁଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ସେହିଭଳି କଟଙ୍ଗସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ତରଫରୁ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ କୁତ୍ରା ବିଇଓ ଗୁରଚରଣ ସାହୁ, ସବୁଜବାହିନୀର ରାଜ୍ୟ ପ୍ରଶିକ୍ଷକ ବିଭୀଷଣ ବାରିକ, ଡାଲମିଆ ଭାରତ ଫାଉଣ୍ଡେସନ ତରଫରୁ ଜିଏମ ବିଶ୍ୱଜିତ ସାମନ୍ତ ରାୟ, ସିଏସଆର ମୁଖ୍ୟ ସ୍ମୃତିରେଖା କର,ଏଜିଏମ୍ ଶୁଭଦର୍ଶିନୀ ପାଇକରାୟ, ସୌମ୍ୟରଞ୍ଜନ ହୋତା, ସଞ୍ଜିବ କୁମାର, ବିକ୍ରମ ରୟ, ସୁଜାତା ଦାସ, ସୁନିଆ ଡୁଙ୍ଗଡୁଙ୍ଗ, ରଶ୍ମି ଧନୱାର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପରିବେଶ ସୁରକ୍ଷା ଦିଗରେ ଇକୋକ୍ଲବର ବହୁବିଧ କାର୍ଯ୍ୟକ୍ରମ ବିଷୟରେ ଅତିଥିମାନେ ପ୍ରକାଶ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା ବୃକ୍ଷର ଉପକାରିତା ବିଷୟରେ ସୂଚନା ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ନିଜର ଜନ୍ମ ଦିନରେ ଗୋଟିଏ ଲେଖାଁଏ ଗଛ ଲଗାଇବା ପାଇଁ ଶପଥପାଠ କରାଇଥିଲେ। ଏହି ଅବସରରେ ବିଦ୍ୟାଳୟର ସବୁଜ ବାହିନୀ, ସ୍କାଉଟ୍ସ, ଗାଇଡ ଓ ଜୁନିୟର ରେଡକ୍ରସର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସବୁଜ ବାହିନୀ ଶିକ୍ଷକ ଗୋପାଳକୃଷ୍ଣ ଦାଶ, ଗାଇଡ କ୍ୟାପଟେନ କୁମାରୀ ଜୟପୁରିଆ, ସ୍କାଉଟ୍ସ ମାଷ୍ଟର ଭିକାରୀ ଦାସ, ଜୁନିୟର ରେଡକ୍ରସ ପରାମର୍ଶଦାତ୍ରୀ ମମତା ସ୍ୱାଇଁ, ପ୍ୟାରେଲାଲ ସାହୁ, ବିଜୟ କେର୍କେଟା, ଉଦିତ ସେଖର ସିଂ, ରବି କମାର ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ମହେନ୍ଦ୍ର ସିଂ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସ୍ମିତା ନାୟକ ନିର୍ଦ୍ୱନ୍ଦ୍ୱରେ ଉପସଭାପତି ନିର୍ବାଚିତ



**ରାଉରକେଲା ଅଫିସ,୭।୭:** ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଉପସଭାପତି ଭାବେ ସ୍ମିତା ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏ ନେଇ ଗୁରୁବାର ଉଦିତନଗରରେ ସ୍ଥିତ ଅର୍ବାନ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ମିତା ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକରଙ୍କ ନିକଟରେ ନିଜ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ପଦବୀ ପାଇଁ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ କରି ନ କରିବାରୁ ସ୍ମିତା ନିର୍ଦ୍ୱନ୍ଦ୍ୱରେ ଉପସଭାପତି ନିର୍ବାଚିତ ହୋଇଥିଲେ। ଅର୍ବାନ ବ୍ୟାଙ୍କର ପୂର୍ବତନ ସଭାପତି ରାଜେଶ ମହାପାତ୍ର, ହରିହର ରାଉତରାୟ, ରମେଶ ବଳ, ରସିଦ ଆଲାମ, ନୃସିଂହ ନାୟକ, ବୁଲୁ ପୁହାଣ, ସଂଗ୍ରାମ ସାମନ୍ତରାୟ, ସୁକାନ୍ତ ମହାପାତ୍ର, ବିନ୍ଦର ସିଂ, ଅବିନାଶ ପ୍ରଧାନ, ଅକ୍ଷୟ ପରିଡ଼ା, ବେନି ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ମିତା ନାୟକଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଖଣ୍ଡୋକଟା ସ୍କୁଲରେ ବୃକ୍ଷରୋପଣ

**କୁଚିଣ୍ଡା,୭।୭(ଡି.ଏନ୍.ଏ.):** କୁଚିଣ୍ଡା ବ୍ଲକର ଖଣ୍ଡୋକଟା ନୋଡାଲ ପ୍ରାଥମିକ ସ୍କୁଲରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିଆର୍‌ସିସି ତପସ୍ୟା ବାଘ, ଶିକ୍ଷକ ମାଧବ ସାହୁ, ଶିକ୍ଷୟିତ୍ରୀ ପ୍ରତିମା ମାହାଣା ପ୍ରମୁଖ ଯୋଗଦେଇ ବୃକ୍ଷର ଉପକାରିତା ଉପରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ ଚୌଧୁରୀ ସଭା ସଞ୍ଚାଳନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ବୃକ୍ଷ ହିଁ ଜୀବନ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଲକ୍ଷ୍ମୀ ଯାଦବ ପ୍ରଥମ, ପ୍ରୟାଗ ପାତ୍ର ଦ୍ୱିତୀୟ ଓ କୃଷ୍ଣ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ କଲ୍ୟାଣୀ ନାୟକ ଧନ୍ୟବାଦ ଦେଇଥିଲେ।

### କୁତ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ

**କୁତ୍ରା, ୭।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ସବୁଜ ବାହିନୀ ପକ୍ଷରୁ ବୁଧବାର ବନମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ଜିଲା ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ, ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡ଼ା, ବିଇଓ ଗୁରୁଚରଣ ସାହୁ, ଆଲୁମିନି ସଭାପତି ଶଙ୍କରପ୍ରସାଦ ଟପ୍ପୋ, ବଡଗାଁ ରେଞ୍ଜ ଅଧିକାରୀ ଦିଲୀପ କୁମାର ଦିଗଲ, ପୂର୍ବତନ ପ୍ରଧାନ ଶିକ୍ଷକ ଲାଲମୋହନ ନାଏକ, ବ୍ଲକ ମଙ୍ଗଳ ଅଧିକାରୀ ମଦନ ସିଂ, ଆଲୁମିନି ଉପଦେଷ୍ଟା ପ୍ରଭୁଦୟାଲ ଅଗ୍ରୱାଲ, ଆଲୁମିନି ଶୁରେଶ ଚନ୍ଦ୍ର ଟପ୍ପୋ ପ୍ରମୁଖ ରହି ପ୍ରଥମେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ପରେ ଅନୁଷ୍ଠାନର ପରିବେଶ ସୁରକ୍ଷା ଦିଗରେ ଇକୋକ୍ଲବର ବହୁବିଧ କାର୍ଯ୍ୟକ୍ରମ ବିଷୟରେ ସବୁଜ ବାହିନୀର ରାଜ୍ୟ ପ୍ରଶିକ୍ଷକ ବିଭୀଷଣ ବାରିକ ବିସ୍ତୃତ ବିବରଣୀ ପଠନ କରିଥିଲେ। ପରିବେଷ ସୁରକ୍ଷା ଦିଗରେ ବୃକ୍ଷର ବିକଳ୍ପ ନାହିଁ ବୋଲି ଏହି ଅବସରରେ ବକ୍ତାମାନେ ପ୍ରକାଶ କରିଥିଲେ। ଜିଲା ବନଖଣ୍ଡ ଅଧିକାରୀ ଏହି ଅବସରରେ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ସବୁଜ ବାହିନୀ ପ୍ରଶିକ୍ଷକ ପରିଚାଳନାକରି ଥିବାବେଳେ ଏଥିରେ ଗାଇଡ କ୍ୟାପଟେନ ଦୀପିକା କେର୍କେଟା, ବୈଜନ୍ତି ପଟେଲ, ନୂତନ ହରୋ,ସ୍କାଉଟ ମାଷ୍ଟର ଧୃତିସୁନ୍ଦର ସାହୁ, ଜୁନିୟର ରେଡକ୍ରସ ପରାମର୍ଶଦାତ୍ରୀ ସୁନିତା ପଟେଲ, ସଙ୍ଗୀତା ଦେଈ, ଅନୱର ଅହମ୍ମଦ, ଅବିନାଶ କର, ଦିଲୀପ ବେହେରା, ଜଗନ୍ନାଥ କିଷାନ, ସୁନିଲ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ସବ୍‌ରେଜିଷ୍ଟ୍ରି ଅଫିସ ବରିଷ୍ଠ ରାଜସ୍ୱ ସହକାରୀ ଗିରଫ

**ବଲାଙ୍ଗୀର ଅଫିସ, ୭।୭**

**ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲା**

- ପୂର୍ବରୁ ତହସିଲ ଅଫିସ ରେକର୍ଡ କିପରଙ୍କ ସମେତ ୪ଗିରଫ ହୋଇଛନ୍ତି
- ନିଲମ୍ବିତ ତହସିଲଦାର, ଅତିରିକ୍ତ ତହସିଲଦାର



ଗିରଫ ଦୀପକ କୁମାର ବାଗ।

ଜଣେ ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲାରେ ଗିରଫଦାରୀ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଗୁରୁବାର ସଦର ଥାନା ପୋଲିସ ବରିଷ୍ଠ ରାଜସ୍ୱ ସହକାରୀ ଦୀପକ କୁମାର ବାଗଙ୍କୁ କଣ୍ଟାବାଞ୍ଜିରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜିଲା ଜେଲ ହାଜତକୁ ପଠାଇ ଦିଆଯାଇଛି। ମୃତ ହର୍ଷ ଷାଣ୍ଢଙ୍କ ନାଁରେ ଜମି ହଡପ୍ ପାଇଁ ଜାଲ ଡକ୍ୟୁମେଣ୍ଟ ଦେଇ ସେଲଡିଡ୍ ତିଆରି କରାଯିବା ସମୟରେ ବରିଷ୍ଠ ରାଜସ୍ୱ ସହକାରୀ ବାଗ ବଲାଙ୍ଗୀର ସବ୍‌ରେଜିଷ୍ଟ୍ରି ଅଫିସରେ କାର୍ଯ୍ୟରତ ଥିଲେ। ପରେ ତାଙ୍କୁ କଣ୍ଟାବାଞ୍ଜି ଅଫିସକୁ ବଦଳି ହୋଇଥିଲା। ବାଗଙ୍କ ତତ୍ତ୍ୱାବଧାନରେ ସବ୍‌ରେଜିଷ୍ଟ୍ରି ଅଫିସରେ ଜାଲ ଡକ୍ୟୁମେଣ୍ଟ ଭେରିଫିକେସନ୍ ହୋଇଥିବା ଜଣାପଡିଛି। ତାଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ ଧାରା ୪୬୮, ୪୭୧, ୪୨୦ ଏବଂ ୩୪ ଦଫାରେ ମାମଲା (୨୪୯/୨୨) ରୁଜୁ ହୋଇଛି। ବୁଧବାର ରାଜ୍ୟ ସରକାର ଜମି ହଡପ ମାମଲାରେ ବଲାଙ୍ଗୀର ତହସିଲଦାର ମଘବନ ବାଗ ଏବଂ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତଙ୍କୁ ନିଲମ୍ବିତ କରିଥିଲେ। ଅନ୍ୟପଟେ ସଦର ପୋଲିସ ଏହି ମାମଲାରେ ବଲାଙ୍ଗୀର ତହସିଲ ଅଫିସ ରେକର୍ଡ କିପର ତଥା ବରିଷ୍ଠ ରାଜସ୍ୱ ସହକାରୀ ମକରଧ୍ୱଜ କାଲସାଏ (୪୬)ଙ୍କୁ ଗିରଫ କରଥିଲା।

ବଲାଙ୍ଗୀର ସହର ଉପକଣ୍ଠ ଧୁମାମରା ଗ୍ରାମର ମୃତ ହର୍ଷ ଷାଣ୍ଢଙ୍କ ନାଁରେ ଜାଲ ଡକ୍ୟୁମେଣ୍ଟ ଦେଇ ତାଙ୍କର ଏ୧.୪୯ ଡିସିମିଲ ଜମିର ପଟ୍ଟା କରାଇ ନେଇଥିବା ନେଇ ଅବଦୁଲ ଷାଣ୍ଢ ଗତ ଜୁନ୍ ୧୬ ତାରିଖରେ ସଦର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଧୁମାମରା ଜମି କେଲେଙ୍କାରୀ ଘଟଣା ପଦାକୁ ଆସିଥିଲା। ସଦର ପୋଲିସ ଏହି ଘଟଣାକୁ ନେଇ ଏକ ମାମଲା (୨୪୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୦୫ ମସିହାରୁ ଜମି ମାଲିକ ହର୍ଷ ଷାଣ୍ଢଙ୍କ ମୃତ୍ୟୁ ହୋଇ ସାରିଥିବା ସତ୍ତ୍ୱେ ତାଙ୍କ ନାଁରେ ଉତ୍ତମ ନାଗ ନାମକ ଜଣେ ବ୍ୟକ୍ତିଙ୍କୁ ସବ୍‌ରେଜିଷ୍ଟ୍ରି ଅଫିସରେ ହାଜର କରି ଗତ ୨୦୨୧ ମସିହା ଡିସେମ୍ବର ୧୧ରେ ସେଲଡିଡ୍ ତିଆରି କରାଯାଇଥିଲା। ବଲାଙ୍ଗୀର ଗୋପବନ୍ଧୁନଗରର ମାଧବ ପୃଷ୍ଟି ନାମକ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଲବଣୀ ପୃଷ୍ଟିଙ୍କ ନାଁରେ ଏହି ୫୦ ଡିସିମିଲ ଜମି କିଣିଥିଲେ। ଗତ ୨୦୨୨ ମାର୍ଚ୍ଚ ୩ ତାରିଖରେ ଏହି ସେଲଡିଡ୍‌ର ପାର୍ଚ୍ଚା କରାଯାଇଥିଲା। ତହସିଲ ଅଫିସରୁ ୫୦ ଡିସମିଲ ଜମିର ପାର୍ଚ୍ଚା ବାହାରିବା ପରିବର୍ତ୍ତେ ଲବଣୀ ପୃଷ୍ଟିଙ୍କ ନାଁରେ ୧.୪୯ ଏକର ଜମିର ପାର୍ଚ୍ଚା ତିଆରି ହୋଇଯାଇଥିଲା। ଏହି ଜମି କେଲେଙ୍କାରୀରେ ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ଜମି କିଣିଥିବା ଲବଣୀ ପୃଷ୍ଟିଙ୍କ ସ୍ୱାମୀ ମାଧବ ପୃଷ୍ଟି, ନକଲି ଜମି ମାଲିକ ସାଜିଥିବା ଉତ୍ତମ ନାଗ ଏବଂ ସାକ୍ଷୀ ହୋଇଥିବା ଦେବରାଜ ରାଉତ୍‌ଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଛି।

# ରାଗିଂ ରୋକିବା ଉପରେ ଗୁରୁତ୍ୱାରୋପ




ବୈଠକରେ ଉପସ୍ଥିତ କଲେଜ କର୍ତ୍ତୃପକ୍ଷ, ପୋଲିସ ଅଧିକାରୀ।

**ରାଉରକେଲା ଅଫିସ,୭।୭**

ରାଉରକେଲା ସହରର ବିଭିନ୍ନ କଲେଜ ଓ ଶିକ୍ଷାନୁଷ୍ଠାନରେ ରାଗିଂକୁ ରୋକିବା ପାଇଁ ଗୁରୁବାର ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏସ୍‌ପି ମୁକେଶ କୁମାର ଭାମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଉରକେଲା ସହରରେ ଥିବା ୧୯ଟି କଲେଜର ଅଧ୍ୟକ୍ଷ, ପ୍ରଫେସର, ଶିକ୍ଷାବିତ୍ ଓ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ବିଭିନ୍ନ କଲେଜରେ ରାଗିଂକୁ ରୋକିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ କଲେଜ ପରିସରରେ ସିସି କ୍ୟାମେରା ଲଗାଇବା, ଅନ୍ଧାରୁଆ ସ୍ଥାନରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଏସ୍‌ପି ଭାମୁ ପରାମର୍ଶ ଦେଇଥିଲେ। ରାଗିଂକୁ ରୋକିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଏକ ଟିମ୍ ଗଠନ କରାଯିବ । ପୋଲିସ ପକ୍ଷରୁ ଏକ ଫୋନ ନମ୍ବର ବ୍ୟବସ୍ଥା କରାଯିବ ଏହା ମାଧ୍ୟମରେ କୌଣସି କଲେଜରେ ରାଗିଂକୁ ନେଇ ଅଭିଯୋଗ ଆସିଲେ ପୋଲିସକୁ ତୁରନ୍ତ କଲେଜ କର୍ତ୍ତୃପକ୍ଷ ଅବଗତ କରାଇପାରିବେ। ବୈଠକରେ ସ୍ଥାନୀୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଉରକେଲା-ଜରେଇକେଲା ଏନ୍‌ଏଚ୍‌ର ଦିଗ ପରିବର୍ତ୍ତନ ଦାବି

**ରାଉରକେଲା ଅଫିସ,୭।୭**

ରାଉରକେଲା ହକି ଛକଠାରୁ ଜରେଇକେଲା ପର୍ଯ୍ୟନ୍ତ ପ୍ରସ୍ତାବିତ ଜାତୀୟ ରାଜପଥ ୩୨୦ର ଦିଗ ପରିର୍ବନ ପାଇଁ ବନ୍ଧମୁଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଗୁରୁବାର ପାନପୋଷ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହାର ନକଲ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡକରୀ, ସୁନ୍ଦରଗଡ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଏବଂ ଜାତୀୟ ରାଜପଥ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

ବର୍ତ୍ତମାନ ଉକ୍ତ ରାସ୍ତା ରାଉରକେଲା ସହର ଓ ବନ୍ଧମୁଣ୍ଡା ନିର୍ମିତ ହେଲେ ବନ୍ଧମୁଣ୍ଡା ଅଞ୍ଚଳର ହଜାର ହଜାର ଲୋକ ବାସହରା ହୋଇ ନିଜର ଜୀବିକା ହରାଇବେ। ସେହିପରି ବନ୍ଧମୁଣ୍ଡା ଅଞ୍ଚଳର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ, ରେଲୱ ହାଇସ୍କୁଲ ଓ ରାଜ୍ୟ ସରକାରଙ୍କ ହାଇସ୍କୁଲ ତଥା ଏକ ମହାବିଦ୍ୟାଳୟ ପ୍ରଭାବିତ ହେବ। ଏହି ଜାତୀୟ ରାଜପଥ ରାଉରକେଲା ସହର ଦେଇ ଗଲେ ରାଉରକେଲା ସ୍ମାର୍ଟସିଟି ବିକାଶରେ ବାଧା ସୃଷ୍ଟି ହେବା ସହିତ ସହର ମଧ୍ୟରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ କଂଗ୍ରେସର ବରିଷ୍ଠ ନେତା ବିରେନ ସେନାପତି, ବନ୍ଧମୁଣ୍ଡା ଅଞ୍ଚଳର ରାଜେନ୍ଦ୍ର ରଜାକ, ସୁନୀଲ ସିଂହ, ଶୋଭା ସିଂହ, ରାଜେନ୍ଦ୍ର ଶର୍ମା, ଏମ୍‌ଡି ଇରଫାନ, ନରେନ୍ଦ୍ର ବର୍ମା, କୁଅଁର ସିଂହ, ରାଜୁ ପାଣ୍ଡେ, ପ୍ରଦୀପ ସାହୁ, ପ୍ରଭୁ ଶର୍ମା, ରାନୁ ବିଶ୍ୱାସଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ସମାଜ ଗଠନରେ ଦାୟିତ୍ୱ ନେବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ସମ୍ବଲପୁର,୭।୭(ବ୍ୟୁରୋ)**

**ଜିଏମ୍‌ୟୁର ୭୮ତମ ପ୍ରତିଷ୍ଠା ଦିବସ**

ସମାଜ ଗଠନ ଓ ସଂସ୍କାର ଆଣିବାରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ମାତୃଭୂମି ପ୍ରତି ବୀର ସୁରେନ୍ଦ୍ର ସାଏଙ୍କ ବଳିଦାନକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରକୁ ନେବା ପାଇଁ ଜିଏମ୍‌ୟୁ ପ୍ରମୁଖ ଭୂମିକା ଗ୍ରହଣ କରୁ ବୋଲି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୭୮ତମ ପ୍ରତିଷ୍ଠା ଦିବସରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଗୋପାଳ ଗୁରୁ ଯୋଗ ଦେଇଥିଲେ। ଉପ କୁଳ ସଚିବ ଡ. ଉମା ଚରଣ ପତି ସ୍ୱାଗତ ଭାଷଣ ଓ କୁଳସଚିବ ଯୋଗଲେଶ୍ୱରୀ ଦାସ ଧନ୍ୟବାଦ ଦେଇଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ, ବିତ୍ତ ନିୟନ୍ତ୍ରକ କନକଲତା ଏକ୍କାଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିବାଣୀ ଶର୍ମା, ଡ. ମୁରଲୀଧର ଶର୍ମା, ଡ. ଅନନ୍ତ ଚକ୍ରବର୍ତ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
E-auction Notice
(18.07.2022 – 117th & 118th E-auction)
IRON ORE CLO & FINES

**No.CAD-1054:** The Odisha Mining Corporation Ltd intends to sell various grades of Iron ore CLO & Fines produced at Daitari and Gandhamardan Regions (Block – A & B) and Tiringpahar, Guali, Jilling Langalota, Khandbandh, Banspani & Unchabali (Mahaparbat) of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M on 18.07.2022.
For details, please visit the website of MSTC i.e. www.mstcecommerce.com

GENERAL MANAGER (S&M)
OIPR-30005/11/0075/2223

GOVERNMENT OF ODISHA No. B-341
"e" Procurement Notice
OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL
Bid Identification No. 08 of 2022-2023

1. Name of the Work : Building Works - 2 Nos.
2. Estimate Cost : Rs.69,22,242.00 & Rs.92,52,877.00
3. Period of Completion : 04 (Four) Calendar Months
4. Date & time of availability of the Bid documents in the portal : 10.00 A.M. of 13.07.2022 to 5.00 P.M. of 28.07.2022
5. Last date/time of receipt of the bid in portal : 28.07.2022 upto 5.00 P.M.
6. Date of Opening : 29.07.2022 at 11.00 A.M.
7. Name and Address of the Office : Office of the Superintending Engineer, Dhenkanal (R&B) Division, Dhenkanal.

Further details can be seen from the e-procurement portal "https://tendersorissa.gov.in".
Sd./- Superintending Engineer Dhenkanal (R&B) Division
OIPR-34016/11/0007/2223

ODISHA URBAN INFRASTRUCTURE DEVELOPMENT FUND
4th Floor, Zone-A/2, Fortune Towers, Chandrasekharpur, Bhubaneswar - 751023, Odisha
Email: ouidf.hudd@gmail.com, Website: www.ouidf.in
Ref. No. 01/OUIDF-227/2022 Date: 08.07.2022
REQUEST FOR PROPOSAL FOR APPOINTMENT OF PROJECT MANAGEMENT UNIT IN OUIDF

No. C-705: Odisha Urban Infrastructure Development Fund (OUIDF), a wholly owned Trust of Housing & Urban Development Department, Government of Odisha invites applications from reputed Consultancy Firms for providing Consultancy Services for **Appointment of Project Management Unit in OUIDF**. Interested firms may download the RFP document from the websites **www.ouidf.in** or **www.urbanodisha.gov.in** and submit the complete RFP document on or before 22.08.2022 by 4 P.M. IST to above mentioned address.
OIPR-13001/11/0011/2223 Sd./- Secretary, OUIDF

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୮୯ ବିଜ୍ଞାପନ ତା:୩୦।୦୬।୨୨

No. CAD-1040: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ. ଏମ୍.ଆଇ.ଜି.–୧–୫୨/୪ (MIG-I-52/4)ଟିକୁ ଶ୍ରୀମତୀ ଏସ୍.ବୀଣା, ସ୍ୱା.: ଭି.ଏନ୍. ସନ୍ତୋଷ କୁମାର, ସା: ଜୟ ବିଲାସମ୍ କାରୁମାଡ଼ି, ପୋ.: କାରୁମାଡ଼ି, ଥା: ତାଲୁକ, ଜି.: ଆଲେପି (କେରଳ)ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଏସ୍. ବୀଣା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମମତା ଜେନା, ସ୍ୱା.: ଜ୍ୟୋତି ପ୍ରକାଶ ଜେନା, ସା.: ଗରାପୁର, ପୋ.: କପାଳେଶ୍ୱର, ଥା/ଜି.: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ସହ ପ୍ରଶାସନିକ ଅଧିକାରୀ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0187/2223

GOVERNMENT OF ODISHA E-mail: rw_rourkela@yahoo.co.in
OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA
TENDER CALL NOTICE
No. O-587
BID IDENTIFICATION NO. ONLINE-SERKL-09 of 2022-23

1. Name of the Work : Road Work
2. Total No. of Works : 3 (Three) Nos.
3. Estimated Cost : Rs.9.46 to 53.10 lakhs
4. Class of Contractor : "D", "C", "B" & "A" Class
5. Period of Completion : As mentioned in Annexure - I
6. Type of Tender : Single & Double Cover as mentioned in Annexure - I
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Rourkela | Online-SERKL-09 of 2022-23 | 11.07.2022 from 10.00 A.M. | 18.07.2022 upto 5.00 P.M. |

Further details can be seen from the website www.tendersorissa.gov.in.
OIPR-25067/11/0014/2223 Sd./- Superintending Engineer, RW Division, Rourkela

ODISHA RAJYA TALGUR SAMABAYA SANGHA LTD.
(A Govt. of Odisha Enterprise)
Udyogpuri, Po-Khandagiri, Bhubaneswar-751030
Tel. No.: 0674-2350365, E-mail : ortssbbsr1959@gmail.com
Website : www.ortss.org
TENDER CALL NOTICE
No. 327 Date : 05.07.2022

Sealed tenders are invited from the Manufacturers / Suppliers / Regd. Firms or their distributors having valid GST No. and Tax clearance Certificate, PAN No. and IT clearance certificate for supply of Power Ghani and groundnut decorticator cum grader machine. Details terms and conditions and specifications may be downloaded from the website www.ortss.org from **7th July' 2022 onwards**. The tender paper comprising of Technical Bid & Financial Bid should be submitted in separate sealed cover which are to be put in a bigger sealed covers and reach the undersigned by **25th July' 2022 at 3.00 P.M.** through Speed Post / Regd. Post only. The tender paper received after schedule date & incomplete in any respect will not be entertained. The undersigned will not be responsible for any delay. The tender papers will be opened on **25th July' 2022 at 4.00 P.M.** in presence of the tenderer or their authorised representatives. The tenderer should write clearly in the envelope as **"Tender for supply of Power Ghani"**. The undersigned reserves the right to reject any or all other tenders without assigning any reason thereof.
Sd/- Managing Director

GOVT. OF ODISHA No. O-598
OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-09/2022-23, Date: 05.07.2022
NOTICE INVITING TENDERS FOR BRIDGE WORKS IN ODISHA
NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of H.L. Bridge over River Golla on D.Cheptaghat to K.Cheptaghata Road in the District of Kalahandi under Biju Setu Yojana.
2. No. of Works : 01 No.
3. Location Details : Kalahandi District
4. Estimated Cost : As per NIT
5. Period of Completion : As per NIT
6. Cost of tender paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 13.07.2022 11.00 A.M. | 27.07.2022 5.00 P.M. | 26.07.2022 | 28.07.2022 at 11.00 A.M. |

Further details can be seen from the website "www.tendersorissa.gov.in".
Sd./- Chief Construction Engineer Rural Works Circle, Bhawanipatna
OIPR-25102/11/0010/2223

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
No. O-586
e-Procurement Notice

| | | | |
|---|---|---|---|
| 1. | Name of Work | : | Construction of Bridge under Biju Setu Yojana for the year 2022-23 |
| 2. | No. of work | : | 3 (Three) Bridge Works |
| 3. | Time for Completion varies from | : | 12 Calendar months to 18 Calendar months |
| 4. | Approximate estimated cost varies from | : | Rs.249.01 lakhs to Rs.736.45 lakhs |
| 5. | Mode of Submission of Tender | : | Tender should be submitted online in www.tendersodisha.gov.in. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online - 07/2022-23 | 11.07.2022 at 11.00 A.M. | 25.07.2022 upto 5.00 P.M. | 22.07.2022 upto 5.00 P.M. | 26.07.2022 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website: www.tendersodisha.gov.in.
- Any Corrigendum/Addendum will be displayed in the above e-tender website only.

OIPR-25118/11/0009/2223 Sd./- Chief Construction Engineer, R.W. Circle, Bolangir

CUTTACK DEVELOPMENT AUTHORITY
CDA
Arunodaya Bhawan, Link Road, Cuttack - 12
Fax No.: 0671-2312299, email: cda.cuttack@ori.nic.in
EoI No. 7055/CDA Date: 06.07.2022
EXPRESSION OF INTEREST
Proposals are invited for the Development of Kalyan Mandap along with allied facilities on the "Annual Licence Basis" at Sector - 9, Cuttack

No. CAD-1047: Sealed proposals are invited from Individual/Developers/Builders/Firms for undertaking the Development of Kalyan Mandap along with allied facilities on an Annual License basis over layout Plot No. 7Km/1397 (Part) of Sector - 9, Cuttack.
CDA shall give permissive possession of the proposed plots for 30 years, to be developed as Kalyan Mandap. Whereas the selected bidder shall construct, develope, operate & maintain the project. The detailed document along with formats and draft agreement is available on the website of CDA i.e. www.cdacuttack.nic.in.
Interested bidders may submit their proposal on or before Dt.29.07.2022 by 15.00 hrs. as per the prescribed formats available on the website.
The proposals should be submitted along with a bid document fee of Rs.11,800/- (Rupees eleven thousand eight hundred only) and with bid security of Rs.2,00,000/- (Rupees two lakhs only) and the proposals shall be submitted through Speed Post/Courier so as to reach by the above date and time.
For any further assistance in this regard or for any clarification w.r.t. this project, the prospective bidder may contact Shri Narad Chandra Rath, Engineer Member (I/C) CDA on +91-9437180346/Scheme Officer, CDA on +91-9438305766.
Sd./- Secretary
C.D.A., Cuttack reserves right to accept or reject any application and to annul the selection process at any time, without incurring any liability and without assigning any reason thereof.
OIPR-13037/11/0067/2223

OFFICE OF THE SUPERINTENDING ENGINEER RWS&S DIVISION, ROURKELA
At/P.O.: Panposh, Rourkela - 4, Dist.: Sundargarh
Phone: 8280408065, e-mail id: eerwssrkl@gmail.com
Govt. of Odisha "e" Procurement Notice
Bid Identification No. 05 of 2022-23 Dt.05.07.2022

No. O-596: The Superintending Engineer, RWS&S Division, Rourkela on behalf of Governor of Odisha invites percentage rate bids through e-tendering from eligible bidders registered with the Odisha State Government and bidders of equivalent Grade/Class registered with Central Government (CPWD)/MES/Railways for the works detailed in the table below on turnkey basis.

| | | | |
|---|---|---|---|
| 1 | Nature of Work | : | Renovation of Rural Piped Water Supply Schemes |
| 2 | No. of Work | : | 03 Nos. |
| 3 | Tender Cost | : | As Annexed |
| 4 | Class of Contractor | : | As Annexed |
| 5 | Date and time of availability of bid document in the portal | : | Dt.14.07.2022 at 11.00 A.M. to Dt.28.07.2022 upto 5.00 P.M. |
| 6 | Date of Opening of Technical Bid | : | Dt.30.07.2022 at 11.00 A.M. |
| 7 | Date of Opening of Financial Bid | : | To be intimated after technical evaluation of the bidder only for Sl. No. 2 |
| 8 | Period of Completion | : | As Annexed |

The bidders have to participate in online bidding only. Further details and any type of corrigendum can be seen from the Govt. website http://www.tendersodisha.gov.in.
The authority reserves the right to reject any or all the tenders without assigning any reason thereof.
Superintending Engineer RWS&S Division, Rourkela
OIPR-25038/11/0002/2223

## ଇ-କମର୍ସରେ ପ୍ରବେଶକଲା ଏଚ୍ଆଇପିପି

**ନୂଆଦିଲ୍ଲୀ:** ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡ୍(ଏଚ୍ଆଇପିପି) ପକ୍ଷରୁ ଏକ ସ୍ୱତନ୍ତ୍ର ଇ-କମର୍ସ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। କମ୍ପାନୀ ବର୍ତ୍ତମାନ ଇ-କମର୍ସରେ ପ୍ରବେଶ କରିବା ସହ ଭାରତର ପ୍ରଥମ ପାୱାର ପ୍ରଡକ୍ଟ କମ୍ପାନୀ ଭାବେ ସ୍ୱୀକୃତି ଲାଭ କରିଛି। ଏ ସମ୍ପର୍କରେ ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ,ସଭାପତି ତଥା ସିଇଓ ଟାକା ହିରୋ ଉଏଦା କହିଛନ୍ତି, ଏଚ୍ଆଇପିପି ପାଇଁ ଭାରତ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଆସୁଛି। ଏହି ଘୋଷଣା ସହ ଆମେ ବେଶ୍ ଉତ୍ସାହିତ ମଧ ରହିଛୁ। କମ୍ପାନୀ ଅଧିକ ଡିଜିଟାଲ ସଂଯୋଗକୁ ଗ୍ରହଣକରି ଗ୍ରାହକଙ୍କ ନିକଟତର ହେବା ଲାଗି ପ୍ରୟାସ କରିବ।

## ସଂକ୍ଷେପରେ

### ନିୟମ କୋହଳ କଲା ଆର୍‌ବିଆଇ

**ନୂଆଦିଲ୍ଲୀ,୭।୭:** ଗତ କିଛିଦିନ ହେଲା ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଘଟି ଚାଲିଛି। ଏଭଳି ପରିସ୍ଥିତିରେ ଟଙ୍କାର ମୂଲ୍ୟକୁ ସବଳ କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏଭଳି କିଛି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ଦେଶକୁ ଅଧିକ ବିଦେଶୀ ମୁଦ୍ରା ଆଣିବା ଲାଗି ବିଭିନ୍ନ ନିୟମକୁ କୋହଳ କରାଯାଇଛି। ଏପରିକି ସ୍ୱଳ୍ପ ମିଆଦୀ କର୍ପୋରେଟ୍ ବଣ୍ଡ ନିବେଶରେ ବିଦେଶୀ ନିବେଶକମାନଙ୍କୁ ସାମିଲ କରାଯାଇଛି। ସେହିଭଳି ସ୍ୱୟଂକ୍ରିୟ ବ୍ୟବସ୍ଥାରେ ସରକାରୀ ପ୍ରତିଭୂତି କିଣିବା ଲାଗି ମଧ ସେମାନଙ୍କୁ ଅନୁମତି ଦିଆଯାଇଛି। ବିଦେଶୀ ମୁଦ୍ରା ପ୍ରବାସୀ ଜମା ଓ ଏନ୍ଆର୍ଆଇ ଜମାକୁ ନଗଦ ଜମା ଅନୁପାତ ଓ ବୈଧାନିକ ନଗଦ ଅନୁପାତ ବଜାୟ ରଖିବାରୁ ଛାଡ଼ ପ୍ରଦାନ କରାଯାଇଛି। ସେହିପରି ସ୍ୱୟଂକ୍ରିୟ ରୁଟ୍‌ରେ ବୈଦେଶିକ ବାଣିଜ୍ୟ ଋଣର ସୀମାକୁ ୭୫୦ ନିୟୁତ ଡଲାରରୁ କମାଇ ୧.୫ ବିଲିୟନ ଡଲାର କରାଯାଇଛି। ଡେବିଟ୍ ବଜାରରେ ବୈଦେଶିକ ସଂସ୍ଥାଗତ ନିବେଶକଙ୍କ ପାଇଁ ନିବେଶ ନିୟମକୁ ମଧ କୋହଳ କରାଯାଇଛି।

### କମିପାରେ ଖାଇବା ତେଲ ଦର

**ନୂଆଦିଲ୍ଲୀ,୭।୭:** ଆସନ୍ତା ସପ୍ତାହ ମଧରେ ଦେଶର ସମସ୍ତ ଖାଇବାତେଲ ଉପରେ ପ୍ରାୟ ୧୦ ଟଙ୍କା ହ୍ରାସ ହୋଇପାରେ ବୋଲି କୁହାଯାଉଛି। ଏ ନେଇ ମଧ କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶ ପାଣ୍ଡେ ବିଭିନ୍ନ କମ୍ପାନୀ ପ୍ରତିନିଧିଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଗତ ସପ୍ତାହରେ ଆନ୍ତର୍ଜାତିକ ବଜାରରେ ଖାଇବା ତେଲ ୧୦% ଶସ୍ତା ହୋଇଥିବ ବେଳେ ଏହାର ଲାଭ ଗ୍ରାହକମାନଙ୍କ ପାଖରେ ପହଞ୍ଚାଇବା ଲାଗି କମ୍ପାନୀଗୁଡ଼ିକୁ ମଧ କୁହାଯାଇଛି। ସେହିଭଳି କେନ୍ଦ୍ର ସରକାର ମଧ ଭାରତର ସମସ୍ତ ତେଲ କମ୍ପାନୀ ସହ ଆଲୋଚନା କରି କହିଛନ୍ତି, ଦେଶରେ ଗୋଟିଏ ପ୍ରକାର ତେଲକୁ ସମାନ ମୂଲ୍ୟରେ ବିକ୍ରି କରିବାକୁ କମ୍ପାନୀଗୁଡ଼ିକୁ କୁହାଯାଇଛି। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ସମାନ ତେଲର ମୂଲ୍ୟ ଭିନ୍ନ ଭିନ୍ନ ରହିଛି। ଯେହେତୁ ସର୍ବାଧିକ ବିକ୍ରି ମୂଲ୍ୟ (ଏମ୍ଆର୍‌ପି) ହିସାବ ବେଳେ ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚ ବିଚାରକୁ ନିଆଯାଉଥିବାରୁ ଏମ୍ଆର୍‌ପିରେ କୌଣସି ଅନ୍ତର ରହିବା ଅନୁଚିତ ବୋଲି ସରକାର କହିଛନ୍ତି। ଆନ୍ତର୍ଜାତିକ ବଜାରରେ ଖାଇବା ତେଲ ଦାମ୍ ହ୍ରାସ ପାଇବା ପରେ କମ୍ପାନୀଗୁଡ଼ିକ ଗତ ମାସରେ ତେଲ ଲିଟର ପିଛା ୧୦ରୁ ୧୫ ଟଙ୍କା ହ୍ରାସ କରିଥିଲେ।

# ହ୍ରାସ ପାଉଛି ଅଶୋଧିତ ତୈଳ ମୂଲ୍ୟ

■ ଶହେ ଡଲାର ତଳେ ଅନ୍ତର୍ଜାତୀୟ ବଜାରର ତୈଳ ଦର

■ ଶସ୍ତା ହୋଇପାରେ ପେଟ୍ରୋଲ, ଡିଜେଲ



ନୂଆଦିଲ୍ଲୀ,୭।୭

କୋଭିଡ୍ ମହାମାରୀ ସାଙ୍ଗକୁ ଅଶୋଧିତ ତୈଳ ଦର ସାରା ବିଶ୍ୱବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏପରିକି ରୁଷିଆ ଓ ୟୁକ୍ରେନ୍ ମଧରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ମଧ ବିଭିନ୍ନ ସମସ୍ୟା ଓ କଟକଣା ସୃଷ୍ଟିହେବାରୁ ତୈଳ ଉତ୍ପାଦନ ମଧ ଠିକ୍ ଭାବେ ହୋଇପାରୁ ନ ଥିଲା। ଫଳରେ କ୍ରମାଗତ ଭାବେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ଉଚ୍ଚା ରହିଲା। ଅପରପକ୍ଷରେ ଅଶୋଧିତ ତୈଳ ଦର ଲଗାତର ବୃଦ୍ଧି ପାଇବା ସହ ରେକର୍ଡ ପରିମାଣରେ ଦର ବୃଦ୍ଧି ଓ ବଜାର କାରବାର ହୋଇଥିଲା। ୨୦୧୯ରେ ଅଶୋଧିତ ତୈଳ ଦର ପ୍ରାୟ ୭୫ ଡଲାରରେ ବିକ୍ରି ହେଉଥିବା ବେଳେ ଗତ ୨ରୁ ୩ ବର୍ଷ ମଧରେ ଏହାର ମୂଲ୍ୟ ୧୨୦ ଡଲାର ପାରକରିଥିଲା।

ଅପରପକ୍ଷରେ ୨୦୨୨ ଜୁନ୍‌ରୁ ଅଶୋଧିତ ତୈଳ ଦର ଖସିବା ଆରମ୍ଭ କରିଥିଲା। ଏପରିକି ଚଳିତ ବର୍ଷ ଜୁଲାଇ ପ୍ରଥମ ସପ୍ତାହ ମଧରେ ଅଶୋଧିତ ତୈଳ ମୂଲ୍ୟ ଶହେ ଡଲାର ତଳକୁ ଖସି ଆସିଛି। ବର୍ତ୍ତମାନ ସବୁ କିଛି ଧୀରେ ଧୀରେ କୋହଳ ହେଉଥିବା କାରଣରୁ ତୈଳ ଉତ୍ପାଦନ ମଧ ଠିକ୍ ଭାବେ ହୋଇପାରୁଛି। ଫଳରେ ଅଶୋଧିତ ତୈଳ ମୂଲ୍ୟ ଗତ ସପ୍ତାହ ମଧରେ ୧୦୩ ଡଲାରରୁ ଖସି ୯୯.୭୫ ଡଲାରରେ ପହଞ୍ଚିଛି। ସେହିଭଳି ଅନ୍ତର୍ଜାତୀୟ ବଜାରରେ ମଧ ଡବ୍ଲ୍ୟୁଟିଆଇର ଦର ୯୭.୭୪ ଡଲାରରେ ବିକ୍ରି ହେଉଛି ବୋଲି ସୂଚନା ମିଳିଛି।

ସେହିପରି ଯଦି କ୍ରମାଗତ ଭାବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ଜାରି ରହେ ତା' ହେଲେ ଆଗକୁ ମଧ ଭାରତ ବଜାରରେ ଉଭୟ ପେଟ୍ରୋଲ,ଡିଜେଲର ମୂଲ୍ୟ ହ୍ରାସ ଘଟିବା ସମ୍ଭାବନା ରହିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ବର୍ତ୍ତମାନ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାରରୁ ତଳକୁ ଖସି ଆସିଛି। ଗତ କିଛିଦିନ ହେଲାଣି ଅଶୋଧିତ ତୈଳର ମୂଲ୍ୟ କମ୍ ଥିବାରୁ ଭାରତୀୟ ବଜାରରେ ମଧ ତୈଳ ଦର ବୃଦ୍ଧି ଘଟିନାହିଁ। ଏଭଳି ଯଦି ଅଶୋଧିତ ତୈଳ ଦର ହ୍ରାସ ପାଏ, ତା' ହେଲେ ଖୁବ୍‌ଶୀଘ୍ର ପେଟ୍ରୋଲ,ଡିଜେଲର ଦର ମଧ କମିପାରେ ବୋଲି ଆଶା କରାଯାଉଛି। ତେବେ ଜୁନ୍ ମାସରେ ଭାରତରେ ମଧ ପେଟ୍ରୋଲ ଏବଂ ଡିଜେଲ ବିକ୍ରି ପରିମାଣ ବୃଦ୍ଧି ପାଇଛି। କାରଣ ଗ୍ରୀଷ୍ମଛୁଟିରେ ଭାରତୀୟମାନେ ଅଧିକ ଯାତ୍ରା କରିଥିବା ବେଳେ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ମଧ ବୃଦ୍ଧି ପାଇଥିଲା ଏବଂ ଫସଲ ଆଦି କାମ ପାଇଁ ଗାଡ଼ିର ବ୍ୟବହାର ମଧ ବଢ଼ିଥିଲା। ଓଡ଼ିଶାରେ ମଧ ଜୁନ୍ ମାସରେ ପେଟ୍ରୋଲିୟମ ଉତ୍ପାଦ ଉପରୁ ୮୬୦.୫୭ କୋଟି ଟଙ୍କାର ଟିକସ ଆଦାୟ ହୋଇଛି। ଗତବର୍ଷ ଜୁନ୍‌ରେ ରାଜ୍ୟ ସରକାର ଭାଟ୍ ବାବଦରେ ପେଟ୍ରୋଲିୟମ ଉତ୍ପାଦ ଉପରୁ ୫୮୫.୫୮ କୋଟି ଟଙ୍କା ଟିକସ ଆଦାୟ କରିଥିଲେ। ଅପରପକ୍ଷରେ ଦୀର୍ଘ ୪୫ ଦିନ ହେବ ଭାରତ ବଜାରରେ ଉଭୟ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଘଟି ନାହିଁ। ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୬.୭୨ ଟଙ୍କା ଥିବାବେଳେ ଡିଜେଲ ୮୯.୬୨ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୩.୧୯ ଟଙ୍କା ଥିବାବେଳେ ଡିଜେଲ ୯୪.୭୬ ଟଙ୍କାରେ କାରବାର ହେଉଛି।

# ଜୁନ୍‌ରେ ସ୍କୋଡାର ବ୍ୟାପକ ସଫଳତା

ନୂଆଦିଲ୍ଲୀ,୭।୭

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ 'ସ୍କୋଡା' ଅଟୋ ଇଣ୍ଡିଆ ଅନେକ ରେକର୍ଡର ଅଧିକାରୀ ହୋଇପାରିଛି। ଏପରିକି ୨୦୧୮ରେ ଆରମ୍ଭ ହୋଇଥିବା କମ୍ପାନୀର ଏକ ପ୍ରୟାସ ଇଣ୍ଡିଆ-୨.୦ ଯୋଜନା ବଳରେ କମ୍ପାନୀର ବିକ୍ରୟ ରେକର୍ଡ ଭାଙ୍ଗିବା ସହ ମାସକୁ ମାସ ନୂଆ ନୂଆ ରେକର୍ଡର ଅଧିକାରୀ ହେଉଛି। ଚଳିତ ବର୍ଷ ଜୁନ୍‌ରେ ୬,୦୨୩ ୟୁନିଟ୍ ସ୍କୋଡା ସମଗ୍ର ଭାରତରେ ବିକ୍ରି ହୋଇଥିବା ବେଳେ ୨୦୨୨ ମାର୍ଚ୍ଚରେ ୫,୬୦୮ ୟୁନିଟ୍ ସହ ଏକ ଦଶନ୍ଧିର ପୁରୁଣା ରେକର୍ଡ ଭଙ୍ଗ କରିଥିଲା। ସେହିଭଳି ବର୍ଷକୁ ବର୍ଷ ୨୦୨୧ ଜୁନ୍‌ରେ ବିକ୍ରି ହୋଇଥିବା ୭୩୪ କାର ତୁଳନାରେ ୨୦୨୨ ଜୁନ୍‌ରେ ୭୨୧% ବୃଦ୍ଧି ଘଟିଛି। ସର୍ବୋପରି ସ୍କୋଡା ଅଟୋ ଇଣ୍ଡିଆ ୨୦୨୧ରେ ୨୩,୮୫୮ ୟୁନିଟ୍ ଗାଡି ବାର୍ଷିକ ବିକ୍ରି ଅତିକ୍ରମ ମଧ କରିଛି। ଯେଉଁଥିରେ ୨୮,୮୯୯ ୟୁନିଟ୍ ପ୍ରଥମରୁ ଏଚ-୧ ୨୦୨୨ରେ ବିକ୍ରି ହୋଇସାରିଛି।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜାକ୍ ହୋଲିସ କହିଛନ୍ତି, ଆମର ଉଭୟ ଇଣ୍ଡିଆ ୨.୦ ଉତ୍ପାଦ ଏକ ଚାଲେଞ୍ଜିଂ ପୃଷ୍ଠଭୂମିରେ ବଜାରକୁ ପ୍ରବେଶ କରିଛି। କୋଭିଡ ମହାମାରୀ ସାଙ୍ଗକୁ ଥରକୁ ଥର ଲକ୍‌ଡାଉନ, ଅର୍ଥନୈତିକ ଅସ୍ଥିରତା, ଭୂ ରାଜନୈତିକ ଅସ୍ଥିରତା ଏବଂ ସେମିକଣ୍ଡକ୍ଟର ଅଭାବ, ଯୋଗାଣ ଶୃଙ୍ଖଳାକୁ ଅସ୍ତବ୍ୟସ୍ତ କରିଛି। ଏପରିକି ଆମର ସମସ୍ତ ସ୍କୋଡା ମଡେଲ ନୂତନ ବିକ୍ରୟ ରେକର୍ଡ ଭାଙ୍ଗିବା ଏବଂ ସ୍ଥାପନ କରିବା ଜାରି ରଖିବା ଏକ ଅବିଶ୍ୱସନୀୟ ସଫଳତା। ଏହା ଆମର ସମସ୍ତ ଦଳର ଅଲ-ରାଉଣ୍ଡ କାର୍ଯ୍ୟର ଫଳାଫଳ ଅଟେ। କେବଳ ଉତ୍ପାଦ ଦୃଷ୍ଟିରୁ ନୁହେଁ, ଗ୍ରାହକଙ୍କ ସନ୍ତୁଷ୍ଟି ଦୃଷ୍ଟିରୁ ଆମର ସମସ୍ତ ନୂତନ ଗ୍ରାହକ ସ୍ପର୍ଶ ବିନ୍ଦୁଗୁଡିକର ଏକ ବ୍ୟାପକ, ଗଭୀର ଅନୁପ୍ରବେଶ ଏବଂ ଗ୍ରାହକକେନ୍ଦ୍ରିକ ସେବା ଅଭିଯାନର ଏକ କ୍ରମ। ଆମର ଡିଲର ଅଂଶୀଦାରମାନେ ମଧ ଏକ ଜବରଦସ୍ତ କାର୍ଯ୍ୟ କରି ବଡ଼ ଭୂମିକା ଗ୍ରହଣ କରିଛନ୍ତି।

# ଅନୁଗୋଳରେ ଚାନ୍ଦିଭଣ୍ଡାରର ଏକ୍ସକ୍ଲୁସିଭ ଷ୍ଟୋର



ଭୁବନେଶ୍ୱର,୭।୭

ରୁପା ଗହଣାର ପ୍ରମୁଖ ଶୋ'ରୁମ୍ 'ଚାନ୍ଦିଭଣ୍ଡାର'ର ୪ର୍ଥ ଏକ୍ସକ୍ଲୁସିଭ ଷ୍ଟୋର ଅନୁଗୋଳଠାରେ ଶୁଭାରମ୍ଭ ହୋଇଯାଇଛି। ଏଠାରେ ବ୍ରାଣ୍ଡର ନିଖୁଣ ଡିଜାଇନ ବିଶିଷ୍ଟ ଭଳିକି ଭଳି ସିଲ୍‌ଭର ଷ୍ଟେଟ୍‌ମେଣ୍ଟ ଜୁଏଲେରି, ଉପହାର, କଟଲେରି, ରୁପାରେ ପ୍ରସ୍ତୁତ ବିଭିନ୍ନ କଳାକୃତି ଏବଂ ଆହୁରି ଅନେକ କିଛି ଉପଲବ୍ଧ ରହିଛି। ଗ୍ରାହକ ଓଡ଼ିଶାର ଏହି ଅନ୍ୟତମ ଅଗ୍ରଣୀ ରୁପା ଗହଣା ଏବଂ ପ୍ରିମିୟମ ଗିଫ୍ଟ ଷ୍ଟୋରରୁ ବିଭିନ୍ନ ଆକର୍ଷଣୀୟ ରୁପା ସାମଗ୍ରୀ ସୁବିଧାରେ ପାଇପାରିବେ ବୋଲି ଶୋ'ରୁମ୍ ପକ୍ଷରୁ କୁହାଯାଇଛି। ଏହାର ଉଦ୍‌ଘାଟନୀ ଅବସରରେ ବ୍ରାଣ୍ଡର ନ୍ୟୁ କଲେକ୍ସନ 'ପଣିହାରୀ'କୁ ମଧ ଉନ୍ମୋଚନ କରାଯାଇଛି। ଉକ୍ତ କଲେକ୍ସନରେ ରହିଛି ନିଖୁଣ ଡିଜାଇନ ବିଶିଷ୍ଟ ରୁପା ଷ୍ଟେଟ୍‌ମେଣ୍ଟ ଜୁଏଲେରି ଯେପରି ଚୋକର, ପେଣ୍ଡେଣ୍ଟ, ବ୍ରେସ୍‌ଲେଟ୍, ଆଡ୍‌ଜଷ୍ଟେବଲ ଷ୍ଟ୍ରାପ୍, ଇୟରିଂ, ମୁଦି, ପାଉଁଜି ଏବଂ ଆହୁରି ଅନେକ କିଛି। ସୀମିତ ସମୟ ପାଇଁ ଉଦ୍‌ଘାଟନୀ ଅଫର ମଧ ଘୋଷଣା କରାଯାଇଛି। ଏହା ଅଧୀନରେ ଗ୍ରାହକ ଜୁଲାଇ ୨୪ ପର୍ଯ୍ୟନ୍ତ ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ପାଇପାରିବେ।

## ଅଟା ରପ୍ତାନି ଉପରେ କଟକଣା ଲଗାଇଲା ଭାରତ

**ନୂଆଦିଲ୍ଲୀ,୭।୭:** ଗହମ ରପ୍ତାନି ବନ୍ଦ ପରେ ସରକାର ଏବେ ଅଟା, ମଇଦା, ସୁଜି ଓ ତତ୍‌ସମ୍ପର୍କିତ ଅନ୍ୟ ସାମଗ୍ରୀର ରପ୍ତାନି ଉପରେ ମଧ କଟକଣା ଲଗାଇଛନ୍ତି। ଏ ନେଇ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ନିକଟରେ ଏକ ବିଜ୍ଞପ୍ତି ଜାରି କରାଯାଇ ଏଭଳି କିଛି ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ ଗହମ ଅଟା ଓ ଏହାର ଅନ୍ୟାନ୍ୟ ସାମଗ୍ରୀ ରପ୍ତାନି ପୂର୍ବରୁ ବାଣିଜ୍ୟ ମନ୍ତ୍ରଣାଳୟର ଅନୁମତି ନେବାକୁ ପଡ଼ିବ। ଏପରିକି ଜୁଲାଇ ୧୨ରୁ ଉକ୍ତ କଟକଣା ଲାଗୁ ହେବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଯେଉଁ କନ୍‌ସାଇନମେଣ୍ଟ ପାଇଁ ଜାହାଜରେ ଲୋଡିଂ ଆରମ୍ଭ ହୋଇଯାଇଛି କିମ୍ବା ୧୨ ତାରିଖ ମଧରେ ହେବାକୁ ଅଛି ସେଗୁଡ଼ିକର ରପ୍ତାନିକୁ ଅନୁମତି ମିଳିବ। ଦେଶରେ ଏ ସବୁ ସାମଗ୍ରୀର ଉପଲବ୍ଧତା ବୃଦ୍ଧି କରିବା ଓ ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଗତ ମେ ୧୪ରେ କେନ୍ଦ୍ର ସରକାର ଗହମ ରପ୍ତାନି ଉପରେ କଟକଣା ଲଗାଇଥିଲେ।

# ଆନୁପାତିକ ଭିତ୍ତିରେ ବିଲ୍ ପ୍ରସ୍ତୁତିକୁ ନେଇ ଓଇଆର୍‌ସିର ସ୍ପଷ୍ଟୀକରଣ

ଭୁବନେଶ୍ୱର,୭।୭

ରାଜ୍ୟରେ ଗତ କିଛିଦିନ ଧରି ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଦ୍ୱାରା ଆନୁପାତିକ ଭିତ୍ତିରେ ବିଦ୍ୟୁତ୍ ବିଲ୍ ପ୍ରସ୍ତୁତିକୁ ନେଇ ଉପଭୋକ୍ତାମାନଙ୍କର ଅଭିଯୋଗ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଆସୁଥିଲା। ଏପରିକି ଉପଭୋକ୍ତା ଓ ଉପଭୋକ୍ତା ସଙ୍ଗଠନଗୁଡ଼ିକ ଏଭଳି କାର୍ଯ୍ୟକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଏପରିକି ଆନୁପାତିକ ଭିତ୍ତିରେ ବିଲିଂ ପଇଠ ଦ୍ୱାରା ଉପଭୋକ୍ତାମାନଙ୍କୁ ଅଯଥା ଅଧିକ ବିଲ୍ ପୈଠ କରିବାକୁ ପଡୁଥିବାରୁ ଏଭଳି ବିଲିଂ ବ୍ୟବସ୍ଥା ବନ୍ଦ କରିବା ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ନିକଟରେ ଦାବି କରିଆସୁଥିଲେ। ଏ ସଂକ୍ରାନ୍ତରେ ଓଇଆର୍‌ସି ସମ୍ପ୍ରତି ଏକ ସ୍ପଷ୍ଟୀକରଣ ଜାରି କରିଛନ୍ତି। ଓଇଆର୍‌ସି ଡିଷ୍ଟ୍ରିବ୍ୟୁଶନ (କଣ୍ଡିସନ୍ ଅଫ୍ ସପ୍ଲାଇ) ସଂହିତା-୨୦୧୯ର ରେଗୁଲେଶନ-୧୪୮ ଅନୁଯାୟୀ, ପ୍ରତି ମାସ ୧ତାରିଖ ବ୍ୟତୀତ ଅନ୍ୟ ତାରିଖରେ ନୂତନ ସଂଯୋଗ ନେଇଥିବା ଅଥବା ବିଦ୍ୟୁତ୍ ଯୋଗାଣ ରାଜିନାମା ରଦ୍ଦ କରିଥିବା ଉପଭୋକ୍ତାଙ୍କ କ୍ଷେତ୍ରରେ ହିଁ ଏହି ଆନୁମାନିକ ବିଲିଂ ଲାଗୁ ହେବ ବୋଲି ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ନିୟମିତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ କ୍ଷେତ୍ରରେ ଏପରି ଆନୁପାତିକ ବିଲିଂ ନ କରାଯାଇ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ଶୁଳ୍କସୂଚୀର ସ୍ଲାବ୍ ଅନୁଯାୟୀ ମାସିକ ବିଲ୍ ପ୍ରସ୍ତୁତ କରାଯିବ ଏବଂ ଏ ଦିଗରେ ଉକ୍ତ ସଂହିତାର ରେଗୁଲେଶନ-୧୦୯କୁ ନିଷ୍ଠାର ସହ ଅନୁପାଳନ କରିବାକୁ ଆୟୋଗ ଓଡ଼ିଶାର ୪ଗୋଟି ବିଦ୍ୟୁତ୍ ବିତରଣ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି।

## ଫୁରସତ୍

# ରିଆଙ୍କୁ ବଙ୍ଗଳା ସିନେମା ଅଫର



**ମୁମ୍ବାଇ:** ଦିବଂଗତ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ରହସ୍ୟଜନକ ମୃତ୍ୟୁ ପରେ ହଠାତ୍ ଚର୍ଚ୍ଚାର ପରିଧିକୁ ଆସିଥିଲେ ତାଙ୍କ ବାନ୍ଧବୀ ରିଆ ଚକ୍ରବର୍ତ୍ତୀ। ତେବେ ଏହି ଘଟଣା ତାଙ୍କ ପାଇଁ ଅଭିଶାପ ସାବ୍ୟସ୍ତ ହୋଇଥିଲା। ସୁଶାନ୍ତଙ୍କ ଫ୍ୟାନ୍ ଏହି ମୃତ୍ୟୁ ପାଇଁ ରିଆଙ୍କୁ ଦାୟୀ କରିଥିଲେ। ପରବର୍ତ୍ତୀ ସମୟରେ ଡ୍ରଗ୍ସ କାରବାର ଲିଙ୍କ୍ ଅଭିଯୋଗରେ ସେ ଟାଣି ହୋଇଯାଇଥିଲେ ଜେଲକୁ। ଏସବୁ ଘଟଣା ରିଆଙ୍କ କ୍ୟାରିୟରକୁ ଦେଇଥିଲା ଜୋର୍‌ଦାର ଝଟକା। ଏବେ ବଲିଉଡ୍‌ରେ ସ୍ଥିତି ଜାହିର କରିବା ତାଙ୍କ ପାଇଁ ଆଉ ସହଜ ହୋଇ ରହିନାହିଁ। ଏସବୁ ଭିତରେ ବଙ୍ଗଳା ସିନେ ଇଣ୍ଡଷ୍ଟ୍ରିରୁ ତାଙ୍କୁ ଏକ ଅଫର ମିଳିଛି। ଏହି ଅଫର ଦେଇଛନ୍ତି ଖ୍ୟାତନାମା ବଙ୍ଗଳା ସିନେ ପ୍ରଯୋଜକ ରାଣା ସରକାର। ଏ ସଂକ୍ରାନ୍ତରେ ରିଆଙ୍କ ଟିମ୍ ସହ କଥାବାର୍ତ୍ତା ମଧ ସରିଛି। ଏବେ ରିଆଙ୍କ ହଁ ଉପରେ ଅଟକିଛି ସବୁକଥା। ଯଦି ସବୁକିଛି ଠିକ୍‌ଠାକ୍ ରୁହେ ତେବେ ସେ ବଙ୍ଗଳା ଫିଲ୍ମରୁ ଡେବ୍ୟୁ କରିବା ଯଥେଷ୍ଟ ସମ୍ଭାବନା ରହିଛି।

# ପୋକରୁ ବିସ୍କୁଟ୍, ଚକୋଲେଟ୍

**ବିସ୍କୁଟ୍, ଚକୋଲେଟ୍ ଖାଇବାକୁ କିଏ ବା ଭଲ ନ ପାଏ। ହେଲେ ଯଦି କୁହାଯାଏ ଏହି ଲୋକପ୍ରିୟ ଖାଦ୍ୟ ପଦାର୍ଥ 'ପୋକ'ରୁ ତିଆରି ହୋଇଛି, ତା' ହେଲେ ଅନେକେ ନାପସନ୍ଦ କରିବା ସ୍ୱାଭାବିକ। ହେଲେ ଦକ୍ଷିଣ ଆଫ୍ରିକାର ଏକ ଷ୍ଟାର୍ଟଅପ୍ କମ୍ପାନୀ କାଟରପିଲାର ପ୍ରଜାତିର ପୋକରୁ ପ୍ରସ୍ତୁତ କରୁଛି ବିସ୍କୁଟ୍ ଏବଂ କ୍ୟାଣ୍ଡି।**



**ନୂଆଦିଲ୍ଲୀ:** ସାରା ବିଶ୍ୱରେ ଖାଦ୍ୟ ସଂସ୍କୃତିରେ ଭରିରହିଛି ବିବିଧତା। କେତେକ ଜାଗାରେ ଲୋକେ ସମ୍ପୂର୍ଣ୍ଣ ନିରାମିଷାଶୀ ତ ଆଉ କେତେକ ସ୍ଥାନରେ ଆମିଷପ୍ରିୟ। ଚାଇନା ଭଳି ଦେଶରେ କୀଟପତଙ୍ଗକୁ ମଧ ଖାଦ୍ୟ ଭାବେ ଗ୍ରହଣ କରାଯାଉଛି। ତେବେ ନିକଟରେ ସାଉଥ୍ ଆଫ୍ରିକାର ଏକ ଷ୍ଟାର୍ଟଅପ୍ କମ୍ପାନୀ ପୋକଜୋକଙ୍କୁ ଖାଦ୍ୟ ପ୍ରକ୍ରିୟାକରଣରେ ସାମିଲ କରିବାକୁ ଉଦ୍ୟମ ଆରମ୍ଭ କରିଛି। ସ୍ୱତନ୍ତ୍ର ପ୍ରଜାତିର ଖାଦ୍ୟଯୋଗ୍ୟ କଳାରଙ୍ଗର କାଟରପିଲାର ପ୍ରଜାତିର ପୋକରୁ ସ୍ନାକ୍ସ ଏବଂ ଚକୋଲେଟ୍ ପ୍ରସ୍ତୁତ କରିବାର ଉପାୟ ଖୋଜି ବାହାର କରିଛନ୍ତି କେମିକାଲ ଇଞ୍ଜିନିୟର ୱେଣ୍ଡି ଭେସେଲା। ଏଥିଲାଗି ଗଛ ଗଣ୍ଡିରେ ରହୁଥିବା 'କାଟରପିଲାର' ନାମକ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ପୋକକୁ ବ୍ୟବହାର କରାଯାଉଛି। ପୋକକୁ ଏକାଠି କରି ପ୍ରକ୍ରିୟାକରଣ କରାଯାଇ ଅଟା ଭଳି ପଦାର୍ଥରେ ରୂପାନ୍ତରିତ କରାଯାଏ। ସେଥିରେ ଆବଶ୍ୟକ ଅନ୍ୟ ଉପକରଣ ମିଶାଇ ପ୍ରସ୍ତୁତ କରାଯାଏ କ୍ୟାଣ୍ଡି, ସ୍ନାକ୍ସ, ପ୍ରୋଟିନ ବାର୍, ଶେକ୍। ନିକଟରେ ଜୋହାନ୍ସବର୍ଗର ଆର୍ଥିକ ସହର ଭାବେ ପରିଚିତ ସାଣ୍ଡଟନ୍‌ରେ ଆୟୋଜିତ ଖାଦ୍ୟମେଳାରେ 'କାଟରପିଲାର'ରୁ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶିତ କରାଯାଉଥିଲା, ଯାହାକୁ ଭଲ ରେସ୍‌ପନ୍ସ ମିଳିଛି।

ନିଜ ପ୍ରକଳ୍ପ ସମ୍ପର୍କରେ ୱେଣ୍ଡି କୁହନ୍ତି, କୀଟପତଙ୍ଗକୁ ଖାଦ୍ୟ ଭାବେ ଗ୍ରହଣ କରିବା କଥା ଉଠିଲେ ଲୋକେ ନାକ ଟେକନ୍ତି। ତେବେ ଏହା ପୋଷଣର ଏକ ପ୍ରମୁଖ ଉତ୍ସ। ଏହା ଜୈବିକ ଖାଦ୍ୟ ହୋଇଥିବାରୁ ପରିବେଶ ଉପରେ କୁପ୍ରଭାବ ପଡ଼ିବା ସମ୍ଭାବନା ମଧ ନାହିଁ। 'କାଟରପିଲାର' କ୍ୟାଣ୍ଡିକୁ ଅନ୍ତର୍ଜାତୀୟସ୍ତରରେ ଭଲ ରେସ୍‌ପନ୍ସ ମିଳିଛି। ତେଣୁ ସେ ନିଜର ଉତ୍ପାଦିତ ଖାଦ୍ୟପଦାର୍ଥକୁ ନେଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି।

# ୭୫ ବର୍ଷରେ ଟାଏକୋଣ୍ଡୋ



**ଲକ୍ଷ୍ନୌ:** ବୟସ ୭୫ ବର୍ଷ ଟପିଲାଣି। ହେଲେ ମନ ଯୁବସୁଲଭ ଉଦ୍ଦାମତା। ପରିଣତ ବୟସରେ ଟାଏକୋଣ୍ଡୋର ଟ୍ରିକ୍‌କୁ ଏମିତି ବ୍ୟବହାର କରୁଛନ୍ତି ଯେ, ନ ଦେଖିଲେ ବିଶ୍ୱାସ କରିହେବନାହିଁ। କାନପୁରରେ ରହୁଥିବା ରାମଗୋପାଳ ବାଜପେୟୀଙ୍କ ମାର୍ଶାଲ ଆର୍ଟ ପ୍ରତି ରହିଥିବା ଏଭଳି ଦୁର୍ବଳତା ତାଙ୍କୁ ଏବେ ଚର୍ଚ୍ଚାର ଶିଖରରେ ପହଞ୍ଚାଇଛି। ଛୋଟବେଳୁ ଟାଏକୋଣ୍ଡୋ ନିଶାରେ ପଡ଼ିଯାଇଥିଲେ ରାମଗୋପାଳ। ହେଲେ ପରିସ୍ଥିତିରେ ପଡ଼ି ତାଙ୍କୁ ଦୂର ସଞ୍ଚାର ବିଭାଗରେ ଚାକିରି କରିବାକୁ ପଡ଼ିଥିଲା। ଏହାସତ୍ତ୍ୱେ ସେ ଟାଏକୋଣ୍ଡୋରୁ ଦୂରେଇ ନ ଯାଇ ଅଭ୍ୟାସ ଜାରି ରଖିଥିଲେ। ୨୦୦୭ରେ ଚାକିରିରୁ ଅବସର ନେବା ପରେ ଟାଏକୋଣ୍ଡୋରେ ପଦକ ଜିତିବା ପାଲଟିଯାଇଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ। ପ୍ରଥମେ ସେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଲେ। ଏହାପରେ ଜାତୀୟସ୍ତରରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟାଏକୋଣ୍ଡୋ ନିଶା ରାମଗୋପାଳଙ୍କୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇଛି। ଦେଶବିଦେଶରେ ଅନୁଷ୍ଠିତ ବହୁ ପ୍ରତିଯୋଗିତାରେ ପଦକ ଜିତି ଦେଶର ସୁନାମ ବଢାଇଛନ୍ତି। ରାମଗୋପାଳ କହିଛନ୍ତି, ସେ ଏବେ ୱାର୍ଲ୍ଡ ଚାମ୍ପିୟନଶିପ୍-୨୦୨୪ରେ ଅଂଶଗ୍ରହଣ କରିବାକୁ ମାନସିକସ୍ତରରେ ପ୍ରସ୍ତୁତ ହେଉଛନ୍ତି। ଘରେ ସକାଳେ ଏବଂ ସନ୍ଧ୍ୟାରେ କଠିନ ଅଭ୍ୟାସ କରୁଛନ୍ତି। କୌଣସି ସଂସ୍ଥାର ବିନା ସହାୟତାରେ ସେ ଏତେବାଟ ଆସିଛନ୍ତି। ସେଥିପାଇଁ ମଧ ତାଙ୍କୁ ଏକାଧିକ ଥର ଋଣ କରିବାକୁ ପଡ଼ିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୮ ଜୁଲାଇ, ୨୦୨୨



**ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଏନ୍ଏସ୍ଏସ, ଏନ୍‌ସିସି ଓ ୟୁଥ ରେଡ଼କ୍ରସ ମିଳିତ ଆନୁକୂଲ୍ୟରେ ଗୁରୁବାର ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ମନୀଷା ଦାସ, କୋକସରା ଥାନାଧିକାରୀ ପ୍ରସନ୍ନ ବେହେରା ଉପସ୍ଥିତ ରହି ଚାରାରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ୟୁଥ ରେଡ଼କ୍ରସ ପରାମର୍ଶ ଦାତା ଅଧ୍ୟାପକ ସୁବ୍ରତ ବେହେରା, ଏନ୍‌ସିସି ପରାମର୍ଶ ଦାତା ଅଧାପକ ଅଇରି ନାସନ ଟିନ୍ଦା, ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧାପିକା କନକ ମଞ୍ଜରୀ ବେହେରା ଚାରାରୋପଣ କରିଥିଲେ।

## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷାରେ ୯୯.୭୮% ସଫଳତା

କର୍ଲାମୁଣ୍ଡା,୭।୭(ଡି.ଏନ.ଏ.): ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି କ୍ରମରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଥିବା ୧୩ଟି ହାଇସ୍କୁଲର ମୋଟ ୯୨୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୨୪ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛି। ଯାହା ୯୯.୭୮ ଶତକଡ଼ା ସଫଳତା ବୋଲି ଜଣାପଡ଼ିଛି। ଜୋରାଡବରା ହାଇସ୍କୁଲ ଛାତ୍ରୀ ସ୍ମିତିପ୍ରଜ୍ଞା ପାଢ଼ୀ ୫୪୦ ମାର୍କ ରଖି ଏ୧ ଗ୍ରେଡ୍ ବ୍ଲକ ଟପ୍ପର ହୋଇଥିବା ବେଳେ ବ୍ଲକରେ ଏଟୁରେ ୭୭ ଜଣ, ବି୧ରେ ୨୭୦ଜଣ, ବି ଟୁରେ ୩୭୩ଜଣ, ସି ଗ୍ରେଡରେ ୧୫୩ ଜଣ, ଡି ଗ୍ରେଡରେ୩୯ ଜଣ ଓ ଇଗ୍ରେଡରେ୧୧ଜଣ ଛାତ୍ରୀଛାତ୍ର ପାଶ କରିଥିବା ବ୍ଲକ ଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ। ଅନ୍ୟପଟେ ଏହି ବ୍ଲକର ରିଷିଡା ହାଇସ୍କୁଲ ଓ ତେରେସିଙ୍ଗା ହାଇସ୍କୁଲରୁ ଜଣେ ଲେଖାଏଁ ଛାତ୍ରୀଛାତ୍ର ଫେଲ ହୋଇଥିବା ଜଣାପଡିଛି।

### ଚାରାରୋପଣ କରି ଯତ୍ନ ନିଅ

କେସିଙ୍ଗା,୭।୭(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଜବାହର ଉଚ୍ଚ ବିଦ୍ୟାପୀଠ ବାଲସିଠାରେ ବନମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭୟ କୁମାର ଦେବତା ଅଧ୍ୟକ୍ଷତା କରିଥଲେ। ଏଥିରେ ମୁଖ୍ୟଅତିଥି ଭାବେ କେସିଙ୍ଗା ରେଞ୍ଜର ଦିନବନ୍ଧୁ ମେହେର, ଫରେଷ୍ଟର ଶ୍ରୀମୁଖ ମେହେର, ଦେବଦତ୍ତ ମିଶ୍ର, ରଶ୍ମୀରଞ୍ଜନ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମେହେର ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ସମେତ ନିଜ ଘରେ ଚାରାରୋପଣ କରି ତାର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବତା ଗଛର ଉପକାରିତା ଉପରେ ଆଲୋଚନା କରିଥଲେ। ବନହୋତ୍ସବ କାର୍ଯକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ତଥା କର୍ମଚାରୀ ନିମ୍ବ, ଆମ୍ବ ଶାଳ ଇତ୍ୟାଦି ଚାରା ବିଦ୍ୟାଳୟ ପରିସରରେ ରୋପଣ କରିଥିଲେ। ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଜୟଚନ୍ଦ୍ର ଭୋଇ କାର୍ଯକ୍ରମ ପରିଚାଳନା କରିଥିବାବେଳେ ଖେଳ ତଥା ସ୍କାଉଟ ଶିକ୍ଷକ କଇବଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଯୋଗ୍ୟ ବୁଣାକାରଙ୍କୁ ମିଳୁନି ସହାୟତା

ସୋନପୁର,୭।୭(ନି.ପ୍ର.)



ସୋନପୁରରେ ବୁଣାକାର ରାଲି କରୁଛନ୍ତି।

ସୁବର୍ଣ୍ଣପୁର ଜିଲାର ଶତାଧିକ ବୁଣାକାର ଗୁରୁବାର ସୋନପୁର ଉପନିର୍ଦ୍ଦେଶକ ବୟନ ଶିଳ୍ପଙ୍କ କାର୍ଯ୍ୟାଳୟ ଗୁରୁବାର ଘେରାଉ କରିଥିଲେ। ପ୍ରକୃତ ବୁଣାକାରଙ୍କୁ ସରକାରୀ ସହାୟତା ମିଳୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ଜିଲାରେ କୃଷି ପରେ ରୋଜଗାରର ଦ୍ୱିତୀୟ ମାଧ୍ୟମ ହେଉଛି ବୟନଶିଳ୍ପ। ସିଲ୍‌କି ପାଟ ଶାଢୀ ଓ ସମ୍ବଲପୁରୀ ଶାଢୀ ବୁଣି ହଜାର ହଜାର ପରିବାର ନିଜ ପରିବାର ପ୍ରତିପୋଷଣ କରନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ବୁଣାକାରଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତେବେ ବୁଣାକାର ସମବାୟ ସମିତି ଜରିଆରେ କିଛି ମୁଷ୍ଟିମେୟ ଲୋକ ଓ ବ୍ୟବସାୟୀ ସରକାରଙ୍କ ସବ୍‌ସିଡି ଅର୍ଥ ହଡପ୍ କରୁଥିଲା ବେଳେ ପ୍ରକୃତ ବୁଣାକାର ଗରିବ ହୋଇ ରହିଛନ୍ତି। ବୁଣାକାରଙ୍କ ତନ୍ତ ଗର୍ତ୍ତ କଂକ୍ରିଟକରଣ ଓ ଘର ତିଆରିରେ ଚଞ୍ଚକତା କରାଯାଉଛି। ବୁଣାକାରଙ୍କୁ ସୋଲାର ଇନଭେଟର ଓ ପଙ୍ଖା ଯୋଗାଣ ସମୟରେ ହିତାଧିକାରୀ ଚୟନରେ ସ୍ୱଚ୍ଛତା ରହୁନି। ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲି ବ୍ଲକ ଶୁଖା, ଦିଗଶିରା ଓ ସୁନାପାଲି ଅଞ୍ଚଳର ବୁଣାକାର ଦଶରଥ ମେହେର, ଘନଶ୍ୟାମ ମେହେର, କରମ ସିଂ ମେହେର, ତ୍ରିନାଥ ମେହେର, ବୈଶାଖ ମେହେର, ପ୍ରଫୁଲ୍ଲ ମେହେର, ରାମଶଙ୍କର ମେହେର ଓ ରମେଶ ମେହେର ପ୍ରମୁଖ ଗୁରୁବାର ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା। ବୟନ ଶିଳ୍ପ ଉପନିର୍ଦ୍ଦେଶକ ଶାନ୍ତନୁ କୁମାର ମେହେର ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି କିଛି ଅନିୟମିତତା ହୋଇଥିଲେ ତଦନ୍ତ କରାଯିବ ବୋଲି କହିଛନ୍ତି। ତେବେ ସରକାରଙ୍କ ଯୋଜନା ଗୁଡିକର ହିତାଧିକାରୀ ହେବା ପାଇଁ ଅନଲାଇନରେ ଆବେଦନ କରିବାକୁ ପଡୁଛି। ସେହିପରି ବୁଧବାର ବୁଣାକାରଙ୍କ ଆକାଉଣ୍ଟରେ ସୋଲାର ଇନଭେଟର ଓ ପଙ୍ଖା ପାଇଁ ୧୭୫୦୦ ଟଙ୍କା ଲେଖାଏ ଜମା କରାଯାଇଥିବା କହିଥିଲେ।

**ଘେରିଲେ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ**

# ଆକ୍ରମଣରେ ଆହତ ଯୁବକ ମୃତ, ୨ ଗିରଫ

ବଲାଙ୍ଗୀର ଅଫିସ, ୭।୭

ବଲାଙ୍ଗୀର ବରପାଲିପଡାର ସୁଧୀର ବେହେରାଙ୍କୁ ସଦାଇପାଲି ଗ୍ରାମର ସଞ୍ଜୀବ ମୁଗ୍ରୀ ଏବଂ ପଥରଚେପା ଗ୍ରାମର ଶିବ ନାଗ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ସଦର ଥାନାରେ ଏକ ମାମଲା (୨୮୦/୨୨) ରୁଜୁ ହୋଇଥିଲା। ଗୁରୁତର ଆହତ ସୁଧୀର ବେହେରାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ମାମଲାରେ ପୋଲିସ ଅଭିଯୁକ୍ତ ସଞ୍ଜୀବ ଏବଂ ଶିବ ନାଗଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।


ସଞ୍ଜୀବ ମୁଗ୍ରୀ


ଶିବ ନାଗ

# ଶିକ୍ଷା ଚେତନା ଅଭିଯାନ କାର୍ଯ୍ୟକ୍ରମ

ବେହେରା,୭।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଦଣ୍ଡପାଟ ଯୁବ ସେବା ସଙ୍ଗଠନ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେଶନ ମିଳିତ ଆନୁକୂଲ୍ୟରେ ଶିକ୍ଷା ଚେତନା ଅଭିଯାନ-୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଜଗନ୍ନାଥ ସଂସ୍କୃତି, ପରମ୍ପରାକୁ ନେଇ ଛାତ୍ରୀଛାତ୍ରଙ୍କୁ ୫୦ଟି ପ୍ରଶ୍ନ ପଚରାଯାଇଥିଲା। ଠିକ ଉତ୍ତର ଦେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ଅମ୍ବିକା ପୂଝାରୀ ୮୦.୫ ପ୍ରତିଶତ ରଖି ବିଦ୍ୟାଳୟରେ ଟପ୍ପର ହେଇଥିବାରୁ ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଦଣ୍ଡପାଟ ଯୁବ ସେବା ସଙ୍ଗଠନ ସଭାପତି ଭବେଶ ଗଇଁତାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ ଜୋନ ୨ ଜିଲା ପରିଷଦ ସଦସ୍ୟ ଶଙ୍କର ପ୍ରସାଦ ଜୁଏଡ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ, ବେହେରା ପୂର୍ବତନ ସରପଞ୍ଚ ସୁଚିତ୍ରା ଗୋପାଳ, ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେଶନ ସମ୍ପାଦକ ଅବିନାଶ ମୁଣ୍ଡ ଯୋଗଦେଇଥିଲେ। ସଙ୍ଗଠନ ସଦସ୍ୟ କ୍ଷୀରସିନ୍ଧୁ ବାଣୁଆଙ୍କ କାର୍ଯ୍ୟକ୍ରମ ସଂଯୋଜନାରେ ବିଚାରକ ଭାବେ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ଗୌଡ ଯୋଗଦେଇଥିଲେ।

# କଲେଜ ଛାତ୍ର ଉଦ୍ଧାର ପାଇଁ ଦାବିପତ୍ର


ଦାବିପତ୍ର ଦେଇ ଫେରୁଛନ୍ତି କୁମ୍ଭାର ସମାଜ କର୍ମକର୍ତ୍ତା।

ନୂଆପଡ଼ା ଅଫିସ,୭।୭

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଖଇରା ଗାଁର ଆକାଶ ରଣା (୧୭) ଜଣେ କଲେଜ ଛାତ୍ର ଭୁବନେଶ୍ୱରକୁ ପଢିବା ପାଇଁ ଯାଇ ଅପହରଣ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କର ଉଦ୍ଧାର ପାଇଁ ନୂଆପଡା କୁମ୍ଭାର (ରଣା) ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୂଆପଡା ଜିଲାପାଳ ହେମକାନ୍ତ ସାଏଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ ଆକାଶ ଭୁବନେଶ୍ୱର ଅନ୍ଧାରୁଆ ଜଗନ୍ନାଥ ପ୍ରସାଦ ହଷ୍ଟେଲରେ ରହି ଗିଟ୍ (ଜିଆଇଇଟି)ରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଅଧ୍ୟୟନ କରୁଥିଲେ। ଗତ ୨୫ ତାରଖ ସନ୍ଧ୍ୟାରେ ଜୟ ମାତାଦି ବସ ଚଢି ଭୁବନେଶ୍ୱର ଗଲେ। ୨୬ ତାରିଖ ବରୋମୁଣ୍ଡା ବସଷ୍ଟାଣ୍ଡରେ ଓହ୍ଲାଇ ଅଟୋରେ କଲେଜକୁ ଗଲେ। ହେଲେ କଲେଜରେ ନ ପହଞ୍ଚିବା ଖବର ପାଇ ଆକାଶଙ୍କ ବାପା ମୋହନ ରଣା ଭୁବନେଶ୍ୱର ଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ। କଲେଜକୁ ଆସି ନାହାନ୍ତି ବୋଲି କଲେଜ କର୍ତ୍ତୃପକ୍ଷ କହିବାରୁ ଅପହରଣ ହୋଇଥିବ ସନ୍ଦେହ କରି ଖଣ୍ଡଗିରି ଥାନାରେ ଲିଖିତ ଏତଲା ଦେଇଛନ୍ତି। ଆଜକୁ ପ୍ରାୟ ଦୁଇ ସପ୍ତାହ ବିତି ଯାଇଥିଲେ ମଧ୍ୟ କୌଣସି ଖବର ନ ମିଳିବାରୁ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏହାର ତଦନ୍ତ କରି ଅପହରଣ ହୋଇଥିବା କଲେଜ ଛାତ୍ରଙ୍କୁ ଉଦ୍ଧାର କରିବା ପାଇଁ ଜିଲା କୁମ୍ଭାର ସମାଜ ପକ୍ଷରୁ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ରକ୍ତଦାନ

ନୂଆପଡ଼ା ଅଫିସ,୭।୭

ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଜୟନ୍ତୀ ପାଳନରେ ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତକେନ୍ଦ୍ର ଠାରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ଆଶିଷ କୁମାର ଠାକୁରଙ୍କ ସଭାପତିତ୍ୱରେ ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ସୋଭାରାଣୀ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଅଜୟ ପଟ୍ଟନାୟକ, ଡା. ଲଳିତ ମୋହନ ବିଶି, ଏନୱାଇକେ ଡିଜି ନୋମିନୀ ଶିବାଜୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ମୁଖାର୍ଜୀଙ୍କ ଜୀବନୀ ଓ ଅବଦାନ ବିଷୟରେ ଅବଗତ କରିଥିଲେ। ରକ୍ତଦାନ ଶିବିର ନେହେରୁ ଯୁବ କେନ୍ଦ୍ର ସହ ଅନୁବନ୍ଧିତ ଯୁବ ଅନୁଷ୍ଠାନ ଷ୍ଟୁଡେଣ୍ଟ ରକ୍ତଦାତା ମହାସଂଘ, ନ୍ୟାଶନାଲ ମହାବିଦ୍ୟାଳୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ଶିବିରରେ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ସଂଯୋଜକ ଶିବ ପ୍ରସାଦ ସା, ନିୟମିତ ରକ୍ତଦାତା କିଶୋର କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ଟଙ୍କା ଉଠାଇବାକୁ ବୃଦ୍ଧ ମହନ୍ତଙ୍କୁ ବ୍ୟାଙ୍କକୁ ବୋହି ଆଣିଲେ

ଭବାନୀପାଟଣା/ଧର୍ମଗଡ଼,୭।୭ (ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଣ ପାଇଁ ଜଣେ ମୁମୂର୍ଷୁ ବୃଦ୍ଧ ମହନ୍ତଙ୍କୁ ବୋହି ଆଣାଯାଇଛି। ମହନ୍ତଙ୍କୁ ବୋହି ଆଣୁଥିବା ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁସାରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବଡ଼ ଚେରଗାଁ ପଞ୍ଚାୟତ କରଲା ଗ୍ରାମରେ ଥିବା ଅନ୍ତରଙ୍ଗ ମହିମା ମଠର ମହନ୍ତ ବୃଦ୍ଧ ଧର୍ମାନନ୍ଦ ଦାସଙ୍କୁ ଗୁରୁବାର ତାଙ୍କର ଦୁଇଜଣ ଶିଷ୍ୟ ଧର୍ମଗଡ଼ସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାକୁ ବୋହି ଆଣି ଥିଲେ। ଦୀକ୍ଷା ଶିଷ୍ୟ ଭୁଲା ବାଗ ଓ ଆଜନ୍ମ ବ୍ରହ୍ମଚାରୀ ରାମେଶ୍ୱର ଦାସ ମଠ ମହନ୍ତ ଦାସଙ୍କୁ ଧରି ବ୍ୟାଙ୍କକୁ ଜମା ଟଙ୍କା ଉଠାଇବାକୁ ଆଣିଥିଲେ। ଶିଷ୍ୟ ୨ଜଣ କହିବା ଅନୁଯାୟୀ, ବାବା ପ୍ରାୟ ସପ୍ତାହେ ହେଲା ବାର୍ଦ୍ଧକ୍ୟ ଅବସ୍ଥା ଯୋଗୁ ଜଳ ବି ସ୍ପର୍ଶ କରିନାହାନ୍ତି। ତେଣୁ ସେ ବ୍ୟାଙ୍କକୁ ଆସିବା ସମ୍ଭବ ନୁହେଁ। ଜମା ଟଙ୍କା ଉଠାଣ ପାଇଁ ଜମାକାରୀଙ୍କୁ ସଶରୀରେ ଉପସ୍ଥିତ ହେବାକୁ ପଡ଼ିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିବାରୁ ବାଧ ହୋଇ ମୁମୂର୍ଷୁ ବାବାଙ୍କୁ ଧରି ବ୍ୟାଙ୍କକୁ ଧରି ଆସିଥିଲେ ବୋଲି କହିଛନ୍ତି।


ମୁମୂର୍ଷୁ ଅବସ୍ଥାରେ ଥିବା ବୃଦ୍ଧଙ୍କୁ ବୋହି ନିଆଯାଉଛି।

**ଭିଡିଓ ଭାଇରାଲ**

# ୩ କନିଷ୍ଠ ଯନ୍ତ୍ରୀଙ୍କୁ ୧୨ ପଞ୍ଚାୟତ

କର୍ଲାମୁଣ୍ଡା,୭।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅବ୍ୟବସ୍ଥା ଘେରରେ ରହୁଥିବାରୁ ଲୋକେ ଉପଯୁକ୍ତ ସମୟରେ ସରକାରୀ ସୁବିଧାଗୁଡିକ ଠିକ ଭାବେ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ୧୨ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକରେ ଅନେକଗୁଡିଏ ପଦବୀ ଖାଲି ରହିଥିବା ବେଳେ ଯନ୍ତ୍ରୀମାନଙ୍କ ଖାସ ଲୋକ ବୋଲାଉ ଥିବା କିଛି ବ୍ୟକ୍ତିଙ୍କ ରାଜ ଚଳାଇଥିବା ଦେଖିବାକୁ ମିଳୁଛି। ଏହି ବ୍ଲକରେ ଜଣେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ଏଇ) ଓ ୩ଜଣ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ କନିଷ୍ଠ ଯନ୍ତ୍ରୀ ଶିଶିର ଶବରଙ୍କୁ ରିଞ୍ଜା, ରାଜପୁର, ପୌରକେଲା, ଗଜବାହଲ ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। କନିଷ୍ଠ ଯନ୍ତ୍ରୀ ଲଳିନ୍ଦ୍ର କିଷାନଙ୍କୁ କର୍ଲାମୁଣ୍ଡା, ସରଗୁଲ ମାଲପଡା, ତେରେସିଙ୍ଗା ଓ ରିଷିଡା ପଞ୍ଚାୟତ ଓ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ସିକାଙ୍କୁ ବୋରପଦର, ରେଗଡା, ସାପଲହରା, ଜୋରାଡବରା ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ତେବେ ଏହି ଯନ୍ତ୍ରୀମାନେ ହେଉଥିବା ଉନ୍ନୟନ କାର୍ଯ୍ୟଗୁଡିକରେ ଠିକ ଭାବେ ପରିଦର୍ଶନ କରିବା ଅପେକ୍ଷା ସରକାରୀ କ୍ୟାଟରରେ ହିଁ ଫାଇଲ ଚାଷ କରୁଥିବା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଅଭିଯୋଗ କରିଛନ୍ତି। ସେହିଭଳି ୬ଜଣ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ୧୨ଟି ପଞ୍ଚାୟତ ଦାୟିତ୍ୱରେ ଥିବା ବେଳେ ଜଣେ ପିଇଓଙ୍କୁ ବ୍ଲକ ଅଫିସରେ ରଖାଯାଇଛି। ଅନ୍ୟପଟେ ବ୍ଲକରେ ଏପିଓ, ଡବ୍ଲୁଇଓ, ପିଏ, ଏବିଡ଼ିଓ, କିରାଣୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀଗୁଡିକ ଦୀର୍ଘ ଦିନରୁ ଖାଲି ପଡ଼ିଥିବାରୁ ସାଧାରଣ ଲୋକଙ୍କ ସମସ୍ୟାଗୁଡିକ ସମାଧାନ ହୋଇପାରୁନାହିଁ। ୯ଜଣ ଗ୍ରାମ ରୋଜଗାର ସେବକ ୧୨ଟି ଗ୍ରାମ ପଞ୍ଚାୟତରେ କାର୍ଯ୍ୟ କରୁଛନ୍ତି। ଗତ ଅକ୍ଟୋବର ୨୦୨୧ରୁ ଦରମା ନ ପାଇ ବହୁତ କଷ୍ଟରେ ରହୁଥିବା ଗ୍ରାମ ରୋଜଗାର ସେବକମାନେ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଅବ୍ୟବସ୍ଥା ଘେରରେ କର୍ଲାମୁଣ୍ଡା ବ୍ଲକ**



■ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ନେଇ ସନ୍ଦେହ

STATE POLLUTION CONTROL BOARD, ODISHA
[DEPARTMENT OF FOREST & ENVIRONMENT,
No.CAD-1048: GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit - VIII
Bhubaneswar-751012, INDIA
Tel = 0674-2564033 FAX: 0674-2564033/2564573,
EPABX : 2561909/2562847, E-mail: paribesh1@ospcboard.org,
Website: www.ospcboard.org
No.11708/VI-SC(I&PR) 37/21-22 Date:5.7.2022

ESTABLISHMENT OF STATE CONTROL ROOM TO MONITOR ENFORCEMENT OF SINGLE USE PLASTIC BAN

1. A State Control Room (SCR) to monitor enforcement of SUP ban in the state of Odisha has been established in Pollution Control Board Odisha in accordance with decisions taken by the national Task Force in its 3rd meeting held on June 26, 2022.
2. The SCR shall become operational w.e.f. July 06, 2022 and facilitate activities related to effective implementation of SUP ban including the following:
a) Provide assistance, guidance, clarification and information as may be sought by various stakeholders regarding ban on SUP items, which may include but not limited to the following:
b) Specific items covered under/excluded from SUP Ban.
c) Alternative to banned SUP items and their availability in Odisha.
d) Guidance for filling of complaints on SUP Public Grievance App.
e) Guidance for operation.of SUP compliance monitoring portal by ULBs.
• Issues related to switching over to alternatives including issue of Consent and registration of plastic producers.
• Compostable Plastic manufacturers: (certification procedure, testing facilities etc.)
f) The SCR shall monitor enforcement of SUP ban through ULBs and Regional offices of SPCB.

Details of the State Control Room are as given below:

| | | |
|---|---|---|
| Name of Contact Person | : | Shrutisagar Behera<br>Arpita Anandita Sahoo |
| Contact No. | : | 9938227063 |
| Email ID | : | supcomplaint@ospcboard.org |
| Operating Hours | : | 9:30 AM - 6:00 PM, & 7 days a week during July 06th to 31st July, 2022 |
| Address | : | Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012, INDIA |

The team shall function under overall supervision of Mamata Pattnaik, SEE, SPCB, Odisha.
Sd./- MEMBER SECRETARY
OIPR-08012/11/0136/2223

GOVERNMENT OF ODISHA
"e" PROCUREMENT NOTICE
Bid Identification No 06 of 2022-23

No.O-602:The Superintending Engineer, RWS&S Division, Balangir on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in online mode for the different work in different blocks under Balangir District.
01. Nature of Work: - Construction of ESR , UGR , pump house with laying of rising main and distribution in different villages of Balangir District.
02. Total No of Work :- 19 Nos.
03. Estimated Cost :- Rs.304.22 to 457.79 Lakh
04. Eligible Class of Contractor:- "A & Special Class" Contractor.
05. Period of Completion :- Fifteen month & Eighteen month.
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 06 of 2022-23 | Dt.20.07.2022 At 11.00 Hrs. | Dt.16.08.2022 upto 17.00 Hrs. |

Further details can be had in the DTCN available in the web-site www.tendersodisha.gov.in
Superintending Engineer, RWS&S Division, Balangir
OIPR-25033/11/0008/2223

Board of Revenue: Odisha, Cuttack
(Confidential Branch)
ADVERTISEMENT

No.D-90:All Revenue Divisional Commissioners / Inspector General of Registration, Odisha / Director, Land Records and Surveys & Consolidation and all Collectors are hereby informed that recommendations have been invited vide Board's Letter No. 680/CS, Dt. 29.06.2022 for Recruitment to Odisha Revenue Service (Group-B) by way of "Promotion" for the year 2021. The letter has been despatched to above authorities, a copy of same with enclosures is also available in the website of Board of Revenue http://boardodisha.nic.in. The authorities can access the website and download the letter as well as the enclosures. The recommendation should reach to Secretary, Board of Revenue, Odisha, Cuttack on or before 16th August 2022 by 5.00 P.M.
Sd/- Secretary
Board of Revenue, Odisha, Cuttack

Board of Revenue: Odisha, Cuttack
(Confidential Branch)
ADVERTISEMENT

All Departments of Government / All Heads of Departments / All Collectors are hereby informed that recommendations have been invited vide Board's letter No. 683/CS, dated.29.06.2022 for Recruitment of Odisha Revenue Service (Group-B) by way of **"Selection"** for the year 2021. The letter has been despatched to above authorities, a copy of same with enclosures is also available in the website of Board of Revenue http://boardodisha.nic.in. The authorities can access the website and download the letter as well as the enclosures. The recommendations should reach before Secretary, Board of Revenue, Odisha, Cuttack on or before 16th August, 2022 by 5.00P.M.
Sd/- Secretary
Board of Revenue, Odisha, Cuttack
OIPR-24002/11/0005/2223

## ସଂକ୍ଷେପରେ

### ମହିଳାଙ୍କ ସମେତ ୨ ଦୁର୍ଦ୍ଧର୍ଷ ମାଓବାଦୀଙ୍କ ଆତ୍ମସମର୍ପଣ

**୧୩ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା**

**ମାଲକାନଗିରି,୭।୭(ଡି.ଏନ୍.ଏ.):** ଛତିଶଗଡ଼ ସୁକ୍‌ମା ଏସ୍‌ପିଙ୍କ ନିକଟରେ ଗୁରୁବାର ଜଣେ ମହିଳାଙ୍କ ସମେତ ୨ ଦୁର୍ଦ୍ଧଶ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଆସୋସୀ ଏବଂ ମୁକେଶ ରାଓ୍ବଡେ। ମହିଳା ମାଓବାଦୀ ଆସୋସୀଙ୍କ ନାମରେ ୮ ଲକ୍ଷ ଏବଂ ମୁକେଶଙ୍କ ନାମରେ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିଲା। ଅନେକ ବଡ଼ ହିଂସାକାଣ୍ଡରେ ଦୁହେଁ ସାମିଲ ଥିଲେ ବୋଲି ସୁକ୍‌ମା ଏସ୍‌ପି ଶରତ ସିହ୍ନା ସୂଚନା ଦେଇଛନ୍ତି। ଏମାନଙ୍କ ଆତ୍ମସମର୍ପଣ ମାଓବାଦୀ ସଙ୍ଗଠନ ପାଇଁ ଶକ୍ତ ଝଟକା। ପୋଲିସ ଏମାନଙ୍କଠାରୁ ମାଓବାଦୀ ଗତିବିଧି ବିଷୟରେ ଅନେକ ତଥ୍ୟ ହାସଲ କରିପାରିବ ବୋଲି ଆଶା ରଖିଛି।

### ଭଉଣୀ ବାହାଘର ପୂର୍ବରୁ ଭାଇଙ୍କୁ ହତ୍ୟା

**ବିଲରୁ ମିଳିଲା ମୃତଦେହ**

**ବାଲିପାଟଣା,୭।୭(ଡି.ଏନ୍.ଏ.):** ରାତି ପାହିଲେ ହୋଇଥାନ୍ତା ଭଉଣୀର ବାହାଘର। ଏଥିପାଇଁ ଭାଇ ସମେତ ଘର ସମସ୍ତ ସଦସ୍ୟ ଖୁସିରେ ଥିବାବେଳେ ବିବାହ କାର୍ଯ୍ୟକୁ ନେଇ ସବୁ ପ୍ରସ୍ତୁତି ଚାଲିଥିଲା। ହେଲେ ବିଧିର ବିଧାନ ଥିଲା ଅଲଗା। ବିବାହ କାର୍ଯ୍ୟର ଗୋଟିଏ ଦିନ ପୂର୍ବରୁ ଭାଇକୁ କେହି ହତ୍ୟା କରିଛି। ଧନୁଆ ନଦୀକୂଳ ନିକଟ ଏକ ବିଲରୁ ତାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଏଭଳି ଦୁଃଖଦ ଘଟଣା ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ ଶିଶିଲୋ ଗ୍ରାମରେ ଗୁରୁବାର ଦେଖିବାକୁ ମିଳିଛି। ମୃତକ ହେଲେ ଉକ୍ତ ଗ୍ରାମର ଆଶିଷ ଓଝା(୨୧)। ଅନ୍ୟପଟେ ପୁଅକୁ କେହି ହତ୍ୟା କରିଥିବା ନେଇ ଆଶିଷଙ୍କ ପରିବାର ଲୋକ ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୮୩/୨୨) ରୁଜୁ କରି ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ବାଲିପାଟଣା ଥାନାଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି। ଆଶିଷଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଝିଅର ବାହାଘର ଥିଲା। ଏଥିପାଇଁ ପୁଅ ବିବାହ କାର୍ଯ୍ୟରେ ବ୍ୟସ୍ତ ଥିଲା। ହେଲେ ବୁଧବାର ରାତି ୯ଟାରେ କେହି ଆଶିଷଙ୍କୁ ଫୋନ କରିବାରୁ ସାଇକେଲ ନେଇ ବାହାରକୁ ଯାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗୁରୁବାର ସକାଳୁ ସ୍ଥାନୀୟ ଲୋକ ଗ୍ରାମ ନିକଟସ୍ଥ ନଈକୁ ଯିବାବେଳେ ଏକ ମୃତଦେହ ପଡିଥିବା ଦେଖି ଲୋକ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଓ ଆଶିଷଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିବା ବେଳେ ସେଠାରେ ଉକ୍ତ ସାଇକେଲ ପଡ଼ିଥିବା ଦେଖି ମୃତଦେହ ଆଶିଷର ବୋଲି ଚିହ୍ନଟ କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଛି। ଏ ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଅନ୍ୟପଟେ ଆଶିଷଙ୍କୁ ଫୋନ କରି ଡାକିଥିବା ଲୋକ ହିଁ ତାଙ୍କୁ ହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ହାତୀ ମରୁଛନ୍ତି, ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୭।୭**

- ବୈଷୟିକ ଆଳ କରି ଏନଏଚ୍‌ରେ ଇୟୁପି ନିର୍ମାଣରେ ବ୍ୟତିକ୍ରମ
- ୫୦ ମିଟର ସ୍ପାନ୍ ବଦଳରେ ୨୫ ମିଟର



ରାଜ୍ୟରେ ହାତୀ ସୁରକ୍ଷା ଏବଂ ସହଜ ଚଳପ୍ରଚଳ ସ୍ଥାନର ଅଭାବକୁ ଦୂର କରିବାକୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ମହାନଦୀ ହାତୀ ସଂରକ୍ଷଣ ଅଞ୍ଚଳର ଆୟତନ ୧୦୩୮.୩ ବର୍ଗ କି.ମି.ରୁ ୨୧୮୧.୫୨୧ବର୍ଗ କି.ମି.କୁ ଏବଂ ସମ୍ବଲପୁର ହାତୀ ସଂରକ୍ଷଣ ଅଞ୍ଚଳ ୪୨୬.୯୧ରୁ ୧୭୯୭.୦୪୮ ବର୍ଗ କି.ମି.କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। କିନ୍ତୁ ଜାତୀୟ ରାଜପଥ ନିର୍ମାଣରେ ହାତୀ ପଲ ସହଜରେ ଚଳପ୍ରଚଳ ପାଇଁ ଗଳି ପୋଲ ବା ଏଲିଫ୍ୟାଣ୍ଟ ଅଣ୍ଡର ପାସେସ୍ (ଇୟୁପି) ଉପଯୁକ୍ତ ଭାବେ ଓ ଆବଶ୍ୟକ ସଂଖ୍ୟାରେ ନିର୍ମାଣ ହେଉନାହିଁ। ଏହି ମର୍ମରେ ଓଡ଼ିଶା ବନ୍ୟଜନ୍ତୁ ସମ୍ପଦ ସୋସାଇଟି ପକ୍ଷରୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ଏକ ମାମଲା(ନଂ.୬୧/୨୦୨୧/ଇଜେଡ) ରୁଜୁ ହୋଇଥିଲା। ହେଲେ ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ବିଭିନ୍ନ ବୈଷୟିକ ଆଳ ଦେଖାଇ ନିର୍ଦ୍ଧାରିତ ୫୦ ମିଟର ସ୍ପାନ୍ ବଦଳରେ ୨୫ ମିଟର ସ୍ପାନ୍‌ର ଇୟୁପି ନିର୍ମାଣ କରାଯାଇପାରେ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଛି ।

ସରକାରୀ ପରିସଂଖ୍ୟାନ ଅନୁଯାୟୀ ରାଜ୍ୟରେ ୨୦୧୨-୧୩ ରୁ ୨୦୨୧-୨୨ ମଧ୍ୟରେ ୭୮୪ ହାତୀଙ୍କ ମୃତ୍ୟୁ ହୋଇଛି। ଏନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ୍ ତଲବ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ହାତୀବଂଶ ସୁରକ୍ଷା ପାଇଁ ରାଜ୍ୟରେ ୧୪ ହାତୀ ଚଲାପଥ (ଏଲିଫ୍ୟାଣ୍ଟ କରିଡର) ଏବଂ ୩ ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବିଗତ ୧୦ ବର୍ଷରେ ହାତୀ-ମଣିଷ ବିବାଦର ସମାଧାନ ପାଇଁ ବନ୍ୟପ୍ରାଣୀ ସଂସ୍ଥା ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବଜେଟ୍ ଯୋଜନାରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଛି। ଏହାବାଦ୍ ଚିହ୍ନଟ କରିଡରର ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି। କିନ୍ତୁ ଜାତୀୟ ରାଜପଥ ନିର୍ମାଣବେଳେ ହାତୀଙ୍କ ସୁରକ୍ଷା ବିଷୟକୁ ଦଳିମକଚି ବିଭାଗୀୟ କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ଠିକାଦାର ମିଶି ନିଜ ସ୍ୱାର୍ଥ ସାଧନରେ ମାତିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ୫୫ନଂ. ଜାତୀୟ ରାଜପଥର ମଙ୍ଗୁଳି-ଅନୁଗୋଳ ଏବଂ ଅନୁଗୋଳ-ସମ୍ବଲପୁରର ସମ୍ପ୍ରସାରଣ କାର୍ଯ୍ୟରେ ଦେଖିବାକୁ ମିଳିଛି। ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଏହି ଜାତୀୟ ରାଜପଥ କଟକ, ଢେଙ୍କାନାଳ, ଅନୁଗୋଳ ଏବଂ ସମ୍ବଲପୁର ଜିଲା ଦେଇ ଯାଇଛି। ଏହି ଅଞ୍ଚଳରେ ବିପୁଳ ସଂଖ୍ୟାରେ ହାତୀ ବସବାସ କରୁଥିବା ସହ ସମ୍ବଲପୁର ଏବଂ ଅନୁଗୋଳ ଜିଲା ସମେତ କଟକ ଜିଲାର ଓରଣ୍ଡା-ବାଲି ଏବଂ ଢେଙ୍କାନାଳ ଜିଲାର ରସାସିଂହ ଅଞ୍ଚଳ ଦେଇ ହାତୀ ଜାତୀୟ ରାଜପଥ ଅତିକ୍ରମ କରିଥାନ୍ତି। ଏହାବାଦ୍ ୫୫ ନଂ. ଜାତୀୟ ରାଜପଥ ମହାନଦୀ ହାତୀ ସଂରକ୍ଷିତ ଏବଂ ସାତକୋଶିଆ ବାଘ ସଂରକ୍ଷିତ ଅଞ୍ଚଳ ପର୍ଯ୍ୟନ୍ତ ପ୍ରସାରିତ ହୋଇଛି। ତେଣୁ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଏନ୍‌ଜିଟିରେ ସୋସାଇଟି ପକ୍ଷରୁ ହୋଇଥିବା ଅଭିଯୋଗରେ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ରିପୋର୍ଟ-୨୦୧୬ର ନିର୍ଦ୍ଦେଶନାମା ଅନୁଯାୟୀ ଇୟୁପିର ଲମ୍ବ ୫୦ ମିଟର ହେବା ଆବଶ୍ୟକ। ଏହି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି, ହାତୀ ପଲର ସହଜ ଚଳାଚଳ ପାଇଁ ଇୟୁପିର ଉଚ୍ଚତା ୬ ରୁ ୮ ମିଟର ଏବଂ ଓସାର ୧୦ ରୁ ୧୨ ମିଟର ହେବା କଥା। କିନ୍ତୁ ୫୫ ନଂ. ଜାତୀୟ ରାଜପଥ ନିର୍ମାଣରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ବୈଷୟିକ ଦୃଷ୍ଟିକୋଣକୁ ଆଳ କରି ୫୦ ମିଟରର ସ୍ପାନ ପରିବର୍ତ୍ତେ ୨୫ ମିଟରର ସ୍ପାନ ଲମ୍ବର ଇୟୁପି ନିର୍ମାଣ କରାଯାଇଛି। ଏହାଦ୍ୱାରା ଏକାଥରକେ ୫୦ରୁ ୬୦ ହାତୀ ଚଳାଚଳରେ ଏହି ଇୟୁପି ଯଥେଷ୍ଟ ନୁହେଁ ବୋଲି ଅଭିଯୋଗକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ। ଏହାର ପ୍ରତିବାଦ କରି ଏନ୍‌ଏଚ୍‌ଏଆଇ ପକ୍ଷରୁ ଏନ୍‌ଜିଟିରେ ୨୩।୧୦।୨୦୨୧ରେ ଏକ କାଉଣ୍ଟର ଆଫିଡାଭିଟ ଦାଖଲ କରାଯାଇଥିଲା। ଉକ୍ତ ଆଫିଡାଭିଟରେ ଦର୍ଶାଯାଇଥିଲା ଯେ, ୧୧୨ କି.ମି.ଦୂର ମଙ୍ଗୁଳି-ଅନୁଗୋଳ ଜାତୀୟ ରାଜପଥରେ ୬୬.୭୮୩ ହେକ୍ଟରର ୨୦.୭୦ କି.ମି. ଜଙ୍ଗଲ ଅଞ୍ଚଳ ରହିଛି। ଆଇନ ଅନୁସାରେ ଜମି ପରିବର୍ତ୍ତନ କରାଯାଇଛି। ସେହିପରି ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥର ଦୂରତା ୧୫୦.୮୫୮ କି.ମି. ହୋଇଥିବାବେଳେ ସେଥିରେ ୧୦୯.୦୮୨ ହେକ୍ଟର ଜମିର ୨୮.୮୦ କି.ମି. ଜଙ୍ଗଲ ଜମି ରହିଛି। ହାତୀଙ୍କ ସହଜ ଚଳାଚଳ ପାଇଁ ବିଭାଗ ପକ୍ଷରୁ ଅନୁଗୋଳ-ସମ୍ବଲପୁର ଡିଭିଜନରେ ୧୨ ଇୟୁପି ଏବଂ ୧ ଫ୍ଲାଏ ଓଭର ଏବଂ କଟକ-ଅନୁଗୋଳ ଡିଭିଜନରେ ୫ ଓ ଆଠଗଡ ଡିଭିଜନରେ ୨ ଇୟୁପି ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏନ୍‌ଜିଟିର ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ଶୈବାଳ ଦାସଗୁପ୍ତା ଉଭୟ ପକ୍ଷଙ୍କ ରିପୋର୍ଟକୁ ଆଧାର କରି ଆବଶ୍ୟକ ପରିମାଣର ୨୫ ମିଟର ସ୍ପାନ ଇୟୁପି ନିର୍ମାଣ କରିବାକୁ ରାୟ ପ୍ରକାଶ କରିଛନ୍ତି। ଏହି ରାୟ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆଡ୍‌ଭୋକେଟ ଜେନେରାଲ କାର୍ଯ୍ୟାଳୟରୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଓଡିଶା ବନ୍ୟଜନ୍ତୁ ୱାର୍ଡେନ ମୁଖ୍ୟଙ୍କୁ ଗୁରୁବାର ସୂଚିତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକଟ ଏନଜିଟି ଶଙ୍କର ପ୍ରସାଦ ପାଣି କହିଛନ୍ତି, ବିପୁଳ ଅର୍ଥ ବଞ୍ଚାଇବାକୁ ଯାଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବୈଷୟିକ ଆଳ କରିଛନ୍ତି। ଏଥିରେ ହାତୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇନାହାନ୍ତି। ନଦୀ ଉପରେ ୧ କି.ମି.ରୁ ଊର୍ଦ୍ଧ୍ୱ ସ୍ପାନ ନିର୍ମାଣ ହୋଇ ପାରୁଥିବାବେଳେ ରାଜପଥରେ ଏହା କାହିଁକି ସମ୍ଭବପର ନୁହେଁ ବୋଲି ସେ ପ୍ରଶ୍ନ କରିବା ସହ ଏହି ଉପରେ ସୁପ୍ରିମକୋର୍ଟରେ ଏକ ମାମଲା (ନଂ.୪୫୬୫/୨୦୨୨) ରୁଜୁକରାଯାଇଛି।

### ଭିଜିଲାନ୍ସ ଜାଲରେ ଗ୍ରାମୋଦ୍ୟୋଗ ସୁପରଭାଇଜର



ନାରାୟଣ ପଟ୍ଟନାୟକ

**ପୁରୀ ଅଫିସ,୭।୭**

**୧୫ହଜାର ଟଙ୍କା ଲାଞ୍ଚ ନେଉଥିଲେ**

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ପୁରୀ ଜିଲା ଶିଳ୍ପ କେନ୍ଦ୍ର ଗ୍ରାମୋଦ୍ୟୋଗର ସୁପରଭାଇଜର। ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡର ସୁପରଭାଇଜର ନାରାୟଣ ପଟ୍ଟନାୟକଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଗୁରୁବାର ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ୨ ଲକ୍ଷ ୪୫ ହଜାର ଟଙ୍କାର ସବ୍‌ସିଡି ଅର୍ଥ ପଠାଇବା ବାବଦକୁ ସମ୍ପୃକ୍ତ ଅଧିକାରୀ ୧୫ହଜାର ଟଙ୍କା ଲାଞ୍ଚ ମାଗୁଥିବା ବେଳେ ଧରାପଡ଼ିଛନ୍ତି। ଭିଜିଲାନ୍ସ ସମ୍ପୃକ୍ତ ଅର୍ଥ ରାଶି ଜବତ କରିବା ସହ ଘଟଣାସ୍ଥଳରୁ ସାକ୍ଷ୍ୟ ପ୍ରମାଣ ଏକାଠି କରିଛି। ଏହାପରେ ନାରାୟଣ ପଟ୍ଟନାୟକଙ୍କର ତାଳବଣିଆସ୍ଥିତ ଘର ଓ ଅଫିସ୍‌ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଆୟ ବହିର୍ଭୂତ ସମ୍ପତ୍ତି ମିଳିଛି କି ନାହିଁ ସେ ସମ୍ପର୍କିତ ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଅନ୍ୟପକ୍ଷେ ସୁପରଭାଇଜରଙ୍କୁ ଭିଜିଲାନ୍ସ କୋର୍ଟ ଚାଲାଣ କରିଛି। ଏ ନେଇ ଭିଜିଲାନ୍ସ ଏକ ମାମଲା(ନଂ.୧୭/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

# ମୁଜାଗଡ଼ ରେଞ୍ଜରେ ହାତୀ ମୃତଦେହ ଠାବ

**ଶିକାରୀ ଦାନ୍ତ ଲୁଟିନେଇଥିବା ସନ୍ଦେହ**

**ଭଞ୍ଜନଗର,୭।୭(ଡି.ଏନ୍.ଏ.)**



ହାତୀ ମୃତଦେହ

ରାଜ୍ୟରେ ହାତୀ ମୃତ୍ୟୁ ଥମିବାର ନାଁ ଧରୁନାହିଁ। ଗୁରୁବାର ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ କାନବିନ୍ଧା ନିକଟ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀ ମୃତଦେହ ଠାବ କରାଯାଇଛି। ଖବରପାଇ ଡିଏଫ୍‌ଓ ସୁଦର୍ଶନ ବେହେରା ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ହାତୀଟିର କିଭଳି ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନି।

କାନବିନ୍ଧା ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀ ମରି ପଡ଼ିଥିବା ଗ୍ରାମବାସୀ ଗୁରୁବାର ଅପରାହ୍ନରେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ଡିଏଫଓ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଦନ୍ତାହାତୀଟି ବୁଧବାର ମରିଥିବା ଅନୁମାନ କରାଯାଉଛି। ହାତୀର କିଛି ଅଂଶ କାଦୁଅରେ ପୋତି ହୋଇଥିବା ବେଳେ ଦାନ୍ତ କଟାଯାଇଥିବା ଅନୁମାନ କରାଯାଉଛି। ରାତିହୋଇଯିବାରୁ ଅଧିକ ତଦନ୍ତ କରାଯାଇ ପାରିନି। ଶୁକ୍ରବାର ହାତୀର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶୁକ୍ରବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି । ଏହାପୂର୍ବରୁ ହାତୀ ମୃତଦେହ ଠାବ ଘଟଣାକୁ ନେଇ ବନ ବିଭାଗର ମୁଣ୍ଡବ୍ୟଥା ବଢ଼ିଯାଇଛି।

### ସ୍ତ୍ରୀଙ୍କ ବେକ କାଟି ସ୍ୱାମୀ ଫେରାର୍

**ବାଲିଗୁଡ଼ା(ଡି.ଏନ୍.ଏ.)/**
**ଫୁଲବାଣୀ ଅଫିସ, ୭।୭**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ବୁଡୁରିକିଆ ଗ୍ରାମରେ ଗୁରୁବାର ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀଙ୍କ ବେକକୁ କାଟି ସ୍ୱାମୀ ଫେରାର୍ ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ସ୍ତ୍ରୀ ବିସ୍ମିତା ମଲ୍ଲିକଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ସ୍ୱାମୀ ମଣ୍ଟୁ ମଲ୍ଲିକ ଫେରାର ହୋଇଯାଇଛନ୍ତି। ବାରଖମା ସୁଡୁମିଲା ଗ୍ରାମର ମଣ୍ଟୁ ବୁଡୁରିକିଆର ବିସ୍ମିତାଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେବାରୁ ବିସ୍ମିତା ବାପଘରକୁ ପଳାଇଥିଲେ। ଗୁରୁବାର ମଣ୍ଟୁ ଶ୍ୱଶୁର ଘରକୁ ଯାଇ ଧାରୁଆ ଅସ୍ତ୍ରରେ ବିସ୍ମିତାଙ୍କ ବେକକୁ ଆକ୍ରମଣ କରିଥିଲେ। ବିସ୍ମିତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବିସ୍ମିତାଙ୍କ ପରିବାର ଲୋକେ କ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି।

# ଡିଲ୍ ବେଳେ ଚଢ଼ାଉ: ୨ ହାତୀଦାନ୍ତ ଜବତ







ଖବରଦାତା ସମ୍ମିଳନୀରେ ଦୁଇ ବନଖଣ୍ଡର ଡିଏଫ୍‌ଓ। ଜବତ ହାତୀଦାନ୍ତ।

**ସମ୍ବଲପୁର,୭।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବାସନ୍ତି ଲଜ୍‌ରେ ହାତୀଦାନ୍ତ ଡିଲ୍ ସମୟରେ ବନ ବିଭାଗ ଚଢାଉ କରି ୩ଜଣଙ୍କୁ ଅଟକ ରଖିଛି। ତଦନ୍ତରେ ବାଧା ସୃଷ୍ଟିହେବା ଆଶଙ୍କା କରି ବିଭାଗ ପକ୍ଷରୁ ସେମାନଙ୍କ ନାମ ପ୍ରକାଶ କରାଯାଇ ନାହିଁ। ସମ୍ବଲପୁର ଓ ବୌଦ୍ଧ ବନଖଣ୍ଡର ମିଳିତ ଟିମ୍ ଏହି ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କଠାରୁ ୨ ହାତୀଦାନ୍ତ ଜବତ ହୋଇଛି। ଘଟଣାସ୍ଥଳରୁ ୨ ଅଭିଯୁକ୍ତ ଫେରାର ହୋଇଯାଇଥିବା ସମ୍ବଲପୁର ବନଖଣ୍ଡ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅଧୀନରେ ଏକ ଦନ୍ତାହାତୀ ଶିକାର କରାଯାଇଥିଲା। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ସମୟରେ ବାସନ୍ତି ହୋଟେଲରେ ହାତୀଦାନ୍ତ ଡିଲ୍ ହେଉଥିବା ଖବର ମିଳିଥିଲା। ପରେ ମିଳିତ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଅନ୍ୟପକ୍ଷେ ବୌଦ୍ଧ ବନଖଣ୍ଡ ବଗିଆପଡା ଭୁର୍କପଡା ଜଙ୍ଗଲରେ ମେ ୨୪ରେ ଏକ ଗଳିତ ଦନ୍ତାର ମୃତଦେହ ଉଦ୍ଧାର ହୋଇଥିଲା। ଅଭିଯୁକ୍ତମାନେ ଦାନ୍ତ ପାଇଁ ହାତୀ ଶିକାର କରିଥିବା ଓ ଜବତ ହୋଇଥିବା ଦାନ୍ତ ଉକ୍ତ ଦନ୍ତାର ବୋଲି ସ୍ୱୀକାର କରିଥିଲେ। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଅଟକ ଥିବା ସମସ୍ତ ଅଭିଯୁକ୍ତ ଓଡ଼ିଆରେ କଥାବାର୍ତ୍ତା ହେଉଥିଲେ। ଦାନ୍ତ କାହାକୁ ବିକ୍ରି କରୁଥିଲେ ବା କେଉଁମାନେ ଗ୍ରାହକ ଅଛନ୍ତି ସେ ନେଇ ତଦନ୍ତ କରାଯାଉଛି। ପଡିଆବାହାଲ ରେଞ୍ଜ ଅଧୀନରେ ଘଟିଥିବା ଘଟଣାର ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ବୌଦ୍ଧ ଡିଏଫ୍‌ଓ ଦେବପ୍ରିୟ କମ୍ପ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲାପାଳଙ୍କ ନାମରେ ଫେକ୍ ହ୍ୱାଟ୍ସଆପ୍

**ହିଞ୍ଜିଳି ତହସିଲଦାରଙ୍କୁ ବାରମ୍ବାର ମେସେଜ୍**

**ବ୍ରହ୍ମପୁର ଅଫିସ,୭।୭**

ସାଇବର ଠକମାନେ ସାଧାରଣ ଲୋକଙ୍କୁ ଠକି ଟଙ୍କା ଲୁଟି ନେଉଥିବା ଘଟଣା ନେଇ ବାରମ୍ବାର ଥାନାରେ ଏତଲା ହେଉଛି। ହେଲେ ବର୍ତ୍ତମାନ ଗଞ୍ଜାମ ଜିଲାପାଳଙ୍କ ନାମରେ ଫେକ୍ ହ୍ୱାଟ୍ସଆପ୍ ଖୋଲାଯାଇ ପ୍ରଶାସନିକ ଅଧିକାରୀମାନଙ୍କୁ ବାରମ୍ବାର ମେସେଜ୍ ଆସୁଥିବା ଘଟଣା ଦୃଷ୍ଟିକୁ ଆସିଛି। ଏ ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ହିଞ୍ଜିଳି ତହସିଲଦାର ପ୍ରଭାତ କୁମାର ପରିଡା ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ଏତଲା ଦେଇଛନ୍ତି। ଘଟଣାର ତଦନ୍ତ ଆରମ୍ଭ କରିଛି ସାଇବର ଥାନା।

ସୂଚନାଯୋଗ୍ୟ, ଗତ ୫ ତାରିଖ ସନ୍ଧ୍ୟା ୫ଟା ୧୦ ରେ ହିଞ୍ଜିଳି ତହସିଲଦାର ପରିଡାଙ୍କୁ ଏକ ହ୍ୱାଟ୍ସଆପ୍ ନମ୍ବରରେ ମେସେଜ୍ ଆସିଥିଲା। ଉକ୍ତ ନମ୍ବର ପ୍ରୋଫାଇଲରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଫଟୋ ଥିଲା। ଉକ୍ତ ନମ୍ବରରୁ ତହସିଲଦାରଙ୍କୁ ପ୍ରଥମ ମେସେଜ୍ ଆସି ସେଥିରେ ହାଲୋ କୁମାର ହାଓ ଆର ୟୁ ବୋଲି ପଚରା ଯାଇଥିଲା। ସନ୍ଧ୍ୟା ୫ଟା ୪୯ରେ ଉକ୍ତ ମେସେଜ୍ ଦେଖି ଏହା ଜିଲାପାଳଙ୍କ ହ୍ୱାଟ୍ସଆପ୍ ନମ୍ବର ଭାବି ଉତ୍ତର ରଖିଥିଲେ। ପୁଣି ୫ଟା ୫୧ରେ ସେହି ନମ୍ବରରୁ ହୋୟାର ଆର ୟୁ ଆଟ ଦ ମୁମେଣ୍ଟ ବୋଲି ମେସେଜ୍ ଆସିଥିଲା। ଏହି ସମୟରେ ତହସିଲଦାର ଉତ୍ତର ରଖିଥିଲେ। ୫ ମିନିଟ୍ ପରେ ଅର୍ଥାତ୍ ୫ଟା ୫୬ରେ ସେହି ନମ୍ବରରୁ ଆଉ ଏକ ମେସେଜ୍ ଆସିଥିଲା। ମୁଁ ଫୋନ୍ କଲ୍ ମିଟିଂରେ ବ୍ୟସ୍ତ ରହିଛି ତେଣୁ ମୋତେ କିଛି ସହାୟତା କର। ଏହାସହ ଏକ ମିସ୍ ଭଏସ୍ କଲ୍ ଉକ୍ତ ନମ୍ବରରୁ ଆସିଥିଲା। କିଛି ସମୟ ପରେ ଅର୍ଥାତ ୬ଟା ୬ ରେ ପୁଣି ହାଲୋ ମେସେଜ୍ ଆସିଥିଲା। ମାତ୍ର କିଛି ସମୟ ମଧ୍ୟରେ ଏତେଗୁଡାଏ ମେସେଜ୍ ଦେଖି ତହସିଲଦାର ଜିଲାପାଳଙ୍କ ସହ ଯୋଗାଯୋଗ କରିଥିଲେ। ଜିଲାପାଳଙ୍କ ସହ କଥାବାର୍ତ୍ତା ହେବା ପରେ ଏହା ଫେକ୍ ହ୍ୱାଟ୍ସଆପ୍ ମେସେଜ୍ ବୋଲି ଜାଣି ପାରିଥିଲେ। ଉକ୍ତ ନମ୍ବରକୁ ଥାନା ଅଧିକାରୀ ଟ୍ରାକିଂ କରିବା ବେଳେ ଏହା ପଞ୍ଜାବର ବୋଲି ଜଣାପଡ଼ିଥିଲା।

# ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍, ୨ ଲକ୍ଷ ଜରିମାନା

**ନାବାଳିକା ବଳାତ୍କାର, ହତ୍ୟା ମାମଲା**

**ଫୁଲବାଣୀ ଅଫିସ, ୭।୭:** ଏକ ନାବାଳିକା ବଳାତ୍କାର ଏବଂ ହତ୍ୟା ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ସହକାରୀ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ୩ ମାସ ଜେଲ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟିକାବାଲି ଥାନା ସଲାଗୁଡା(ନେଡିପଦର)ର ବାବୁଲା ମଲ୍ଲିକ(୨୨)।

୨୦୧୭ ଜୁନ ୨୮ ରାତିରେ ଟିକାବାଲି ଥାନା ଅଞ୍ଚଳର ଜଣେ ୧୨ ବର୍ଷୀୟା ନାବାଳିକା ସବୁଦିନ ଭଳି ତାଙ୍କ ଘରେ ଶୋଇଥିଲେ। ବାବୁଲା ଘର ଝରକାରୁ ଇଟା ବାହାର କରି ନାବାଳିକାଙ୍କୁ ଉଠାଇ ନିଜ ଘରକୁ ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ନାବାଳିକା ଜଣକ ତାଙ୍କୁ ବିବାହ କରିବାକୁ କହିବାରୁ ପରଦିନ ଉଭୟ ସାଥୀ ହୋଇ ଘରୁ ବାହାରି ଆସି ବାସାଜାର୍ଗୀ ଗାଁ ନିକଟ ଏକ କଲଭର୍ଟରେ ରାତ୍ରିଯାପନ କରିଥିଲେ। ସେମାନଙ୍କୁ ଗ୍ରାମର ଜଣେ ବ୍ୟକ୍ତି ଦେଖି ଦେବାରୁ ଭୟରେ ସେଠାରୁ ବାହାରି ଆସି ଦାଣ୍ଡୁଲି ପାହାଡର ଲଟାବୁଦା ଘେରା ପଥର ଚଟାଣରେ ଆଶ୍ରୟ ନେଇଥିଲେ। ନାବାଳିକା ପୁଣି ବାହା ହେବାକୁ କହିବାରୁ ବାବୁଲା ସବୁଦିନ ଏଥିରୁ ମୁକ୍ତି ପାଇବା ପାଇଁ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ପଥର ଖୋଲ ଭିତରକୁ ମୃତଦେହ ଫିଙ୍ଗି ଚାଲିଆସିଥିଲେ। ୪ ଦିନ ପରେ ଅର୍ଥାତ୍ ଜୁଲାଇ ୩ ତାରିଖରେ ନାବାଳିକାଙ୍କ ବାପା ଏ ନେଇ ଟିକାବାଲି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୩୪/୧୭ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ସମ୍ପୃକ୍ତ ବାବୁଲାଙ୍କୁ କାବୁ କରି ପଚରାଉଚରା କରିବାରୁ ସେ ସବୁ ସତ କଥା ମାନି ଯାଇଥିଲେ। ତାଙ୍କୁ ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବାବୁଲାଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭଉ, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪
ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ଚିତ୍ତରଞ୍ଜନ ଶର୍ମା
ଆବିର୍ଭାବ- ୩୦।୦୬।୧୯୭୫
ତିରୋଧାନ- ୦୮।୦୭।୨୦୧୦
SOM COMMUNICATION
Jail Chhak, Jharpada, BBSR-6
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ
ଧ-୭୩୩୩୨

ଷୋଡଶତମ ଶ୍ରାଦ୍ଧବାର୍ଷିକୀ



୰ଇଂ. ରବୀନ୍ଦ୍ରନାଥ ଜଗଦେବ
ଶବରସାହି, କଳ୍ପନା ଏରିଆ, ଭୁବନେଶ୍ୱର
ଆବିର୍ଭାବ- ୦୮।୧୦।୧୯୪୦
ତିରୋଧାନ- ୧୬।୦୭।୨୦୦୫
(ନବମୀ ତିଥି)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି ।
ଆପଣଙ୍କର ପରିବାରବର୍ଗ
ଧ-୯୦୮

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଦ୍ୟୁତ୍ କୁମାରୀ ପଟ୍ଟନାୟକ
ଆବିର୍ଭାବ- ତା୦୧।୦୧।୧୯୩୯
ତିରୋଧାନ- ତା୨୯।୦୬।୨୦୨୨
ଏଲ୍-୨୭୫, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର
ମା' ତୁମେ ଆମ ସମସ୍ତଙ୍କୁ ଛାଡି ଭଗବାନଙ୍କ ପାଖକୁ ଚାଲିଗଲ । ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଈଶ୍ୱର ବିଶ୍ୱାସ ସବୁଦିନ ଆମମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ହୋଇ ରହିବ ।
ଶୋକସନ୍ତପ୍ତ ଝିଅ- ବୈଜୟନ୍ତୀ ପଟ୍ଟନାୟକ, ଦମୟନ୍ତୀ ପଟ୍ଟନାୟକ, ଗାୟତ୍ରୀ ପଟ୍ଟନାୟକ
ଧ-୭୩୯୩୧

## ଡବ୍ଲ୍ୟୁଆଇଏମ୍ ସାଇନା ସାଲୋନିକା

# ପାଠ ସହ ଖେଳ ଉପରେ ଫୋକସ୍

**ଓଡ଼ିଶା ଚେସ୍‌ରେ ସୁନା ଝିଅଭାବେ ପରିଚିତ ସାଇନା ସାଲୋନିକା ନିକଟରେ ସମ୍ମାନଜନକ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ହାସଲ କରିଛନ୍ତି। ସମ୍ପ୍ରତି ନୂଆଦିଲ୍ଲୀର ମିରାଣ୍ଡା ହାଉସ୍ କଲେଜରେ ଅଧ୍ୟୟନ କରୁଥିବା ସାଇନା ପଢ଼ା ସହିତ ଖେଳରେ ବହୁ ଆଗକୁ ଯିବାର ଲକ୍ଷ୍ୟ ରଖିଛନ୍ତି। ସବୁ ଚେସ୍ ଖେଳାଳିଙ୍କ ପରି ତାଙ୍କର ମଧ ଗ୍ରାଣ୍ଡମାଷ୍ଟର ହେବାକୁ ଇଚ୍ଛା ରହିଛି। ତେବେ ତା' ପୂର୍ବରୁ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଟାଇଟଲ ହାସଲ କରିବା ତାଙ୍କର ଲକ୍ଷ୍ୟ ବୋଲି ସାକ୍ଷାତ୍କାର ଅବସରରେ ପ୍ରକାଶ କରିଛନ୍ତି...**

–ପ୍ରସ୍ତୁତି: ତପନ କୁମାର ସ୍ୱାଇଁ



ସାଇନା ସାଲୋନିକା

**ପ୍ରଶ୍ନ:** ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ଆପଣଙ୍କୁ କିଭଳି ଆନନ୍ଦ ଦେଇଛି ଏବଂ ଦାୟିତ୍ୱବାନ୍ କରିଛି।

**ଉ:** ଏହା ମୋର ଦୀର୍ଘଦିନର ସ୍ୱପ୍ନ ଥିଲା। ମହାମାରୀ ଯୋଗୁ ମୁଁ ଠିକ୍ ସମୟରେ ଅନ୍ତିମ ନର୍ମ ହାସଲ କରିପାରି ନ ଥିଲି। ଏବେ ମୁଁ ବହୁତ ଖୁସି ଅନୁଭବ କରୁଛି। ତେବେ ଏହା ମୋ ପାଇଁ ଆରମ୍ଭ ମାତ୍ର, ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ ଜାରିରଖି ଆହୁରି ଅଧିକ ସଫଳତା ହାସଲ ଲକ୍ଷ୍ୟ ରହିଛି।

**ପ୍ରଶ୍ନ:** ଡବ୍ଲ୍ୟୁଆଇଏମ୍ ଟାଇଟଲ ହାସଲ ପରେ ଆଗକୁ କ'ଣ ସବୁ ଚ୍ୟାଲେଞ୍ଜ ରହିଛି।

**ଉ:** ମୋର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଟାଇଟଲ। କୋଭିଡ୍ ପାଇଁ ଅଧିକ ଟୁର୍ଣ୍ଣାମେଣ୍ଟ ହେଉ ନ ଥିବାରୁ ଏହା ହାସଲ କରିବା ନିଶ୍ଚିତ କଷ୍ଟକର ହେବ। ଖେଳ ସହିତ ପାଠପଢ଼ାକୁ ଆଗେଇ ନେବା ଉପରେ ମଧ ଫୋକସ ରହିଛି। ଉଭୟକୁ ଏକସଙ୍ଗରେ ଆଗେଇନେବା ଯଦିଓ ସହଜ ନୁହେଁ ତେବେ ମୋ ଶିକ୍ଷକ, କୋଚ୍ ଏବଂ ପରିବାରରୁ ଭରପୂର ସମର୍ଥନ ପାଉଥିବାରୁ ମୁଁ ଏହା କରିବାରେ ସକ୍ଷମ ହୋଇପାରିଛି।

**ପ୍ରଶ୍ନ:** ଏଜୁକେଶନ ବେସ୍ ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ସ୍ଥାନାନ୍ତର ପଛରେ କ'ଣ ଉଦ୍ଦେଶ୍ୟ ରହିଛି ? ଆପଣଙ୍କୁ ଟ୍ରେନିଂରେ ଏହା କେତେ ସହାୟକ ହୋଇପାରିଛି।

**ଉ:** ଆର୍ଟ୍ସ(କଳା) ଷ୍ଟ୍ରିମ୍ ଥିବାରୁ ମିରାଣ୍ଡା ହାଉସରେ ପଢ଼ିବା ମୋର ଲକ୍ଷ୍ୟ ଥିଲା। ଆର୍ଟ୍ସ ପାଇଁ ଏହା ଅନ୍ୟତମ ଶ୍ରେଷ୍ଠ କଲେଜ। ଭୁବନେଶ୍ୱରରୁ ନୂଆଦିଲ୍ଲୀ ବେସ୍ ବଦଳାଇବାର ପ୍ରାରମ୍ଭିକ ପର୍ଯ୍ୟାୟ ଅନିଶ୍ଚିତତା ଏବଂ ଭୟ ମିଶ୍ରିତ ଥିଲା। ମାତ୍ର ପରେ ଜଣେ ମିରାଣ୍ଡିଆନଭାବେ ଏହା ଏଜୁକେଶନ ପାଇଁ କେତେ ସହାୟକ ତାହା ଅନୁଭବ କରୁଛି। ଚେସ୍ ଟ୍ରେନିଂ କଥା କହିବାକୁ ଗଲେ ଭୁବନେଶ୍ୱରରୁ ଆସିବାପରେ ଏହା ଅଧିକ କଷ୍ଟଦାୟକ ହୋଇଛି। କାରଣ ସେଠାରେ ମୋ ପରିବାର ଟ୍ରେନିଂ ଏବଂ କୋଚିଂ ପାଇଁ ବ୍ୟବସ୍ଥାରେ ମୋତେ ସହାୟତା କରୁଥିଲେ। ଏଠାକୁ ଆସିବାପରେ ମୁଁ କେବଳ ଅନ୍‌ଲାଇନ୍ କୋଚିଂ ନେଇପାରୁଛି।

**ପ୍ରଶ୍ନ:** ଦେଶ ଓ ବିଦେଶରେ ଟୁର୍ଣ୍ଣାମେଣ୍ଟ ଖେଳିଲାବେଳେ କ୍ଲାସରେ ଅନୁପସ୍ଥିତ ରହିବାକୁ ପଡୁଥିବ, ତାହା ପଢ଼ାରେ ବ୍ୟାଘାତ କରୁନାହିଁ ?

**ଉ:** ମୁଁ କିଟ୍‌ରେ ପଢୁଥିବା ବେଳେ ଅଚ୍ୟୁତ ସାମନ୍ତଙ୍କ ପରାମର୍ଶରେ ଶିକ୍ଷକମାନେ ଏକ୍ସଟ୍ରା କ୍ଲାସ କରି ମୋର ସେ ଅସୁବିଧା ଦୂର କରି ଦେଉଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ମିରାଣ୍ଡା ହାଉସ କଲେଜର ଅଧକ୍ଷା ବିଜୟଲକ୍ଷ୍ମୀ ନନ୍ଦ ହେଉଛନ୍ତି ଓଡ଼ିଶାର। ତାଙ୍କ ପରାମର୍ଶରେ କଲେଜର ଅଧାପିକାମାନଙ୍କ ପାଖରୁ ମୋତେ ସବୁ ପ୍ରକାର ସହଯୋଗ ମିଳୁଛି। ତେଣୁ କୌଣସି ଅସୁବିଧା ଅନୁଭବ କରିନାହିଁ।

**ପ୍ରଶ୍ନ:** ଚେସ୍‌ରେ ଆପଣଙ୍କ ଟ୍ରେନିଂ ଏବେ କିପରି ଚାଲିଛି। କାହା ନିକଟରୁ କୋଚିଂ ନେଉଛନ୍ତି। ଆପଣଙ୍କ ପାଇଁ ଆଉ କ'ଣ ଆବଶ୍ୟକ ଅଛି ବୋଲି ଭାବୁଛନ୍ତି।

**ଉ:** ବର୍ତ୍ତମାନ ପରିସ୍ଥିତିରେ ବ୍ୟକ୍ତିଗତଭାବେ ଚେସ୍ କୋଚିଂ କ୍ଲାସ ସମ୍ଭବ ହେଉ ନ ଥିବାରୁ ମୁଁ କେବଳ ଅନ୍‌ଲାଇନ୍ କ୍ଲାସ କରୁଛି। ରୁଷୀୟ କୋଚ୍ ଆମୋନାଟୋଭ ଫାରୁଖ ମୋତେ ଅନ୍‌ଲାଇନ୍‌ରେ କୋଚିଂ ଦେଉଛନ୍ତି। ଅନ୍‌ଲାଇନ୍ କ୍ଲାସ ପାଇଁ ମଧ ସୀମିତ ସମୟ ରହୁଛି। ତେବେ ଆଶା ରଖିଛି ବ୍ୟକ୍ତିଗତଭାବେ ଉପସ୍ଥିତ ରହି ଟ୍ରେନିଂ ନେଇପାରିଲେ ଚେସ୍ ବୋର୍ଡ ସହିତ ଅଧିକ ସମ୍ପୃକ୍ତ ରହିପାରିବି।

**ପ୍ରଶ୍ନ:** ସଫଳତା ଦୃଷ୍ଟିରୁ ଏପର୍ଯ୍ୟନ୍ତ ଭାଗ ନେଇଥିବା କେଉଁ ପ୍ରତିଯୋଗିତା ଆପଣଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି ଏବଂ କାହିଁକି ?

**ଉ:** ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟ ମୋ ପାଇଁ ସ୍ମରଣୀୟ। ଏହା ସ୍ୱର୍ଗତ କୋଚ୍ ପଦ୍ମଲୋଚନ ରାୟ ସାର୍‌ଙ୍କ ଇଚ୍ଛାଥିଲା। ମୁଖ୍ୟ ଇଭେଣ୍ଟ ପୂର୍ବରୁ ମୁଁ ଅନେକ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ ହେଁ ଭଲ ଫଳ ପାଇ ନ ଥିଲି । ତେବେ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ମୁଁ ସାର୍‌ଙ୍କ ଆଶା ଆକାଂକ୍ଷାକୁ ବ୍ୟର୍ଥ ହେବାକୁ ଦେଇ ନ ଥିଲି। ଟୁର୍ଣ୍ଣାମେଣ୍ଟ ସମୟରେ ଅନିଶ୍ଚିତତା ମଧଦେଇ ଗତିକରିଥିଲେ ହେଁ ସାର୍‌ଙ୍କ ଆଶୀର୍ବାଦ ଯୋଗୁ ଟୁର୍ଣ୍ଣାମେଣ୍ଟ ଜିତିବାରେ ସକ୍ଷମ ହୋଇଥିଲି। ତେଣୁ ଏହା ମୋ ପାଇଁ ସବୁଠାରୁ ସ୍ମରଣୀୟ ଏବଂ ପ୍ରିୟ ଇଭେଣ୍ଟ ହୋଇ ରହିଛି।

**ପ୍ରଶ୍ନ:** କିଛି ଅବସୋସ ଅଛି କି ? ଅର୍ଥାତ୍ ଭଲ ସ୍ଥିତିରେ ଥାଇ ମଧ କେବେ ସୁଯୋଗ ହାତଛଡ଼ା ହୋଇଛି କି ?

**ଉ:** କରୋନା ମହାମାରୀ ବ୍ୟାପିବା ପୂର୍ବରୁ ମୁଁ ପିକ୍ ଫର୍ମରେ ଥିଲି। ଏହି ସମୟରେ ସବୁ ଟୁର୍ଣ୍ଣାମେଣ୍ଟ ବାତିଲ ହେବା ଏବଂ ଏହା ଦୀର୍ଘଦିନଧରି ଲାଗି ରହିବା ମୋତେ ଦୁଃଖ ଦେଇଥିଲା। ୨୦୨୦ ଓ ୨୦୨୧ରେ ଖେଳିବାକୁ ସୁଯୋଗ ନ ପାଇ ଘରେ ବସିରହିବା ମୋ ପାଇଁ ମାନସିକ ସ୍ତରରେ ଅତ୍ୟନ୍ତ କଷ୍ଟଦାୟକ ଥିଲା।

**ପ୍ରଶ୍ନ:** ଆପଣଙ୍କର ଆଦର୍ଶ ଖେଳାଳି କିଏ ଏବଂ କାହିଁକି ?

**ଉ:** ରୁଷୀୟ ଗ୍ରାଣ୍ଡମାଷ୍ଟର ଗ୍ୟାରୀ କାସ୍ପାରୋଭ ମୋର ଆଦର୍ଶ ଖେଳାଳି। ମୁଁ ତାଙ୍କ ଖେଳ ଦେଖି ଦେଖି ଆଗକୁ ବଢ଼ିଛି। ତାଙ୍କ ଖେଳ ଷ୍ଟାଇଲ୍‌ରେ ବିଶେଷ ପ୍ରଭାବିତ ମଧ ହୋଇଛି। ମୁଁ ଆକ୍ରମଣାତ୍ମକ ଗେମ୍ ସହିତ ବୋର୍ଡରେ ଜଟିଳତା ଆଣିବାକୁ ପସନ୍ଦ କରେ। କାସ୍ପାରୋଭ ଜଣେ ଚତୁର ଖେଳାଳି। ତାଙ୍କ ପ୍ରତି ମୋର ସମ୍ମାନବୋଧ ରହିଛି। ବ୍ୟକ୍ତିଗତଭାବେ ମୁଁ ତାଙ୍କୁ ସାକ୍ଷାତ କରିଥିବାରୁ ପ୍ରକୃତରେ ଭାଗ୍ୟବାନ।

**ପ୍ରଶ୍ନ:** ରାଜ୍ୟରେ ଏବେ ମାତ୍ର ୨ ଜଣ ଗ୍ରାଣ୍ଡମାଷ୍ଟର ସୃଷ୍ଟି ହୋଇ ପାରିଛନ୍ତି। କ'ଣ କରାଗଲେ ଏ ସଂଖ୍ୟାରେ ଉନ୍ନତି ଆସିବ ବୋଲି ଆପଣ ଭାବୁଛନ୍ତି।

**ଉ:** ଓଡ଼ିଶାରେ ଚେସ୍‌ପାଇଁ ଅଧିକ ଏକ୍ସପୋଜର ଆବଶ୍ୟକ। ଅନେକ ଉଦୀୟମାନ ଖେଳାଳି ସେମାନଙ୍କ ପ୍ରତିଭା ପ୍ରଦର୍ଶନ ଏବଂ ତାହାକୁ ମାର୍ଜିତ କରିବାର ସୁଯୋଗ ପାଉନାହାନ୍ତି। ରାଜ୍ୟରେ ଯଦି ଅଧିକ ଟୁର୍ଣ୍ଣାମେଣ୍ଟ ଏବଂ କୋଚିଂ କ୍ୟାମ୍ପ ହୋଇପାରିବ ତେବେ ପିଲାମାନଙ୍କୁ ବହୁ ସହାୟକ ହେବ। ଏହା ଖେଳାଳିଙ୍କ ମଧରେ ଉତ୍ସାହ ବଢ଼ାଇବା ସହିତ ଅଭିଭାବକମାନଙ୍କୁ ମୋଟିଭେଟ୍ କରିପାରିବ। ଚେସ୍‌କୁ କ୍ୟାରିୟର କରି ଆଗକୁ ବଢ଼ି ହେବ ବୋଲି ବିଶ୍ୱାସ ଆସିପାରିବ।

**ପ୍ରଶ୍ନ:** ଚେସ୍‌କୁ ନେଇ ଭବିଷ୍ୟତର ଲକ୍ଷ୍ୟ କ'ଣ ରଖିଛନ୍ତି।

**ଉ:** ଜଣେ ଗ୍ରାଣ୍ଡମାଷ୍ଟର ହେବା ସବୁ ଚେସ୍ ଖେଳାଳିଙ୍କର ସ୍ୱପ୍ନ ରହିଥାଏ। ମୋର ମଧ ତାହା ରହିଛି। ମାତ୍ର ଏହି ସ୍ୱପ୍ନ ସାର୍ଥକ ହେବାପାଇଁ ଏବେ ବହୁ ଦୂର ଅଛି। ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଟାଇଟଲ ମୋର ପରବର୍ତ୍ତୀ ଲକ୍ଷ୍ୟ। ଏହାକୁ ନଜରରେ ରଖି ମୁଁ କଠିନ ପରିଶ୍ରମ କରୁଛି।



### ସଂକ୍ଷେପରେ..

ନାମ: ସାଇନା ସାଲୋନିକା
ଜନ୍ମ: ଅଗଷ୍ଟ ୫, ୨୦୦୩
ମା: ବବିତା ଜେନା, ବାପା: ଗଣେଶ୍ୱର ଜେନା
ଘର: ସୁଲଣ, ହାଟଡିହି, କେନ୍ଦୁଝର
ବର୍ତ୍ତମାନ ବାସସ୍ଥାନ: ୟୁନିଟ୍–୩, ଭୁବନେଶ୍ୱର
ହବି: ଚେସ୍ ଖେଳିବା, ମଡେଲିଂ, ଆଙ୍କରିଂ

**ସଫଳତା/ଟାଇଟଲ**

- ସର୍ବକନିଷ୍ଠ ଓଡ଼ିଆ ବାଳିକାଭାବେ ୨୦୧୨ ମାର୍ଚ୍ଚରେ ମହିଳା କ୍ୟାଣ୍ଡିଡେଟ ମାଷ୍ଟର (ଡବ୍ଲ୍ୟୁସିଏମ୍) ଅନ୍ତର୍ଜାତୀୟ ଟାଇଟଲ ହାସଲ।
- ବିଶ୍ୱ ଚେସ୍ ଫେଡେରେଶନ (ଫିଡେ) ଦ୍ୱାରା ୨୦୧୬ ସେପ୍ଟେମ୍ବର ୫ରେ ମହିଳା ଫିଡେ ମାଷ୍ଟର (ଡବ୍ଲ୍ୟୁଏଫ୍ଏମ୍) ଅନ୍ତର୍ଜାତୀୟ ଟାଇଟଲ ପ୍ରଦାନ।
- ୨୦୧୬ ସେପ୍ଟେମ୍ବର ୧ରେ ୨୦୩୩ ଫିଡେ ରେଟିଂ ସହ ନିଜ ବୟସ ବର୍ଗରେ ଭାରତ ଏବଂ ଏସିଆର ନମ୍ବର ୱାନ ଖେଳାଳିର ମାନ୍ୟତା।
- ୨୦୧୯ ଜୁନ୍ ୧୭ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ଗୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ଫେଷ୍ଟିଭାଲରେ ପ୍ରଥମ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ।
- ୨୦୧୯ ଡିସେମ୍ବର ୩ରୁ ୯ ପର୍ଯ୍ୟନ୍ତ ସର୍ବିୟାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ।
- ୨୦୨୨ ମେ ୧୬ରୁ ୨୧ ପର୍ଯ୍ୟନ୍ତ ସର୍ବିୟାରେ ଖେଳାଯାଇଥିବା ଆଇଏମ୍ ମିକ୍ସ ଥାର୍ଡ ସଟର ଡେ' ୨୭୭ ଟୁର୍ଣ୍ଣାମେଣ୍ଟରେ ତୃତୀୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ସହ ଟାଇଟଲ ହାସଲ।

---



ଅଶୋକ ମହାନ୍ତି

# ଗୋଲ ରକ୍ଷକ ଗିଟ୍ଟୁ ଓ ଲାଲା

**ଅତୀତ ସ୍ମୃତିରୁ...**

**ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍**

**ଓଡ଼ିଶା ଫୁଟବଲରେ ଯେଉଁ ସୁନାମଧନ୍ୟ ଗୋଲରକ୍ଷକମାନେ ସେମାନଙ୍କର ଅସାଧାରଣ ଦକ୍ଷତା ପ୍ରଦର୍ଶନ ଦ୍ୱାରା ପଚାଶ ଦଶକରେ ପ୍ରସିଦ୍ଧି ଲାଭ କରିଥିଲେ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ ଅବଦୁଲ୍ ଜବାର (ଗିଟ୍ଟୁ) ଏବଂ ପ୍ରଶାନ୍ତ ପାତ୍ର (ଲାଲା)...**



ପ୍ରଶାନ୍ତ ପାତ୍ର



ଅବଦୁଲ ଜବାର

### ଅବଦୁଲ ଜବାର (ଗିଟ୍ଟୁ)

ଅବଦୁଲ ଜବାର ଫୁଟବଲ ଜଗତରେ ତାଙ୍କ ଡାକ ନାମ 'ଗିଟ୍ଟୁ' ଭାବେ ସୁପରିଚିତ ଥିଲେ। ୧୪ ଅକ୍ଟୋବର ୧୯୩୬ରେ ଏହି କିମ୍ବଦନ୍ତୀ ଖେଳାଳି କଟକସ୍ଥିତ ଝୋଲାସାହିରେ ଏକ ମଧ୍ୟବିତ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲେ। କଟକ ସେମିନାରି ହାଇସ୍କୁଲରୁ ୧୯୫୩ରେ ମାଟ୍ରିକ ପାସ୍ କରି ରେଭେନ୍ସା ମହାବିଦ୍ୟାଳୟ (ବର୍ତ୍ତମାନ ବିଶ୍ୱବିଦ୍ୟାଳୟ)ରେ ଅଧ୍ୟୟନ କରିଥିଲେ। ୧୯୫୩ରେ ଓଡ଼ିଶା ସ୍କୁଲ ଫୁଟବଲ ଦଳରେ ସାମିଲ ହୋଇ ସର୍ବଭାରତୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତାରେ ଭାଗନେଇ ତାଙ୍କ ଅନ୍ତର୍ନିହିତ ଦକ୍ଷତାର ପରିଚୟ ଦେଇଥିଲେ।

ରେଭେନ୍ସା ମହାବିଦ୍ୟାଳୟରେ ପଢୁଥିବା ସମୟରେ ୧୯୫୪ରେ "ରେଭେନ୍ସା ବ୍ଲୁ" ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଥିଲେ ଏବଂ ସେହି ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ ଫୁଟବଲ ଦଳର ଅଧିନାୟକ ଭାବେ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା (ବାଙ୍ଗାଲୋର)ରେ ଭାଗ ନେଇଥିଲେ। ତାଙ୍କର କ୍ରୀଡ଼ା ଦକ୍ଷତାକୁ ବିଚାରକୁ ନେଇ ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ୍ସ ତାଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା। ୧୯୫୨ରୁ ୧୯୬୨ ପର୍ଯ୍ୟନ୍ତ ପ୍ରାୟ ଏକ ଦଶନ୍ଧି ଧରି ସେ ଓଡ଼ିଶା ଫୁଟବଲ ଏବଂ କଟକ ମିଳିତ ଏକାଦଶ ପକ୍ଷରୁ ସନ୍ତୋଷ ଟ୍ରଫି, ଡୁରାଣ୍ଡ କପ୍, ରୋଭର୍ସ କପ୍ ଏବଂ ଆଇଏଫଏ ଶିଲ୍ଡ ପ୍ରତିଯୋଗିତାରେ କୃତିତ୍ୱର ସହିତ ଏକାଧିକ ସ୍ମରଣୀୟ ମ୍ୟାଚ୍ ଖେଳିଥିଲେ ଏବଂ ୧୯୬୨ରେ ଓଡ଼ିଶା ରାଜ୍ୟ ଫୁଟବଲ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ପଚାଶ ଦଶକରେ ଲାଲା ପାତ୍ରଙ୍କ ସହିତ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ଗୋଲ ରକ୍ଷକର ମାନ୍ୟତା ପାଇଥିବା ଅବଦୁଲ ଜବାରଙ୍କ ପୁତ୍ର ମହମ୍ମଦ ସହିଦ ଜବାର (ଗୁଡନ) ମଧ ଜଣେ ଉଚ୍ଚମାନର ରାଜ୍ୟସ୍ତରୀୟ ଖେଳାଳି ଏବଂ ଜାତୀୟ ମହିଳା ଫୁଟବଲ ଦଳର ପ୍ରଶିକ୍ଷକ ଭାବେ ସୁନାମ ଅର୍ଜନ କରିଛନ୍ତି। ୧୯୬୫ରେ ପ୍ରତିଯୋଗିତାମୂଳକ ଫୁଟବଲରୁ ଅବ୍ୟାହତି ନେଲାପରେ ଗିଟ୍ଟୁ ଜଣେ ତାଲିମପ୍ରାପ୍ତ ରେଫରି ଭାବେ ଫୁଟବଲ ଖେଳ ସହିତ ଜଡ଼ିତ ରହିଥିଲେ। ୧୯୯୫ରେ କାର୍ଯ୍ୟ କ୍ଷେତ୍ରରୁ ଅବସର ନେଇଥିବା ଏହି ଦିଗ୍‌ଗଜ ଖେଳାଳିଙ୍କର ୧ସେପ୍ଟେମ୍ବର ୨୦୨୦ରେ ପରଲୋକ ହୋଇଥିଲା।

### ପ୍ରଶାନ୍ତ ପାତ୍ର (ଲାଲା)

ପଚାଶ ଦଶକରେ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ଗୋଲରକ୍ଷକ ଭାବେ ପରିଚିତ ପ୍ରଶାନ୍ତ ପାତ୍ର (ଲାଲା) ୧୫ ଡିସେମ୍ବର ୧୯୩୦ରେ କଟକ ସହର ସୂତାହାଟଠାରେ ଏକ ସମ୍ଭ୍ରାନ୍ତ ଖ୍ରୀଷ୍ଟିଆନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବଡ଼ଭାଇ ପ୍ରସିଦ୍ଧ କ୍ରୀଡ଼ା ଭାଷ୍ୟକାର କ୍ରୀଡ଼ାବିତ୍ ଓ ସଙ୍ଗଠକ ବିଜନ ପାତ୍ରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ମିଶନ ସ୍କୁଲରେ ପଢୁଥିବା ସମୟରେ ଫୁଟବଲ ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ। ୧୯୫୧ରୁ ୧୯୫୮ ମଧ୍ୟରେ ସେ ରାଜ୍ୟକୁ ଜାତୀୟ ସ୍ତରରେ ଏକାଧିକ ଥର ପ୍ରତିନିଧିତ୍ୱ କରିଥିଲେ। ମାତ୍ର ୧୬ ବର୍ଷ ବୟସରେ ୧୯୪୬ ମସିହାରେ ବଡ଼ମ୍ବା ରାଜ୍ୟରେ ସେ ତାଙ୍କର ଯଶସ୍ୱୀ ଫୁଟବଲ କ୍ୟାରିୟର ଆରମ୍ଭ କରିଥିଲେ। ଜଣେ ଆଥଲେଟ୍ ଭଳି ଲମ୍ବା ଶରୀରର ଅଧିକାରୀ ଲାଲା ପାତ୍ର ଗୋଲପୋଷ୍ଟ ମଧ୍ୟରେ ତାଙ୍କର "ଦର୍ଶନୀୟ ଉଡ଼ନ୍ତା ଡାଇଭ୍"ଦ୍ୱାରା ପ୍ରତିପକ୍ଷ ଦଳର ଅନେକ ନିଶ୍ଚିତ ଗୋଲ୍‌ରୁ ନିଜ ଦଳକୁ ରକ୍ଷା କରିଥିଲେ। ଏହି ଦକ୍ଷତା ତାଙ୍କୁ ଜଣେ ଶ୍ରେଷ୍ଠ ଗୋଲ ରକ୍ଷକର ମାନ୍ୟତା ଦେଇଥିଲା। ପ୍ରତିପକ୍ଷ ଦଳର ସୁଟରମାନଙ୍କର ଗୋଲ୍‌ମୁହାଁ ବଲ୍‌କୁ ଆୟତ୍ତ କରିବାରେ ପୂର୍ବାନୁମାନ ଏବଂ ଗତିଶୀଳ ଚଞ୍ଚଳତା ଥିଲା ତାଙ୍କ ଗୋଲ୍ ରକ୍ଷା କଳାର ବିଶେଷତ୍ୱ। ୧୯୫୫ରେ ଏର୍ନାକୁଲମଠାରେ ଅନୁଷ୍ଠିତ ସନ୍ତୋଷ ଟ୍ରଫି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟ ଦଳକୁ ପ୍ରତିନିଧିତ୍ୱ କରି ପ୍ରତିଯୋଗିତାର "ଶ୍ରେଷ୍ଠ ଗୋଲ ରକ୍ଷକ" ପୁରସ୍କାର ଗ୍ରହଣ କରିଥିଲେ। ୧୯୫୭ରେ ଓଡ଼ିଶାର ଅଧିନାୟକ ହୋଇଥିବା ଲାଲା ପାତ୍ର କଟକ ମିଳିତ ଏକାଦଶ ପକ୍ଷରୁ କଲିକତାରେ ଆଇଏଫ୍ଏ ଶିଲ୍ଡ, ବମ୍ବେରେ ରୋଭର୍ସ କପ୍ ଏବଂ ଦିଲ୍ଲୀରେ ଡୁରାଣ୍ଡ କପ୍ ଟୁର୍ଣ୍ଣାମେଣ୍ଟରେ ଏକାଧିକ ବାର ଖେଳି ତାଙ୍କର ଦକ୍ଷତା ପ୍ରତିପାଦନ କରିଥିଲେ।

ଏହି ଲେଖକର ବନ୍ଧୁ, ଅବସରପ୍ରାପ୍ତ ପ୍ରଫେସର (ଭୂଗୋଳ), ଡିନ୍ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ପୂର୍ବତନ ରାଜ୍ୟ ବ୍ୟାଡ଼ମିଣ୍ଟନ ଖେଳାଳି ଅନୁପ ପାତ୍ର (ଲାଲାଙ୍କ ପୁତୁରା) ପୂର୍ବ ସ୍ମୃତିକୁ ମନେ ପକାଇ କୁହନ୍ତି "ମୋର ଯାହା ମନେପଡୁଛି ମତେ ୬ ବର୍ଷ ହୋଇଥିଲାବେଳେ ୧୯୫୬ରେ କଲିକତାଠାରେ ହେଉଥିବା ଆଇଏଫ୍ଏ ଶିଲ୍ଡରେ କଟକ କମ୍ବାଇଣ୍ଡ୍ ଦଳ (ଯେଉଁଥିରେ ମୋର କକା ଲାଲା ପାତ୍ର ଗୋଲ ରକ୍ଷକ ଥା'ନ୍ତି) ଏବଂ ଇଷ୍ଟବେଙ୍ଗଲ ମଧ୍ୟରେ ହୋଇଥିବା ମ୍ୟାଚ୍ ଦେଖିବାର ସୁଯୋଗ ପାଇଥିଲି। ମୋ ବାପା ସ୍ୱର୍ଗତ ବିଜନ ପାତ୍ର ଏହି ମ୍ୟାଚ୍ ପାଇଁ ଅଲ୍ ଇଣ୍ଡିଆ ରେଡିଓରେ ଭାଷ୍ୟକାର ଦାୟିତ୍ୱ ତୁଲାଉଥା'ନ୍ତି। ଅର୍ଦ୍ଧାଧିକ ଭାରତୀୟ ଦଳର ଖେଳାଳିଙ୍କୁ ନେଇ ଗଠିତ ଇଷ୍ଟବେଙ୍ଗଲ ଦଳ କଟକ ଦଳ ଉପରେ ଘନଘନ ଆକ୍ରମଣ କରୁଥା'ନ୍ତି। ଗୋଲ୍ ରକ୍ଷକ ଲାଲା ପାତ୍ର ପ୍ରତିପକ୍ଷ ଦଳର ସମସ୍ତ ଆକ୍ରମଣକୁ ସଫଳତାର ସହିତ ମୁକାବିଲା କରି ବିଫଳ କରିବାରେ ସକ୍ଷମ ହୋଇଥିଲେ ମଧ ଶେଷ ମୁହୂର୍ତ୍ତରେ ଶେଖ୍ ବାବୁ (ବାବୁ ମିଆଁ)ଙ୍କ ଏକ ଭୁଲ୍ ପାସ୍‌କୁ ଇଣ୍ଟରସେପ୍ଟ କରି ଇଷ୍ଟବେଙ୍ଗଲ ଦଳ ଗୋଟିଏ ଗୋଲ୍ ସ୍କୋର କରି ବିଜେତା ହୋଇଥିଲେ। ଭାଷ୍ୟକାରମାନେ ଏହି ମ୍ୟାଚ୍‌କୁ 'ଇଷ୍ଟବେଙ୍ଗଲ ଭର୍ସେସ ଲାଲା ପାତ୍ର' ଭାବେ ବର୍ଣ୍ଣନା କରିଥିଲେ। ଅଗଷ୍ଟ ୪ ତାରିଖ ୨୦୧୦ରେ ଏହି କିମ୍ବଦନ୍ତୀ ଖେଳାଳି କଟକଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

### ଝିଅ/ପୁଅ

ଜିପ୍‌ସା,ବାରାଲାଚଲା,
ବାରାଲାଥଲା ଭଳି
ଦୁର୍ଗମ ପାହାଡ଼ ଚଢ଼ି
ସର୍ବକନିଷ୍ଠ ପର୍ବତାରୋହୀ ହୋଇଅଛି
ନ' ବର୍ଷର କୁନି କଢ଼ି
ପ୍ରତିକୂଳ ପାଗ ଲଢ଼ି
ଆରାଧ୍ୟା ରଚିଛି ବିରଳ ସଫଳତା
ଏକ୍‌ଜାମ୍ପଲ ପର ପିଢ଼ି।



ଦୁଇ ସର୍ବଭାରତୀୟ ଟେନିସରେ
ଡବଲ ଟାଇଟଲ ପାଇ
ରାଜ୍ୟକୁ ଗର୍ବିତ କରିଅଛି ପୁଅ
ଟେନିସ ପ୍ରତିଭା ସାଇ
ଟୁ ଚିଲ୍‌ଡ୍ରେନ ମା' ହୋଇ
ଚାରିଶ ତିରିଶ କିମି ସାଇକେଲ ଯାତ୍ରା
ଏ ୱାର୍ଲ୍ଡ ରେକର୍ଡ ଭାଇ।
ଝିଅଟିଏ ଜନ୍ମ ହେଲେ ଫ୍ୟାମିଲିରେ
ଅନେକେ ଭାବନ୍ତି ବୋଝ
ବୈଷୟିକ ଜ୍ଞାନ କୌଶଳକୁ ଧରି
ଶିକ୍ଷା କ୍ରୀଡ଼ା କଥା ମାଜ
ସବୁଠି ଝିଅଙ୍କ ରାଜ୍
ନାରୀ ଆଗେଇଲେ ଦେଶ ଆଗେଇବ
ମଡର୍ନ ପ୍ୟାରେଣ୍ଟ ହେଜ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁଲାଇ ୮/୨୦୨୨ Sambalpur, Friday, July 8/ 2022

# ଭାରତରୁ ଭାଗନେବେ ୨୧୫ ଆଥଲେଟ୍

**ନୂଆଦିଲ୍ଲୀ, ୭।୭ (ପି.ଟି.)**

ଚଳିତ ମାସ ୨୮ ତାରିଖରେ ବର୍ମିଂହାମଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଗୁରୁବାର ୨୧୫ ଜଣିଆ ଆଥଲେଟ୍ ଦଳ ଦଳ ଘୋଷଣା କରାଯାଇଛି। ଭାରତୀୟ ଆଥଲେଟ୍‌ମାନେ ମୋଟ ୧୬ଟି ବିଭାଗରେ ଅଂଶଗ୍ରହଣ କରିବେ। ଆଗାମୀ ମେଗା ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଆଥଲେଟ୍‌ଙ୍କ ପାଇଁ ବିଦାୟ ସମାରୋହ ଆୟୋଜନ ହୋଇଥିଲା। ଭାରତୀୟ ପ୍ରତିନିଧି ଦଳରେ ଉଭୟ ମହିଳା ଓ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

ପୁରୁଷଙ୍କୁ ସମାନ ପ୍ରାଧାନ୍ୟ ଦିଆଯାଇଛି ବୋଲି ଏହି ଅବସରରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଅନିଲ ଖାନ୍ନା ପ୍ରକାଶ କରିଛନ୍ତି। ଭାରତୀୟ ଦଳରେ ୧୦୭ ମହିଳା ଓ ୧୦୮ ପୁରୁଷ ପ୍ରତିଯୋଗୀ ଅଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତର ମୋଟ ପ୍ରତିନିଧି ଦଳ ସଂଖ୍ୟା ହେଉଛି ୩୨୨। ଏହା ମଧ୍ୟରେ ୭୨ ଟିମ୍ ଅଫିସିଆଲ,୨୬ ଅତିରିକ୍ତ ଅଫିସିଆଲ ଏବଂ ୩ ଜେନେରାଲ ମ୍ୟାନେଜରଙ୍କୁ ମିଶାଇ ୯ କଣ୍ଟିନେଣ୍ଟ ଷ୍ଟାଫ୍ ସାମିଲ। ଇଭେଣ୍ଟ ଦୃଷ୍ଟିରୁ ଦେଖିବାକୁ ଗଲେ ଆଥଲେଟିକ୍ସ ଓ ହକିରେ ସର୍ବାଧିକ ୩୬ ଜଣ ଲେଖାଏ ସଦସ୍ୟ ରହିଛନ୍ତି। ଭାରତ ମହିଳା କ୍ରିକେଟରେ ଅଂଶଗ୍ରହଣ କରିବ। ଏହି ଖେଳକୁ ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ କରାଯାଇଛି। ଏହାଛଡ଼ା ଜଳକ୍ରୀଡ଼ା, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ବକ୍ସିଂ, ସାଇକ୍ଲିଂ ଜିମ୍ନାଷ୍ଟିକ୍ସ, ଟ୍ରାଇଥଲନ, ରେସ୍‌ଲିଂ, ୱେଟ୍‌ଲିଫ୍ଟିଂ, ଲନ୍ ବୋଲ୍ସ, ସ୍କ୍ୱାଶ, ଜୁଡୋ ଓ ପାରା ସ୍ପୋର୍ଟ୍ସରେ ମଧ୍ୟ ଭାଗ ନେବ। ଓଁକାର ସିଂ ଓହରିଯିବା ଫଳରେ ରାଜେଶ ଭଣ୍ଡାରୀଙ୍କୁ ଭାରତୀୟ ଦଳର ଚିଫ ଡି' ମିଶନ ଭାବେ ନିଯୁକ୍ତି ଦିଆଯାଇଛି। ଭଣ୍ଡାରୀ ବର୍ତ୍ତମାନ ହିମାଚଳ ପ୍ରଦେଶ ଅଲିମ୍ପିକ ଆସୋସିଏଶନ ଓ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆର ଉପସଭାପତି ଅଛନ୍ତି। ଓଁକାର ସିଂଙ୍କ ପୁଅ ମନିନ୍ଦର ସିଂ ଦଳରେ ଭଣ୍ଡାରୀଙ୍କ ସ୍ଥାନରେ ତୃତୀୟ ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତି ଦିଆଯାଇଥିବା ଭାରତୀୟ ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ରାଜୀବ ମେହେଟା ପ୍ରକାଶ କରିଛନ୍ତି। ମେହେଟା ଏହି ଅବସରରେ ପଦକ ବିଜେତାଙ୍କ ଲାଗି ପୁରସ୍କାର ଘୋଷଣା କରିଛନ୍ତି। ସ୍ୱର୍ଣ୍ଣ ବିଜେତାଙ୍କୁ ୨୦ଲକ୍ଷ, ରୌପ୍ୟକୁ ୧୦ ଲକ୍ଷ ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୭.୫ ଲକ୍ଷ ଟଙ୍କା ପୁରସ୍କାର ବ୍ୟବସ୍ଥା କରାଯାଇଛି।


ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ ବିଦାୟୀ ଓ କିଟ୍ ଉନ୍ମୋଚନ ଉତ୍ସବ ଅବସରରେ ଭାରତୀୟ ଆଥଲେଟ୍ ହିମା ଦାସ, ଦୂତୀ ଚାନ୍ଦ ଓ ଅନ୍ୟମାନେ।

# ସେମିରୁ ବିଦାୟ ନେଲେ ସାନିଆ

**ୱିମ୍ବଲଡନ, ୭।୭ (ପି.ଟି.):** ଭାରତର ଅଗ୍ରଣୀ ମହିଳା ଟେନିସ ଖେଳାଳି ସାନିଆ ମିର୍ଜା ୱିମ୍ବଲଡନ ଓପନ ଟେନିସ୍ ମିକ୍ସଡ ଡବଲ୍ସ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ବୁଧବାର ରାତିରେ ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମ୍ୟାଚରେ ଏଠାରେ ୬ଷ୍ଠ ମାନ୍ୟତାପ୍ରାପ୍ତ ମିର୍ଜା ଓ ତାଙ୍କ କ୍ରୋଏସିଆନ ପାର୍ଟନର ମେଟ୍ ପ୍ୟାଭିକ୍ ଗ୍ରେଟ୍ ବ୍ରିଟେନୀ ନିଲ୍ ସ୍କୁପ୍‌ସ୍କି ଓ ଡିଜାୟାରେ କ୍ରେଜିକ୍‌ଙ୍କଠାରୁ ୬-୪, ୫-୭, ୪-୬ରେ ପରାସ୍ତ ହୋଇଛନ୍ତି। ସାନିଆ ତାଙ୍କ କ୍ୟାରିୟରରେ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିସାରିଛନ୍ତି। ତନ୍ମଧ୍ୟରେ ୩ ମିକ୍ସଡ ଡବଲ୍ସ ଟ୍ରଫି ରହିଛି। ମିକ୍ସଡ ଡବଲ୍ସରେ ଏକ କ୍ୟାରିୟର ସ୍ଲାମ ସମ୍ପୂର୍ଣ୍ଣ କରିବା ତାଙ୍କର ଲକ୍ଷ୍ୟ ରହିଥିଲା। ସେ ମହେଶ ଭୂପତିଙ୍କ ସହ ୨୦୦୯ରେ ଅଷ୍ଟ୍ରେଲିଆନ ଓପନ ଓ ୨୦୧୨ରେ ଫ୍ରେଞ୍ଚ ଓପନ ଏବଂ ୨୦୧୪ରେ ବ୍ରାଜିଲର ବ୍ରୁନୋ ସୋର୍ସଙ୍କ ସହ ମିକ୍ସଡ ଡବଲ୍ସ ଟାଇଟଲ ଜିତିସାରିଛନ୍ତି।

# ଜାବେର ମହିଳା ସିଙ୍ଗଲ୍ସ ଫାଇନାଲରେ

**ୱିମ୍ବଲଡନ (ଇଂଲଣ୍ଡ), ୭।୭**

ଟ୍ୟୁନିସିଆର ତଥା ତୃତୀୟ ସିଡ୍ ଓନ୍ସ ଜାବେର ୱିମ୍ବଲଡନ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେମିଫାଇନାଲରେ ସେ ଜର୍ମାନୀର ୧୦୩ତମ ର୍ୟାଙ୍କିଙ୍ଗପ୍ରାପ୍ତ ତାତ୍‌ଜାନା ମାରିଆଙ୍କୁ ୬-୨, ୩-୬,

**ୱିମ୍ବଲଡନ ଓପନ ଟେନିସ**

୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ଫଳରେ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିବାରେ ସେ ପ୍ରଥମ ଆରବ ଓ ଆଫ୍ରିକାନ ମହିଳା ବିବେଚିତ ହୋଇଛନ୍ତି। ଜାବେର ସର୍ବନିମ୍ନ ର୍ୟାଙ୍କିଙ୍ଗ ଖେଳାଳି ହିସାବରେ ଫାଇନାଲରେ ପ୍ରବେଶ ପାଇଁ ଆଶା ରଖିଥିଲେ। ଜାବେର ଓ ମାରିଆ ଉଭୟେ ଭଲ ବାନ୍ଧବୀ। ଗୁରୁବାର ସେଣ୍ଟର କୋର୍ଟରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ। ୨୭ବର୍ଷୀୟା ଜାବେର ଫାଇନାଲରେ ୨୦୧୯ ଚାମ୍ପିୟନ ୧୬ତମ ସିଡ୍ ରୋମାନିଆର ସିମୋନା ହାଲେପ କିମ୍ବା କାଜାଖସ୍ତାନର ଏଲିନା ରିବାକିନାଙ୍କୁ ଭେଟିବେ। ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ଅନ୍ୟ ସେମିଫାଇନାଲ ମ୍ୟାଚ ଖେଳାଯାଉଛି।


ଓନ୍ସ ଜାବେର

# ଆଇସ୍‌ଲାଣ୍ଡଠାରୁ ହାରିଲା ଭାରତ

**ନୂଆଦିଲ୍ଲୀ, ୭।୭:** ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳ ଗୁରୁବାର ନରୱେର ଷ୍ଟ୍ରୋମେନ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଫାରୋଇ ଆଇସ୍‌ଲାଣ୍ଡଠାରୁ ପେନାଲ୍ଟିଜ୍ ୨-୪ ଗୋଲରେ ହାରି ଯାଇଛି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିଥିଲା। ଭାରତ ଆରମ୍ଭରୁ ଅନେକ ଗୁଡ଼ିଏ କର୍ନର ପାଇଥିଲେ ହେଁ ତା'ର ସଦୁପଯୋଗ କରିପାରି ନ ଥିଲା। ଶାଜାଇଲାଙ୍କ କ୍ରସ୍‌କୁ ଫାରୋଇ ଆଇସଲାଣ୍ଡ ଡିଫେଣ୍ଡରମାନେ ସଫଳତାର ସହ ପ୍ରତିହତ କରିଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଗୋଲକିପର ହେମପ୍ରୀୟା ସେରାମ ଭଲ ପ୍ରଦର୍ଶନ କରିଥିଲେ ହେଁ ତାହା ଭାରତକୁ ପରାଜୟରୁ ରକ୍ଷା କରିବାପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଭାରତ ପକ୍ଷରୁ ନିତୁ ଲିନ୍‌ଲା ଓ ଅନିତା କୁମାରୀ ସ୍ପଟ୍ କିକ୍‌କୁ କନଭର୍ଟ କରିଥିଲେ। ମାତ୍ର ବର୍ଷିକା ଓ କାଜଲ ଡି'ସୁଜାଙ୍କ ଉଦ୍ୟମ ଫେଲ୍ ମାରିଥିଲା।

# ସର୍ବଭାରତୀୟ ଟେନିସ ବଲ୍ କ୍ରିକେଟରେ ଓଡ଼ିଶାକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୭।୭:** ତାମିଲନାଡୁର କେଟିଠାରେ ଆୟୋଜିତ ସର୍ବଭାରତୀୟ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ହାସଲ କରିବା ସହିତ ବ୍ରୋଞ୍ଜ ପଦକ ହାସଲ କରିଛି। ତୃତୀୟ ସ୍ଥାନ ପାଇଁ ଖେଳା ଯାଇଥିବା ମ୍ୟାଚ୍‌ରେ ୧୭ ରନ୍‌ରେ କେରଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୩ ଉଇକେଟ ହରାଇ ୭୩ ରନ କରିଥିଲା। ଜବାବରେ କେରଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୫୬ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲରେ ଓ ୭ ଉଇକେଟରେ ଉତ୍ତରପ୍ରଦେଶ (ରେଡ୍)ଠାରୁ ହାରି ଫାଇନାଲରୁ ବଞ୍ଚିତ ହୋଇଥିଲା।

# ଫାଓ ଲିଗ୍: ସନ୍‌ରାଇଜ-ରୋଭର୍ସ ମ୍ୟାଚ ଡ୍ର

**ଭୁବନେଶ୍ୱର, ୭।୭ (କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ରେ ଗୁରୁବାର ସନ୍‌ରାଇଜ ଓ ରୋଭର୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଇର୍ଶାଦ ଏସ୍.ପି. ମ୍ୟାଚର ୩ୟ ମିନିଟରେ ଗୋଲକରି ସନ୍‌ରାଇଜ କ୍ଲବକୁ ଅଗ୍ରଣୀ କରାଇଥିଲେ। ମାତ୍ର ରୋଭର୍ସ କ୍ଲବର ଅରୁଣାଂଶୁ ଗୁପ୍ତା ୪୦ତମ ମିନିଟରେ ଗୋଲ ପରିଶୋଧ କରି ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଦଳ ଗୋଲ ଦେଇ ନ ପାରିବାରୁ ପଏଣ୍ଟ ଭାଗ ହୋଇଥିଲା। ପ୍ରଦୀପ୍ତ କୁମାର ନାୟକ, ଶଶିକାନ୍ତ ଦାସିଆ, ବିଜୟ ମଙ୍ଗରାଜ ଓ ଜ୍ୟୋତି ରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ସୁଜିତ କୁମାର ପାତ୍ରୋ ମ୍ୟାଚ କମିଶନର ଥିଲେ। ଶୁକ୍ରବାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ମ୍ୟାଚ ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।


ଫାଓ ଲିଗ୍‌ରେ ଗୁରୁବାର ସନ୍‌ରାଇଜ ଓ ରୋଭର୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଇଂଲଣ୍ଡରେ ଜନ୍ମଦିନ ପାଳିଲେ ଧୋନୀ

**ନୂଆଦିଲ୍ଲୀ, ୭।୭ (ପି.ଟି.):** ଭାରତୀୟ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ତାଙ୍କ ୪୧ତମ ଜନ୍ମଦିନ ଗୁରୁବାର ପରିବାର ଓ ସାଥୀଙ୍କ ସହ ଇଂଲଣ୍ଡରେ ପାଳନ କରିଛନ୍ତି। ଜନ୍ମୋତ୍ସବରେ ଉଇକେଟକିପର ବ୍ୟାଟର ରିଷଭ ପନ୍ତ ଯୋଗ ଦେଇଥିଲେ। ଧୋନୀଙ୍କ ସ୍ତ୍ରୀ ସାକ୍ଷୀ ଏକ ଶର୍ଟ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ଧୋନୀ କ୍ୟାଣ୍ଡେଲ ଫୁଙ୍କି ଲିଭାଉଥିବାର ଦୃଶ୍ୟ ରହିଛି।

# ସିନ୍ଧୁ, ପ୍ରଣୟ କ୍ୱାର୍ଟରଫାଇନାଲରେ



ଏଚ୍.ଏସ୍. ପ୍ରଣୟ

**କୁଆଲାଲମ୍ପୁର,୭।୭(ପି.ଟି.)**

ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ ବିଶ୍ୱର ୩୨ ନମ୍ବର ଚାଇନାର ଝାଙ୍ଗ୍ ୟି ମାନ୍‌ଙ୍କ ବିପକ୍ଷରେ ୨୧-୧୨, ୨୧-୧୦ ସିଧାସଳଖ ଗେମ୍‌ରେ ସହଜ ବିଜୟ ହାସଲ କରିଛନ୍ତି। ତେବେ କ୍ୱାର୍ଟରଫାଇନାଲରେ ତାଙ୍କୁ କଠିନ ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ପର୍ଯ୍ୟାୟରେ ସେ ବର୍ତ୍ତମାନ ବିଶ୍ୱର ୭ ନମ୍ବର ମାନ୍ୟତାପ୍ରାପ୍ତ ଚାଇନିଜ ତାଇପେର ତାଇ ତିଜୁ ୟିଙ୍ଗ୍‌ଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସରେ ପ୍ରଣୟ ଚାଇନିଜ ତାଇପେର ତିଜୁ ୱିଙ୍କୁ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ ଜାପାନର କାନ୍ତା ଟିସୁନେୟାମାଙ୍କୁ ହରାଇ ଦେଇଛନ୍ତି।

# ମହିଳା ଦିନିକିଆ: ଭାରତର କ୍ଲିନ୍‌ସୁଇପ୍

**ପାଲିକେଲ୍, ୭।୭**

ଅଧିନାୟିକା ହରମନପ୍ରୀତ କୌର (୮୮ ବଲ୍‌ରୁ ୭୫ରନ ଏବଂ ୫ ଓଭରରେ ୧/୨୧) ଓ ପୂଜା ବସ୍ତ୍ରକାର (୬୫ ବଲ୍‌ରୁ ୫୬* ଏବଂ ୨/୩୨)ଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ଏଠାରେ ଶ୍ରୀଲଙ୍କା ବିପକ୍ଷ ୩ୟ ତଥା ଅନ୍ତିମ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୩୯ରନରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ କ୍ଲିନ୍‌ସୁଇପ୍ ବିଜୟ ହାସଲ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୫୫ ରନ କରିଥିଲା। ହରମନପ୍ରୀତ ଓ ବସ୍ତ୍ରକାର ୯ମ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୯୭ରନ ଯୋଗ କରିଥିଲେ। ପରେ ବୋଲରମାନେ ଚମତ୍କାର ବୋଲିଂ କରି ଘରୋଇ ଦଳକୁ ୪୭.୩ ଓଭରରେ ୨୧୬ରନରେ ଅଲଆଉଟ କରିଦେଇଥିଲେ। ହରମନପ୍ରୀତ ଓ ପୂଜା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍ ଥ୍ରୁ ଆଣିଦେଇଥିଲେ। ହରମନପ୍ରୀତ ଶ୍ରୀଲଙ୍କା ଅଧିନାୟକ ଚାମିରା ଆଥାପାଥୁ (୪୪ରନ)ଙ୍କୁ ପୂଜାଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଅନ୍ୟପକ୍ଷରେ ପୂଜା ଉଇକେଟ କିପର ଅନୁଷ୍କା ସଞ୍ଜୀବନୀ (୧) ଓ ଓଶାଡି ରଣସିଂଘେ (୧)ଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ଦେଇଥିଲେ। ହରମନପ୍ରୀତ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଏହି ସିରିଜ ବିଜୟ ଦ୍ୱାରା ଶ୍ରୀଲଙ୍କା ବିପକ୍ଷରେ ଭାରତର କ୍ରମାଗତ ୪ର୍ଥ ଦ୍ୱିପାକ୍ଷିକ ସିରିଜ ବିଜୟ। ମହିଳା ଦଳ ଏହା ପୂର୍ବରୁ ୨୦୧୩, ୨୦୧୫ ଓ ୨୦୧୮ରେ ସିରିଜ ବିଜୟୀ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା ଇନିଂସ: ୫୦ ଓଭରରେ ୨୫୫/୯ (ହରମନପ୍ରୀତ କୌର-୭୫, ପୂଜା ବସ୍ତ୍ରକାର-୫୬*, ଶେଫାଳୀ ବର୍ମା-୪୯, ୟାସ୍ତିକା ଭାଟିଆ-୩୦ ; ଇନୋକା ରଣବୀରା-୨/୨୨, ଚାମିରା ଆଥାପାଥୁ-୨/୪୫, ରଶ୍ମି ଡି'ସିଲ୍‌ଭା-୨/୫୩)। ଶ୍ରୀଲଙ୍କା ମହିଳା ଇନିଂସ: ୪୭.୩ ଓଭରରେ ୨୧୬ (ନୀଳାକ୍ଷୀ ଡି'ସିଲ୍‌ଭା-୪୮*, ଚାମରି ଆଟାପାଟୁ-୪୪, ହାସିନି ପେରେରା-୩୯ ; ରାଜେଶ୍ୱରୀ ଗାଏକ୍ୱାଡ-୩/୩୬, ମେଘନା ସିଂ-୨/୩୨, ପୂଜା ବସ୍ତ୍ରକାର ୨/୩୩)।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଶଟ୍ ଖେଳୁଛନ୍ତି ହରମନପ୍ରୀତ୍ କୌର।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ବନ ସୁରକ୍ଷା ସମିତି ପାଳିଲା ବନ ମହୋତ୍ସବ

**ବିନିକା,(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବନାଞ୍ଚଳ ଅଧୀନ ମହୁଲପାଲି ବନ ସୁରକ୍ଷା ସମିତି କାର୍ଯ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅତିଥିଭାବେ ଭଣ୍ଡାର ପଞ୍ଚାୟତ ସରପଞ୍ଚ ଯମୁନା କୁମ୍ଭାର, ବନ ସୁରକ୍ଷା ସମିତି ସଭାପତି ଆରତୀ ପଧାନ, ବନସୁରକ୍ଷା ଅଧିକାରୀ ଲିଙ୍ଗରାଜ ନାଏକ, ପ୍ରଶାନ୍ତ ନାୟକ, ଫରେଷ୍ଟ ଗାର୍ଡ ନମିତା ସାହୁ, ସିଂଘିଯୁବା ବନ ସୁରକ୍ଷା ସମିତି ସଭାପତି ଭଗବାନ ସେଠୀ ଯୋଗଦେଇଥିଲେ। ବନ ସୁରକ୍ଷା ସମିତିର କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ ହୋଇଥିଲା ।

## ସଂକ୍ଷେପରେ

### ଶ୍ୟାମ ପ୍ରସାଦଙ୍କ ଜନ୍ମଦିନରେ ଚାରାରୋପଣ

**ଉଲୁଣ୍ଡା,୭।୭(ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ ମାଟିପାଲି ଗ୍ରାମରେ ପଣ୍ଡିତ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜନ୍ମଦିନ ପାଳନ ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ନେହେରୁ ଯୁବକେନ୍ଦ୍ର ଏବଂ ବୀର ସୁରେନ୍ଦ୍ର ସାଏ ମାଟିପାଲି କ୍ଲବ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବନପାଳ ଗୋପାଳ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ ପାଇଁ ଯୁବବର୍ଗଙ୍କୁ ଉତ୍ସାହିତ କରିଥିଲେ। ବନରକ୍ଷୀ ବିଜୟ କୁମାର ସେଠୀ ଓ ଆଦିତ୍ୟ ରଞ୍ଜନ ବ୍ରହ୍ମଚାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ କ୍ଲବକୁ ଚଳିତ ବର୍ଷ ପ୍ରକୃତିମିତ୍ର ପୁରସ୍କାର ଦିଆଯାଇଥିବାରୁ କ୍ଲବ ସଭାପତିଙ୍କୁ ଅତିଥିଗଣ ଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶମ୍ଭୁରାଜ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା, ଧବଳେଶ୍ୱର ଭୁକ୍ତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଶ ମାଝି, ଗଙ୍ଗାଧର ବାଘ, ସିଦ୍ଧାନ୍ତ ମାଝୀ, ରାକେଶ ବାଘ, ଶାନ୍ତନୁ ମେଲଲୀ, ସୁଶାନ୍ତ ଠାକୁର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରେ ଆୟୋଜକ ଅନୁଷ୍ଠାନ ତରଫରୁ ସୁବର୍ଣ୍ଣପୁର ଜିଲା ରକ୍ତଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

### ଶିବିରରେ ୨୪ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍,୭।୭:** ବରଗଡ଼ ନେହେରୁ ଯୁବକେନ୍ଦ୍ର, ସଂକଳ୍ପ ପରିବାର, ନିଷ୍ଠା ପରିବାର ଏବଂ ଲିଓ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୧ତମ ଜୟନ୍ତୀ ଅବସରରେ ସଭା ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଅମରେନ୍ଦ୍ର ନାରାୟଣ ଯାଦବ, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, ଅନ୍ତର୍ଜାତୀୟ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିବିରରେ ୨୪ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିର ଆରମ୍ଭ ହେବା ପୂର୍ବରୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୧ତମ ଜୟନ୍ତୀ ଅବସରରେ ସଭା ହୋଇଥିଲା। ଏଥିରେ ଜିଲା ଯୁବ କ୍ରୀଡ଼ା ଅଧିକାରୀ ରୋଶନ ଟଣ୍ଡନ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥୀ, ଟିଙ୍କି ସାହୁ, ମୁନା ନାୟକ, ଶିବୁ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଜ୍ରପାତ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ

**ବିନିକା,୭।୭(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ଗାଁର ପଲଉ ଭୂଏ (୪୭)ଙ୍କର ଖେତରେ କାମ କରୁଥିବା ବେଳେ ଜୁନ୍ ୩୦ ପୂର୍ବାହ୍ନରେ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ପରିବାରର ଏକମାତ୍ର ରୋଜଗାରକ୍ଷମ ପଲଉଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଥିଲେ। ଗୁରୁବାର ପଲଉଙ୍କ ସାନଝିଅ ମାଟ୍ରିକ ପରୀକ୍ଷାର କୃତକାର୍ଯ୍ୟ ହୋଇଛନ୍ତି। ଗୁରୁବାର ଭଣ୍ଡାର ଗ୍ରାମ ପଞ୍ଚାୟତସ୍ତରୀୟ ଏସ୍‌ଏଚ୍‌ଜି ସଦସ୍ୟାମାନେ ପରିବାରକୁ ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। ଏମ୍‌ବିକେ ନିବେଦିତା ପାତ୍ରୀଙ୍କ ନେତୃତ୍ୱରେ ମହିଳା ଏସ୍‌ଏଚଜି ୨କୁଇଣ୍ଟାଲ ୫କେଜି ଚାଉଳ ଓ ୬ହଜାର ୫ଶହ ଟଙ୍କା ପଲଉରଙ୍କ ପରିବାର ବର୍ଗକୁ ପ୍ରଦାନ କରାଯାଇଛି । ଜିପିଏଲ୍‌ଏଫ୍ ଅଧିନରେ କାର୍ଯ୍ୟରତ ସିଆର୍‌ପି ସିଏମ୍‌ମାନେ ମଧ ସହାୟତା ପ୍ରଦାନ କରିଛନ୍ତି। ବିନିକା ବ୍ଲକ ପ୍ରକଳ୍ପ ପରିଚାଳକ ରଞ୍ଜନ କୁମାର ସ୍ୱାଇଁ ସାନଝିଅ ଶିକ୍ଷାକ୍ଷେତ୍ରରେ କିଭଳି ସହାୟତା ପ୍ରଦାନ କରାଯାଇ ପାରିବ ତାହାର ଦାୟିତ୍ୱ ନେଇଥିଲେ। ପରିବାରକୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାମିଲ କିପରି କରାଯାଇ ପାରିବ ସେ ନେଇ ବିଡିଓ ବ୍ୟାସଦେବ ବେହେରା ତତ୍ପରତା ପ୍ରକାଶ କରିଛନ୍ତି।

### ବୃକ୍ଷରୋପଣ ବ୍ୟାପକ କରିବାକୁ ଶୋଭାଯାତ୍ରା

**ଅମରପାଲି,୭।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ବନମହୋତ୍ସବ ପାଳନ କରାଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ହାତିଲିମୁଣ୍ଡା ବନପାଳ ଅଜୟ ବାରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଶ୍ୟାମସୁନ୍ଦର ସେଠୀ,ପଦ୍ମନାଭ ପଧାନ,ବ୍ରହ୍ମାନନ୍ଦ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାପରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଥିଲା। ପରେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ଶତାଧିକ ବୃକ୍ଷ ରୋପଣ କରାଯାଇଥିଲା।

# ଶିକ୍ଷା, କ୍ରୀଡ଼ା ବିକାଶକୁ ଗୁରୁତ୍ୱ

## ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକ

**ବରଗଡ଼ ଅଫିସ୍,୭।୭**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଜି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତୀୟା ଶିକ୍ଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, କଳ୍ପନା ପ୍ରଧାନ, ମମତା ପ୍ରଧାନ, ପ୍ରଭାସିନୀ ପ୍ରଧାନ, ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ପଣ୍ଡା, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବରଗଡ଼ ଜିଲାରେ ୧୨ଟି ଆଦର୍ଶ ବିଦ୍ୟାଳୟ ରହିଛି ଏବଂ ଉକ୍ତ ବିଦ୍ୟାଳୟଗୁଡ଼ିକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଗାଇସିଲେଟ ବ୍ଲକରେ ବିଭିନ୍ନ ସ୍କୁଲଗୁଡ଼ିକର ଦୁରବସ୍ଥା ଏବଂ ମଲମଣ୍ଡା ସ୍କୁଲରେ ଛତୁଆ କମ୍ ଓଜନର ପ୍ରଦାନ କରାଯାଉଥିବା ନେଇ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜଡ଼ାମୁଣ୍ଡା ଏବଂ ଧଅଁରାଖନ୍ଦା ସ୍କୁଲକୁ ପିଲାମାନେ ହାତୀ ଚଲାପଥ ରାସ୍ତାରେ ୨କି.ମି ଦୂର ଯାଉଛନ୍ତି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ସରକାରୀ ସ୍କୁଲ ଗୁଡ଼ିକରେ ତୃଣମୂଳସ୍ତରରେ ଶିକ୍ଷା ବିପର୍ଯ୍ୟସ୍ତ ହୋଇ ପଡ଼ିଛି ବୋଲି କମିଟି ଅଧ୍ୟକ୍ଷା ଗଡ଼ତୀୟା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଶିକ୍ଷାର ଉନ୍ନତି ନିମନ୍ତେ ଛାତ୍ରବନ୍ଧୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଏବଂ ଏହି କାର୍ଯ୍ୟକ୍ରମରେ ନବମ ଶ୍ରେଣୀ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଦୈନିକ ଏକ ଘଣ୍ଟା ପଢ଼ାଇ ପାରିବେ ବୋଲି ସୂଚନା ଦିଆଯାଇଥିଲା। ଜିଲାରେ ମାଟ୍ରିକ ପରୀକ୍ଷା ପାସ୍‌ହାର ୯୦.୭୮ ପ୍ରତିଶତ ରହିଥିବା ବିଭାଗୀୟ ଅଧିକାରୀ କହିଥିଲେ। ଗୋଟିଏ ସ୍କୁଲରେ ଦୀର୍ଘଦିନ ଧରି ରହିଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବଦଳି ନେଇ ଦାବି ଉପସ୍ଥାପନ ହୋଇଥିଲା। କ୍ରୀଡ଼ା ବିଭାଗର କାର୍ଯ୍ୟ ସମୀକ୍ଷାବେଳେ କ୍ରୀଡ଼ାର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ଆଲୋକପାତ କରିଥିଲେ। ଜିଲାରେ ୫ଟି ଇନ୍‌ଡ଼ୋର ହଲ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କଠାରୁ ଅନୁମୋଦନ ମିଳିଛି ଏବଂ ବରଗଡ଼ ଜିଲା କବାଡ଼ିରେ ଚାମ୍ପିୟନ ହୋଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଟ୍ରଫି ଗ୍ରହଣ କରିଛି ବୋଲି ଜିଲା କ୍ରୀଡ଼ା ଅଧିକାରୀ ମିଶ୍ର ସୂଚନା ଦେଇଥିଲେ। କ୍ରୀଡ଼ା ବିକାଶ ପାଇଁ ଉଦ୍ଦିଷ୍ଟ ଭିତ୍ତିଭୂମି ପାଇଁ ଜିଲାରେ ୨୫ଏକର ଜାଗାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସଂସ୍କୃତି ବିଭାଗର କାର୍ଯ୍ୟ ସମୀକ୍ଷାବେଳେ ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ୧୨୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ସେହିପରି ଜିଲା ସମାଜ କଲ୍ୟାଣ ବିଭାଗ କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ଜିଲାରେ ଅନ୍ୱେଷା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଜିଲା ଶିକ୍ଷାଧିକାରୀ କଚ୍ଛପ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ ଅଧିକାରୀ, ଜନ ପ୍ରତିନିଧିବୃନ୍ଦ।

# କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ

**ଜୁନାଗଡ,୭।୭(ଡି.ଏନ.ଏ.)**

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଗୁରବାର କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁଠାରେ ଏଆଇଏସଏଫ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ରାଜାରାମ ଡଙ୍ଗରୀଙ୍କ ନେତୃତ୍ୱରେ ଜିଲା ଉପସଭାପତି ଲିଙ୍କନ ବାଗ, ଡୁଲେଶ୍ୱର ଖମାରୀ, ସୁମନ କର, ଉପେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଗଛ ଲଗାଇବା ପାଇଁ ସଂକଳ୍ପ

**ଖଡ଼ିଆଲ,୭।୭(ଡି.ଏନ.ଏ.)**

ଖଡ଼ିଆଲ ମଡେଲ ଡିଗ୍ରୀ ମହାବିଦ୍ୟାଳୟରେ ଜିଲାସ୍ତରୀୟ ବନମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଡ଼ିଆଲ ବ୍ଲକ ଅଧକ୍ଷ୍ୟା ପୁଷ୍ପାଞ୍ଜଳି ନନ୍ଦ, ମୁଖ୍ୟବକ୍ତା ମେଜର ରାମଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଫାଣିମନ୍ଦମ ସିଂଦେଓ, ବିଡିଓ ନାରାୟଣ ସାହୁ, ଖଡ଼ିଆଲ ବନଖଣ୍ଡ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀ, ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ସାହୁ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗଦେଇଥିଲେ। ପ୍ରତ୍ୟେକ ୫ଟି ଗଛ ଲଗାଇବା ପାଇଁ ସଂକଳ୍ପ ନେଇଥିଲେ। ବନ ସଂରକ୍ଷକ ଶିବ ପ୍ରସାଦ ରଥ ଅତିଥି ପରିଚୟ , ରେଞ୍ଜର ସଂସ୍କୃତା ବଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭୋଇପଡା ବନ ସଂରକ୍ଷଣ ସମିତିକୁ ଶ୍ରେଷ୍ଠ ବନ ସଂରକ୍ଷଣକ ଭାବେ ଚିହ୍ନଟ କରି ବିଜୁ ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରି କୋଡିଏ ହଜାର ଟଙ୍କା ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ପାଇକମାଳ ହାଇସ୍କୁଲରେ ବନ ମହୋତ୍ସବ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ।

**ପାଇକମାଳ,୭।୭(ଡି.ଏନ.ଏ.)**

ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପାଇକମାଳ ସମିତି ସଭ୍ୟା ନିରୂପମା ବାଗ ମୁଖ୍ୟ ଅତିଥି, ସରପଞ୍ଚ ଚୂଳବତୀ ତାଣ୍ଡି ସମ୍ମାନିତ ଅତିଥି, ରେଞ୍ଜର ପର୍ଶୁରାମ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ୫୦ଟି ଚାରା ରୋପଣ କରିଥିଲେ। ବିଦ୍ୟାଳୟ ବିକାଶ ଓ ଉନ୍ନୟନ କମିଟି ସଦସ୍ୟ ବିନୋଦ କୁମାର କାଲିଆ, କୁସୁମ କୁମାର ରାଓ, ମମତା ବାରିକ, ଦୀପାଞ୍ଜଳି ବଢେଇ, ରତନ ଅଗ୍ରୱାଲ ଉପସ୍ଥିତ ଥିଲେ। ତ୍ରିଲୋଚନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ୟାମ୍ପସ ରାଗିଂମୁକ୍ତ କରିବାକୁ ନିର୍ଦ୍ଦେଶ



ବୀରମହାରାଜପୁର କଲେଜରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ଅମରପାଲି,୭।୭(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ଗୁରୁବାର ବୀରମହାରାଜପୁର ମହାବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। କଲେଜ ପରିସରରେ ଅଧକ୍ଷ ହୃଷିକେଶ ପଧାନଙ୍କ ପୌରୋହିତ୍ୟରେ ଏକ ବୈଠକ ହୋଇଥିଲା। ସଂପ୍ରତି ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ରାଗିଂ ଯୋଗୁଁ ଛାତ୍ରୀଛାତ୍ର ଏକାଗ୍ରତା ହରାଇ ଆତ୍ମହତ୍ୟା କରୁଥିବା ଦେଖାଯାଉଛି। ଏହାକୁ ନେଇ କ୍ୟାମ୍ପସ ଅଶାନ୍ତ ରହୁଛି। ଏଣୁ କଲେଜ କ୍ୟାମ୍ପସ ରାଗିଂ ମୁକ୍ତ ରହିବା ସହିତ ଛାତ୍ରୀଛାତ୍ର ଏକ ସୁସ୍ଥ ପରିବେଶରେ ଯେପରି ପାଠ ପଢିପାରିବେ ସେନେଇ ସମସ୍ତେ ସତର୍କ ରହିବାକୁ ଜିଲାପାଳ ଅଧାପିକା ଓ ଅଧାପକମାନଙ୍କୁ ଅବଗତ କରାଇଥିଲେ। ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ସମସ୍ତ ଅଧାପିକା ଓ ଅଧାପକ ବୈଠକରେ ଯୋଗଦେଇଥିଲେ।

## ଶ୍ରୀରାମ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଡୁଙ୍ଗୁରିପାଲି,୭।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ମହାବିଦ୍ୟାଳୟରୁ ନିକଟରେ ଅବସର ନେଇଥିବା ଅଧକ୍ଷ ଧ୍ରୁବଚରଣ ପଧାନଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ନୂତନ ଅଧକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଏହି ସଭା ହୋଇଥିଲା। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ଅଧକ୍ଷ ପଧାନଙ୍କ ପ୍ରଶାସନିକ ଦକ୍ଷତା, ଛାତ୍ର ବତ୍ସଳତା ଓ କର୍ତ୍ତବ୍ୟ ପରାୟଣତା ଉପରେ ବକ୍ତବ୍ୟ ରଖିଥିଲେ। ଅଧାପକ ମଧୁସୂଦନ ରଥ, ଦଶରଥ ସୁନା, ଲୋକନାଥ ମାଝୀ, ଗ୍ରନ୍ଥାଗାରିକ ଆନନ୍ଦ ପଧାନ, ପରିଚାଳନା କମିଟି ସଭ୍ୟ ଦୁର୍ଗାପ୍ରସାଦ ସାହୁ, ରମେଶ ଭୋଇ ଅବସରପ୍ରାପ୍ତ ଅଧକ୍ଷଙ୍କ ସହ ବିତି ଯାଇଥିବା ମଧୁର ମୁହୂର୍ତ୍ତର ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ମାନପତ୍ର ଓ ଉପଢୌକନ ଦିଆଯାଇ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର ମାନପତ୍ର ପାଠ କରିଥିଲେ। ଅଧାପକ ଲିଙ୍ଗରାଜ ସାହୁ ସଭା ପରିଚାଳନା, ଅଧାପକ ମୀନକେତନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଜନାବଦ୍ଧ ପ୍ରସ୍ତୁତି ସଫଳତାର ଚାବିକାଠି




ସୋନପୁର କଲେଜରେ କାର୍ତ୍ତିକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ସୋନପୁର, ୭।୭(ନି. ପ୍ର. )**

### ଆଇଏଏସ୍ ଅଫିସର କାର୍ତ୍ତିକ ପାଣିଗ୍ରାହୀଙ୍କ ସହ ଆଲୋଚନା କଲେ ଛାତ୍ରୀଛାତ୍ର

ସୋନପୁର ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ଆଇଏଏସ୍ ପାଇଥିବା କାର୍ତ୍ତିକ ପାଣିଗ୍ରାହୀ ଗୁରୁବାର ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା କାର୍ଯ୍ୟକ୍ରମରେ ପାଣିଗ୍ରାହୀ ନିଜ ସଫଳତାର କାରଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସହ ମତ ବିନିମୟ କରିଥିଲେ। ଅବିଚଳିତ ଲକ୍ଷ୍ୟ ସହିତ ଯୋଜନାବଦ୍ଧ ପ୍ରସ୍ତୁତି ତାଙ୍କ ସଫଳତାର ଚାବିକାଠି ବୋଲି ପାଣିଗ୍ରାହୀ କହିଥିଲେ। କେବଳ କଠିନ ପରିଶ୍ରମ ନୁହେଁ ବରଂ ସ୍ମାର୍ଟକାର୍ଯ୍ୟର ଅଧିକ ଗୁରୁତ୍ୱ ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ସୌରଭ ରଞ୍ଜନ ଖମାରୀ ସଞ୍ଚାଳନ କରିଥିଲେ। ଅଧାପକ ଆଶିଷ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ନିରୁପମା ରଥ ଓ କୃଷ୍ଣଚନ୍ଦ୍ର ସେନାପତି କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ। ମତ ବିନିମୟ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧାପିକା ଅଧାପକଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଦେଓଗାଁ ବ୍ଲକରେ ସମବାୟ ନିର୍ବାଚନ ସମ୍ପନ୍ନ

**ଦେଓଗାଁ, ୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୧୧ପାକ୍ସରେ ଗୁରୁବାର ସମବାୟ ସମିତି ପରିଚାଳନା ପରିଷଦ ସଭାପତି ନିର୍ବାଚନ ସମ୍ପନ୍ନ ହୋଇଛି। ଗୁରୁବାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ୩ ପାକ୍ସ ମଧ୍ୟରୁ ଦେଓଗାଁରେ ଶୈଳେନ୍ଦ୍ର କୁମାର ସାହୁ, ରାମଚନ୍ଦ୍ରପୁରରେ ଶୁକ୍ରୁ ଛତ୍ରିଆ ଓ ବନ୍ଧପଡାରେ ଚିମନ ପଧାନ ବିଜୟୀ ହୋଇଛନ୍ତି । ନାମାଙ୍କନ ପତ୍ର ଦାଖଲ ହୋଇଥିବା ୪ ପାକ୍ସ ଧଣ୍ଡାମାଲରେ ବ୍ଲକ ଅଧକ୍ଷ ଥିବା ଦୟାନିଧି ଖମାରୀ, ଉପରଝରରେ କପିଳେଶ୍ୱର ନାଏକ, ଅର୍ଜୁନପୁରରେ ଅରୁଣ ସୁନା ଓ ଗୌରଗୋଠ ପାକ୍ସରେ ଟିକେରାମ ରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ପୂର୍ବରୁ ଅନ୍ୟ ୪ ପାକ୍ସ ମହଲାଇ, ସାରସମାଲ, ବଡବନ୍ଧ ଓ କୁତୁର୍ଲାରେ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି । ଜରାସିଂହାରେ ଆବଶ୍ୟକ କାଗଜପତ୍ର ବିଭାଗ ଜବତ କରିଥିବାରୁ ନିର୍ବାଚନ ହୋଇପାରିନାହିଁ ।

# ଜରାଜୀର୍ଣ୍ଣ ଅବସ୍ଥାରେ ସିଂଘିଯୁବା ଆରଆଇ କାର୍ଯ୍ୟାଳୟ

**ବିନିକା,୭।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦିନକୁ ଦିନ ଜରାଜୀର୍ଣ୍ଣ ହେବାରେ ଲାଗିଛି । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କୋଠାଗୁଡିକର ଛାତରୁ ପାଣି ଗଳୁଛି। କାନ୍ଥ ଫାଟି ଆଁ କଲାଣି । ଅନେକ ସମୟରେ ସାପ ପଶି ଯାଉଥିବାରୁ କାର୍ଯ୍ୟାଳୟରେ ନିୟୋଜିତ ଥିବା ଆରଆଇ ଓ ଅମିନ ଆଲମାରିରୁ ଆବଶ୍ୟକ କାଗଜପତ୍ର ଆଣିବାକୁ ଭୟ କରୁଛନ୍ତି। ପାଇଖାନା ଅବସ୍ଥା ଶୋଚନୀୟ। କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା ଏପରି ସ୍ଥିତିରେ ଅଛି ଯେ, ଅସରାଏ ବର୍ଷା ହେଲେ ପାଣିରେ ଉବୁଟୁବୁ ହେଉଛି । ଏଥିଯୋଗୁ ସିଂଘିଯୁବା ରାଜସ୍ୱ ସର୍କଲ ଉପରେ ନିର୍ଭର କରୁଥିବା ସିଂଘିଯୁବା, ଖଇରମାଲ, କିମିରା, ଜାମପାଲି, ଭାଲୁପାଲି, କଦଲିପାଲି, କଣ୍ଟାପାଲି, ପାପୀ ଏବଂ ଚୁଲିମାଲ ଆଦି ଗ୍ରାମର ଲୋକେ କାର୍ଯ୍ୟାଳୟକୁ ଯିବା ଆସିବାରେ ହଟହଟାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ସିଂଘିଯୁବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମରାମତି କରିବା ସହ ରାସ୍ତାର ଉନ୍ନତୀକରଣ ଲାଗି ସାଧାରଣରେ ଦାବି ହେଉଛି ।




ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ।

## ବାର୍‌ହା ଆକ୍ରମଣରେ ଯୁବକ ଆହତ

**ଝାରବନ୍ଧ,୭।୭(ଡି.ଏନ.ଏ.)**

ବାର୍‌ହା ଆକ୍ରମଣରେ ଝାରବନ୍ଧ ବ୍ଲକ ଅନ୍ତର୍ଗତ ଚଣ୍ଡୀଭଟା ଗ୍ରାମର ଘନଶ୍ୟାମ ଭୋଇ (୪୦) ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ଘନଶ୍ୟାମ ଗୁରୁବାର ସକାଳ ପ୍ରାୟ ୭ଟାରେ ନିଜ ବିଲକୁ ଯାଇଥିଲେ। ଏହି ସମୟରେ ଅନତିଦୂରରେ ଥିବା ଏକ ବାର୍‌ହା ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ଘନଶ୍ୟାମଙ୍କ ଡାହାଣ ଗୋଡ଼ ଜଙ୍ଘରେ ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଦ୍ମପୁରକୁ ପଠାଇଛନ୍ତି। ଏ ବିଷୟରେ ଜଙ୍ଗଲ ବିଭାଗକୁ ଅଭିଯୋଗ କରାଯାଇଥିବା ପରିବାର ସୂତ୍ରରୁ ଜଣାପଡିଛି।





ସୋନପୁର: ବୃନ୍ଦାବନ ବିହାରୀ ମନ୍ଦିରର ଜଗନ୍ନାଥଙ୍କର ଆଡପ ମଣ୍ଡପରେ ପଦ୍ମ ବେଶ(ବାମ), କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରରେ ତିନି ଠାକୁର ପର୍ଶୁରାମ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି(ମଝି), ସୋନପୁର ଗୁଣ୍ଡିଚା ମନ୍ଦିରରେ ଗୁରୁବାର ତିନି ଠାକୁରଙ୍କ ପଦ୍ମମୁଖ ବେଶ(ଡାହାଣ)

## ଗିରଫଦାରି ପ୍ରତିବାଦରେ ଦାବିପତ୍ର ପ୍ରଦାନ

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ଗୁରୁବାର ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କ ଗିରଫଦାରିର ପ୍ରତିବାଦ କରିଛି। ସଂଘ ସଭାପତି ଭଗବାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଥାନା ଓ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ସଭା କରାଯାଇଥିଲା। ପରେ ସଂଘ ପକ୍ଷରୁ ମୁରିବାହାଲ ତହସିଲଦାର ସୋନାଲି ପାତ୍ର ଓ ଥାନା ଅଧିକାରୀ ଏମ.ଓରାମକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀବତ୍ସ ବେହେରା, ଦୁର୍ଗାନନ୍ଦ ମହାକୁର, ଶରତ ପତି ସାଣ୍ଡ, ବନବିହାରି ଯୋଶୀ, ଅଶୋକ ଭୋଇ, ତରଣୀସେନ ମେହେର ପ୍ରମୁଖ ସାମ୍ବାଦିକ ସାମିଲ ହୋଇ ଥିଲେ।

## ଆଜି କ'ଣ କେଉଁଠି

ନୂଆପଡ଼ା ଜିଲା

- ନୂଆପଡା ସାମ୍ବାଦିକ ସମନ୍ୱୟ ସମିତି ପକ୍ଷରୁ ସେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ-ରକ୍ତକେନ୍ଦ୍ର ନୂଆପଡା ମୁଖ୍ୟ ଚିକିତ୍ସାଳୟ, ସମୟ ସକାଳ ୯ ଟା।
- ଗୁଣ୍ଡିଚା ରଥ ଉତ୍ସବ ପାଳନ ଉପଲକ୍ଷେ ନୂଆପଡା ସାମ୍ବାଦିକ ସମନ୍ୱୟ ସମିତି ପକ୍ଷରୁ ଭଜନ ସନ୍ଧ୍ୟା ସମାରୋହ, ସ୍ଥାନ-ଇରିଗେସନ କଲୋନୀ ମାଉସି ମା'ମନ୍ଦିର ପ୍ରାଙ୍ଗଣ, ସମୟ ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ବାର୍‌କୋଡ ଷ୍ଟିକର ଅଭାବ, ସ୍ପିଡ୍‌ପୋଷ୍ଟ ସେବା ବନ୍ଦ

ଟିଟିଲାଗଡ,୭।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ଆର୍‌ଏମ୍‌ଏସ୍ ଅଫିସକୁ ଦୀର୍ଘଦିନ ଧରି ବାରକୋଡ ଷ୍ଟିକର ଯୋଗାଣ ହେଉ ନାହିଁ। ଏଥିଯୋଗୁ ସ୍ପିଡ୍‌ପୋଷ୍ଟ ସେବା ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି। ଟିଟିଲାଗଡ ରେଳ ଷ୍ଟେଶନ ମଧରେ ଥିବା ଏହି ପୋଷ୍ଟ ଅଫିସ ଉପରେ ସହରବାସୀ ତଥା ଯାତ୍ରୀମାନେ ଡାକ ସେବା ପାଇଁ ନିର୍ଭରଶୀଳ ଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ସହରରେ ଥିବା ସମସ୍ତ ଡାକଘର ବନ୍ଦ ହେବା ପରେ ସନ୍ଧ୍ୟାରେ ଏହି ଡାକଘର ଖୋଲା ରହୁଥିବା ଯୋଗୁ ଏହା ବିଶେଷ ଗୁରୁତ୍ୱ ବହନ କରିଥାଏ।ସନ୍ଧ୍ୟା ସମୟରେ ମଧ ଡାକସେବା ପାଇଁ ସହରବାସୀ ଏହି ପୋଷ୍ଟ ଅଫିସ ଉପରେ ନିର୍ଭର କରିଥାନ୍ତି। ତେବେ ବର୍ତ୍ତମାନ ଏହି ଷ୍ଟିକର ଅଭାବ ଯୋଗୁ ଲୋକେ ସେବାରୁ ବଞ୍ଚିତ ହେଉଥିବା ବେଳେ କାର୍ଯ୍ୟରତ କର୍ମଚାରୀ ମଧ କେବେ ସ୍ଥିତି ସାଭାବିକ ହେବ କହି ପାରୁ ନାହାନ୍ତି। ସେମାନଙ୍କ ମତରେ ପୂର୍ବରୁ ମଧ ଏପରି ଘଟି ଆସୁଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷ ଏ ନେଇ ସମ୍ବେଦନଶୀଳ ନାହାନ୍ତି। ତେବେ ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।

### କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜରେ ବନ ମହୋତ୍ସବ

କଣ୍ଟାବାଞ୍ଜି, ୭।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନ ବିଭିନ୍ନ ସ୍କୁଲ, ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଅବକାରୀ ଥାନା ପରିସରରେ ବିଭିନ୍ନ ପ୍ରକାର ଚାରା ଲଗାଯାଇଥିଲା। ତୁରେକେଲା ବ୍ଲକ ଚଟୁଅନକା ମାଝିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ସେହିପରି ଚଟୁଅନକା ଜବାହାରଲାଲ ନେହେରୁ ଆଦିବାସୀ କ୍ଲବ ଓ ମାଝିପଡା ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବନ ମହୋତ୍ସବ ପାଳନ ଅବସରରେ ଅନୁଷ୍ଠିତ ସଭାରେ ପ୍ରକୃତି ମିତ୍ର ତଥା କ୍ଲବ ସଭାପତି ସହଦେବ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ବିଦ୍ୟାଳୟ ପରିସର ଏବଂ ମାଝିପଡା ମୁଖ୍ୟ ସଡକ ଓ ଅବ୍ୟବହୃତ ସରକାରୀ ଜମିରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ରେଞ୍ଜର ଶ୍ରଦ୍ଧାଦେବ ବଡମାଲି, ଅବସରପ୍ରାପ୍ତ ଶିକ୍ଷକ ଥମିର ଛତ୍ରିଆ, କିଶୋର ବରିହା, ଦେବକି ତାଣ୍ଡି, ଜନକ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ବନମହୋତ୍ସବ, ସ୍କୁଲ ନିରାପତ୍ତା କାର୍ଯ୍ୟକ୍ରମ

କୋକସରା,୭।୭(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଡ଼ାରଜା ଉଚ୍ଚ ବିଦ୍ୟାଳୟରେ ଗୁରବାର ବନମହୋତ୍ସବ ଓ ସ୍କୁଲ ନିରାପତ୍ତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସ୍କୁଲ ପରିଚାଳନା କମିଟି ସଭାପତି ସୁବାଷ ଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ସମ୍ମାନିତ ଅତିଥି ବ୍ଲକ ସିଟିଜନ ଫୋରମ ବରିଷ୍ଠ କର୍ମକର୍ତ୍ତା ଶିକ୍ଷାବିତ୍ ତ୍ରିନାଥ ଠାକୁର, ମିନିକେତନ ପ୍ରଧାନୀ, ଜଗବନ୍ଧୁ ମାଝି, କେଶବ ଚନ୍ଦ୍ର ନାଏକଙ୍କ ସମେତ ଆମପାଣି ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା ଓ ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟ, ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ପରିବେଶ ନଷ୍ଟରୁ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଆମେ ପରିବେଶ ଓ ପ୍ରକୃତିକୁ ସନ୍ତୁଳନ ରଖିବା ପାଇଁ ଚାରାରୋପଣ ହିଁ ଏକମାତ୍ର ବିକଳ୍ପ ବୋଲି ଅତିଥିମାନେ କହିଥିଲେ। ସ୍କୁଲରେ ଶୃଙ୍ଖଳିତ ଓ ସମାୟାନୁବର୍ତ୍ତିତା ଜୀବନ ଛାତ୍ରୀଛାତ୍ରଙ୍କ ପାଇଁ ଆଗକୁ ବଢ଼ିବାରେ ସହାୟକ ହୁଏ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମ ସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗ ପରିଚାଳନା କରିଥିବା ବେଳେ ଶିକ୍ଷକ ଚିତ୍ତରଞ୍ଜନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଶିକ୍ଷକଙ୍କ ଭରସାରେ ପାଠପଢ଼ା

**ମିଛାପାଲି ସେବାଶ୍ରମ ବିଦ୍ୟାଳୟ**

- ଆବଶ୍ୟକ ଶିକ୍ଷକ ପୂରଣ ପାଇଁ ଦାବିପତ୍ର
- ୮ଟି ଶ୍ରେଣୀରେ ୩୦୦ ଛାତ୍ରୀଛାତ୍ର

ନୂଆପଡ଼ା ଅଫିସ,୭।୭

ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଉତ୍ସାହ, ବିକାଶ ଓ ଗୁଣାତ୍ମକ ଶିକ୍ଷା ପାଇଁ ୫-ଟି ଯୋଜନା ମାଧ୍ୟମରେ ବିଦ୍ୟାଳୟଗୁଡ଼ିକୁ ରୂପାନ୍ତରଣ କରୁଛନ୍ତି। ହେଲେ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ଅଭାବ ରହିଛି। ଫଳରେ ପାଠପଢ଼ରେ ବାଧ ହେଉଥିବା ଅଭିଯୋଗ ଅଭିଯୋଗ ଆସୁଛି। ଏପରି ଅଭିଯୋଗ ଆସିଛି ନୂଆପଡା ଜିଲା କୋମନା ବ୍ଲକ ମିଛାପାଲି ସେବାଶ୍ରମ ବିଦ୍ୟାଳୟରେ। ଏଠାରେ ଶିକ୍ଷକ ଆଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଆବଶ୍ୟକ ଶିକ୍ଷକ ଯୋଗାଇ ଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ଗୁରୁବାର ଜିଲା ମଙ୍ଗଳ ଅଧିକାରୀ ନନ୍ଦ କିଶୋର ତାଣ୍ଡିଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ବିଦ୍ୟାଳୟରେ



ଜିଲା ମଙ୍ଗଳ ଅଧିକାରୀଙ୍କ ସହିତ ଆଲୋଚନା କରାଯାଉଛି।

ତାଲା ପକାଇ ରାଜରାସ୍ତାରେ ଆନ୍ଦୋଳନ କରିବୁ ବୋଲି ଚେତବାନୀ ଦିଆଯାଇଛି। ସୂଚନା ଯେ, ଉକ୍ତ ବିଦ୍ୟାଳୟରେ ୮ଟି ଶ୍ରେଣୀରେ ୩୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେଥି ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ଲମ୍ବା ଛୁଟିରେ ଯାଇଛନ୍ତି । ଦୁଇ ଜଣ ଶିକ୍ଷକଙ୍କ ଭରସାରେ ବିଦ୍ୟାଳୟ ପରିଚାଳିତ ହେଉଛି। ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟ ସମ୍ଭାଳୁ ଥିବା ବେଳେ ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଖାତାରେ ଦିନ ବିତି ଯାଉଛି। ଛାତ୍ରୀଛାତ୍ରମାନେ କେମିତି ଶିକ୍ଷା ଗ୍ରହଣ କରୁଛନ୍ତି ତାହା ସହଜେ ମନୁମେୟ। ବହୁ ପୁରାତନ ଅନୁସୁଚିତ ଜନଜାତି ଓ ଅନୁସୂଚିତ ଜାତି ବିଦ୍ୟାଳୟରେ ଏପରି ଅବ୍ୟବସ୍ଥା ରହିଥିବା ବେଳେ ଅନ୍ୟ ବିଦ୍ୟାଳୟରେ ଶିକ୍ଷାଦାନ କେମିତି ଚାଲିଥିବା ସ୍ପଷ୍ଟ ଜଣାପଡୁଛି। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ କେଶବ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ମାଝି, ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ଅର୍ଜୁନ ଆଡବଙ୍ଗ, ରାହାକି ଆଡବଙ୍ଗ, ଉମାକାନ୍ତି ଧରୁଆ, ସାୟାରୁନ ନିଶା, ସରସ୍ୱତୀ ମାଝି, ଗଣ୍ଡାରାମ ମାଝି, ବାସନ୍ତି ମାଝି, ଅଞ୍ଜନ ମାଝି ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ୬ ଷ୍ଟୋନ କ୍ରଶର ସିଲ୍



ସିଲ୍ ହୋଇଥିବା ଷ୍ଟୋନ କ୍ରଶର ।

ଭବାନୀପାଟଣା,୭।୭(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ତହସିଲ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ଛତୁ ଫୁଟିଲା ଭଳି ଷ୍ଟୋନ କ୍ରଶରଗୁଡିକ ସ୍ଥାପନ କରି ଶହ ଶହ ଟ୍ରିପ ମେଟାଲ, ଚିପସ ବିକ୍ରି କରାଯାଇଥିଲା। ଏପରିସ୍ଥଳେ ତହସିଲ ଅଧୀନରେ ଥିବା ୬ଟି ଷ୍ଟୋନ କ୍ରଶରକୁ ସ୍ଥାନୀୟ ତହସିଲଦାର ସୁଭଦ୍ରା ମୁଣ୍ଡିକା ସିଲ କରିଛନ୍ତି। ଏଥିରେ ଏକଟାଗୁଡାଠାରେ ଥିବା ଷ୍ଟୋନ କ୍ରଶର, ରାଣିବାହାଲଠାରେ ଥିବା ଜୟଦୁର୍ଗା ଷ୍ଟୋନ କ୍ରଶର, ଅଗ୍ରୱାଲ ଷ୍ଟୋନ କ୍ରଶର, ମୁଖୀଗୁଡାସ୍ଥିତ ବିଦ୍ୟା ଷ୍ଟୋନ କ୍ରଶର, ଶ୍ୟାମଜି ଷ୍ଟୋନ କ୍ରଶର, ମଙ୍ଗଳପୁରର ଡମ୍ବରୁ ଅଗ୍ରୱାଲଙ୍କ ହୀରାପୁରସ୍ଥିତ ଷ୍ଟୋନ କ୍ରଶରକୁ ସିଲ କରାଯାଇଛି। ପ୍ରକାଶ ଯେ, କ୍ରଶର ୟୁନିଟ ସ୍ଥାପିତ ହେବା ସମୟରେ ପଥର ଖାଦାନ ଅନୁମତି ସହ ବିଭିନ୍ନ ଦିଗକୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଖନନ ବିଭାଗ ଓ ତହସିଲ ପକ୍ଷରୁ ବିଭିନ୍ନ କାଗଜପତ୍ର, ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ଅନୁଧ୍ୟାନ କରିବା ସହ କ୍ରଶର ଚାଲୁ କରିବା ପାଇଁ ଆଦେଶ ମିଳିଥାଏ। କିନ୍ତୁ ଏତେଦିନ କିପରି ବେଧଡ଼କ ଭାବେ କ୍ରଶର ଚାଲିଥିଲା ଓ ଏବେ କେଉଁ ଆଧାରରେ ଅବା କାରଣରେ ସିଲ ହେଲା ତାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଜୟପାଟଣା ତହସିଲ ଅଞ୍ଚଳରେ ୬ଟି ଷ୍ଟୋନ କ୍ରଶରକୁ କୌଣସି ପଥର ଖାଦାନରୁ ପଥର ଆଣିବା ପାଇଁ ଲିଜ ଦିଆଯାଇ ନ ଥିବାବେଳେ ସେମାନେ ପଥର ଚୋରା ଚାଲାଣ କରି କ୍ରଶର ଚଳାଉଥିଲେ। ଦୀର୍ଘ ଦିନ ଧରି ଏହି ୟୁନିଟ ଗୁଡ଼ିକ ଚାଲୁଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି ଏତେ ଦିନ ଧରି ଏହି କ୍ରଶର ଚାଲୁଥିଲା କିପରି ଏବଂ ଏହି ୟୁନିଟ ଚାଲିବା ପାଇଁ କିଏ ସୁରକ୍ଷା ଦେଉ ଥିଲା। ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ମାଉସୀ ମା ମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କ ରାମ ଅବତାର।

## ଆଦିବାସୀଙ୍କ ଉପରେ କଟୁ ମନ୍ତବ୍ୟ ଘଟଣା: ଥାନାରେ ଏତଲା

ଧର୍ମଗଡ଼,୭।୭(ଡି.ଏନ.ଏ.)

ଆଦିବାସୀମାନଙ୍କ ଉପରେ କଟୁ ମନ୍ତବ୍ୟ ଦେଇଥିବା ଦୁଇବ୍ୟକ୍ତି ଦିବ୍ୟସିଂହ ସାମନ୍ତ ଓ ବିଶ୍ୱଜିତ ମାହୁନ୍ତଙ୍କ ନାମରେ ଗୁରୁବାର ଧର୍ମଗଡ ଥାନାରେ ଆଦିବାସୀ ସଂଘ ପକ୍ଷରୁ ଏତଲା ଦିଆଯାଇଛି। ବିଧାନ ସଭା ଘେରାଉ ବେଳେ କୋଶଳ ରାଜ୍ୟକୁ ବିରୋଧ କରି ଆଦିବାସୀମାନଙ୍କ ନାଚ ଉପରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ସେହି ଭାଷା ଆଦିବାସୀମାନଙ୍କୁ ଘୋର ମନରେ ଆଘାତ ସୃଷ୍ଟି କରିଛି। ତେଣୁ ଉପରୋକ୍ତ ଦୁଇ ଜଣଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସଂଘ ଦାବି କରିଛି। ଦାବିପତ୍ର ଦେବା ସମୟରେ ଆଦିବାସୀ ସଂଘ ସମ୍ପାଦକ ଗୋବର୍ଦ୍ଧନ ଶବର, ବନମାଳୀ ଭୋଇ, ଗୁରୁରାମ ଶବର, ଶ୍ୟାମସୁନ୍ଦର ମାଝି, ଧନେଶ୍ୱର ମାଝି, ଦୟାନିଧି ମାଝି, ବିରେନ୍ଦ୍ର ମାଝି, ଦିଲୀପ ଭୋଇ, ଗୁରୁଚନ ମାଝି, ନିରଞ୍ଜନ ଧରୁଆ, ଜୀବନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ମଧ୍ୟାହ୍ନ ଭୋଜନ ନିରୀକ୍ଷଣ କଲେ ଜିଲାପାଳ



ଜିଲାପାଳ ମଧ୍ୟାହ୍ନ ଭୋଜନ ନିରୀକ୍ଷଣ କରୁଛନ୍ତି।

ନୂଆପଡ଼ା ଅଫିସ,୭।୭

ନୂଆପଡା ଜିଲାପାଳ ହେମାକାନ୍ତ ସାଏ ସ୍ଥାନୀୟ ଏକଲବ୍ୟ ଆଦିବାସୀ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ମଧ୍ୟାହ୍ନ ଭୋଜନ ନରୀକ୍ଷଣ କରିଥିଲେ। ବିଦ୍ୟାଳୟରେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଦେଖି ଖୁସିବ୍ୟକ୍ତ କରି ଛାତ୍ରୀଛାତ୍ରମାନଙ୍କ ସମସ୍ୟା ଉପରେ ବୁଝିଥିଲେ। ପରେ ବିଦ୍ୟାଳୟ ଅଧକ୍ଷଙ୍କ ସହିତ ଜିଲାପାଳ ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ସହିତ ହଷ୍ଟେଲ ସୁପରିଚାଳନା, ସୁରକ୍ଷା, ଆବଶ୍ୟକ ସ୍ୱଚ୍ଛତା, ବିଜୁଳି, ପାଣି ଓ ପାଇଖାନା ସୁବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ବିଦ୍ୟାଳୟ କୌଣସି ସମସ୍ୟା ରହିବ ନାହିଁ। ସବୁ ସମସ୍ୟା ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସମସ୍ୟା ଉପରେ ଜିଲାପାଳ ସାଏ ପଚାରି ବୁଝିଥିବାରୁ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରି ସାଧୁବାଦ ଜଣାଇଛନ୍ତି।

## ଚାରା ରୋପଣ, ପରିବେଶ ସୁରକ୍ଷାକୁ ଗୁରୁତ୍ୱ

ଖପ୍ରାଖୋଲ, ୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହାରାପଦର ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ପରେ ପ୍ରଧାନଶିକ୍ଷକ ନବ କିଶୋର ନନ୍ଦଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ, ମୁଖ୍ୟବକ୍ତା ଆଇନଜୀବୀ ଭକ୍ତରାମ ବାଗ, ସମ୍ମାନିତ ଅତିଥି ବ୍ଲକ ପ୍ରାଣୀଧନ ଅଧିକାରୀ ଡ଼ା ସୁଜିତ କୁମାର ଶତପଥୀ, ଏଫିଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ଜଳନ୍ଧର ତାଣ୍ଡି, ଶେଷଦେବ ଧାରୁଆ, ସରପଞ୍ଚ ସୁମତି ପ୍ରଧାନ, ସିଆରପିଏଫ ଏସି ଲାଖବିନ୍ଦର ସିଂ ପ୍ରମୁଖ ଯୋଗଦେଇ ମାଟି, ଆକାଶ, ବାୟୁ ଓ ପାଣିର ସୁରକ୍ଷା ସହ ଜୈବିକ କୃଷିକୁ ଗୁରୁତ୍ୱ ଦେବାକୁ କହିଥିଲେ। ସେହିପରି ପରିବେଶ



ଆଦର୍ଶ ସ୍କୁଲ ପରିସରରେ ବନ ମହୋତ୍ସବ ପାଳନ ଅବସରରେ ଅତିଥି ଓ ଛାତ୍ରୀଛାତ୍ର।

ସୁରକ୍ଷା ଓ ବନୀକରଣ ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

ସେହିପରି ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଜୟ ଭୋଇଙ୍କ ଅଧକ୍ଷତାରେ ବନମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ବ୍ଲକ ଅଧକ୍ଷ୍ୟା ନିରୂପମା ପଟେଲ, ସରପଞ୍ଚ ବୈଦ୍ୟନାଥ ମିଶ୍ର, ପବିତ୍ର ପଟେଲ, ବାନପାଳ ଘାସିରାମ ଦୀକ୍ଷିତ, ଅରବିନ୍ଦ ଧାରୁଆ, ଆମ ଜଙ୍ଗଲ ଯୋଜନା ଟିମ ଲିଡର ସଞ୍ଜୀବ ପଣ୍ଡା ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ବନ ମହୋତ୍ସବ ସପ୍ତାହର ଶେଷଦିନ କାର୍ଯ୍ୟକ୍ରମ ସ୍ଥାନୀୟ ଓଏଭି ସ୍କୁଲ ପରିସରରେ ଆୟୋଜିତ ହୋଇଥଇଲା। ବିଦ୍ୟାଳୟ ପ୍ରିନ୍ସିପଲ ଦମୟନ୍ତୀ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଏସିଏଫ ଜିତେନ୍ଦ୍ରିୟ ସାହୁ, ବାବାଜୀ ଚରଣ ରାଉଳ, ରେଞ୍ଜର ଗିରିଧାରୀ ନାଗ, ବିଭିଓ ଡ଼ା ସୁଜିତ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

## ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

ଟିଟିଲାଗଡ଼,୭।୭ (ଡି.ଏନ.ଏ)

ଟିଟିଲାଗଡ ବ୍ଲକ ଘଣ୍ଟବାହାଲି ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖେଳ ଶିକ୍ଷକ ହେମରାଜ ଛତରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ରମାକାନ୍ତ ଗହିର ଅତିଥିଭାବେ ଯୋଗଦେଇ ବୃକ୍ଷ ସମ୍ପଦର ଉପାଦେୟତା ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଇନଜୀବୀ ପରମାନନ୍ଦ ଛତର, ପ୍ରଧାନଶିକ୍ଷକ ପିତାମ୍ବର ଛତର, ସହକାରୀ ଶିକ୍ଷକ ସନତ ବର୍ଗତି, ଖଡିରତ୍ନ ଛତର, ସାହେବ ସାହୁ, ବନପାଳ ଅମରେଶ ବୁଡେକ, ରାମେଶ୍ୱର ଛତର, ଯୁବରାଜ ଛତର, ଶମ୍ଭୁପ୍ରସାଦ ଛତର, ବନରକ୍ଷୀ ପୂଜାରାଣୀ ସେଠ, ଡିଓ ଦିବାକର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଅଙ୍ଗନୱାଡି କର୍ମୀଙ୍କୁ ନୂତନ ପ୍ରୋଜେକ୍ଟ ଉପରେ ଶିକ୍ଷାଦାନ

ନର୍ଲା,୭।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ଗୁରୁବାର ଅଙ୍ଗନୱାଡି କର୍ମୀମାନଙ୍କୁ ନୂତନ ପ୍ରୋଜେକ୍ଟ ଉପରେ ଶିକ୍ଷାଦାନ ଦିଆଯାଇଛି। ନର୍ଲା ସିଡିପିଓ ନିବାଶିନି ବିଶ୍ୱାଳ ଅଧକ୍ଷତାରେ ୭ଟି ସେକ୍ଟରରୁ ୧୫୫ଜଣ ଅଙ୍ଗନୱାଡି କର୍ମୀ ବ୍ଲକ ଅଫିସ ସଭା ଗୃହଠାରେ ଉପସ୍ଥିତି ରହି ନୂତନ ପ୍ରୋଜେକ୍ଟ ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ବାଲିଗଦା କରିବା, ସଜନା, ଲେମ୍ବୁ, ଅମୃତଭଣ୍ଡା ଗଛ ଲଗାଇବା ଏବଂ (ଏମ.ସି.ପି.) କାର୍ଡ ଫିଲପ କରିବା ଭଳି କାର୍ଯ୍ୟ ପାଇଁ ଅଙ୍ଗନୱାଡି କର୍ମୀମାନଙ୍କୁ ସିଡିପିଓ ଆଲୋକପାତ କରିଥିଲେ। ଆଲୋଚନାରେ ୭ଜଣ ସୁପରଭାଇଜର ଉପସ୍ଥିତ ଥିଲେ।

## ଅଞ୍ଚଳର ବିକାଶ ଉପରେ ଆଲୋଚନା

କର୍ଲାମୁଣ୍ଡା,୭।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳକୁ ବୁଧବାର ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଗସ୍ତ କରିଥିଲେ। ଏହି ଅବସରରେ କର୍ଲାମୁଣ୍ଡା ବ୍ଲକ ସଦର ବସ୍ତିଠାରେ ବ୍ଲକ ଅଧକ୍ଷା କୁନି ସାହୁ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, କମ୍ବୁପାଣି ମିଶ୍ର, ଜୟଶଙ୍କର ସାହୁ, ଯୁବ ବିଜେଡି ନେତା ନନ୍ଦି କିଶୋର ଭୋଇ, ଅର୍ଜୁନ ସାହୁ, ପୂର୍ବତନ ସରପଞ୍ଚ ଶେଷଦେବ ସାହୁ, ମୋହନ ଥପା ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥି ସହିତ ଜିଲା ପରିଷଦ ଅଧକ୍ଷ ଅଚାନକ ଭାବେ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ବିଡିଓ ପ୍ରିୟ ଦର୍ଶନୀ ମିର୍ଦ୍ଧା ଓ ଯନ୍ତ୍ରୀମାନଙ୍କ ସହ ସାକ୍ଷାତ କରି ଉନ୍ନୟନ କାର୍ଯ୍ୟଗୁଡିକ ଠିକ୍ ଭାବେ ପରିଚାଳନା କରିବାକୁ ପରାମର୍ଶ କରିଥିଲେ।



ଜିଲା ପରିଷଦ ଅଧକ୍ଷ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

## ରାସ୍ତା କାମ ଅଧାପନ୍ତରିଆ, ଠିକାଦାରଙ୍କ ଦେଖାନାହିଁ

**କେଗାଁ ପୂର୍ତ୍ତ ବିଭାଗ ମୁଖ୍ୟ ବସ୍ତି ରାସ୍ତା**

ଗୋଲାମୁଣ୍ଡା,୭।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ପୂର୍ତ୍ତ ବିଭାଗ ଅଧୀନ ମୁଖ୍ୟ ବସ୍ତି ରାସ୍ତା ଦୀର୍ଘ ଦିନ ହେଲା ଖାଲଖମାରେ ଭର୍ତ୍ତି ହୋଇ ବର୍ଷା ଦିନରେ ଯାତାୟାତରେ ଅସୁବିଧା ହେଉଥିଲା। ଏ ନେଇ ଅନେକ ଥର ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପରେ ଗତ ୧ ତାରିଖରେ ଏହାର ମରାମତି କାର୍ଯ୍ୟ ଜଣେ ଠିକାଦାର ଜରିଆରେ ଆରମ୍ଭ ହୋଇଥିଲା। ୧ ତାରିଖରେ ପ୍ରାୟ ୨୫୦ ମିଟର ରାସ୍ତା ସମ୍ପୃକ୍ତ ଠିକାଦାର ଜେସିବି ସାହାଯ୍ୟରେ ଖୋଲି ଦେଇଥିଲେ। ରାସ୍ତାର ଏକ ପାର୍ଶ୍ୱକୁ ଖୋଲି ସମ୍ପୃକ୍ତ ଠିକାଦାରଙ୍କ ଅଜିଯାଏଁ ଦେଖା ଦେଉ ନ ଥିବା ବେଳେ ଲୋକମାନଙ୍କୁ ଯାତାୟାତରେ ଘୋର ଅସୁବିଧା ହେଉଛି। ଏହି ରାସ୍ତା ଉପରେ



କେଗାଁ ପୂର୍ତ୍ତ ବିଭାଗ ଅଧୀନ ମୁଖ୍ୟ ବସ୍ତି ରାସ୍ତା।

କେଗାଁ, ନୁଆଗାଁ, ବଡଚେରଗାଁ, ଚହକା ଓ ଉଛୁଳା ପଞ୍ଚାୟତରେ ଲୋକେ ନିର୍ଭର କରୁଥିବା ବେଳେ ଦୈନିକ ଶହ ଶହ ଛୋଟବଡ ଯାନ ଯିବାଆସିବା କରିଥାଏ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନ ମଧ ଏହି ରାସ୍ତା ଦେଇ ଯିବାଆସିବା କରନ୍ତି। ରାସ୍ତାର ଏକ ପାର୍ଶ୍ୱ ଖୋଲି ଖାଲ ହୋଇଥିବା ବେଳେ ରାସ୍ତା ମଝିରେ ବଡବଡ ମେଟାଲ ପଡି ରହିଥିବାରୁ ଅନେକ ସମୟରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ସାଇକେଲରୁ ତଳେ ପଡିଯାଉଥିବା ବେଳେ ବାଇକ୍ ଚାଳକମାନଙ୍କୁ ମଧ ଘୋର ଅସୁବିଧା ହେଉଛି। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରି ବିଜୟ ପ୍ରଧାନଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ଶୀଘ୍ର କାମ ସାରିବାକୁ ଆମ୍ଭେ କହୁଛୁ, କିନ୍ତୁ ସେ କଥା ମାନୁ ନ ଥିବା କହିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ ତାଗିତ କରି ଯଥାଶୀଘ୍ର କାର୍ଯ୍ୟ ସାରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଗିରଫଦାରି ପ୍ରତିବାଦରେ ଦାବିପତ୍ର ପ୍ରଦାନ

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ଗୁରୁବାର ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କ ଗିରଫଦାରିର ପ୍ରତିବାଦ କରିଛି। ସଂଘ ସଭାପତି ଭଗବାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଥାନା ଓ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ସଭା କରାଯାଇଥିଲା। ପରେ ସଂଘ ପକ୍ଷରୁ ମୁରିବାହାଲ ତହସିଲଦାର ସୋନାଲି ପାତ୍ର ଓ ଥାନା ଅଧିକାରୀ ଏମ.ଓରାମଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀବତ୍ସ ବେହେରା, ଦୁର୍ଗାନନ୍ଦ ମହାକୁର, ଶରତ ପତି ସାଣ୍ଡ, ବନବିହାରି ଯୋଶୀ, ଅଶୋକ ଭୋଇ, ତରଣୀସେନ ମେହେର ପ୍ରମୁଖ ସାମ୍ବାଦିକ ସାମିଲ ହୋଇ ଥିଲେ।

## ସଂକ୍ଷେପରେ

### ନଦୀରୁ ମିଳିଲା ମୃତଦେହ

ଝାରବନ୍ଧ,୭।୭(ଡି.ଏନ.ଏ): ଅଙ୍ଗ ନଦୀରେ ବୁଧବାର ଭାସି ଯାଇଥିବା ଝାରବନ୍ଧ ବ୍ଲକ ଅନ୍ତର୍ଗତ ବଡ଼ କୁଞ୍ଚାରୀ ଗ୍ରାମର ହରି ମହାନନ୍ଦ(୫୦)ଙ୍କ ମୃତଦେହ ଗୁରୁବାର ସକାଳେ ନଦୀରୁ ଉଦ୍ଧାର ହୋଇଛି। ଜଗଦଲପୁର ଥାନା ପୋଲିସ ମୃତଦେହ ଜବତ କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶଥାଉକି, ବୁଧବାର ସକାଳେ ହରି ଗାଈ ଚରାଇବା ପାଇଁ ଅଙ୍ଗ ନଦୀ ପାରି ହୋଇ ନଦୀ ଆରପଟ ଅଡୁଆଳ ଜଙ୍ଗଲକୁ ଯାଇଥିଲେ। ଅପରାହ୍ନରେ ଫେରିବା ବାଟରେ ନଦୀର ଜଳସ୍ରୋତ ବଢ଼ିଯାଇଥିଲା। ଫଳରେ ସେ ଗାଈ ଲାଞ୍ଜ ଧରି ନଦୀ ପାରି ହେବାକୁ ଉଦ୍ୟମ କରୁଥିଲେ। ମାତ୍ର ଲାଞ୍ଜରୁ ହାତ ଖସିଯିବାରୁ ସେ ଭାସି ଯାଇଥିଲେ। ରାତି ସୁଦ୍ଧା ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ୍ ଖୋଜ୍ ଖବର ମିଳି ନ ଥିଲା। ଗୁରୁବାର ସକାଳେ ମୃତଦେହ ନଦୀରୁ ଉଦ୍ଧାର ହୋଇଥିଲା ।

### କଳାହାଣ୍ଡିରେ କେନ୍ଦ୍ରମନ୍ତ୍ରୀ: ଦଳୀୟ କର୍ମୀଙ୍କୁ ଦେଲେ ଗୁରୁମନ୍ତ୍ର

ଜୁନାଗଡ,୭।୭(ଡି.ଏନ.ଏ.): କଳାହାଣ୍ଡି ଗସ୍ତରେ କେନ୍ଦ୍ର ସଂଖ୍ୟା ଲଘୁ ଓ ବ୍ୟାପାର ମନ୍ତ୍ରୀ ଜନ୍ ବାର୍ଲା। ଗୁରୁବାର ଅପରାହ୍ନରେ ସେ ନବରଙ୍ଗପୁର ଜିଲାରୁ କଳାହାଣ୍ଡି ଜିଲା ଅଭିମୁଖେ ବାହାରିଥିଲେ। ରାତି ୯ଟାରେ ସେ ଜୁନାଗଡ ସହରସ୍ଥିତ ଭାଜପା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପୂର୍ବରୁ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଦଳୀୟ କର୍ମକର୍ତ୍ତାଙ୍କୁ ସେ ବିଭିନ୍ନ ଗୁରୁମନ୍ତ୍ର ଦେଇଥିଲେ। ଏହି ସମୟରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ନଗର ସଭାପତି ଶିବରାମ ରାଉତ, ଏମ୍‌ପି ପ୍ରତିନିଧି ଶିବରାମ ରାଉତ, ବକ୍ସିତୁଲସୀପାଲି ସରପଞ୍ଚ ଦିବ୍ୟ ଦୀପ, ବରିଷ୍ଠ ନେତା ସତ୍ୟ ନାରାୟଣ ପଣ୍ଡା, ଶିଶିର ପଟ୍ଟନାୟକ, ବିକାଶ ପଟ୍ଟନାୟକ, କୁବଲେ ପାଣିଗ୍ରାହୀ, ବିକ୍ରାନ୍ତ ପଟ୍ଟନାୟକ, ଶିବ ନିଆଲ, ମନୋଜ ଧଙ୍ଗଡା ମାଝୀ, ବିପୁଲ ବଣିଆ, ନିଖିଲ ଅଗ୍ରୱାଲ, ବଂଶୀଧର ମଶ୍ରା, ପ୍ରଶାନ୍ତ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରୀମନ୍ତ୍ରୀ ଏହାପରେ ଭବାନୀପାଟଣା ଅଭିମୁଖେ ଯାତ୍ରା କରିଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

ରାଉରକେଲା ଅଫିସ,୭।୭: ସାପ କାମୁଡ଼ାରେ ଲହୁଣୀପଡ଼ା ଭୋଲାଡିହିର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଫୁଲମଣି ମୁଣ୍ଡା(୪୫)। ସେ ବୁଧବାର ରାତିରେ ଖାଇସାରି ଘର ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କ ଡାହାଣ ଗୋଡକୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା।


ରାଲି କରି ପାଣ-ଗଣ୍ଡା ସମାଜ ଲୋକେ ଦାବିପତ୍ର ଦେବାକୁ ଯାଉଛନ୍ତି।

# ସମସ୍ତ ଭୂମିହୀନଙ୍କୁ ୨ ଏକର ଚାଷ ଜମି ଦିଅ

**ତହସିଲ କାର୍ଯ୍ୟାଳୟ ଘେରିଲା ପାଣ-ଗଣ୍ଡା ସମାଜ**

ବୌଦ୍ଧ, ୭।୭(ସ୍ୱ.ପ୍ର.)

ବୌଦ୍ଧ ଜିଲା ପାଣ-ଗଣ୍ଡା ସମାଜ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଗୁରୁବାର ବୌଦ୍ଧ ତହସିଲଦାରଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପାଣ-ଗଣ୍ଡା ସମାଜର ଜିଲା ସଭାପତି ବଟକୃଷ୍ଣ ପ୍ରଧାନ ଓ ସାଧାରଣ ସମ୍ପାଦକ ସୁଧାଂଶୁ କୁମାର ଡାଙ୍ଗଙ୍କ ନେତୃତ୍ୱରେ ଏକ ହଜାରରୁ ଊର୍ଦ୍ଧ୍ୱ ପାଣ-ଗଣ୍ଡା ଜାତି ସମାଜ ସଦସ୍ୟ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମାଜ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବୌଦ୍ଧ ତହସିଲଦାର ଦେବୀ ପ୍ରସାଦ ଦାଶଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ବୌଦ୍ଧ ବ୍ଲକର ସମସ୍ତ ଭୂମିହୀନଙ୍କୁ ଦୁଇ ଏକର ଚାଷ ଜମି ପ୍ରଦାନ, ଭୂମିହୀନଙ୍କୁ ୧୦ ଡେସିମିଲ ଘରଡିହ ପ୍ରଦାନ ଏବଂ ସମସ୍ତ ଦଳିତ ବସ୍ତିକୁ ସରକାରୀ ରାସ୍ତା ପାଇଁ ଦାବି କରାଯାଇଛି। ଦେଶ ସ୍ୱାଧୀନ ହେବାର ୭୫ ବିତି ଯାଇଥିଲେ ମଧ୍ୟ ଶହଶହ ଦଳିତ ପରିବାର ଉପରୋକ୍ତ ସୁବିଧା ସୁଯୋଗ ଏବଂ ପ୍ରାପ୍ୟରୁ ବଞ୍ଚିତ ରହିଛନ୍ତି। ହଜାର ହଜାର ହେକ୍ଟର ଜମି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଜବରଦଖଲରେ ରହିଥିବାବେଳେ ଜିଲାର ଶହଶହ ଭୂମିହୀନ ପରିବାରଙ୍କ ପାଇଁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ମଧ୍ୟ ନାହିଁ। ଜବରଦଖଲ କରିଥିବା ବେଆଇନ ସରକାରୀ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ଦାବି କରାଯାଇଛି। ସେହିପରି ଜିଲାର ଶତାଧିକ ଦଳିତ ବସ୍ତିରେ ନଳକୂଅ ନ ଥିବାରୁ ପାନୀୟଜଳର ଘୋର ସମସ୍ୟା ଦେଖାଦେଇଛି। ବୌଦ୍ଧ ବ୍ଲକର ସମସ୍ତ ସାହିରେ କମ୍ୟୁନିଟି ସେଣ୍ଟର, ନଳକୂଅ, କଂକ୍ରିଟ ରାସ୍ତା ଏବଂ ଜିଲାର ପ୍ରତି ବ୍ଲକରେ ଅତି କମ୍‌ରେ ତିନୋଟି ଅନୁସୂଚିତ ଜାତି ଆବାସିକ ଉଚ୍ଚ ବିଦ୍ୟାଳୟ ଏବଂ ଦୁଇଗୋଟି ମହାବିଦ୍ୟାଳୟ ସ୍ଥାପନ ପାଇଁ ମଧ୍ୟ ଦାବି କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ସଙ୍ଗଠନର କୋଷାଧ୍ୟକ୍ଷ ରାମଚନ୍ଦ୍ର ତାଣ୍ଡି, ଉପସଭାପତି ମକରଧ୍ୱଜ ମହାନନ୍ଦିଆ, ବସନ୍ତ କୁମାର ଖୁରା, ରୋହିତ କହଁର, କହ୍ନେଇଁ ବାଦୀ, ଶ୍ରୀନିବାସ ହାତୀ, ସଙ୍ଗଠନ ସମ୍ପାଦକ ଦେବଦତ୍ତ ସାଗର, ବରିଷ୍ଠ ସମାଜସେବୀ ସେବତୀ ବେହେରା, ସଞ୍ଜିତ କୁମାର ଜେନା, ମଥୁରା ପଞ୍ଚାୟତ ପ୍ରଦୀପ କହଁର, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ବେହେରା, କ୍ଷେତ୍ର ମହାନନ୍ଦ, ମହାଦେବ କଲତା କଳିଙ୍ଗ ତାଣ୍ଡିଆ, ରାଜେନ୍ଦ୍ର ବାଘ, ପ୍ରମୋଦ ସାହାଣି, ପ୍ରଜାପତି ଭବସାଗର, ରବୀନ୍ଦ୍ର ନାଗ, ସୁରେଶ ନାଗ, ସୁରେଶ ମହାନନ୍ଦ, ବିଚିତ୍ର କହଁର, ଧରଣୀଧର ବିଭାର, ଅନାଦି ବାଦୀ, ଶମ୍ଭୁନାଥ ମହାନନ୍ଦିଆ, ଜୟରାମ ହରିପାଲ, ଭୀମସେନ କହଁର, ହରେନ୍ଦ୍ର ତରିଆ, ଅନିଲ ତନ୍ତୀ, ପୁଷ୍ପାଞ୍ଜଳୀ ବାଦୀ ଓ ନନ୍ଦିନୀ ନାଏକଙ୍କ ସମେତ ୨୩ଟି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ୨ ନାବାଳିକାଙ୍କ ବିବାହ ରୋକିଲା ପ୍ରଶାସନ

ବିନିକା, ୭।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ଆୟୋଜିତ ଦୁଇ ନାବାଳିକା ବିବାହକୁ ପ୍ରଶାସନ ରୋକିଛି। ବ୍ଲକ ଅନ୍ତର୍ଗତ ଚରଦା ଗାଁର ଜଣେ ଜଣେ ଓ ଫୁଲମୁଠିର ଅନ୍ୟ ଜଣେ ନାବାଳିକାଙ୍କ ବିବାହ ବୁଧବାର ହେବାକୁ ସ୍ଥିରୀକୃତ ହୋଇଥିଲା। ଠିକଣା ସମୟରେ ଏହି ଖବର ସ୍ଥାନୀୟ ପ୍ରଶାସନ ପାଖରେ ପହଞ୍ଚି ଥିଲା। ବିନିକା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପାରିଦର୍ଶିକା ସୌଦାମିନୀ ଦାସ, ଚାଇଲ୍ଡ ଲାଇନ ସଦସ୍ୟ ଉଦ୍ଧବ ବାଗ, ଅଙ୍ଗନୱାଡି କର୍ମୀ ମିଳି ମିଶ୍ର, ସୁରଭୀ ଦୀପ, ସରପଞ୍ଚ ବୃନ୍ଦାବତୀ ନାୟକ, ପ୍ରଧାନଶିକ୍ଷକ ହିଟ୍‌ଲର ସାହୁ, ସାମାଜିକ କର୍ମୀ ଫଗୁ ପାତ୍ର ଓ ବିନିକା ପୋଲିସ ଉଭୟ ନାବାଳିକାଙ୍କ ଘରେ ପହଞ୍ଚି ଥିଲେ। ବାଲ୍ୟବିବାହର ଅପକାରିତା ଓ ଶରୀର ଉପରେ ପଡୁଥିବା କୁପ୍ରଭାବ ଉପରେ ସେମାନେ ନାବାଳିକା ଓ ତାଙ୍କ ପରିବାର ଲୋକଙ୍କୁ ବୁଝାଇଥିଲେ। ସେଠାରେ ଉଭୟଙ୍କୁ ପାଠ ପଢିବା ପାଇଁ ଦିଗଦର୍ଶନ ଦିଆଯାଇଥିଲା। ନାବାଳିକାଙ୍କ ବୟସ ୧୮ବର୍ଷ ନ ହେବା ଯାଏ ବିବାହ ନ କରିବାକୁ କୁହାଯାଇଥିଲା। ପରେ ନାବାଳିକା ଓ ନାବଳକଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଖୀକେନ୍ଦ୍ର ପରାମର୍ଶଦାତା ଏବଂ ଜିଲା ବାଲ୍ୟବିବାହ ପରାମର୍ଶଦାତା ରାକେଶ ପ୍ରଧାନ ଉପସ୍ଥିତ ଥିଲେ ।

# ରାଗିଂ ଉପରେ ରୋକ୍ ଲଗାଇବା ନେଇ ଜିଲାପାଳଙ୍କ ଗୁରୁତ୍ୱ


ରାଗିଂ ଉପରେ ରୋକ୍ ଲଗାଇବା ନେଇ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ବୌଦ୍ଧ, ୭।୭(ସ୍ୱ.ପ୍ର.)

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଗିଂ ଉପରେ ରୋକ୍ ଲଗାଇବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟରେ କମିଟି ଗଠନ କରି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଭିମତ ରଖିଥିଲେ। ଜିଲାରେ ଯେପରି ରାଗିଂ ନ ହୁଏ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା ପାଇଁ ଯତ୍ନବାନ ହେବା, ଛାତ୍ରାବାସ ଦାୟିତ୍ୱରେ ଥିବା ଅଧକ୍ଷା, ୱାର୍ଡେନ ଛାତ୍ରାବାସ ନିକଟରେ ରହିବା ଓ ପ୍ରତିଦିନ ଦୁଇଥର ଛାତ୍ରାବାସ ପରିଦର୍ଶନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥି ସହିତ ଶାରୀରିକ ଓ ମାନସିକ ସ୍ତରରେ ରାଗିଂର ପ୍ରଭାବ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କାଉନସିଲିଂ ମାଧ୍ୟମରେ ସଚେତନ କରାଇବା, ରାଗିଂରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଉଚିତ ଦଣ୍ଡବିଧାନ ସମ୍ପର୍କରେ ସଚେତନ କରାଇବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଜିଲାପାଳ ମିଶ୍ର ଛାତ୍ରୀଛାତ୍ର ଅସୁବିଧା ଉପୁଜିଲେ ମହାବିଦ୍ୟାଳୟର ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହ ମହାବିଦ୍ୟାଳୟଗୁଡିକରେ ଏକ ହେଲପ୍ ଲାଇନ ନମ୍ବର ରଖାଯିବା ଓ ଛାତ୍ରୀଛାତ୍ର ଏଥିରେ ଅଭିଯୋଗ କରିପାରିବେ ବୋଲି ଜିଲାପାଳ କହିଥିଲେ। ଏହି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ବବିତାରାଣି ଦଳବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ତହସିଲଦାର ଦେବୀପ୍ରସାଦ ଦାସ, ଡେପୁଟି କଲେକ୍ଟର ଝରଣା ପ୍ରଧାନ ପ୍ରମୁଖ ଯୋଗ ଦେବା ସହ ଜିଲାର ସମସ୍ତ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ।

# ବିକାଶ ଡିଗ୍ରୀ କଲେଜରେ ପ୍ଲେସ୍‌ମେଣ୍ଟ ଡ୍ରାଇଭ


କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭରେ ଟିପିଡବ୍ଲ୍ୟୁଓଡିଏଲ୍, ବିକାଶ ଗ୍ରୁପ୍‌ର ଅଧିକାରୀବୃନ୍ଦ।

ବରଗଡ଼ ଅଫିସ୍,୭।୭

ବରଗଡ଼ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ ଅଧୀନ ବିକାଶ ଡିଗ୍ରୀ କଲେଜରେ ଗୁରୁବାର ଅନ୍ କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭ ଅନୁଷ୍ଠିତ ହୋଇଯାଇଛି । ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ଦ୍ୱାରା ବାଣିଜ୍ୟ ବିଭାଗ ଶେଷବର୍ଷ ଏବଂ ୨୦୨୧ରେ ଉତ୍ତୀର୍ଣ୍ଣ ହୋଇଥିବା ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ଅବସର ଦେବା ପାଇଁ ଏହି କ୍ୟାମ୍ପସ୍ ଡ୍ରାଇଭ ଅନୁଷ୍ଠିତ ହୋଇଛି ବୋଲି ବିକାଶ ଅଣ୍ଡର ଗ୍ରାଜୁଏଟ୍ କ୍ୟାମ୍ପସର ଟ୍ରେନିଂ ଏବଂ ପ୍ଲେସମେଣ୍ଟ ସେଲ୍ ତରଫରୁ ବିକାଶ ଡିଗ୍ରୀ କଲେଜ ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣା ସୂଚନା ଦେଇଛନ୍ତି। ଟିପିଡବ୍ଲ୍ୟୁଓଡିଏଲ୍ ତରଫରୁ ଟିମ୍ ଲିଡ୍ ଏଚ୍ଆର୍ ଅଜୟ କୁମାର, ଡେପୁଟି ମ୍ୟାନେଜର(ଫାଇନାନ୍ସ) ଜୟନ୍ତ ପାଣିଗ୍ରାହୀ, ଲିଡ୍ ଆସୋସିଏଟ୍ ଏଚ୍ଆର୍ ସାଗର କୁମାର, ଜୁନିୟର ମ୍ୟାନେଜର (ଫାଇନାନ୍ସ) ଅବଧୂତ ପ୍ରଧାନଙ୍କ ନେତୃତ୍ୱରେ ୫ଜଣିଆ ମାନବ ସମ୍ବଳ ଅଧିକାରୀ ଏହି ଚୟନ ପ୍ରକ୍ରିୟା ସମ୍ପାଦିତ କରିଥିଲେ। ଏହି ପୁଲ୍ କ୍ୟାମ୍ପସ ଡ୍ରାଇଭରେ ୪୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିବାବେଳେ ୨୧ଜଣ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ ବୋଲି ବିକାଶ ଡିଗ୍ରୀ କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ ଡାଇରେକ୍ଟର ତଥା ବିକାଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡଃ ସମରେନ୍ଦ୍ର ନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବାଣିଜ୍ୟ ବିଭାଗ ମୁଖ୍ୟ ମନ୍ଦାରଧର ନାୟକ ପ୍ଲେସମେଣ୍ଟ ଡ୍ରାଇଭ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ।

# ଧୋନୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ସୋନପୁର, ୭।୭(ନି. ପ୍ର. )

ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କର ଗୁରୁବାର ୪୧ତମ ଜନ୍ମ ଦିବସ ଥିଲା। ଏହି ଅବସରରେ ସୁବର୍ଣ୍ଣପୁର ଜିଲା ଏମ୍ଏସ୍ ଧୋନୀ ଫ୍ୟାନ୍ କ୍ଲବ ଆନୁକୂଲ୍ୟରେ ପିନାକିନି ପଲିକ୍ଲିନିକଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୪୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଫ୍ୟାନ୍ କ୍ଲବର ଦିନେଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୫ବର୍ଷ ଧରି ଏହି ଦିନରେ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। କ୍ଲବ ସଦସ୍ୟ ଓମ୍‌ପ୍ରକାଶ ମିଶ୍ର, ପୁରୁଷୋତ୍ତମ ପାତ୍ର, ଜିତୁ ସାହୁ, ରାଜେଶ ପାଣ୍ଡେ, ପ୍ରକାଶ ବଡ଼େଇ, ରିଆଜ ଇସଲାମ, ମନୋଜ ପଣ୍ଡା ଓ ରୁଦ୍ର ନାରାୟଣ ଦାସ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଜିଲା ରକ୍ତଦାନ କେନ୍ଦ୍ରର ଡାକ୍ତର ଦୁର୍ଗାଦତ୍ତ ଦାସ, ସୁବାସ ପଣ୍ଡା ଓ ଜଗତ ଦରୱାନ ରକ୍ତ ସଂଗ୍ରହ କରିଥିଲେ।

# ବିଡିଓଙ୍କୁ ଅଭିଯୋଗ କଲେ ସମିତି ସଭ୍ୟାସଭ୍ୟ

**ବୌଦ୍ଧ ବ୍ଲକ ଅଧ୍ୟକ୍ଷଙ୍କ ମନମୁଖି କାର୍ଯ୍ୟ ନେଇ ଅସନ୍ତୋଷ**

ବୌଦ୍ଧ,୭।୭ (ସ୍ୱ.ପ୍ର)

ବୌଦ୍ଧ ଜିଲାରେ ୩ଗୋଟି ବ୍ଲକ ଥିବାବେଳେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବୌଦ୍ଧ ବ୍ଲକର ଅଧ୍ୟକ୍ଷ ଭାବେ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ନିର୍ବାଚିତ ହୋଇଥିଲେ। କିନ୍ତୁ ନିର୍ବାଚିତର ୫ ମାସ ନ ଯାଉଣୁ ବ୍ଲକର କିଛି ସମିତିସଭ୍ୟ ବ୍ଲକ ଅଧ୍ୟକ୍ଷଙ୍କ ମନମୁଖି କାର୍ଯ୍ୟ ବିରୋଧରେ ବିଡିଓଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗତ ୮।୪।୨୦୨୨ରେ ପ୍ରଥମ ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଏଫସି ଓ ଏସ୍ଏଫସି ଅନୁଦାନ ନେଇ ଏଜେଣ୍ଡାରେ ଦିଆଯାଇ ନ ଥିଲା କି ଆଲୋଚନା ମଧ୍ୟ କରାଯାଇ ନ ଥିଲା। ଚଳିତବର୍ଷ ଆସିଥିବା ସିଏଫସି ଓ ଏସ୍ଏଫସି ଅନୁଦାନ କାର୍ଯ୍ୟ ଖସଡା ନିଜ ଇଚ୍ଛାରେ ତତ୍କାଳୀନ ବିଡିଓଙ୍କ ମାଧ୍ୟମରେ ପାଶ କରାଇଥିବା ଅଭିଯୋଗ କରିଛନ୍ତି। ବୌଦ୍ଧ ବ୍ଲକ ୨୩ ଗୋଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବାବେଳେ କିନ୍ତୁ ବ୍ଲକ ଅଧ୍ୟକ୍ଷ କେବଳ ୧୨ ଗୋଟି ଗ୍ରାମପଞ୍ଚାୟତକୁ ସୀମିତ ରଖିଛନ୍ତି। ଏହା ସହ ନିଜ ପଞ୍ଚାୟତରେ ୧୦ ଲକ୍ଷରୁ ଅଧିକ ଅର୍ଥ ନେବା ପାଇଁ ମଧ୍ୟ ଚକ୍ରାନ୍ତ କରୁଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସବୁ ଗ୍ରାମପଞ୍ଚାୟତକୁ ସମାନ ଭାବେ ବଣ୍ଟନ କରାଯାଉ ବୋଲି ସମିତିସଭ୍ୟମାନେ ଦାବି କରିବା ସହ ଆଗାମୀ ପଞ୍ଚାୟତ ବୈଠକ ପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ନ କରିବାକୁ ଦାବି କରିଛନ୍ତି। ଏନେଇ ଗୁରୁବାର ଏକ ଦାବିପତ୍ର ବୌଦ୍ଧ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏହା ସହ ବୌଦ୍ଧ ବିଧାୟକ ତଥା ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ କନ୍ଧମାଳ ବିଧାୟକ ମହୀଧର ରଣାଙ୍କୁ ମଧ୍ୟ ଜଣାଇଥିବା ଜଣାପଡିଛି। ଏନେଇ ବ୍ଲକ ଅଧ୍ୟକ୍ଷ ରଥଙ୍କୁ ପଚାରିବାରୁ ଯେମିତି କିଛି ମନମୁଖି କାର୍ଯ୍ୟ କରାଯାଇନାହିଁ। ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ ହେଉଛି ବୋଲି କହିଥିଲେ। ସମିତିସଭ୍ୟମାନେ ମିଥ୍ୟା ଅଭିଯୋଗ ଆଣିଥିବା ପ୍ରକାଶ କରିଥିଲେ।

# ପଞ୍ଜୀକୃତ କଳାକାର ଚୟନ ଶିବିର

ବୌଦ୍ଧ,୭।୭(ସ୍ୱ.ପ୍ର.)




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରାୟୋଜିତ ପଞ୍ଜିକୃତ କଳାକାରଙ୍କ ଦୁଇଦିନିଆ ଚୟନ ପ୍ରକ୍ରିୟା ବୌଦ୍ଧ ଟାଉନହଲଠାରେ ଗୁରୁବାରଠାରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ହରଭଙ୍ଗା ଏବଂ କନ୍ଧମାଳ ବ୍ଲକର ବଛାବଛା ସାଂସ୍କୃତିକ ଦଳ ଯେଉଁମାନେ କି ଅନଲାଇନ ମାଧ୍ୟମରେ ପଞ୍ଜିକୃତ ହୋଇଥିଲେ ସେହି କଳାକାରମାନେ ଏହି ଚୟନ ପ୍ରକ୍ରିୟାରେ ଯୋଗଦେଇଥିଲେ। ଶୁକ୍ରବାର ବୌଦ୍ଧ ଏନଏସି ଓ ବୌଦ୍ଧ ବ୍ଲକର କଳାକାରମାନେ ଏହି ଚୟନ ପ୍ରକ୍ରିୟାରେ ଭାଗନେବେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଲକ୍ଷ୍ମଣ ମହାପାତ୍ର, ତୁଷାରକାନ୍ତ ପଟ୍ଟନାୟକ, ଭବାନୀ ଶଙ୍କର ମହାପାତ୍ର, ହରିହର ପ୍ରଧାନ, ବାସୁଦେବ ପାତ୍ର, ବସନ୍ତ କୁମାର ବୋଷ ପ୍ରମୁଖ ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା କାର୍ଯ୍ୟକ୍ରମକୁ ତଦାରଖ କରିବା ସହ ଯୋଗ ଦେଇଥିବା କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।


ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ତର୍କ ପ୍ରତିଯୋଗିତା ।



ଅତାବିରା ବ୍ଲକ ନୂଆ ଖଇରପାଲି ସ୍ଥିତ କୋଶଳ ସ୍କୁଲରେ ଚାରା ରୋପଣ ।

# ବନ ମହୋତ୍ସବରେ ତର୍କ ପ୍ରତିଯୋଗିତା, ଚାରାରୋପଣ

ବରଗଡ଼ ଅଫିସ୍/ସରଣ୍ଡା/ସୋହେଲା,୭।୭

ବନ ମହୋତ୍ସବ ପାଳନ ଅବସରରେ ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ରାଣାପ୍ରତାପ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପରିବେଶ ସଚେତନତା ତର୍କ ପ୍ରତିଯୋଗିତା ହୋଇଥିଲା। ଏଥିରେ ଦିବ୍ୟଙ୍କା ନାଥ ପ୍ରଥମ, ଅର୍ଣ୍ଣପୂର୍ଣ୍ଣା ଦାଶ ଦ୍ୱିତୀୟ, ସୁମନ ଗହୀର ତୃତୀୟ ସ୍ଥାନ ଅଧିକାର କରିଥିଲେ। ରାଣାପ୍ରତାପ ହାଇସ୍କୁଲର ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ନନ୍ଦକିଶୋର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ସହିତ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ କ୍ୟାବିନେଟ୍‌ର ପରିବେଶ ମନ୍ତ୍ରୀ ସାରଳା କୁମ୍ଭାର, ଛାତ୍ର ମୁଖ୍ୟମନ୍ତ୍ରୀ ତୁଳସୀରାମ ଜାନୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ। ସୁନିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଅତାବିରା ବ୍ଲକ ନୂଆ ଖଇରପାଲି ସ୍ଥିତ କୋଶଳ ବିଦ୍ୟାଳୟରେ ବନ ମହୋତ୍ସବ ହୋଇଥିଲା। ଏଥିରେ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସ୍କୁଲ ପଡ଼ିଆରେ ଛାତ୍ରୀଛାତ୍ରମାନେ ୧୦୦ ବୃକ୍ଷଚାରା ରୋପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସ୍କୁଲର ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅଧ୍ୟକ୍ଷ ରବିନ୍ଦ୍ରନାଥ ବେହେରା, ସହ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ସ୍ଥିତ ବାବା ବାଲୁଙ୍କେଶ୍ୱର ଉଚ୍ଚ ମାଧମିକ ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ମନୋଜ କୁମାର ଆଚାର୍ଯ୍ୟ ସଂଯୋଜନା କରିଥିଲେ। ପ୍ରଫେସର ସୁଜିତ କୁମାର ପୃଷେଠ ଅତିଥି ଭାବେ ଯୋଗଦେଇ ବନ ମହୋତ୍ସବ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

ସୋହେଲା ବ୍ଲକ ଲେବିଡ଼ି ହାଇସ୍କୁଲରେ ପରିବେଶବିତ୍ ଜେଠୁ ଭୋଇ ମୁଖ୍ୟ ଅତିଥି, ଫରେଷ୍ଟର ବି. କେ. ସିଂ, ସରପଞ୍ଚ ନିରଞ୍ଜନ ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଶଶୀଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ବନ ମହୋତ୍ସବ ପାଳିତ ହୋଇଥିଲା। ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଡଃ ଭଗବତୀ କର, ୟୁଥ୍ ରେଡ଼କ୍ରସର ସଂଯୋଜିକା ରୀନା ଚକ୍ରବର୍ତ୍ତୀଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବରଗଡ଼ ସଦର ଥାନା ପରିସରରେ ପ୍ରକୃତି ବନ୍ଧୁ ସୁଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କରାଯାଇଥିଲା। ଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତ ଉପସ୍ଥିତ ଥିଲେ। ସେହିପରି ନୂଆ ସରସରା ଜନସେବା ଟ୍ରଷ୍ଟ, ସତ୍ୟସାଇ ଭଜନ ମଣ୍ଡଳୀ ତରଫରୁ ଝାଡ଼େଶ୍ୱର ମନ୍ଦିରରେ ବୃକ୍ଷଚାରା ରୋପଣ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ସୁନୀତା ଭୋଇ ମୁଖ୍ୟଅତିଥି, ମହାବୀର ପ୍ରସାଦ ଅଗ୍ରୱାଲ, ପୁଷ୍ପାଞ୍ଜଳି ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

## ତାରାରୋପଣ କରି ଯତ୍ନ ନେବା ପାଇଁ ଶପଥ

ବେହେରା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବରେ ଚାରାରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହା ଏକ ସପ୍ତାହ ବ୍ୟାପି ଚାଲିବ। ରୋପଣ କରାଯାଇଥିବା ଚାରା ଠିକ ଯତ୍ନ ନେବା ପାଇଁ ପ୍ରୟାସ ରହିବ ବୋଲି ଛାତ୍ରୀଛାତ୍ର ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ହିନ୍ଦି ଶିକ୍ଷକ ଚକ୍ରଧର ବାରିକ, ସହ ଶିକ୍ଷକ ସଚ୍ଚିଦାନନ୍ଦ ଗୌଡଙ୍କ ସମେତ ବିଦ୍ୟାଳୟ ଅନ୍ୟ ଶିକ୍ଷକ ଓ ଛାତ୍ରୀଛାତ୍ର ମିଳିତ ଭାବେ ବିଦ୍ୟାଳୟ ପରିସରରେ ଚାରାରୋପଣ କରି ଏହାର ଯତ୍ନ ନେବା ପାଇଁ ଶପଥ ନେଇଥିଲେ।

## ବାଇକ ଦୁର୍ଘଟଣାଗ୍ରସ୍ତ: ଯୁବକ ମୃତ

ସଇଁତଳା, ୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ଥାନା ଟିକ୍ରାପଡ଼ା ଫାଣ୍ଡି ନିକଟ ଖର୍ସେଲବାଞ୍ଜି ନିକଟରେ ଗୁରୁବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଲୋକ ଜାଲ (୨୨)। ତାଙ୍କ ସହ ଥିବା ରମେଶ ଜାଲ (୧୬) ଗୁରୁତର ହୋଇଛନ୍ତି। ଆଲୋକ ଓ ରମେଶ ଏକ ବାଇକ ଯୋଗେ ନିଜ ମାମୁଁ ଘର ଟିକ୍ରାପଡ଼ା ଅତର୍ଲାରୁ ନିଜ ଗ୍ରାମ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ପଲସାକୁ ମଧ୍ୟାନରେ ଫେରୁଥିବାବେଳେ ଖର୍ସେଲବାଞ୍ଜି ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ହେଲେ ସେଠାରେ ଡ଼ାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ। ରମେଶଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୀମଭୋଇ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି।

# ସବ୍‌ରେଜିଷ୍ଟ୍ରି ଅଫିସ ବରିଷ୍ଠ ରାଜସ୍ୱ ସହକାରୀ ଗିରଫ

ବଲାଙ୍ଗୀର ଅଫିସ, ୭।୭

### ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲା

- ପୂର୍ବରୁ ତହସିଲ ଅଫିସ ରେକର୍ଡ କିପରଙ୍କ ସମେତ ୪ଗିରଫ ହୋଇଛନ୍ତି
- ନିଲମ୍ବିତ ତହସିଲଦାର, ଅତିରିକ୍ତ ତହସିଲଦାର



ଗିରଫ ଦୀପକ କୁମାର ବାଗ।

ଜଣେ ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲାରେ ଗିରଫଦାରୀ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଗୁରୁବାର ସଦର ଥାନା ପୋଲିସ ବରିଷ୍ଠ ରାଜସ୍ୱ ସହକାରୀ ଦୀପକ କୁମାର ବାଗଙ୍କୁ କଣ୍ଟାବାଞ୍ଜିରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜିଲା ଜେଲ ହାଜତକୁ ପଠାଇ ଦିଆଯାଇଛି। ମୃତ ହର୍ଷ ଷାଣ୍ଢଙ୍କ ନାଁରେ ଜମି ହଡପ୍ ପାଇଁ ଜାଲ ଡକ୍ୟୁମେଣ୍ଟ ଦେଇ ସେଲଡିଡ୍ ତିଆରି କରାଯିବା ସମୟରେ ବରିଷ୍ଠ ରାଜସ୍ୱ ସହକାରୀ ବାଗ ବଲାଙ୍ଗୀର ସବ୍‌ରେଜିଷ୍ଟ୍ରି ଅଫିସରେ କାର୍ଯ୍ୟରତ ଥିଲେ। ପରେ ତାଙ୍କୁ କଣ୍ଟାବାଞ୍ଜି ଅଫିସକୁ ବଦଳି ହୋଇଥିଲା। ବାଗଙ୍କ ତତ୍ତ୍ୱାବଧାନରେ ସବ୍‌ରେଜିଷ୍ଟ୍ରି ଅଫିସରେ ଜାଲ ଡକ୍ୟୁମେଣ୍ଟ ଭେରିଫିକେସନ୍ ହୋଇଥିବା ଜଣାପଡିଛି। ତାଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ ଧାରା ୪୬୮, ୪୭୧, ୪୨୦ ଏବଂ ୩୪ ଦଫାରେ ମାମଲା (୨୪୯/୨୨) ରୁଜୁ ହୋଇଛି। ବୁଧବାର ରାଜ୍ୟ ସରକାର ଜମି ହଡପ ମାମଲାରେ ବଲାଙ୍ଗୀର ତହସିଲଦାର ମଘବନ ବାଗ ଏବଂ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତଙ୍କୁ ନିଲମ୍ବିତ କରିଥିଲେ। ଅନ୍ୟପଟେ ସଦର ପୋଲିସ ଏହି ମାମଲାରେ ବଲାଙ୍ଗୀର ତହସିଲ ଅଫିସ ରେକର୍ଡ କିପର ତଥା ବରିଷ୍ଠ ରାଜସ୍ୱ ସହକାରୀ ମକରଧ୍ୱଜ କାଲସାଏ (୪୬)ଙ୍କୁ ଗିରଫ କରଥିଲା।

ବଲାଙ୍ଗୀର ସହର ଉପକଣ୍ଠ ଧୁମାମରା ଗ୍ରାମର ମୃତ ହର୍ଷ ଷାଣ୍ଢଙ୍କ ନାଁରେ ଜାଲ ଡକ୍ୟୁମେଣ୍ଟ ଦେଇ ତାଙ୍କର ଏ୧.୪୯ ଡିସିମିଲ ଜମିର ପଟ୍ଟା କରାଇ ନେଇଥିବା ନେଇ ଅବଦୁଲ ଷାଣ୍ଢ ଗତ ଜୁନ୍ ୧୬ ତାରିଖରେ ସଦର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଧୁମାମରା ଜମି କେଲେଙ୍କାରୀ ଘଟଣା ପଦାକୁ ଆସିଥିଲା। ସଦର ପୋଲିସ ଏହି ଘଟଣାକୁ ନେଇ ଏକ ମାମଲା (୨୪୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୦୫ ମସିହାରୁ ଜମି ମାଲିକ ହର୍ଷ ଷାଣ୍ଢଙ୍କ ମୃତ୍ୟୁ ହୋଇ ସାରିଥିବା ସତ୍ତ୍ୱେ ତାଙ୍କ ନାଁରେ ଉତ୍ତମ ନାଗ ନାମକ ଜଣେ ବ୍ୟକ୍ତିଙ୍କୁ ସବ୍‌ରେଜିଷ୍ଟ୍ରି ଅଫିସରେ ହାଜର କରି ଗତ ୨୦୨୧ ମସିହା ଡିସେମ୍ବର ୧୧ରେ ସେଲଡିଡ୍ ତିଆରି କରାଯାଇଥିଲା। ବଲାଙ୍ଗୀର ଗୋପବନ୍ଧୁନଗରର ମାଧବ ପୃଷ୍ଟି ନାମକ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଲବଣୀ ପୃଷ୍ଟିଙ୍କ ନାଁରେ ଏହି ୫୦ ଡିସିମିଲ ଜମି କିଣିଥିଲେ। ଗତ ୨୦୨୨ ମାର୍ଚ୍ଚ ୩ ତାରିଖରେ ଏହି ସେଲଡିଡ଼ର ପାର୍ଚ୍ଚା କରାଯାଇଥିଲା। ତହସିଲ ଅଫିସରୁ ୫୦ ଡିସମିଲ ଜମିର ପାର୍ଚ୍ଚା ବାହାରିବା ପରିବର୍ତ୍ତେ ଲବଣୀ ପୃଷ୍ଟିଙ୍କ ନାଁରେ ୧.୪୯ ଏକର ଜମିର ପାର୍ଚ୍ଚା ତିଆରି ହୋଇଯାଇଥିଲା। ଏହି ଜମି କେଲେଙ୍କାରୀରେ ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ଜମି କିଣିଥିବା ଲବଣୀ ପୃଷ୍ଟିଙ୍କ ସ୍ୱାମୀ ମାଧବ ପୃଷ୍ଟି, ନକଲି ଜମି ମାଲିକ ସାଜିଥିବା ଉତ୍ତମ ନାଗ ଏବଂ ସାକ୍ଷୀ ହୋଇଥିବା ଦେବରାଜ ରାଉତ୍‌ଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଛି।

## ଅମୃତ ସରୋବର ପ୍ରକଳ୍ପର ଶିଳାନ୍ୟାସ



ଅମୃତ ସରୋବର ପ୍ରକଳ୍ପ ଶିଳାନ୍ୟାସ ଉତ୍ସବରେ ଅତିଥି ଓ ଗ୍ରାମବାସୀ।

ଲୋଇସିଂହା,୭।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହଲ ପଞ୍ଚାୟତ ସଦର ଗାଁ ମହାଜନ ପୋଖରୀକୁ ବ୍ଲକ ପ୍ରଶାସନ ପକ୍ଷରୁ ଅମୃତ ସରୋବର ପ୍ରକଳ୍ପରେ ସାମିଲ କରାଯାଇଛି। ଜିଲା ପରିଷଦ ସଭ୍ୟା ଲିଲିମା ମେହେରା ଅତିଥିଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀ, ଯନ୍ତ୍ରୀ କବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଲାଗି ପ୍ରଥମ ଦଫାରେ ୧୦ଲକ୍ଷ ଅନୁଦାନ ମିଳିଛି ।

ପଞ୍ଚାୟତ ଅଧୀନ ବିଶାଳପାଲିଠାରେ ବନ ବିଭାଗ ଓ ଗ୍ରାମର ଯୁବକ ସଂଘ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ରେଞ୍ଜ ଅଫିସର ପାଉଲ ହରପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ବେହେରା, ବିଜେଡି ବ୍ଲକ ସଭାପତି ହୃଦୟାନନ୍ଦ ବେହେରା ଅତିଥିଭାବେ ଯୋଗଦେଇଥିଲେ । ଅତିଥି, ଯୁବକ ସଂଘ ଓ ଗ୍ରାମବାସୀ ସାମୂହିକ ଭାବେ ଗ୍ରାମ ପଡିଆରେ ଚାରା ରୋପଣ କରିଥିଲେ ।

# ଟାଉନ ହାଇସ୍କୁଲରେ ହକି ଶିବିର



ଟାଉନ୍ ବଳକ ବିଦ୍ୟାଳୟରେ ଆୟୋଜିତ ହକି ଶିବିରରେ ଖେଳାଳୀଙ୍କ ସହ ଅତିଥି ଓ ଆୟୋଜକ।

ବଲାଙ୍ଗୀର ଅଫିସ,୭।୭

ବଲାଙ୍ଗୀର ଟାଉନ ବାଳକ ବିଦ୍ୟାଳୟରେ ଗୁରୁବାର ସ୍କୁଲସ୍ତରୀୟ ହକି ଶିବିର ଉଦ୍‌ଘାଟିତ ହୋଇଛି। ବରିଷ୍ଠ ଆଇନଜୀବୀ ତଥା ସ୍କୁଲର ପୃଷ୍ଠପୋଷକ ଅମରେନ୍ଦ୍ର ମିଶ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ହକି ଶିବିର ଉପଲକ୍ଷେ ଅନୁଷ୍ଠିତ ସଭାରେ ରାଜ୍ୟ ହକି ସଂଘ ଉପସଭାପତି ଆନନ୍ଦିନୀ ଦର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଲାଙ୍ଗୀର ମାଟି ଅନେକ ଖେଳାଳି ତିଆରି କରିଛି। ପ୍ରତ୍ୟେକ ଖେଳରେ ଏଠାକାର ଖେଳାଳି ବଲାଙ୍ଗୀର ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବର୍ତ୍ତମାନ ଟାଉନ ବାଳକ ବିଦ୍ୟାଳୟରେ ହକି ଖେଳର ବିକାଶ ପାଇଁ ଆୟୋଜିତ ଶିବିର ଆଗାମୀ ଦିନରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଏବଂ ଆଗାମୀ ଦିନରେ ଏଠାରୁ ରାଜ୍ୟସ୍ତରୀୟ ହକି ଖେଳାଳି ବାହାରିବେ ବୋଲି ଆଇନଜୀବୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ପୃଷ୍ଠପୋଷକ ଭାବରେ ଯେପରି ଏହି ସ୍କୁଲର କ୍ରୀଡା ସହିତ ପାଠ୍ୟଦାନ କାର୍ଯ୍ୟକ୍ରମ ଏବଂ ସ୍କୁଲର ଭିତ୍ତିଭୂମିରେ ବିକାଶ ହୋଇପାରିବ ସେ ସବୁବେଳେ ଚେଷ୍ଟିତ ଅଛନ୍ତି ବୋଲି କହିଥିଲେ। ହକି ଶିବିର ଉଦ୍‌ଘଶଟନ ପୂର୍ବରୁ ମିଶ୍ର ଖେଳ ପଡିଆ ପାର୍ଶ୍ୱରେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିଥିଲେ । ଖେଳରେ ଶୃଙ୍ଖଳା ହିଁ ବିଜୟୀ କରିଥାଏ ବୋଲି ସମ୍ମାନିତ ଅତିଥି ଦର୍ଜୀ କହିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ରାଘବ ପାଣିଗ୍ରାହୀ, ପୂର୍ବତନ ଶିକ୍ଷକ ତ୍ରିଲୋଚନ ମହାପାତ୍ର, ଜିଲା ହକି ସଂଘ ସମ୍ପାଦକ ପ୍ରଫୁଲ୍ଲ ବେହେରା, କୋଚ ଅଜମ୍ବର ରାଜପଲିଆ ବକ୍ତବ୍ୟ ରଖିଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍କୁଲ କ୍ରୀଡା ଶିକ୍ଷକ ବିକାଶ ରଞ୍ଜନ ଦାଶ ସହଯୋଗ କରିଥିଲେ।

# ଧାନବିହନ ବଣ୍ଟନ ବେଳେ ଟଙ୍କା ଅସୁଲକୁ ନେଇ ମାରପିଟ

ଲୋଇସିଂହା,୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ବାରଡୋଲ ଗ୍ରାମରେ କୃଷି ବିଭାଗ ପକ୍ଷରୁ ମାଗଣା ପ୍ରାମାଣିକ ଧାନ ବିହନ ବଣ୍ଟନ ବେଳେ ଟଙ୍କା ଅସୁଲ କରାଯାଉଥିଲା। ଏହାକୁ କେନ୍ଦ୍ର କରି ଗ୍ରାମର ଦୁଇଜଣଙ୍କ ମଧ୍ୟରେ ହାତାହାତି ହୋଇଥିଲା। ମାମଲା ଲୋଇସିଂହା ଥାନା ପର୍ଯ୍ୟନ୍ତ ଯାଇଛି। ଏଥିରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଅଡୁଆ ବଢୁଥିବାରୁ ମାମଲାକୁ ଚପାଇବା ପାଇଁ ଉଦ୍ୟମ ଚାଲିଛି।

ଇରି ସଂସ୍ଥା ପକ୍ଷରୁ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମାଗଣା ପ୍ରାମାଣିକ ଧାନ ବିହନ ଯୋଗାଇବା ସହ ବିଭିନ୍ନ ସୁବିଧା ସୁଯୋଗ ଦିଆଯାଉଛି। ୨୦୨୨ ଖରିଫରେ ସଂସ୍ଥା ପକ୍ଷରୁ ବ୍ଲକ କୃଷି ବିଭାଗ ଜରିଆରେ ବାରଡୋଲ ଗ୍ରାମର ୩୦ ଚାଷୀଙ୍କୁ ନେଇ ପରୀକ୍ଷାମୂଳକ ଚାଷ ପାଇଁ ଯୋଜନା ରହିଛି । କିଛିଦିନ ତଳେ ବ୍ଲକ କୃଷି କାର୍ଯ୍ୟାଳୟରୁ ପଞ୍ଚାୟତର ଗ୍ରାମ୍ୟକୃଷି କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଗ୍ରାମର ୩୦ଚାଷୀଙ୍କୁ ୧୩୦ ଓ ୧୧୦ ଦିନରେ ଅମଳ ହେଉଥିବା ବିଆର୍‌ଆର ୫୦ ଓ ଅଙ୍କିତ ଧାନ ବିହନ ଯୋଗଣା ହୋଇଥିଲା। ଧାନ ବିହନ ଗ୍ରାମର କମ୍ୟୁନିଟି ସେଣ୍ଟରେ ରଖାଯାଇଥିଲା। ବଣ୍ଟନ ହେବାକୁ ଥିବା ଏହି ଧାନ ବିହନ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ନିର୍ଦ୍ଦେଶରେ ୱାର୍ଡସଭ୍ୟ ଆଜାମିଲ ସେଠ ବଣ୍ଟନ କରି ଚାଷୀ ପିଛା ୨୨୦ ଟଙ୍କା ଲେଖାଏ ଆସୁଲ କରିଥିଲେ। କେତେକ ଚାଷୀଙ୍କଠାରୁ ଟଙ୍କା ଆସୁଲ ହୋଇଥିବାବେଳେ ଆଉ କେତେକ ଚାଷୀଙ୍କଠାରୁ ଟଙ୍କା ଆସୁଲ ହୋଇ ନ ଥିଲା । ବକେୟା ଟଙ୍କା ମଗାକୁ କେନ୍ଦ୍ର କରି ବିହନ ବଣ୍ଟନ କରିଥିବା ଆଜାମିଲ ସେଠ ଓ ଗ୍ରାମ୍ୟର ଅନ୍ୟ ଜଣେ ଯୁବକଙ୍କ ମଧ୍ୟରେ ବୁଧବାର ସନ୍ଧ୍ୟାରେ ହାତାହାତି ହୋଇଥିଲା । ସନ୍ଧ୍ୟାରେ ଅଜାମିଲ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୃଷି କର୍ମଚାରୀ ଚାଷୀଙ୍କୁ ଧାଡିରୁଆ ବାବଦକୁ ଟଙ୍କା ମିଳିବ ବୋଲି କହିଥିଲେ । ଏଥିପାଇଁ ବିହନ ପ୍ୟାକେଟ ପିଛା ୨୨୦ ଟଙ୍କା ଦେବାକୁ ପଡିବ ବୋଲି କହିଥିବାରୁ ଟଙ୍କା ଆସୁଲ କରାଯାଇଥିଲା ବୋଲି ଅଜାମିଲ କହିଛନ୍ତି । ଇରିର କ୍ଷେତ୍ର ଅଧିକାରୀ ଦିଲୀପ ରାଉତ କହିଛନ୍ତି ୧୩୦ ଓ ୧୧୦ ଦିନର ପରୀକ୍ଷାମୂଳକ ବିହନ ସଂସ୍ଥା ପକ୍ଷରୁ ମାଗଣାରେ ବଣ୍ଟନ କରିଥାଉ । ଟଙ୍କା ଆସୁଲ ବେଆଇନ । ବ୍ଲକ କୃଷି ଅଧିକାରୀ ଉମାଶଙ୍କର ମିଶ୍ର କହିଛନ୍ତି ଏକ ସଂସ୍ଥା ବିହନ ଯୋଗାଇଛି । ଟଙ୍କା ଆସୁଲ କରିବା ଠିକ ନୁହେଁ । ଘଟଣା ଜାଣିଲା ପରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ତାଗିଦ୍ କରିଥିବା ସେ କହିଥିଲେ । ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ ଘଟଣାକୁ ନେଇ ଅସନ୍ତୋଷବ୍ୟକ୍ତ କରିଛନ୍ତି। ସରପଞ୍ଚଙ୍କୁ ଅଣଦେଖା କରି ସବୁ କାର୍ଯ୍ୟକ୍ରମ କରାଯାଉଛି। ଏହାପୂର୍ବରୁ ମଧ୍ୟ ମୁଗ କିଟ ବଣ୍ଟନରେ ଅନିୟମିତତା ହୋଇଛି। ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

## ନିର୍ଦ୍ୱନ୍ଦ୍ୱରେ ରଶ୍ମିରେଖା ଡହଗାଁ ପାକ୍ସ ଉପସଭାପତି

କୋକସରା,୭।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡହଗାଁ ପ୍ରାଥମିକ କୃଷି ସମବାୟ ସମିତି ଉପସଭାପତି ପାଇଁ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ପାଇଁ ଜଣେ ମାତ୍ର ପ୍ରାର୍ଥନୀ ରଶ୍ମିରେଖା ରାଉତ ନାମାଙ୍କନ ଦାଖଲ କରିଥିଲେ। ଆଉ କେହି ନାମାଙ୍କନ ଦାଖଲ କରି ନ ଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ବିରଞ୍ଚି ଖରସେଲ ଉପସଭାପତିଭାବେ ରଶ୍ମିରେଖାଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବରୁ ସେ ମୂଷାପାଲି ପଞ୍ଚାୟତ ସରପଞ୍ଚ ରହିଥିଲେ। ଉପସଭାପତି ନାମ ଘୋଷଣା ପରେ ରଶ୍ମିରେଖାଙ୍କୁ ସଭାପତି ବ୍ରଜରାଜ ନାଏକ, ସଦସ୍ୟ ବିଶ୍ୱନାଥ ପୂଝାରୀ, ରାଧେଶ୍ୟାମ ଗୋପାଳ, ସୁଶିଳ ନାଗ, ତରୁଲତା ପୁଞ୍ଜିଙ୍କ ସମେତ ତାଙ୍କ ସମର୍ଥକମାନେ ଶୁଭେଚ୍ଛା ଜଣାଇଛନ୍ତି।


ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
E-auction Notice
(18.07.2022 – 117th & 118th E-auction)
IRON ORE CLO & FINES

No.CAD-1054:The Odisha Mining Corporation Ltd intends to sell various grades of Iron ore CLO & Fines produced at Daitari and Gandhamardan Regions (Block – A & B) and Tiringpahar, Guali, Jilling Langalota, Khandbandh, Banspani & Unchabali (Mahaparbat) of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M on 18.07.2022.
For details, please visit the website of MSTC i.e. www.mstcecommerce.com

GENERAL MANAGER (S&M)
OIPR-30005/11/0075/2223

GOVERNMENT OF ODISHA No. B-341
"e" Procurement Notice
OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
Bid Identification No. 08 of 2022-2023

1. Name of the Work : Building Works - 2 Nos.
2. Estimate Cost : Rs.69,22,242.00 & Rs.92,52,877.00
3. Period of Completion : 04 (Four) Calendar Months
4. Date & time of availability of the Bid documents in the portal : 10.00 A.M. of 13.07.2022 to 5.00 P.M. of 28.07.2022
5. Last date/time of receipt of the bid in portal : 28.07.2022 upto 5.00 P.M.
6. Date of Opening : 29.07.2022 at 11.00 A.M.
7. Name and Address of the Office : Office of the Superintending Engineer, Dhenkanal (R&B) Division, Dhenkanal.

Further details can be seen from the e-procurement portal "https://tendersorissa.gov.in".

Sd./- Superintending Engineer
Dhenkanal (R&B) Division
OIPR-34016/11/0007/2223

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୮୯ ବିଜ୍ଞାପନ ତା:୩୦।୦୬।୨୨

No. CAD-1040: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ. ଏମ୍.ଆଇ.ଜି.–୧–୫୨/୪ (MIG-I-52/4)ଟିକୁ ଶ୍ରୀମତୀ ଏସ୍.ବୀଣା, ସ୍ୱା.: ଭି.ଏନ୍. ସନ୍ତୋଷ କୁମାର, ସା: ଜୟ ବିଳାସମ୍ କାରୁମାଡ଼ି, ପୋ.: କାରୁମାଡ଼ି, ଥା: ତାଲୁକ, ଜି.: ଆଲେପି (କେରଳ)ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଏସ୍. ବୀଣା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମମତା ଜେନା, ସ୍ୱା.: ଜ୍ୟୋତି ପ୍ରକାଶ ଜେନା, ସା.: ଗରାପୁର, ପୋ.: କପାଳେଶ୍ୱର, ଥା/ଜି.: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0187/2223

OUIDF
ODISHA URBAN INFRASTRUCTURE DEVELOPMENT FUND
4th Floor, Zone-A/2, Fortune Towers, Chandrasekharpur, Bhubaneswar - 751023, Odisha
Email: ouidf.hudd@gmail.com, Website: www.ouidf.in
Ref. No. 01/OUIDF-227/2022 Date: 08.07.2022
REQUEST FOR PROPOSAL FOR APPOINTMENT OF PROJECT MANAGEMENT UNIT IN OUIDF

No. C-705: Odisha Urban Infrastructure Development Fund (OUIDF), a wholly owned Trust of Housing & Urban Development Department, Government of Odisha invites applications from reputed Consultancy Firms for providing Consultancy Services for **Appointment of Project Management Unit in OUIDF**. Interested firms may download the RFP document from the websites **www.ouidf.in** or **www.urbanodisha.gov.in** and submit the complete RFP document on or before 22.08.2022 by 4 P.M. IST to above mentioned address.

OIPR-13001/11/0011/2223 Sd./- Secretary, OUIDF

GOVT. OF ODISHA No. O-598
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BHAWANIPATNA
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-09/2022-23, Date: 05.07.2022
NOTICE INVITING TENDERS FOR BRIDGE WORKS IN ODISHA
NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of H.L. Bridge over River Golla on D.Cheptaghat to K.Cheptaghata Road in the District of Kalahandi under Biju Setu Yojana.
2. No. of Works : 01 No.
3. Location Details : Kalahandi District
4. Estimated Cost : As per NIT
5. Period of Completion : As per NIT
6. Cost of tender paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 13.07.2022 11.00 A.M. | 27.07.2022 5.00 P.M. | 26.07.2022 | 28.07.2022 at 11.00 A.M. |

Further details can be seen from the website "www.tendersorissa.gov.in".

Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0010/2223

ODISHA RAJYA TALGUR SAMABAYA SANGHA LTD.
(A Govt. of Odisha Enterprise)
Udyogpuri, Po-Khandagiri, Bhubaneswar-751030
Tel. No.: 0674-2350365, E-mail : ortssbbsr1959@gmail.com
Website : www.ortss.org
TENDER CALL NOTICE
No. 327 Date : 05.07.2022

Sealed tenders are invited from the Manufacturers / Suppliers / Regd. Firms or their distributors having valid GST No. and Tax clearance Certificate, PAN No. and IT clearance certificate for supply of Power Ghani and groundnut decorticator cum grader machine. Details terms and conditions and specifications may be downloaded from the website www.ortss.org from **7th July' 2022 onwards**. The tender paper comprising of Technical Bid & Financial Bid should be submitted in separate sealed cover which are to be put in a bigger sealed covers and reach the undersigned by **25th July' 2022 at 3.00 P.M.** through Speed Post / Regd. Post only. The tender paper received after schedule date & incomplete in any respect will not be entertained. The undersigned will not be responsible for any delay. The tender papers will be opened on **25th July' 2022 at 4.00 P.M.** in presence of the tenderer or their authorised representatives. The tenderer should write clearly in the envelope as "**Tender for supply of Power Ghani**". The undersigned reserves the right to reject any or all other tenders without assigning any reason thereof.

Sd/- Managing Director

GOVERNMENT OF ODISHA E-mail: rw_rourkela@yahoo.co.in
OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA
TENDER CALL NOTICE
No. O-587
BID IDENTIFICATION NO. ONLINE-SERKL-09 of 2022-23

1. Name of the Work : Road Work
2. Total No. of Works : 3 (Three) Nos.
3. Estimated Cost : Rs.9.46 to 53.10 lakhs
4. Class of Contractor : "D", "C", "B" & "A" Class
5. Period of Completion : As mentioned in Annexure - I
6. Type of Tender : Single & Double Cover as mentioned in Annexure - I
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Rourkela | Online-SERKL-09 of 2022-23 | 11.07.2022 from 10.00 A.M. | 18.07.2022 upto 5.00 P.M. |

Further details can be seen from the website www.tendersorissa.gov.in.
OIPR-25067/11/0014/2223 Sd./- Superintending Engineer, RW Division, Rourkela

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
No. O-586
e-Procurement Notice

| | | |
|---|---|---|
| 1. | Name of Work | Construction of Bridge under Biju Setu Yojana for the year 2022-23 |
| 2. | No. of work | 3 (Three) Bridge Works |
| 3. | Time for Completion varies from | 12 Calendar months to 18 Calendar months |
| 4. | Approximate estimated cost varies from | Rs.249.01 lakhs to Rs.736.45 lakhs |
| 5. | Mode of Submission of Tender | Tender should be submitted online in www.tendersodisha.gov.in. |
| 6. | Other details are as follow | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online - 07/2022-23 | 11.07.2022 at 11.00 A.M. | 25.07.2022 upto 5.00 P.M. | 22.07.2022 upto 5.00 P.M. | 26.07.2022 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website: www.tendersodisha.gov.in.
- Any Corrigendum/Addendum will be displayed in the above e-tender website only.

OIPR-25118/11/0009/2223 Sd./- Chief Construction Engineer, R.W. Circle, Bolangir

CDA
CUTTACK DEVELOPMENT AUTHORITY
Arunodaya Bhawan, Link Road, Cuttack - 12
Fax No.: 0671-2312299, email: cda.cuttack@ori.nic.in
EoI No. 7055/CDA Date: 06.07.2022
EXPRESSION OF INTEREST
Proposals are invited for the Development of Kalyan Mandap along with allied facilities on the "Annual Licence Basis" at Sector - 9, Cuttack

No. CAD-1047: Sealed proposals are invited from Individual/Developers/Builders/Firms for undertaking the Development of Kalyan Mandap along with allied facilities on an Annual License basis over layout Plot No. 7Km/1397 (Part) of Sector - 9, Cuttack.
CDA shall give permissive possession of the proposed plots for 30 years, to be developed as Kalyan Mandap. Whereas the selected bidder shall construct, develope, operate & maintain the project. The detailed document along with formats and draft agreement is available on the website of CDA i.e. **www.cdacuttack.nic.in**.
Interested bidders may submit their proposal on or before Dt.29.07.2022 by 15.00 hrs. as per the prescribed formats available on the website.
The proposals should be submitted along with a bid document fee of Rs.11,800/- (Rupees eleven thousand eight hundred only) and with bid security of Rs.2,00,000/- (Rupees two lakhs only) and the proposals shall be submitted through Speed Post/Courier so as to reach by the above date and time.
For any further assistance in this regard or for any clarification w.r.t. this project, the prospective bidder may contact Shri Narad Chandra Rath, Engineer Member (I/C) CDA on +91-9437180346/Scheme Officer, CDA on +91-9438305766.

Sd./- Secretary

C.D.A., Cuttack reserves right to accept or reject any application and to annul the selection process at any time, without incurring any liability and without assigning any reason thereof.
OIPR-13037/11/0067/2223

OFFICE OF THE SUPERINTENDING ENGINEER
RWS&S DIVISION, ROURKELA
At/P.O.: Panposh, Rourkela - 4, Dist.: Sundargarh
Phone: 8280408065, e-mail id: eerwssrkl@gmail.com
Govt. of Odisha "e" Procurement Notice
Bid Identification No. 05 of 2022-23 Dt.05.07.2022

No. O-596: The Superintending Engineer, RWS&S Division, Rourkela on behalf of Governor of Odisha invites percentage rate bids through e-tendering from eligible bidders registered with the Odisha State Government and bidders of equivalent Grade/Class registered with Central Government (CPWD)/MES/Railways for the works detailed in the table below on turnkey basis.

| | | |
|---|---|---|
| 1 | Nature of Work | Renovation of Rural Piped Water Supply Schemes |
| 2 | No. of Work | 03 Nos. |
| 3 | Tender Cost | As Annexed |
| 4 | Class of Contractor | As Annexed |
| 5 | Date and time of availability of bid document in the portal | Dt.14.07.2022 at 11.00 A.M. to Dt.28.07.2022 upto 5.00 P.M. |
| 6 | Date of Opening of Technical Bid | Dt.30.07.2022 at 11.00 A.M. |
| 7 | Date of Opening of Financial Bid | To be intimated after technical evaluation of the bidder only for Sl. No. 2 |
| 8 | Period of Completion | As Annexed |

The bidders have to participate in online bidding only. Further details and any type of corrigendum can be seen from the Govt. website **http://www.tendersodisha.gov.in**.
The authority reserves the right to reject any or all the tenders without assigning any reason thereof.

Superintending Engineer
RWS&S Division, Rourkela
OIPR-25038/11/0002/2223